# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୦/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 20/2024 | Page 18 | ₹ 7.00

୫୦ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 325 | ମୂଲ୍ୟ ₹୭/-




**ସର୍ଫରାଜଙ୍କ ପ୍ରଥମ ଟେଷ୍ଟ ଶତକ**

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ସର୍ଫରାଜ ଖାନ୍।

୧୮

୧୨

**‘ସ୍ତ୍ରୀ ୨’: ଟିମ୍ ୱାର୍କକୁ ସଫଳତା**

‘ସ୍ତ୍ରୀ ୨’ ଫିଲ୍ମର ସଫଳତା ପାଇଁ ଅଭିନେତ୍ରୀ ଶ୍ରଦ୍ଧା କପୁର ଏକ ସାକ୍ଷାତ୍‌କାରରେ ପୂରା ଟିମ୍‌କୁ ଶ୍ରେୟ ଦେଇଛନ୍ତି।



# ୧୨ ଘଣ୍ଟାରେ ୩୦ ବିମାନକୁ ବୋମା ଧମକ

**ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ ସପ୍ତାହେ ହେଲା ବୋମା ଧମକ ମିଳିଆସୁଛି। ଶନିବାର ସବୁଠୁ ଅଧିକ ୧୨ ଘଣ୍ଟାରେ ୩୦ ବିମାନକୁ ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକ ମିଳିଛି। ଫଳରେ ବିମାନଗୁଡ଼ିକୁ ଜରୁରୀ ଅବତରଣ ଭଳି ସମସ୍ୟା ଭୋଗିବାକୁ ପଡ଼ୁଛି। ସମ୍ପ୍ରତି ପାର୍ବଣ ସମୟରେ ବିମାନ ଯାତ୍ରୀ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ବୃଦ୍ଧି ପାଇଛି। ଏଭଳି ଧମକ ଯୋଗୁ ଯାତ୍ରୀମାନେ ଭୟଭୀତ ହେବା ସହ ଯାତ୍ରାରେ ବିଳମ୍ବ ଘଟୁଛି। ଅନେକେ ସେମାନଙ୍କ ଯାତ୍ରା ବାତିଲ କରୁଛନ୍ତି। ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ଏହି କ୍ଷତି ସହ ଫ୍ଲାଇଟ୍ ଜରୁରୀ ଅବତରଣଜନିତ ଖର୍ଚ୍ଚ ବୋଝ ବହନ କରିବାକୁ ପଡୁଛି। ଲଗାତର ଏଭଳି ବୋମା ଧମକ ମିଳିବା ପଛରେ ବିଦେଶରେ ରହିଥିବା ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ହାତ ଥିବା ନେଇ ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତ ଚଳାଇଛନ୍ତି। ଭାରତର ଯୋଗାଯୋଗ, ପରିବହନ ବ୍ୟବସ୍ଥା ଏବଂ ଅର୍ଥନୀତିକୁ ଦୋହଲାଇଦେବାକୁ ଚାଲିଥିବା ଷଡ଼ଯନ୍ତ୍ର ବର୍ତ୍ତମାନ ଦେଶର ସୁରକ୍ଷା ଏଜେନ୍ସି ପାଇଁ ଚ୍ୟାଲେଞ୍ଜ ପାଲଟିଛି।**



**ନୂଆଦିଲ୍ଲୀ/ମୁମ୍ବାଇ,୧୯।୧୦**

ଏୟାର ଇଣ୍ଡିଆ, ଭିସ୍ତାରା, ଇଣ୍ଡିଗୋ ସମେତ ଭାରତୀୟ ଏୟାରଲାଇନ୍ସର ୩୦ରୁ ଊର୍ଦ୍ଧ୍ୱ ବିମାନକୁ ଶନିବାର ବୋମା ଧମକ ମିଳିଛି। ଏହାକୁ ମିଶାଇ ଚଳିତ ସପ୍ତାହରେ ବର୍ତ୍ତମାନ ସୁଦ୍ଧା ଅନ୍ୟୁନ ୭୦ ଭାରତୀୟ ବିମାନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଥିବାବେଳେ ସେଗୁଡ଼ିକ ମିଛ ଧମକ ବା ହୋକ୍ସ କଲ୍ ବୋଲି ଯାଞ୍ଚରୁ ଜଣାପଡ଼ିଛି। ଶନିବାର ସକାଳଠାରୁ ୧୨ ଘଣ୍ଟା ମଧ୍ୟରେ ଇଣ୍ଡିଆନ୍ ଏୟାରଲାଇନ୍ସ ପରିଚାଳିତ ୩୦ରୁ ଊର୍ଦ୍ଧ୍ୱ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନକୁ ସୋସିଆଲ ମିଡିଆ ଯୋଗେ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିବାରୁ ଏହା ଉଭୟ ସରକାର ଏବଂ ବିମାନ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ାଇ ଦେଇଥିବାବେଳେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ କେଉଁଠୁ ଏଭଳି ବାର୍ତ୍ତା ଆସୁଛି ଏବଂ କିଏ ଏହାକୁ ପଠାଉଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

ଶନିବାର ଭିସ୍ତାରାର ଅନ୍ତର୍ଜାତୀୟ ରୁଟ୍‌ରେ ଚଳାଚଳ କରୁଥିବା ୫ଟି ବିମାନକୁ ସୋସିଆଲ ମିଡିଆରେ ଧମକ ମିଳିଥିବାବେଳେ ଇଣ୍ଡିଗୋର ୪ଟି ବିମାନ ଅନୁରୂପ ବାର୍ତ୍ତା ପାଇଛନ୍ତି। ☞ପୃଷ୍ଠା-୪

## ପ୍ରତି ଧମକପୂର୍ଣ୍ଣ କଲ୍ ପାଇଁ ୩ କୋଟି କ୍ଷତି

**ନୂଆଦିଲ୍ଲୀ,୧୯।୧୦**

ଇଣ୍ଡିଆନ୍ ଏୟାରଲାଇନ୍ସର ବିମାନଗୁଡ଼ିକୁ ବାରମ୍ବାର ବୋମା ଧମକ ମିଳୁଥିବାବେଳେ ପ୍ରତ୍ୟେକ ହୋକ୍ସ କଲ୍ ପାଇଁ ଏୟାରଲାଇନ୍ସଗୁଡ଼ିକୁ ୩ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ବୋମା ଧମକ ଯୋଗୁ ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୭୭କୁ ଦିଲ୍ଲୀରେ ଜରୁରୀ ଅବତରଣ କରାଯାଇଥିଲା। ଏଥିପାଇଁ କମ୍ପାନୀକୁ ୩ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ୫ ଦିନ ମଧ୍ୟରେ ହୋଇଥିବା ଧମକପୂର୍ଣ୍ଣ କଲ୍ ଯୋଗୁ ବିଭିନ୍ନ ଏୟାରଲାଇନ୍ସ ୮୦ କୋଟି ଟଙ୍କା ଆର୍ଥିକ କ୍ଷତି ସହିଲେଣି। ଏଭଳି ଧମକପୂର୍ଣ୍ଣ ବାର୍ତ୍ତା ପଠାଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଗତ ୧୪ ତାରିଖରେ ଏୟାର ଇଣ୍ଡିଆର ବୋଇଂ ୭୭୭ ମୁମ୍ବାଇରୁ ନ୍ୟୁୟର୍କ ଯିବା ପାଇଁ ସେଥିରେ ୧୩୦ ଟନ୍ ଜେଟ୍ ଇନ୍ଧନ ଭରାଯାଇଥିଲା। ଏହା ଉଡ଼ାଣ କରିବା ପରେ ବୋମା ☞ପୃଷ୍ଠା-୪

## ବାପପୁଅଙ୍କୁ ଏସିଡ୍ ମାଡ଼

**ତୁମୁଡିବନ୍ଧ,୧୯।୧୦ (ଦୀପକ କୁମାର ପରାସେଠ)**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତ ବୁଢ଼ା କୁନ୍ଦେଲ ଗ୍ରାମରେ ଶୁକ୍ରବାର ରାତିରେ ଘରେ ଶୋଇଥିବା ବାପପୁଅଙ୍କୁ ଏସିଡ୍ ମାଡ଼ ହୋଇଛି। ସେମାନେ ହେଲେ ମୋହନ ପନ୍ଦର (୫୦) ଓ ପୁଅ ଅନୁଜ ପନ୍ଦର(୧୨)। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲିଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ପରିବାରର କାହାରି ସହିତ ଶତ୍ରୁତା ନ ଥିବା ବେଳେ କିଏ ଓ କାହିଁକି ଏପରି କଲେ ଜଣାପଡିନାହିଁ। ପୋଲିସ ଏହାର ତଦନ୍ତ କରୁଛି। ପୃଷ୍ଠା-୪

**ଜାନୁଆରୀ ୮ରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ଭୋଗିବାକୁ ବାଧ









# ୫ ବର୍ଷରେ ୫ ଲକ୍ଷ କୋଟି ନିବେଶ ଲକ୍ଷ୍ୟ



ମୁମ୍ବାଇଠାରେ ଶନିବାର ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା।

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

- **ୟୁରୋପ, ସିଙ୍ଗାପୁରରେ ହେବ ରୋଡ୍ ଶୋ**
- **ଅନୁକୂଳ ବାତାବରଣ ଯୋଗାଇ ଦେବାକୁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

ପ୍ରଥମ କରି ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆସନ୍ତା ୨୦୨୫ରେ ‘ଉତ୍କର୍ଷ ଓଡ଼ିଶା’, ‘ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ’ ଆୟୋଜନ କରିବାକୁ ଯାଉଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ମୁମ୍ବାଇଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଦେଶର ବଡ଼ ବଡ଼ ଶିଳ୍ପପତିମାନଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରି ଖଣିଜ ସମ୍ପଦଭରା ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଦେଶବିଦେଶର ବଡ଼ବଡ଼ ପୁଞ୍ଜିପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବ୍ୟବସାୟ ଅନୁକୂଳ ବାତାବରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଦିଲ୍ଲୀରେ ଆମ୍ବାସାଡର୍ସ ମିଟ୍‌ରେ ବିଭିନ୍ନ ଦେଶର ରାଜଦୂତ ଓ ଶିଳ୍ପପତିମାନଙ୍କ ସହିତ ଆଲୋଚନା କରିବା ପରେ ମୁମ୍ବାଇରେ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ଶିଳ୍ପପ୍ରତିଷ୍ଠା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ☞ପୃଷ୍ଠା-୪

## ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାଫଳ ପ୍ରକାଶ | ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର

**ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ୨୦୨୨ର ଫଳ ଶନିବାର ପ୍ରକାଶ ପାଇଛି। ମୋଟ ୬୮୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡ଼ା, ତୃତୀୟ ସ୍ଥାନରେ ଦୀପ୍ତିରଞ୍ଜନ ପତି, ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ୍ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ଼, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି ଓ ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି। ଟପ୍ ଟେନ୍‌ରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି। କୃତିତ୍ୱ ହାସଲ ☞ପୃଷ୍ଠା-୪

### ‘ପ୍ରଥମ ଚେଷ୍ଟାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି’



ପ୍ରଥମ ଚେଷ୍ଟାରେ ଓସିଏସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବହୁତ ଖୁସି ଲାଗୁଛି। ମୋତେ ଜଣେ ଫୋନ୍ କରି ଏହି ଖୁସି ଖବର ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ ପରେ ମୁଁ କର୍ପୋରେଟ୍ ସେକ୍ଟରରେ କାମ କରୁଥିଲି। ୩ବର୍ଷ ପରେ ଅର୍ଥାତ୍ ୨୦୨୨ରୁ ଚାକିରି ଛାଡ଼ି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲି। ପ୍ରତ୍ୟେକ ଦିନ ପ୍ରାୟ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ମାତ୍ର ଭାବି ନ ଥିଲି ଯେ, ପ୍ରଥମ ସ୍ଥାନ ଅଧିକାର କରିବି। ମୋ ସଫଳତାର ଶ୍ରେୟ ପରିବାର ଲୋକଙ୍କ ସହ ସମସ୍ତ ଗୁରୁଜନଙ୍କୁ ଦେବି। ଆଗକୁ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଲକ୍ଷ୍ୟ ରଖିଛି। ଯେଉଁମାନେ ବି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନେ ପରିଶ୍ରମ କରନ୍ତୁ। ବିନା ପରିଶ୍ରମରେ କିଛି ହେବ ନାହିଁ। ପରୀକ୍ଷାକୁ ମୁଖ୍ୟ ଲକ୍ଷ୍ୟ ଭାବି ପ୍ରସ୍ତୁତ ହୁଅନ୍ତୁ।

**-ଶ୍ୱେତାଶ୍ରୀ ମହାପାତ୍ର, ଓସିଏସ୍ ଟପ୍ପର, ଭଦ୍ରକ ଟାଉନସ୍ଥିତ ନ୍ୟୁ କଲୋନି**




## ସଂକ୍ଷେପରେ

### ୫ବର୍ଷୀୟ ବାଳିକାଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ,୧୯।୧୦

ଉତ୍ତରପ୍ରଦେଶର ବାଲିଆ ଜିଲାରେ ୫ ବର୍ଷର ବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ୩ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଅଭିଯୁକ୍ତମାନଙ୍କ ବୟସ ୬, ୧୩ ଏବଂ ୧୬ ବର୍ଷ ବୋଲି ପୋଲିସ କହିଛି। ଗତ ବୁଧବାର ସନ୍ଧ୍ୟାରେ କୋଟୱାଲି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୩ ନାବାଳକ ପୀଡ଼ିତାଙ୍କୁ ତାଙ୍କ ଘରର ଛାତ ଉପରେ ବଳାତ୍କାର କରିଥିଲେ। ସେମାନେ ଉକ୍ତ ଘରେ ଭଡ଼ାରେ ରହୁଥିଲେ। ପୀଡ଼ିତାଙ୍କ ମାଆ ଆଣିଥିବା ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ପୋକ୍ସୋ (ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା) ଆଇନ ଅନୁଯାୟୀ ମାମଲା ରୁଜୁ କରିଛି।

### ପ୍ରିୟଙ୍କାଙ୍କ ବିରୋଧରେ ଭାଜପାରୁ ଲଢ଼ିବେ ନଭ୍ୟା ହରିଦାସ

ୱାୟନାଡ୍ ଉପନିର୍ବାଚନ



ନୂଆଦିଲ୍ଲୀ,୧୯।୧୦

କେରଳର ୱାୟନାଡ୍ ଲୋକ ସଭା ଆସନ ପାଇଁ ନଭେମ୍ବର ୧୩ରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ଭାଜପା ସେଠାରୁ ନଭ୍ୟା ହରିଦାସଙ୍କୁ ପ୍ରାର୍ଥୀ କରିଛି। ସେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବିରୋଧରେ ଲଢ଼ିବେ। ନଭ୍ୟା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦିକା ଅଛନ୍ତି। ସେ କୋଝିକୋଡ୍ କର୍ପୋରେଶନରୁ ଦୁଇଥର କାଉନ୍ସିଲର ଥିଲେ ଏବଂ ୨୦୨୧ ବିଧାନସଭା ନିର୍ବାଚନରେ କୋଝିକୋଡ୍ ସାଉଥ୍ ଆସନରୁ ପ୍ରାର୍ଥୀ ହୋଇଥିଲେ। ରାହୁଲ ଗାନ୍ଧୀ ରାଏବରେଲିକୁ ରଖି ୱାୟନାଡ୍ ଆସନ ଛାଡ଼ିବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ପଡ଼ିଥିଲା।

### ଏକନାଥଙ୍କ ଶିବସେନାରେ ଯୋଗଦେଲେ ଗୌରୀ ଲଙ୍କେଶ ହତ୍ୟା ଅଭିଯୁକ୍ତ

ଜାଲ୍ନା,୧୯।୧୦



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ସାମ୍ବାଦିକା ଗୌରୀ ଲଙ୍କେଶ ହତ୍ୟା ମାମଲାର ଅଭିଯୁକ୍ତ ଶ୍ରୀକାନ୍ତ ପଙ୍ଗରକର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାରେ ସାମିଲ ହୋଇଛନ୍ତି। ୨୦୧୭ ସେପ୍ଟେମ୍ବର ୫ରେ ଗୌରୀ ଲଙ୍କେଶଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପଙ୍ଗରକରଙ୍କୁ ୨୦୧୮ ଅଗଷ୍ଟରେ ଗିରଫ କରାଯାଇଥିଲା। ଗତ ସେପ୍ଟେମ୍ବର ୪ରେ କର୍ନାଟକ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ୨୦୧୧ରେ ଶିବସେନାରୁ ଟିକେଟ ନ ମିଳିବାରୁ ସେ ଦଳ ଛାଡ଼ି ହିନ୍ଦୁ ଜନଜାଗୃତି ସମିତିରେ ଯୋଗ ଦେଇଥିଲେ। ସେ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ଅର୍ଜୁନ ଖୋତ୍କରଙ୍କ ଉପସ୍ଥିତିରେ ଶିବସେନାରେ ସାମିଲ ହୋଇଛନ୍ତି।



ଶ୍ରୀଲଙ୍କାର ମିନେରିୟାରେ ଶନିବାର ଏକ ଇନ୍ଧନ ତୈଳ ବୋଝେଇ ଟ୍ରେନ୍ ହାତୀପଲକୁ ଧକ୍କାଦେଇ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ୨ ହାତୀଙ୍କ ମୃତ୍ୟୁ ଘଟିଛି। ଆକାଶମାର୍ଗରୁ ଉତ୍ତୋଳିତ ଏକ ଭିଡିଓ ଫୁଟେଜ୍‌ରୁ ଏହି ଫଟୋ ନିଆଯାଇଛି।

## ଅପହରଣ ମାମଲାରେ ଗତବର୍ଷ ଦିଲ୍ଲୀରୁ ଗିରଫ ହୋଇଥିଲେ ବିକାଶ ଯାଦବ

ନୂଆଦିଲ୍ଲୀ,୧୯।୧୦



ଆମେରିକାରେ ଖଲିସ୍ତାନୀ ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତି ନେଇ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ୱାଣ୍ଟେଡ୍ ତାଲିକାରେ ଥିବା ଭାରତର ପୂର୍ବତନ ଗୋଇନ୍ଦା ଅଧିକାରୀ ବିକାଶ ଯାଦବଙ୍କୁ ଏକ ଅପହରଣ ମାମଲାରେ ଗତବର୍ଷ ଦିଲ୍ଲୀରୁ ଗିରଫ କରାଯାଇଥିଲା। ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗର ପୂର୍ବତନ ଅଧିକାରୀ ବିକାଶଙ୍କ ନାଁରେ ଆମେରିକାର ନ୍ୟାୟ ବିଭାଗ ହତ୍ୟା ପାଇଁ ସୁପାରି ନେବା ଏବଂ ମନିଲଣ୍ଡରିଂ ମାମଲା ରୁଜୁ କରିଛି। ପଶ୍ଚିମ ଦିଲ୍ଲୀ ରୋହିଣୀ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ଗତବର୍ଷ ଡିସେମ୍ବରରେ ଦିଲ୍ଲୀ ପୋଲିସ ବିକାଶଙ୍କୁ ଗିରଫ କରିଥିଲା। ଏପ୍ରିଲରେ ସେ ଜାମିନ ପାଇଥିଲେ। ୨୦୨୩ ଡିସେମ୍ବର ୧୧ରେ ବିକାଶ ବ୍ୟବସାୟୀଙ୍କୁ କୌଣସି ବିଷୟରେ ଆଲୋଚନା ପାଇଁ ଲୋଧି ରୋଡ୍‌କୁ ଡାକି ସେଠାରୁ ଅପହରଣ କରିନେଇଥିଲେ। ବ୍ୟବସାୟୀଙ୍କୁ ହତ୍ୟା କରିବା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ତାଙ୍କୁ ଦାୟିତ୍ୱ ଦେଇଥିବା ବିକାଶ କହିଥିଲେ। ବିକାଶଙ୍କ ସହଯୋଗୀ ବ୍ୟବସାୟୀଙ୍କୁ ମାଡ଼ ମାରିବା ସହ ତାଙ୍କ ସୁନାଚେନ୍ ଓ ମୁଦି ନେଇଯିବା ସହ ତାଙ୍କ କାଫେରୁ ଟଙ୍କା ନେଇଯାଇଥିଲେ। ବ୍ୟବସାୟୀଙ୍କ ଏତଲାକ୍ରମେ ଡିସେମ୍ବର ୧୮ରେ ଦିଲ୍ଲୀ ପୋଲିସ ବିକାଶଙ୍କୁ ଗିରଫ କରିଥିଲା।

# ନିର୍ଣ୍ଣାୟକ ମୋଡ଼ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

**୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ପକ୍ଷରୁ ଇସ୍ରାଏଲ୍ ଉପରେ ଅତର୍କିତ ରକେଟ ମାଡ଼ କରାଯିବା ପରଠୁ ମଧ୍ୟପ୍ରାଚ୍ୟ ଜଳୁଛି। ପ୍ରତିଶୋଧପରାୟଣ ଇସ୍ରାଏଲ୍ ହମାସ୍ ସମେତ ଏହାର ସହଯୋଗୀ ସଂଗଠନ ହେଜ୍‌ବୋଲ୍ଲା ଓ ହୁତିର ଆତଙ୍କବାଦୀମାନଙ୍କୁ ନିପାତ କରିବାରେ ଲାଗିଛି। ଇତିମଧ୍ୟରେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଅନେକ ଶୀର୍ଷ ନେତା ନିହତ ହେଲେଣି। ଦ୍ୱିତୀୟ ବର୍ଷ ଧରି ଯୁଦ୍ଧ ଜାରି ରହିଥିବାବେଳେ ହମାସ୍ ଅସ୍ତ୍ରତ୍ୟାଗ କରି ୧୦୧ ପଣବନ୍ଦୀଙ୍କୁ ଛାଡ଼ିଦେଲେ ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜାବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି। ଏହି ପ୍ରତିଶ୍ରୁତିର କିଛି ଘଣ୍ଟା ପରେ ଲେବାନନ୍‌ରୁ ହେଜ୍‌ବୋଲ୍ଲା ପକ୍ଷରୁ ନେତାନ୍ୟାହୁଙ୍କ ଘରକୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ ଆତଙ୍କବାଦୀଙ୍କ ମନୋବଳ ଯେ ଭାଙ୍ଗିନାହିଁ, ତାହା ଏହି ଡ୍ରୋନ୍ ମାଡ଼ରୁ ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ 'ହମାସ୍ ବଞ୍ଚିଛି ଏବଂ ତିଷ୍ଠି ରହିବ' ମନ୍ତବ୍ୟରୁ ଯୁଦ୍ଧାବସାନର ଆଶା ମଉଳିଯାଇଛି। ସମ୍ପ୍ରତି ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଭୂମିକାକୁ ନେଇ ପ୍ରଶ୍ନ ଉଠିବା ସହ ମଧ୍ୟପ୍ରାଚ୍ୟ ଯୁଦ୍ଧ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି।**

## ନେତାନ୍ୟାହୁଙ୍କ ଘରେ ଡ୍ରୋନ୍ ଆକ୍ରମଣ

ଜେରୁଜେଲମ୍/ଗାଜା,୧୯।୧୦



ଲେବାନନ୍‌ର ଏକ ଡ୍ରୋନ୍ ଶନିବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ଘର ଉପରେ ମାଡ଼ କରିଛି। ଉତ୍ତର ଇସ୍ରାଏଲ୍‌ରେ ଥିବା ନେତାନ୍ୟାହୁଙ୍କ ହଲିଡେ' ହୋମ୍ ଡ୍ରୋନ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇ ନାହାନ୍ତି। ଆକ୍ରମଣ ସମୟରେ ଉକ୍ତ ଘରେ ନେତାନ୍ୟାହୁ କିମ୍ବା ତାଙ୍କ ସ୍ତ୍ରୀ ନ ଥିଲେ। ଡ୍ରୋନ୍ ଆକ୍ରମଣ ପରେ ତେଲ୍ ଆଭିଭ୍ ସମେତ ସମଗ୍ର ଇସ୍ରାଏଲ୍‌ରେ ଏୟାର ରେଡ୍ ସାଇରନ୍ ବାଜିଥିଲା।

ନେତାନ୍ୟାହୁଙ୍କ ଜଣେ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଲେବାନନ୍ ଛାଡ଼ିଥିବା ୩ଟି ଡ୍ରୋନ୍ ମଧ୍ୟରୁ ଗୋଟିଏ କାସାରିଆ ସହରରେ ଥିବା ନେତାନ୍ୟାହୁଙ୍କ ଘରେ ମାଡ଼ କରିଥିଲା। ଅନ୍ୟ ୨ଟି ଡ୍ରୋନ୍‌କୁ ଇସ୍ରାଏଲୀ ସେନା ପ୍ରତିହତ କରିଥିଲା। ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଶନିବାର ଉତ୍ତର ଇସ୍ରାଏଲ୍ ଉପରେ ଶତାଧିକ ରକେଟ ମାଡ଼ କରିଛନ୍ତି। ଏଥିରେ ଜଣକର ମୃତ୍ୟୁ ଘଟିବା ସହ ୧୩ ଜଣ ଆହତ ହୋଇଛନ୍ତି। ଗତବର୍ଷ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ହମାସ୍ ନେତା ୟାହୟା ସିନ୍‌ୱରଙ୍କୁ ଇସ୍ରାଏଲ୍ ହତ୍ୟା କରିବା ପରେ ହମାସ୍ ଅସ୍ତ୍ର ତ୍ୟାଗକଲେ ଯୁଦ୍ଧ ବନ୍ଦ ହେବ ବୋଲି ନେତାନ୍ୟାହୁ କହିଥିଲେ। ଏହାର ଦିନକ ପରେ ହେଜ୍‌ବୋଲ୍ଲା ପକ୍ଷରୁ ତାଙ୍କ ଘରକୁ ଟାର୍ଗେଟ କରାଯାଇଛି। ହମାସ୍ ଆକ୍ରମଣ ଜାରି ରଖିବ ବୋଲି ଇରାନର ସୁପ୍ରିମ୍ ଲିଡର ଆୟାତୋଲା ଅଲି ଖାମେନେଇ କହିଛନ୍ତି।

ଅନ୍ୟପକ୍ଷରେ ଗାଜାର ଉତ୍ତର ଭାଗରେ ଥିବା କେତେକ ହସ୍ପିଟାଲ ଓ ବିସ୍ଥାପିତ ଆଶ୍ରୟ ନେଇଥିବା ସ୍କୁଲ୍ ଉପରେ ଇସ୍ରାଏଲୀ ସେନା ଆକ୍ରମଣ କରିବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର କହିବା ଅନୁଯାୟୀ ଗାଜା ଷ୍ଟ୍ରିପ୍‌ରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ଯୁଦ୍ଧରେ ସମ୍ପୃକ୍ତ ନ ଥିବା ଲୋକେ ଉକ୍ତ ଅଞ୍ଚଳ ଖାଲି କରିବାକୁ କୁହାଯାଇଥିଲା। ହମାସ୍ ଆତଙ୍କବାଦୀମାନେ ସୁରକ୍ଷା ପାଇଁ ଉକ୍ତ ହସ୍ପିଟାଲ ଓ ସ୍କୁଲ୍‌କୁ ବ୍ୟବହାର କରୁଥିବାରୁ ନିରୀହ ଲୋକେ ଆକ୍ରମଣର ଶିକାର ହେଉଛନ୍ତି। ଗାଜାରେ ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ଦିନରୁ ହମାସ୍‌ର ସହଯୋଗୀ ତଥା ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଏହାକୁ ଟାର୍ଗେଟ କରି ଚାଲିଛି। ଇସ୍ରାଏଲ୍‌କୁ ଅଧିକ ସଂଖ୍ୟାରେ ଗାଇଡେଡ୍ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯିବ ବୋଲି ହେଜ୍‌ବୋଲ୍ଲା ଶୁକ୍ରବାର କହିଥିଲା।

## ଗାଜା ବାହାରୁ ନେତା ବାଛିବ ହମାସ୍

ହମାସ୍ ୟହୟା ସିନ୍‌ୱାରଙ୍କ ମୃତ୍ୟୁ ପରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ଗାଜା ବାହାରୁ ତାଙ୍କର ଉତ୍ତରାଧିକାରୀ ଭାବେ ଜଣେ ନୂଆ ରାଜନୈତିକ ନେତାଙ୍କୁ ବାଛିପାରେ। ହମାସ୍ ନେତା ଚୟନ ବେଳେ ଏହାର ମୁଖ୍ୟ ସମର୍ଥକ ଇରାନକୁ ଅଣଦେଖା କରିବ ନାହିଁ। କିନ୍ତୁ ଉପସାଗରୀୟ ଆରବ ରାଷ୍ଟ୍ର କାତାରର ସ୍ୱାର୍ଥକୁ ମଧ ଗୁରୁତ୍ୱ ଦେବ। ଗାଜାରେ ବର୍ଷାଧିକ ସମୟ ଧରି ଚାଲିଥିବା ଇସ୍ରାଏଲ ବିରୋଧୀ ଯୁଦ୍ଧରେ ୟହୟାଙ୍କ ଭାଇ ମହମ୍ମଦ ସିନ୍‌ୱାର ବଡ଼ ଭୂମିକା ନେଇପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ସିନ୍‌ୱାର ଇସ୍ରାଏଲ୍ ସହ ଯୁଦ୍ଧବେଳେ ଗତ ବୁଧବାର ନିହତ ହୋଇଥିଲେ। ଏହା ପୂର୍ବରୁ ଜୁଲାଇରେ ତତ୍କାଳୀନ ହମାସ୍ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ଇସ୍ରାଏଲ୍ ନିପାତ କରିଥିଲା।

## ଇସ୍ରାଏଲ୍ ଆକ୍ରମଣରେ ଆଉ ୫୦ ନିହତ

ପାଲେଷ୍ଟିନୀୟ ଏନ୍‌କ୍ଲେଭ୍‌ରେ ଇସ୍ରାଏଲୀ ସୈନ୍ୟ ଓ ଗାଜା ଫାଇଟରଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଶନିବାର ୨୪ ଘଣ୍ଟାରୁ କମ୍ ସମୟ ଭିତରେ ୫୦ରୁ ଊର୍ଦ୍ଧ୍ୱ ଗାଜାବାସୀ ନିହତ ହୋଇଛନ୍ତି। ସିନ୍‌ୱାରଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ କୁହାଯାଉଥିବା ତାଙ୍କ ଡେପୁଟି ଖଲିଲ୍ ଅଲ୍-ହୟୟା କହିଛନ୍ତି, ଇସ୍ରାଏଲ୍ ପ୍ରଥମେ ଗାଜାରେ ଯୁଦ୍ଧ ଶେଷକରି ସେନା ପ୍ରତ୍ୟାହାର କରୁ। ନଚେତ୍ ପଣବନ୍ଦୀମାନଙ୍କୁ ଛଡ଼ାଯିବ ନାହିଁ।

## ଯୁଦ୍ଧ ଜାରି ରହିବ: ଖାମେନେଇ



ଆୟାତୋଲ୍ଲା ଅଲୀ ଖାମେନେଇ

ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଶନିବାର ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍‌କୁ ପୁଣି ଧମକ ଦେଇଛନ୍ତି। ଖାମେନେଇ ଏକ୍ସ'ରେ କହିଛନ୍ତି, ହମାସ୍ ନେତା ୟହୟା ସିନ୍‌ୱାରଙ୍କ ମୃତ୍ୟୁ ଆମ ପାଇଁ ଯନ୍ତ୍ରଣାଦାୟକ। କିନ୍ତୁ ଏହା ସଙ୍ଗଠନର ପ୍ରତିରୋଧୀ ମେରୁଦଣ୍ଡକୁ ଦୋହଲାଇପାରିନାହିଁ। ହମାସ୍ ବଞ୍ଚିଛି ଏବଂ ବଞ୍ଚି ରହିବ।

## ମଣିପୁରରେ ପୁଣି ହିଂସା ଭିଆଇଲେ ଉଗ୍ରବାଦୀ

ଇମ୍ଫାଲ, ୧୯।୧୦

ମଣିପୁରରେ ହିଂସା ଥମିବାର ନାଁ ନେଉନାହିଁ। ଶନିବାର ଉଗ୍ରବାଦୀମାନେ ରାଜ୍ୟର ଜିରିବାମ ଜିଲାର ଏକ ଗ୍ରାମକୁ ଆକ୍ରମଣ କରିଛନ୍ତି। ବିଭିନ୍ନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ବ୍ୟବହାର କରି ଉଗ୍ରବାଦୀମାନେ ଜିରିଗାମ ସହରଠାରୁ ୩୦ କି.ମି. ଦୂର ବୋରୋବେକରା ଥାନା ଅନ୍ତର୍ଗତ ଏକ ଗ୍ରାମକୁ ଟାର୍ଗେଟ କରି ଗୁଳି ଚଳାଇଥିଲେ। ସେହିପରି ଉଗ୍ରବାଦୀମାନେ ବୋମା ମଧ ଫିଙ୍ଗିଥିବା ନେଇ ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଉଗ୍ରବାଦୀ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ(ସିଆର୍‌ପିଏଫ୍)ର କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ତେବେ ଏହି ହିଂସାରେ କେହି ମୃତାହତ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ଜିରିଗାମ ଜିଲାରେ ଅତିରିକ୍ତ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯାଇଛି। ହିଂସା ବଢ଼ିବା ପରେ ପୋଲିସ ଉକ୍ତ ଗ୍ରାମରୁ ମହିଳା, ଶିଶୁ ଓ ବୃଦ୍ଧମାନଙ୍କୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଛି।

## ବିଜୟା କିଶୋର ରହାଟ୍‌କର ନୂତନ ଏନ୍‌ସିଡବ୍ଲ୍ୟୁ ଅଧକ୍ଷା



ନୂଆଦିଲ୍ଲୀ, ୧୯।୧୦

କେନ୍ଦ୍ର ସରକାର ଶନିବାର ବିଜୟା କିଶୋର ରହାଟ୍‌କରଙ୍କୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)ର ଅଧକ୍ଷା ନିଯୁକ୍ତ କରିଛନ୍ତି। ବିଜୟା ପୂର୍ବତନ ଏନ୍‌ସିଡବ୍ଲ୍ୟୁ ଅଧକ୍ଷା ରେଖା ଶର୍ମାଙ୍କର ସ୍ଥାନ ନେବେ। ଏନେଇ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜୟା ବର୍ତ୍ତମାନ ଭାଜପାର ରାଷ୍ଟ୍ରୀୟ ସମ୍ପାଦକ ଅଛନ୍ତି। ସେ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନଙ୍କ ଅଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ବିଜୟା ଛତ୍ରପତି ସଂଭାଜୀ ନଗରର ମେୟର ଭାବେ ମଧ କାର୍ଯ୍ୟ କରିଛନ୍ତି। ସେହିପରି ଡକ୍ଟର ଅର୍ଚ୍ଚନା ମଜୁମଦାରଙ୍କୁ ୩ ବର୍ଷ ପାଇଁ ଏନ୍‌ସିଡବ୍ଲ୍ୟୁର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି।

## କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଭାଇ, ପୁତୁରା ଅଟକ

ବେଙ୍ଗାଲୁରୁ,୧୯।୧୦

**ଭାଜପା ଟିକେଟ କରାଇଦେବା ନାଁରେ ୨ କୋଟି ଠକେଇ**

୨ କୋଟି ଟଙ୍କା ଠକେଇ ମାମଲାରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଭାଇ ଗୋପାଳ ଜୋଷୀ ଏବଂ ପୁତୁରା ଅଜୟ ଜୋଷୀଙ୍କୁ ବେଙ୍ଗାଲୁରୁ ପୋଲିସ ଶନିବାର ଅଟକ ରଖିଛି। ସେମାନଙ୍କ ବିରୋଧରେ ନାଗଥାନ୍‌ର ପୂର୍ବତନ ଜେଡିଏସ୍ ବିଧାୟକ ଦେବାନନ୍ଦ ଫୁଲସିଂ ଚଭନଙ୍କ ସ୍ତ୍ରୀ ସୁନୀତା ଚଭନ ଅଭିଯୋଗ ଦାଏର କରିଥିଲେ। ଗତ ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନ ପାଇଁ ଭାଜପା ଟିକେଟ କରାଇଦେବାକୁ ସେମାନେ ସୁନୀତାଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଗୋପାଳ ଜୋଷୀଙ୍କୁ ମହାରାଷ୍ଟ୍ରର କୋହ୍ଲାପୁରରେ ଏବଂ ଅଜୟଙ୍କୁ ପୁଣେରେ ଅଟକ ରଖାଯାଇଛି। ମହାରାଷ୍ଟ୍ରରେ ଆଇନଗତ ପ୍ରକ୍ରିୟା ଶେଷ ପରେ ସେମାନଙ୍କୁ ବାସବେଶ୍ୱରନଗର ପୋଲିସ ବେଙ୍ଗାଲୁରୁ ଆଣିବ। ଠକେଇ ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଗୋପାଳଙ୍କୁ ଖୋଜା ଚାଲିଛି ବୋଲି ଶୁକ୍ରବାର କର୍ନାଟକ ଗୃହମନ୍ତ୍ରୀ କହିଥିଲେ।

## ଦଳିତଙ୍କୁ ଆକ୍ରମଣ: ୭ ଜଣଙ୍କ ନାଁରେ ମାମଲା

ଭାଦୋହି,୧୯।୧୦

ମନ୍ଦିର ପାଖ ହ୍ୟାଣ୍ଡପମ୍ପରୁ ପାଣି ନେବାରୁ ଜଣେ ଦଳିତ ଯୁବକଙ୍କୁ ମାଡ଼ ମାରିଥିବା ୭ ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି। ଜୁଲାଇ ୨୬ରେ ଅଭିଷେକ ଗୌତମ(୨୪) ନାମକ ଦଳିତ ଟ୍ୟୁବ୍‌ୱେଲ୍‌ରୁ ପାଣି ନେଉଥିବାବେଳେ ସବର୍ଣ୍ଣ ସମ୍ପ୍ରଦାୟର ୭ ଜଣ ତାଙ୍କ ଜାତିକୁ ନେଇ ଗାଳିଦେବା ସହ ମାଡ଼ ମାରି ତାଙ୍କ ବେକ ଉପରେ ଚଢ଼ିଯାଇଥିଲେ। ଟ୍ୟୁବ୍‌ୱେଲ୍‌ରୁ ପାଣି ନ ନେବା ଏବଂ ମନ୍ଦିରରେ ନ ବସିବାକୁ ତାଙ୍କୁ ପୂର୍ବରୁ ଧମକ ଦିଆଯାଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଗୌତମ ସ୍ୱତନ୍ତ୍ର ଅଦାଲତରେ ପିଟିଶନ ଦାଏର କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଶୁଟରଙ୍କ ମୋବାଇଲରେ ଜିସାନ ସିଦ୍ଦିକିଙ୍କ ଫଟୋ

ମୁମ୍ବାଇ, ୧୯।୧୦



ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କୁ ଗତ ୧୨ ତାରିଖରେ ଗୁଳିକରି ହତ୍ୟା କରାଯାଇଥିଲା। ପୁଅ ତଥା ବିଧାୟକ ଜିସାନ ସିଦ୍ଦିକିଙ୍କର ମୁମ୍ବାଇର ବାନ୍ଦ୍ରାସ୍ଥିତ ଅଫିସ୍ ସମ୍ମୁଖରେ ୩ ଜଣ ଶୁଟର ବାବା ସିଦ୍ଦିକିଙ୍କୁ ଗୁଳି କରିଥିଲେ। ଗିରଫ ଶୁଟରଙ୍କ ଫୋନରୁ ଜିସାନ ସିଦ୍ଦିକିଙ୍କର ଫଟୋ ମିଳିଛି। ମେସେଜିଂ ଆପ୍ ସ୍ନାପଚାଟ ମାଧ୍ୟମରେ ବାବା ସିଦ୍ଦିକିଙ୍କ ହତ୍ୟାର ଷଡ଼ଯନ୍ତ୍ରକାରୀ ଜିସାନଙ୍କ ଫଟୋକୁ ଶୁଟରମାନଙ୍କୁ ଶେୟାର କରିଥିବା ପୋଲିସ କହିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ସ୍ନାପଚାଟ ମାଧ୍ୟମରେ ଶୁଟରମାନଙ୍କ ସମ୍ପର୍କରେ ରହୁଥିବା ନେଇ ପୋଲିସ ଜାଣିବାକୁ ପାଇଛି। ମାମଲାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡସ୍ଥଳରେ ଥିବା ୩ ଶୁଟରଙ୍କ ମଧ୍ୟରୁ ୨ ଜଣଙ୍କୁ ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇଛି। ଗୁରମୈଲ ବଲଜିତ ସିଂ(୨୩)ଙ୍କୁ ହରିୟାଣାରୁ ଗିରଫ କରାଯାଇଥିବାବେଳେ ଧର୍ମରାଜ କଶ୍ୟପ(୧୯)ଙ୍କୁ ୟୁପିରୁ ଗିରଫ କରାଯାଇଛି। ତେବେ ଶୁଟର ଶିବକୁମାର ଏବେ ମଧ ଫେରାର ଅଛନ୍ତି। ଶୁଟରଙ୍କ ମୋବାଇଲରୁ ଜିସାନଙ୍କ ଫଟୋ ମିଳିଥିବାରୁ ତାଙ୍କ ସୁରକ୍ଷାକୁ ବୃଦ୍ଧି କରାଯାଇଛି।

### ମଥୁରାରେ ୩ ପୋଲିସ ନିଲମ୍ବିତ

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଶୁଟର ଯୋଗେଶ୍ ଓରଫ୍ ରାଜୁଙ୍କ ଏକ ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମଥୁରାର ବରିଷ୍ଠ ଆରକ୍ଷୀ ଅଧୀକ୍ଷକ(ଏସ୍‌ଏସ୍‌ପି) ଶୈଲେଶ ପାଣ୍ଡେ ଶନିବାର ୩ ଜଣ ପୋଲିସ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରିଛନ୍ତି। ପୋଲିସ ହେପାଜତରେ ଥିବା ସମୟରେ ଯୋଗେଶ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥା ହୋଇ କହିଥିଲେ, ବାବା ସିଦ୍ଦିକିଙ୍କୁ ଗୁଳି କରାଯାଇ ଠିକ୍ କରାଯାଇଛି। ସେ ଭଲ ଲୋକ ନ ଥିଲେ। ତାଙ୍କର ବହୁଚର୍ଚ୍ଚିତ ଅପରାଧୀ ଦାଉଦ ଇବ୍ରାହିମଙ୍କ ସହ ସମ୍ପର୍କ ଥିଲା।



ମୁମ୍ବାଇରେ ଶନିବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟିଛନ୍ତି। (ଫଟୋ: ପି.ଟି.)

# ବଦଳିବ ଆମ ଓଡ଼ିଶା, ନବୀନ ଓଡ଼ିଶା ନାଁ

## ଖୁବ୍‌ଶୀଘ୍ର ଆସିବ ଗାଇଡ୍‌ଲାଇନ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାର ନାମ ବଦଳିବ। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ନାଁରେ ପରିଚିତ ହେବ। ଆସନ୍ତା ଦୁଇ ତିନି ଦିନ ଭିତରେ ରାଜ୍ୟ ସରକାର ଏ ନେଇ ଗାଇଡ୍‌ଲାଇନ ଆଣିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ପଲ୍ଲିସଭାକୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତ ପ୍ରତିନିଧିଙ୍କୁ ଅଧିକ କ୍ଷମତା ମିଳିବ। ଲୋକଙ୍କ ପ୍ରସ୍ତାବ ଅନୁସାରେ ଗାଁ ଓ ପଞ୍ଚାୟତର ବିକାଶ ହେବ। ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବ। ଲୋକଙ୍କ ଆଭିମୁଖ୍ୟକୁ ନେଇ ଗାଇଡ୍‌ଲାଇନ ଅଣାଯିବ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିଲା। ଏହାକୁ ନେଇ ସେମାନେ ବିଭିନ୍ନ ସମୟରେ ଆପତ୍ତି ଉଠାଇବା ସହ ଆନ୍ଦୋଳନକୁ ଓହ୍ଲାଇ ଥିଲେ। କୋଭିଡ୍ ସମୟରେ ପୂର୍ବ ସରକାର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଜିଲାପାଳ କ୍ଷମତା ଦେଇଥିଲେ। ପରେ ଏହାକୁ ହଟାଇ ଦେଇଥିଲେ। କିନ୍ତୁ ଭାଜପା ସରକାର ଲୋକଙ୍କ ଅନୁସାରେ କାମ କରିବ। ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଶକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।




ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଶନିବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'କୁ କଂଗ୍ରେସ ନେତା ଜୟରାମ ରମେଶ, ଡ.କରଣ ସିଂ, ଲେଖିକା ପଲ୍ଲଭୀ ରେବ୍ବାପ୍ରଗଡା ଏବଂ ବିଶିଷ୍ଟ ସାମ୍ବାଦିକ ତଥା ଟିଭି ବ୍ୟକ୍ତିତ୍ୱ ରାଜଦୀପ ସରଦେଶାଇ ଉନ୍ମୋଚନ କରୁଛନ୍ତି।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୨୨ରେ ଲଘୁଚାପ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ଶନିବାର ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୨ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହୋଇପାରେ। ଲଘୁଚାପ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ୩ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓଡ଼ିଶା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ୨୩, ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବାତ୍ୟା ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଆକଳନ କରାଯାଇ ନାହିଁ। ଲଘୁଚାପ ସୃଷ୍ଟି ହେବା ପରେ ଏ ନେଇ ଚିତ୍ର ସ୍ପଷ୍ଟହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଏବେ ବାତ୍ୟା ଆକଳନ କରି ହେବନି। ଲଘୁଚାପ କ୍ଷେତ୍ର ହେବା ପରେ ଏହାର ଗତି ଓ ସ୍ଥିତି ନେଇ କିଛିଟା ଚିତ୍ର ସ୍ପଷ୍ଟ ହେବ। ଆସନ୍ତା ୨୨ରୁ ବଙ୍ଗୋପସାଗର ଅଶାନ୍ତ ରହିବ। ୨୧ ସୁଦ୍ଧା ମତ୍ସ୍ୟଜୀବୀଙ୍କୁ ସ୍ଥଳଭାଗକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୨୩ରୁ ୨୫ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହୋଇପାରେ। ଯେହେତୁ ଅକ୍ଟୋବର ମାସ ବାତ୍ୟାକୁ ସୁହାଇଥାଏ। କେତେକ ପାଣିପାଗ ମଡେଲ୍ ଏହାକୁ ନେଇ ପୂର୍ବାନୁମାନ କରିଛନ୍ତି। ତଥାପି ଏବେ ବାତ୍ୟା ସ୍ଥିତି ଆକଳନ କରି ହେବନି ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ଦୁଇ ତିନି ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। କେଉଁଠି ଅସରାଏ କିମ୍ବା ଦି' ଅସରା ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।

# ଜାନୁଆରୀ ୮ରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ

## ■ ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ■ ପରିଚାଳନା କମିଟି, ଉପକମିଟି ଗଠିତ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

୨୦୨୫ ଜାନୁଆରୀ ୮ରୁ ୧୦ ଯାଏ ସ୍ଥାନୀୟ ଜନତା ମଇଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ଅନୁଷ୍ଠିତ ହେବ। ସମାରୋହ ଆୟୋଜନ ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ପ୍ରବାସୀ ଭାରତୀୟ ଦିବସରେ ପ୍ରାୟ ୫୦୦୦ ଅଂଶଗ୍ରହଣକାରୀ ଭାଗନେବେ। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ, ଦେଶବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟ ଯୋଗଦେବେ।

ସମ୍ମିଳନୀର ପ୍ରଥମ ଦିବସରେ 'ଯୁବ ପ୍ରବାସୀ ଭାରତୀୟ ଦିବସ', ୨ୟ ଦିବସରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ମୁଖ୍ୟ ସମାରୋହ ଓ ୩ୟ ଦିବସରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗଦେଇ ପ୍ରବାସୀ ଭାରତୀୟ ତୀର୍ଥ ଏକ୍ସପ୍ରେସ୍‌ର ଡିଜିଟାଲ ଫ୍ଲାଗଅପ୍ କରିବା କାର୍ଯ୍ୟକ୍ରମ ରହିଛି। ସମସ୍ତ ଦିବସରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ।

ସମାରୋହକୁ ସୁଚାରୁରୂପେ ଅନୁଷ୍ଠିତ କରିବା ପାଇଁ ପରିଚାଳନା କମିଟି (ଷ୍ଟିଅରିଂ କମିଟି) ଏବଂ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି। ପରିଚାଳନା କମିଟିରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟିକ, ପାସ୍‌ପୋର୍ଟ ଏବଂ ଭିଜା ଡିଭିଜନ ତଥା ଆନ୍ତର୍ଜାତିକ ବ୍ୟାପାର ସଚିବ ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ମନ୍ତ୍ରଣାଳୟର ୭ଜଣ ସଚିବଙ୍କ ସମେତ ଓଡ଼ିଶାରୁ ମୁଖ୍ୟ ଶାସନ ସଚିବ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ ରହିଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହବିଭାଗ) ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ସଦସ୍ୟ ରହିଛନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଉପକମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ କମିଟିରେ ଓଡ଼ିଶା ସମେତ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିଛନ୍ତି। ପ୍ରବାସୀ ଭାରତୀୟ ଏବଂ ଅତିଥିଙ୍କ ରହଣି, କାର୍ଯ୍ୟକ୍ରମସ୍ଥଳର ପ୍ରସ୍ତୁତି ଓ ପରିଚାଳନା, ସହର ସୌନ୍ଦର୍ଯ୍ୟକରଣ, ପରିବହନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା, ଜରୁରିକାଳୀନ ସହାୟତା, ଗଣମାଧ୍ୟମ ଓ ଲୋକସମ୍ପର୍କ, ପ୍ରଦର୍ଶନୀ, ବିଭିନ୍ନ ଦେଶର ଷ୍ଟଲ, ଅଭ୍ୟର୍ଥନା, ଅର୍ଥ, ଇ-ଗଭର୍ନାନ୍ସ ଓ ଆଇଟି, ଖାଦ୍ୟ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଅତିଥିମାନଙ୍କ ଯାତାୟାତ ଆଦିନିମନ୍ତେ ଉପ କମିଟିମାନ ଗଠନ କରାଯାଇଛି।

ସମାରୋହର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁବାର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ହେବା ଆମ ପାଇଁ ସମ୍ମାନର ବିଷୟ। ଯେପରି ଏହି ଦିବସ ସଫଳତାର ସହ ଆୟୋଜନ ହେବ, ସେଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ଉଦ୍ୟମ କରିବାକୁ ପଡ଼ିବ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।






**ଆଜିର ମନ୍ତବ୍ୟ**

କେବଳ ନିର୍ବାଚନ ଏକ ଦେଶକୁ ଗଣତନ୍ତ୍ର କରେ ନାହିଁ, ବରଂ ଜନସାଧାରଣଙ୍କ ମତକୁ ଗ୍ରହଣ କରାଯିବା ଦ୍ୱାରା ହିଁ ଏହା ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥାଏ। –ସୋନମ୍ ୱାଙ୍ଗଚୁକ୍, ଜଳବାୟୁ କର୍ମୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଗୀତା ଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସକାଳ ୬ଟା ୩୦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦।
- ଏଆଇପିଏଚ୍ ୟୁନିଭର୍ସିଟି ପକ୍ଷରୁ ହିମାଲୟାନ ଯୋଗ ଅଲିମ୍ପିଆଡ, ସ୍ଥାନ: ଉତ୍କଳ ସିଗ୍ନେଚର ବିଲ୍ଡିଂ, ସମୟ: ସକାଳ ୯ଟା।
- ଭୂମି ପୂଜା, ସ୍ଥାନ: କସ୍ତୁରବା ଖେଳପଡ଼ିଆ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ବିଶିଷ୍ଟ ସମାଜସେବୀ, ବରିଷ୍ଠ ସଙ୍ଗଠକ ପ୍ରଫୁଲ୍ଲ କୁମାର ଦାସଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍–୯, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ରାଜ୍ୟସ୍ତରୀୟ ସାହିତ୍ୟିକ ସମାବେଶ, ସ୍ଥାନ: ଶହୀଦ ନଗର ବିଷ୍ଣୁ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ବର୍ଷା ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ଉନ୍ମୋଚନ ଓ ଚର୍ଚ୍ଚାଆସର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ବିକାଶ ପରିଷଦ ସମ୍ମିଳନୀ, ସ୍ଥାନ: ଆର୍‌ସିଏମ୍ ସଭାଗୃହ, କଳିଙ୍ଗ ହସ୍ପିଟାଲ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର', ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍– ୩, ସମୟ: ପୂର୍ବାହ୍ନ ୧୧ଟା ୩୦।
- କବି ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୪ଟା ୩୦।
- ସର୍ଗମ ମ୍ୟୁଜିକ୍ କ୍ଲାସେସ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସମବାୟ ସମିତି ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ରାତି ୭ଟା

## କଟକ

- ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କଟକ ସଦର ବ୍ଲକ ପରମହଂସ ପଞ୍ଚାୟତ ସଫିପୁର ଗ୍ରାମର ମା' କୋଚିଲେଇ ପୀଠ, ସମୟ: ସକାଳ ୯ଟା।
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ ପ୍ରତିଭା ସମ୍ମାନ ସମାରୋହ–୨୦୨୪, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା।
- ମା'ଗଜଲକ୍ଷ୍ମୀଙ୍କ ରୌପ୍ୟ ଜୟନ୍ତୀ ପୂଜା ଉତ୍ସବ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (ପାଟଣା ସାହି), ବଡ଼ମ୍ବା, ସମୟ: ରାତି ୮ଟା।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସକାଳ ୬ଟା।
- ଲାଇଟ୍ ହାଉସ୍ ଫେଷ୍ଟିଭାଲ, ସ୍ଥାନ: ନୀଳାଦ୍ରି ବେଳାଭୂମି, ସମୟ: ସକାଳ ୭ଟା।
- ଶ୍ରୀକ୍ଷେତ୍ର ଟାଲେଣ୍ଟ ଫେଷ୍ଟ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲିଙ୍ଗିଷ୍ଟାର ଗ୍ରୁପର ୨୩ତମ କୁମାର ଉତ୍ସବ 'ଫୁଲ ବଉଳ ବେଣୀ' ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦେବୀ ମଣ୍ଡପ ପଡ଼ିଆ, ହାଟ ଛକ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ସୁରକ୍ଷା ମଞ୍ଚ ଜଟଣୀ ପକ୍ଷରୁ ସମାଜସେବୀ ଶିବପ୍ରସାଦ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରୱାଲ ଧର୍ମଶାଳା, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୋରମରା ଚୌଘରି ଖେଳପଡ଼ିଆ, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟ ଜୟନ୍ତୀର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ଗୁଆଗଡ଼ିଆସ୍ଥିତ ଆର୍‌ଡିଭିଏମ୍, ବାସୁଦେବପୁର, ସମୟ: ସକାଳ ୯ଟା।
- ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରବି ଗ୍ରହଙ୍କ ମନ୍ଦିରରେ ପୂଜା, ହୋମ, ସ୍ଥାନ: ଡ଼ଉଁର, ହାଟଡିହି ସମୟ: ସକାଳ ୭ ଟା।
- ୧୪ ତମ ଚକ୍ରଧର ମେମୋରିଆ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ରଜିଆ, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍ୟସାଇ ସମିତି ତରଫରୁ ଆଧାମିକ ବାଲ ବିକାଶ ଶିକ୍ଷା ଏବଂ ଆଲୋଚନା, ସ୍ଥାନ: ମରିଗାଁ, କପୁଣ୍ଡି, ଇଂଚୋଲ, ଡ଼ଉଁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ଥାନ: ହାଟଡ଼ିହୀ କଲେଜ ଏବଂ ହାଇସ୍କୁଲ, ଛେନାପଦୀ ବିଶ୍ୱ ତାରିଣୀ ମହିଳା କଲେଜ, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ, ସୁଲଣ ହାଇସ୍କୁଲ, ମୁଗୁପୁର ଏବଂ କଳିଙ୍ଗା ହାଇସ୍କୁଲ, ବଂଚୋ ଏବଂ ଅକରୁଆ ସ୍କୁଲ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ପ୍ରଶାନ୍ତ ସ୍ମୃତି ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ମେଣ୍ଢାଖାଇ ଅରୋବିନ୍ଦ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗଜ ଲକ୍ଷ୍ମୀ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା, ବୈରାଟପୁର ଗ୍ରାମ ଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର

- ବିଇଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମାନସ ଭବନ,ସମୟ: ଅପରାହ୍ନ ୪ଟା।
- ଜ୍ୟୋର୍ତିବିଦ ତ୍ରିନାଥ ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ସନ୍ତୋଷୀ ମା' କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ସାହିତ୍ୟ ସମାଜର ସାହତ୍ୟ ଆସର,ସ୍ଥାନ:ଉତ୍କଳ ଆଶ୍ରମ ସଭା କକ୍ଷ,ସମୟ: ଅପରାହ୍ନ ୫ଟା ୩୦।

## ଜଗତସିଂହପୁର

- ବଡିଘର ମହୋତ୍ସବର ଉଦ୍‌ଯାପନୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଙ୍ଗତ ଏମ୍‌ପି ପ୍ରଭାତ କୁମାର ସାମନ୍ତରାୟଙ୍କ ପାଇଁ ପାରାଦୀପ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ସମୟ: ଅପରାହ୍ନ ୪ଟା। ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନର ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ୟୁନିୟନ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ନୂଆବଜାର ବଣିକସଂଘ ଗଜଲକ୍ଷ୍ମୀ ପୂଜାଭସାଣି କାର୍ଯ୍ୟକ୍ରମ, ସ୍ଥାନ: ସ୍ୱତନ୍ତ୍ର ବିସର୍ଜନ ଜଳାଶୟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାଆ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ମଡ଼ିଆଳ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଲୋକକଳା ଉତ୍ସବ, ସ୍ଥାନ: ବ୍ଲକ ରୋଡ଼, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ : ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା୩୦।

## ନୟାଗଡ଼

- କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ ମ୍ୟାଚରେ ଅଶୋକ କିଙ୍ଗସ୍ ବନାମ ଥଣ୍ଡର ବାଲୁଙ୍କେଶ୍ୱର, ସ୍ଥାନ:କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍‌ର ସନ୍ଧ୍ୟା ମ୍ୟାଚରେ ଦିପୁ କିଙ୍ଗସ୍ ବନାମ ଇଶାନ ରୟାଲ, ସ୍ଥାନ:କଣ୍ଟିଲୋ ପଲଟନ ପଡିଆ, ସମୟ: ଅପରାହ୍ନ ୨ଟା।
- ଗଜଲକ୍ଷ୍ମୀଙ୍କ ଭସାଣି ପର୍ବ, ସ୍ଥାନ: ନୟାଗଡ଼ ରାଜାବଗିଚା ଲକ୍ଷ୍ମୀ ବଜାର, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଗୁଣପୁର ପ୍ରିମିୟର୍ ଲିଗ୍ ନେଇ ଖେଳାଳି ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ରାଜଶ୍ରୀ ବିକ୍ରମ ୱାର୍କର୍ସ କ୍ଲବର ସାଧାରଣ ପରିଷଦ ବୈଠକ, ସ୍ଥାନ: କୋରାପୁଟ ବ୍ଲକ ଗୌଡ଼ଗୁଡ଼ା ଗ୍ରାମ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଶ୍ରୀମତୀ ସମ୍ବଲପୁର–୨୦୨୪ ଅନ୍ୱେଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ସକାଳ ୯ଟା।
- ଓଡ଼ିଶା ଜୋଟ ପରିବାର ସମାବେଶ, ସ୍ଥାନ: ବୁଢ଼ାରଜା ହାଇସ୍କୁଲ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କବି କୁମାର ହାସନଙ୍କ ଜୀବନ ଓ ସାହିତ୍ୟକୁ ସ୍ମୃତିଚାରଣ ଏବଂ ଅନ୍ତରଙ୍ଗ ଆଲୋଚନା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣୀ ମହୋତ୍ସବର ଶୋଭାଯାତ୍ରା, ସ୍ଥାନ: ମୁଦିପଡା, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ ସମ୍ବଲପୁରୀ ପାର୍କ ସ୍ଥିତ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବଲାଙ୍ଗୀର ଦିନ୍ ଆୟୋଜକ କମିଟି ବୈଠକ, ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ରାମାୟଣ ପାରାୟଣର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଗୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ଚତୁର୍ଥ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ସି.କେ ନାଇଡୁ କ୍ରିକେଟ୍ ଟ୍ରଫି (ଓଡ଼ିଶା ବନାମ୍ ମହାରାଷ୍ଟ୍ର), ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍, ସ୍ଥାନ: ସାହୁ ସମାଜ କଲ୍ୟାଣ ମଣ୍ଡପ, କଳଙ୍ଗାପାଲି, ଗାଇସିଲେଟ୍, ସମୟ: ସକାଳ ୯ଟା।
- ସେହି ତିନିଦିନ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ରାଜପୁତ୍ ସମାଜର ନୂଆଁଖାଇ ଭେଟଘାଟ୍, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦଘାଟନୀ ଉତ୍ସବ,ସ୍ଥାନ:ସୁନ୍ଦରଗଡ ଭବାନୀପୁର ଖେଳ ପଡିଆ,ସମୟ: ଅପରାହ୍ନ ୪ଟା।

## ରାଉରକେଲା

- କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା କମ୍ପ୍ୟୁଟର ଟ୍ରେନିଂ ଲ୍ୟାବ ଉଦ୍‌ଘାଟନ, ସ୍ଥାନ: ଗୁସୁ ଭବନ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ଗୋପବନ୍ଧୁପାଲୀ ଛଟ୍‌ଘାଟ ସଫେଇ, ସ୍ଥାନ: ଗୋପବନ୍ଧୁପାଲି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବନ୍ଧଭିତ୍ତିକ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତମଞ୍ଚ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର–୬, ଦୁର୍ଗାପୂଜା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶାର ଶକ୍ତି ଉପାସନା ଓ ଓଡ଼ିଆ ସାହିତ୍ୟ ସମାବେଶ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍‌ର ଉଦ୍‌ଯାପନ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ, ସମୟ : ସନ୍ଧ୍ୟା ୬ଟା।
- ଲାୟନ୍ସ କ୍ଲବ ଅଫ୍ ବେଦବ୍ୟାସ କୋହିନୁର ପକ୍ଷରୁ କରୱା ଚୌଥ୍ ପର୍ବ ପାଳନ, ସ୍ଥାନ: ସେକ୍ଟର–୧୯ ସରୋବର କୋର୍ଟ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧି ଏକାଡେମୀ ପକ୍ଷରୁ ହେମନ୍ତ ମହୋତ୍ସବ, ସ୍ଥାନ : ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୫ଟା।
- ସୁରତରଙ୍ଗ ପକ୍ଷରୁ ଅକ୍ଷୟ ଏକ ଅମ୍ଳାନ ସ୍ମୃତି କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ପ୍ରେସମିଟ୍, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଢଲ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଫୁଟବଲ ମ୍ୟାଚ ଉଦଘାଟନ, ସ୍ଥାନ: କଣ୍ଢଲ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ବଣିଆ ସାହି ଗଜଲକ୍ଷ୍ମୀ ପୂଜା ବିସର୍ଜନ, ସ୍ଥାନ: ବଣିଆ ସାହିରୁ ନଗର ପରିକ୍ରମା, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ହ୍ୱିଏଭି ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା (ଫୁଟ୍‌ବଲ ଓ ତୀରନ୍ଦାଜ) ଉଦ୍‌ଯାପନ, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନସିପ ଖେଳପଡିଆ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ବିସର୍ଜନ, ସ୍ଥାନ: କୋମନା ବ୍ଲକ ବେଲଗାଁ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ସନ୍ଧ୍ୟା ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ରାତ୍ର ୩ଟା।

## ବୌଦ୍ଧ

- ଶ୍ରୀମଦ୍‌ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ତୃତୀୟ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୁଡ ମନ୍ଦିର, ବୌଦ୍ଧ , ସମୟ: ସକାଳ ୮ଟା।
- ରୌପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ପଞ୍ଚମ ଦିନ ଅବସରରେ ସୁନ୍ଦରାକାଣ୍ଡ ଓ ପାରାୟଣ, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ୍ କାମରେ କେତେକ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। କୌଣସି ଆତ୍ମୀୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ବୃହସ୍ପତିଙ୍କ ପ୍ରଭାବରେ ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ିଲେ ଅବଶ୍ୟ କୃତକାର୍ଯ୍ୟ ହେବେ।

**ବୃଷ** – ସପ୍ତମ କେନ୍ଦ୍ରସ୍ଥ ଶୁକ୍ରହେତୁ କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, ସଂଗୀତ ଓ କ୍ରୀଡ଼ା କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ।

**ମିଥୁନ** – ରବିଙ୍କ ଯୋଗୁ ସହକର୍ମୀଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳ ଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇ ପାରନ୍ତି। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳ କାରଖାନା କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**କର୍କଟ** – ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପାପଗ୍ରହ ଦୃଷ୍ଟ ଶୁକ୍ରଜନିତ ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନସନ୍ ବଢ଼ିଯିବ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। କୋର୍ଟ କଚେରି କାର୍ଯ୍ୟରେ ଶୁଭଫଳ ପ୍ରାପ୍ତି।

**ସିଂହ** – କାର୍ଯ୍ୟବ୍ୟସ୍ତ ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ଫ୍ଲଟିଂ କାରବାର, ଏଜେନ୍ସି, ସାମ୍ବାଦିକତାରେ ଆଶାଜନକ ଫଳ ପାଇବେ। କେତୁଙ୍କ ସ୍ଥିତି କାରଣରୁ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହେବେ।

**କନ୍ୟା** – ବୁଧଙ୍କ ପ୍ରଭାବରେ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଅଟକି ରହିବ। ପାଇବାକୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ ଓ ପ୍ରତ୍ୟେକ କଥାକୁ ଠିକ୍ ଭାବରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** – କୌଣସି କଥା ଠିକ୍ ଭାବେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ମଙ୍ଗଳ ହେତୁକ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ।

**ବିଛା** – ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ସନ୍ତାନହେତୁକ ଚିନ୍ତା ଟଳିବ।

**ଧନୁ** – ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଇଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦରେ ଆପୋସ ସମାଧାନ ଘଟିବ।

**ମକର** – ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ସକାଳ ସମୟଟି ଭଲ। ସୁସ୍ଥତା ଫେରି ଆସିବ, କିନ୍ତୁ ପରିକଳ୍ପିତ ଯୋଜନା କାର୍ଯ୍ୟକାରୀ ହୋଇ ପାରିବନାହିଁ।

**କୁମ୍ଭ** – ଆଜି ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭଲ ସମ୍ପର୍କ ନଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମ ସକାଶେ ପଡ଼ୋଶୀଙ୍କ ସହ ଆଲୋଚନା କରିପାରନ୍ତି।

**ମୀନ** – ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ଶିଳ୍ପ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆଜିର ଭ୍ରମଣ ସହିତ ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଦୂରବନ୍ଧୁ ସମ୍ପର୍କ ବଢ଼ିବ।

ଆଜି ଅକ୍ଟୋବର ୨୦ ତାରିଖ, ବିଶ୍ୱ ଅଷ୍ଟିଓ ପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁ ଦିବସ, କାର୍ତ୍ତିକ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ରାଶିନକ୍ଷତ୍ର ଦିବା ଘ.୦୮।୩୨ ଗତେ, ରୋହିଣୀ/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା. ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୯ ଗତେ ଘ.୦୫।୧୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ୧୨ ଘଣ୍ଟାରେ ୩୦ ...

ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ପ୍ରୋଟୋକଲ ଅନୁଯାୟୀ କର୍ତ୍ତୃପକ୍ଷମାନଙ୍କୁ ତୁରନ୍ତ ସଜାଗ କରିଦିଆଯିବା ସହ ଆବଶ୍ୟକ ସୁରକ୍ଷା ଗ୍ରହଣ କରାଯାଇଥିଲା ବୋଲି ଏୟାରଲାଇନ୍ସର ଜଣେ ମୁଖପାତ୍ର କହିଛନ୍ତି। ଉଦୟପୁରରୁ ମୁମ୍ବାଇ ଯାଉଥିବା ଭିସ୍ତାରା ବିମାନ ୟୁକେ୬୨୪କୁ ଖୋଲା ସ୍ଥାନକୁ ନିଆଯାଇ ବାଧ୍ୟତାମୂଳକ ଯାଞ୍ଚ କରାଯାଇଥିଲା। ବିମାନରେ ବୋମା ଥିବା ନେଇ ଲାଭାଟୋରିରୁ ଏକ ନୋଟ୍ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଗୋର ମୁମ୍ବାଇ–ଇସ୍ତାନବୁଲ, ଦିଲ୍ଲୀ–ଇସ୍ତାନବୁଲ, ଯୋଧପୁର–ଦିଲ୍ଲୀ ଏବଂ ହାଇଦ୍ରାବାଦ–ଚଣ୍ଡିଗଡ଼ ବିମାନରେ ବୋମା ଥିବା ନେଇ ଧମକ ମିଳିଥିଲା। ଯୋଧପୁର–ଦିଲ୍ଲୀ ବିମାନ ଜାତୀୟ ରାଜଧାନୀରେ ଅବତରଣ କରିବା ପରେ ଯାତ୍ରୀମାନେ ଓହ୍ଲାଇଯାଇଥିଲେ। ସେହିପରି ହାଇଦ୍ରାବାଦ–ଚଣ୍ଡିଗଡ଼ ଫ୍ଲାଇଟ୍ ଅବତରଣ କରିବା ପରେ ଏହାକୁ ନିରୋଳା ସ୍ଥାନକୁ ନିଆଯାଇ ଯାତ୍ରୀମାନଙ୍କୁ ନିରାପଦର ସହ ଓହ୍ଲାଇ ଦିଆଯାଇଥିଲା। ସେଠାରେ ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଶୁକ୍ରବାର ମଧ୍ୟ ଭିସ୍ତାରାର ୩ଟି ଅନ୍ତର୍ଜାତୀୟ ଫ୍ଲାଇଟ୍‌କୁ ଅନୁରୂପ କଲ୍ ମିଳିଥିଲା। ଗତ କିଛିଦିନ ମଧ୍ୟରେ ବିମାନଗୁଡ଼ିକୁ ମିଳିଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଥ୍ୟା ପ୍ରମାଣିତ ହୋଇଛି। ଏଭଳି ଧମକ ରୋକିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କଠୋର ନିୟମାବଳୀ ପ୍ରଣୟନ କରିବାକୁ ଯାଉଛି। ଏଭଳି ଧମକ ପଠାଉଥିବା ବ୍ୟକ୍ତିଙ୍କୁ ନୋ–ଫ୍ଲାଏ ତାଲିକାରେ ରଖିବାକୁ ନିଷ୍ପତ୍ତି ହୋଇଛି।

## ପ୍ରତି ଧମକପୂର୍ଣ୍ଣ କଲ୍ ...

ଧମକ ମିଳିବାରୁ ୨ ଘଣ୍ଟା ମଧ୍ୟରେ ଏହାକୁ ଦିଲ୍ଲୀ ଫେରାଇ ଅଣାଯାଇ ଜରୁରୀ ଅବତରଣ କରାଯାଇଥିଲା। ବିମାନରେ ୧୩୦ ଟନ୍ ଇନ୍ଧନ ସହ ଯାତ୍ରୀ ଓ ସେମାନଙ୍କ ଲଗେଜକୁ ମିଶାଇ ବିମାନର ଓଜନ ୩୪୦ରୁ ୩୫୦ ଟନ୍ ଥିଲା। ବୋଇଂ ୭୭୭ର ସର୍ବାଧିକ ଲ୍ୟାଣ୍ଡିଂ ଓଜନ ୨୫୦ ଟନ୍ ହୋଇଥିବାରୁ ସୁରକ୍ଷିତ ଅବତରଣ ପାଇଁ ଆକାଶରେ ୧୦୦ ଟନ୍ ଇନ୍ଧନ ଜାଳିବା ଆବଶ୍ୟକ ପଡ଼ିଥିଲା। ସେଥିପାଇଁ ପାଇଲଟ ବିମାନକୁ ଆକାଶରେ ଅନେକ ଘେରା ଉଡ଼ାଇ ୧ କୋଟି ଟଙ୍କାର ଇନ୍ଧନ ନଷ୍ଟ କରାଇଥିଲେ। ଏଥିସହିତ ଏୟାରପୋର୍ଟରେ ଅବତରଣ ଦେୟ, ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ହୋଟେଲ ରହଣି ଖର୍ଚ୍ଚ, ଯୋଗାଯୋଗ ହୋଇ ନ ପାରିବା ପାଇଁ କ୍ଷତିପୂରଣ, ଅବତରଣ ପରେ ସୁରକ୍ଷା ଯାଞ୍ଚ, ସାନି କ୍ରିଉ ବ୍ୟବସ୍ଥା କରିବା ଆଦି ପାଇଁ ବିପୁଳ ଅର୍ଥ ବ୍ୟୟ ହୋଇଥିଲା। ସେହିପରି ରିଟର୍ନ ଫ୍ଲାଇଟ୍ ସମୟ ବ୍ୟାଘାତ ହେବା କାରଣରୁ ଏୟାରଲାଇନ୍ସକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏସବୁକୁ ମିଶାଇଲେ ଗୋଟିଏ ମିଥ୍ୟା ଧମକ ପାଇଁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିବାକୁ ପଡୁଥିବା କେତେଜଣ ବରିଷ୍ଠ ଅଧିକାରୀ ଆକଳନ କରିଛନ୍ତି। ଗତ ରବିବାରଠାରୁ ଗୁରୁବାର ମଧ୍ୟରେ ଏହିପରି ୪୦ ହୋକ୍ସ କଲ୍ ମିଳିଥିବାରୁ ପାର୍ବଣ ଋତୁରେ ଏୟାରଲାଇନ୍ସଗୁଡ଼ିକୁ ବହୁକୋଟି ଟଙ୍କା ହରାଇବାକୁ ପଡ଼ିଲାଣି ବୋଲି ଜଣେ ଅଧିକାରୀ କହିଛନ୍ତି।

ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଦୁବାଇରୁ ଜୟପୁର ଫ୍ଲାଇଟ୍‌କୁ ଇମେଲ୍ ଯୋଗେ ଧମକ ମିଳିବାରୁ ଶନିବାର ଏହା ଜରୁରୀ ଅବତରଣ କରିଥିଲା। ଯାଞ୍ଚ ପରେ ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ସେହିପରି ୧୫ ତାରିଖରେ ଦିଲ୍ଲୀରୁ ଶିକାଗୋ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୭୭କୁ ଧମକ ମିଳିବାରୁ ଏହାକୁ କାନାଡାର ଇକାଲୁଏଟ୍ ସହରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ସେଠାରେ ୩ ଘଣ୍ଟା ୩୦ ମିନିଟ୍ ରହଣି ପରେ ବିମାନ ବିନା ଯାତ୍ରୀରେ ଶିକାଗୋ ଯାଇଥିବାବେଳେ ଯାତ୍ରୀମାନଙ୍କୁ କାନାଡା ବାୟୁସେନାର ଏଏ୩୦ ବିମାନରେ ଶିକାଗୋ ନିଆଯାଇଥିଲା। ଏ ବାବଦ ବ୍ୟୟ ଏୟାର ଇଣ୍ଡିଆକୁ ଭରଣା କରିବାକୁ ପଡ଼ିଥିଲା। ଉକ୍ତ ମିଥ୍ୟା ଧମକ ଯୋଗୁ ଯାତ୍ରୀମାନଙ୍କ ରହଣି ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା, ଅନେକ ଦିନ ବିମାନ ଅଟକି ରହିବା ଆଦିକୁ ହିସାବ କଲେ ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି। ଏଭଳି ହୋକ୍ସ କଲ୍‌କୁ 'ଆର୍ଥିକ ଆତଙ୍କବାଦ' ବୋଲି ଜଣେ ବରିଷ୍ଠ ଏୟାରଲାଇନ୍ସ ଅଫିସର କହିବା ସହ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

## ଶ୍ୱେତାଶ୍ରୀ ମହାପାତ୍ର ...

କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨୫୮ଜଣ ମହିଳା ଅଛନ୍ତି। ଫଳାଫଳର ସମ୍ପୂର୍ଣ୍ଣ ତାଲିକା ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ସୂଚନାଯୋଗ୍ୟ, ଓପିଏସ୍‌ସି ପକ୍ଷରୁ ୨୦୨୨ବର୍ଷ ପାଇଁ ମୋଟ ୬୮୩ ପଦବୀ ଲାଗି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା କରାଯାଇଥିଲା। ଏଥିପାଇଁ ସମୁଦାୟ ୯୨ହଜାର ୯୧୪ ପ୍ରାର୍ଥୀ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୪୦ହଜାର ୫୮୬ଜଣ ପ୍ରାରମ୍ଭିକ ପରୀକ୍ଷା ଦେଇଥିଲେ। ଗତ ଫେବୃଆରୀ ୨୫ରୁ ମେନ୍ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୩ରେ ସରିଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ପାଇଁ ଗତ ସେପ୍ଟେମ୍ବର ୧୦ରୁ ପର୍ସନାଲିଟି ଟେଷ୍ଟ ଆରମ୍ଭ ହୋଇ ଅକ୍ଟୋବର ୭ ପର୍ଯ୍ୟନ୍ତ ଚାଲିଥିଲା।

## ବାପପୁଅଙ୍କୁ ଏସିଡ୍ ...

ଶୁକ୍ରବାର ରାତିରେ ମୋହନ ଓ ତାଙ୍କ ପୁଅ ଅନୁଜ ଖାଇସାରି ଘରେ ଗୋଟିଏ ଖଟରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ଘରେ ପଶି ବାପପୁଅଙ୍କ ଉପରେ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇଥିଲେ। ମୋହନଙ୍କ ମୁହଁ, ଛାତି, ହାତ ଏବଂ ଅନୁଜଙ୍କ ଛାତିରେ ଏସିଡ୍ ପଡ଼ିଥିବାରୁ ଉଭୟେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ମୋହନଙ୍କ ସ୍ତ୍ରୀ ଏହା ଜାଣିବା ପରେ ଆମ୍ବୁଲାନ୍ସକୁ ଫୋନ କରି ଡୁମୁଡିବନ୍ଧ ଡାକ୍ତରଖାନାକୁ ଆଣିଥିଲେ। ଅନ୍ଧାର ରାତିରେ କିଏ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇଲା ଜାଣି ପାରିଲିନି ବୋଲି ମୋହନ କହିଛନ୍ତି। ଏ ନେଇ ଅଭିଯୋଗକ୍ରମେ ଡୁମୁଡିବନ୍ଧ ଥାନାରେ ନଂ.୧୩୪/୨୪ରେ ମାମଲା ରୁଜୁ କରାଯାଇଛି। ଶନିବାର ଡିଏସ୍‌ପି କମଳ କୁମାର ପଣ୍ଡା ଓ ଅତିରିକ୍ତ ଏସପି ବଳଭଦ୍ର ଦୀପ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ ଆସି ଅଧିକ ଛାନଭିନ୍ କରିବା ପରେ ଆକ୍ରମଣକାରୀଙ୍କୁ ଧରାଯିବ ବୋଲି ଥାନାଧିକାରୀ ଆଶୁତୋଷ ଜେନା କହିଛନ୍ତି।

## ୫ ବର୍ଷରେ ୫ ଲକ୍ଷ ...

ପୂର୍ଣ୍ଣ ଭରସା ଦେଇଛନ୍ତି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ କନ୍‌କ୍ଲେଭରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟକୁ ସାକାର କରିବା ଲକ୍ଷ୍ୟରେ ୟୁରୋପ ଏବଂ ସିଙ୍ଗାପୁରରେ ମଧ୍ୟ ରୋଡ୍ ଶୋ ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। ଗତ ୩ଟି କନ୍‌କ୍ଲେଭଠାରୁ ରାଜ୍ୟରେ ବହୁଗୁଣା ପୁଞ୍ଜିନିବେଶ ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କେନ୍ଦ୍ର ସରକାରଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ୟ ହାସଲ କରିବାକୁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ମୁମ୍ବାଇଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଆଧୁନିକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି। ଭାରତର ବେଷ୍ଟ ସିକ୍ରେଟ ରାଜ୍ୟ ଓଡ଼ିଶା ଏବେ ଉନ୍ମୋଚିତ ହେବାକୁ ପ୍ରସ୍ତୁତ ହେଉଛି। ଏହାର ସୁଯୋଗ ନେବାକୁ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆସନ୍ତା ୫ ବର୍ଷରେ ରାଜ୍ୟକୁ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆଗାମୀ ଦିନରେ ହାଇଦ୍ରାବାଦ, ବେଙ୍ଗାଲୁରୁ, ୟୁରୋପ ଏବଂ ସିଙ୍ଗାପୁରରେ ଏଭଳି ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ର ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଘରୋଇ ଉତ୍ପାଦର ଉଚ୍ଚ ଅଭିବୃଦ୍ଧି, ଭୌଗୋଳିକ ଅବସ୍ଥିତି, ପ୍ରାକୃତିକ ସମ୍ପଦ, ବିସ୍ତୀର୍ଣ୍ଣ ବେଳାଭୂମି, ଭିତ୍ତିଭୂମି ଓ ବନ୍ଦର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡ଼ିଶା–ମେକ୍ ଇନ କନ୍‌କ୍ଲେଭ–୨୦୨୫ ଆୟୋଜନ କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗରେ ଓଡ଼ିଶା ପୂର୍ବ ଭାରତର 'ପୂର୍ବୋଦୟ ବିକାଶ'ର କେନ୍ଦ୍ରବିନ୍ଦୁ ସାଜିବ। ଦେଶର ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ରାଜ୍ୟ ଦେଶର ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ପ୍ରାକୃତିକ ସମ୍ପଦଭରା ଏହି ରାଜ୍ୟରେ କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସୁଯୋଗ ନେବାକୁ ନିବେଶକମାନଙ୍କୁ ଆମନ୍ତ୍ରଣ କରିବା ସହ ବିକଶିତ ଓଡ଼ିଶା ଲକ୍ଷ୍ୟରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ନୂତନ ଶିଳ୍ପ ଯୁଗର ଅୟମାରମ୍ଭ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ରୂପାନ୍ତରୀକରଣ ଯାତ୍ରା କେବଳ ସମ୍ପଦ ଆଧାରିତ ଶିଳ୍ପ ଉପରେ ପର୍ଯ୍ୟବସିତ ନୁହେଁ, ଆମ ରାଜ୍ୟ ବର୍ତ୍ତମାନ ଦକ୍ଷତା ଭିତ୍ତିକ କ୍ଷେତ୍ର ଆଡ଼କୁ ଅଗ୍ରସର ହେଉଛି। ଆଇଟି, ଇଲେକ୍ଟ୍ରୋନିକ୍ସ, ମାନୁଫାକ୍ଚରିଂ, ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ, ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଦେଶର ଭବିଷ୍ୟତ ଆଗେଇ ନେବାରେ ଓଡ଼ିଶା ଅଗ୍ରଣୀ ଭୂମିକା ନେଉଛି। ରାଜ୍ୟ ସରକାର ଶିଳ୍ପଭିତ୍ତିକ ଭିତ୍ତିଭୂମି ନିର୍ମାଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବେକାର ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ରାଜ୍ୟରେ ଦକ୍ଷ ମାନବ ସମ୍ବଳ ଭରପୂର ରହିଛି। ଏହାର ସୁଯୋଗ ନେଇ ନିଯୁକ୍ତି ଭିତ୍ତିକ ଶିଳ୍ପ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି।




# ସାପକାମୁଡ଼ାରେ ବାପଝିଅ ମୃତ

## ୭ ବର୍ଷରେ ୫ହଜାର ଜୀବନ ଗଲାଣି

ହରଭଙ୍ଗା/ଫୁଲବାଣୀ,୧୯।୧୦ (ନରେନ୍ଦ୍ର କୁମାର ସାହୁ/ ରାକେଶ କୁମାର ରାଉତ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଚାରିଛକ ବଜାର ନିକଟସ୍ଥ ଠିଡ଼ିକାଯୋର ଗ୍ରାମରେ ସାପକାମୁଡ଼ାରେ ବାପଝିଅଙ୍କ ଜୀବନ ଯାଇଛି। ମୃତକ ହେଲେ ସୁଶାନ୍ତ କହଁର (୪୬) ଏବଂ ତାଙ୍କ ଝିଅ ଶୁଭସ୍ମିତା (୧୬)। ସୁଶାନ୍ତଙ୍କ ଘର କନ୍ଧମାଳ ଜିଲା ଗୁମାଗଡ଼ରେ ହୋଇଥିବାବେଳେ ସେ ଦୀର୍ଘ ୨୦ ବର୍ଷରୁ ଅଧିକ ହେବ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ। ବର୍ତ୍ତମାନ ସେ ହରଭଙ୍ଗା ବ୍ଲକର ମାର୍ଦ୍ଦିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଠିଡ଼ିକାଯୋର ଗ୍ରାମରେ ଏକ ଭଡ଼ାଘରେ ପରିବାର ସହ ରହିଆସୁଥିଲେ। ଶୁକ୍ରବାର ରାତିରେ ଖଟ ଉପରେ ଶୋଇଥିବାବେଳେ ଏକ ସାପ ସୁଶାନ୍ତଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଏଥିସହିତ ନିକଟରେ ତଳେ ଶୋଇଥିବା ଶୁଭସ୍ମିତାଙ୍କ ଗୋଡ଼କୁ ମଧ୍ୟ ସାପ କାମୁଡ଼ିଥିଲା। ସୁଶାନ୍ତଙ୍କ ସ୍ତ୍ରୀ ଟିକିଏ ଦୂରରେ


ଶିକ୍ଷକ ଓ ତାଙ୍କ ଝିଅଙ୍କ ଫାଇଲ ଫଟୋ।

ଶୋଇଥିବାରୁ ବର୍ତ୍ତିଯାଇଥିଲେ। ସାପ କାମୁଡ଼ିବାର କିଛି ସମୟ ପରେ ଶୁଭସ୍ମିତା ଉଠି ଛାତିରେ ଯନ୍ତ୍ରଣା ହେଉଥିବା କହିବା ପରେ ବାପା ସୁଶାନ୍ତ ମଧ୍ୟ ମୁଣ୍ଡ ବୁଲାଇ ହେଉଥିବା କହିଥିଲେ। ଗୋଡ଼ରେ ସାପ କାମୁଡ଼ା ଖଣ୍ଡିଆ ଦେଖି ପାଖରେ ରହୁଥିବା ଅନ୍ୟ ଜଣେ ଶିକ୍ଷକଙ୍କୁ ଖବର ଦେଇଥିଲେ। ରାତିରେ ଉଭୟଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା କ୍ଷଣି ଶୁଭସ୍ମିତାଙ୍କ ଓ କିଛି ସମୟ ପରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଶୁଭସ୍ମିତା ଏକ ବେସରକାରୀ ମହାବିଦ୍ୟାଳୟରେ ଯୁକ୍ତ ୨ ବର୍ଷର ଛାତ୍ରୀ ଥିବାବେଳେ ଦଶହରା ଛୁଟି ଥିବାରୁ ଘରକୁ ଆସିଥିଲେ। ସୁଶାନ୍ତଙ୍କ ପୁଅ ବାହାରେ ପଢୁଥିବାରୁ ଘରକୁ ଆସି ନ ଥିଲେ।

ଶିକ୍ଷକଙ୍କ ମୃତ୍ୟୁ ଖବର ପାଇବା ପରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ନିଜ ଗ୍ରାମ ଗୁମାଗଡ଼ରେ ମୃତଦେହ ସତ୍କାର ହୋଇଛି। ଏହି ଘଟଣା ନେଇ ହରଭଙ୍ଗା ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

ଓଡ଼ିଶାରେ ସାପକାମୁଡ଼ା ଜନିତ ମୃତ୍ୟୁ ଏକ ଚିନ୍ତାର ବିଷୟ ହେଲାଣି। ରାଜ୍ୟରେ ବିପର୍ଯ୍ୟୟଜନିତ ମୃତ୍ୟୁକୁ ଦେଖିଲେ ସାପ କାମୁଡ଼ାରେ କେବଳ ୪୦ପ୍ରତିଶତଙ୍କ ମୃତ୍ୟୁ ଘଟୁଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାକୃତିକ ଦୁର୍ବିପାକ ସମ୍ପର୍କିତ ପ୍ରକାଶ ପାଇଥିବା ବାର୍ଷିକ ରିପୋର୍ଟ ଅନୁସାରେ ୨୦୨୧-୨୨ ବର୍ଷରେ ରାଜ୍ୟରେ ସାପ କାମୁଡ଼ାରେ ୮୪୪ଜଣଙ୍କ ମୃତ୍ୟୁ ଘଟିଛି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୨୦୧୫-୧୬ ରୁ ୨୦୨୨-୨୩ ଗତ ୭ବର୍ଷ ମଧ୍ୟରେ ରାଜ୍ୟରେ ୫ହଜାର ଲୋକଙ୍କ ସାପ କାମୁଡ଼ାରେ ଜୀବନ ଯାଇଛି।

# ୨.୫ ଲକ୍ଷ ହେକ୍ଟର ଜମିରେ ଅଣଧାନ ଫସଲ ପାଇଁ ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

## ଜାତୀୟ ରବି ଫସଲ ସମ୍ମିଳନୀ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଓ ତୈଳବୀଜ ଫସଲ ସକାଶେ ୨.୫ ଲକ୍ଷ ହେକ୍ଟର ଜମି ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜାତୀୟ ରବି ଫସଲ ସମ୍ମିଳନୀରେ ଯୋଗଦେଇ ଦାବି କରିଛନ୍ତି। ଏଥିସହ ସୂର୍ଯ୍ୟମୁଖୀ, ଚିନାବାଦାମ ଚାଷ ସହ ମହୁମାଛି ପାଳନ ନିମନ୍ତେ ହେକ୍ଟର ପ୍ରତି କ୍ଷେତ୍ର ପ୍ରଦର୍ଶନ ଖର୍ଚ୍ଚକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ନିକଟରେ ଦାବି ଉପସ୍ଥାପନା କରିଛନ୍ତି।



ରାଷ୍ଟ୍ରୀୟ ବିକାଶ ଯୋଜନା ଅନ୍ତର୍ଗତ କୃଷି ବନୀକରଣ କାର୍ଯ୍ୟକ୍ରମରେ ରାଜ୍ୟରୁ ପ୍ରଦାନ କରାଯାଇଥିବା ୮.୩୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟକ୍ରମ ଯୋଜନାକୁ ଅନୁମୋଦନ କରିବା, ଉପକୂଳ ଓଡ଼ିଶାରେ ଖାଲୁଆ ଅଞ୍ଚଳ କୃଷି ଗବେଷଣା କେନ୍ଦ୍ର ଏବଂ ପଶ୍ଚିମ ଓଡ଼ିଶାରେ କୃଷି ଯାନ୍ତ୍ରିକୀକରଣକୁ ନୂଆ ରୂପଦେବା ପାଇଁ ଏକ କୃଷି ଯନ୍ତ୍ରପାତି ବିକଶିତ, ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନା ପାଇଁ ମଧ୍ୟ ପ୍ରସ୍ତାବ ରଖିଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର କୃଷିମନ୍ତ୍ରୀ ଯୋଗଦେଇଥିଲେ। ଓଡ଼ିଶାରୁ ଏହି ସମ୍ମିଳନୀରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଳ ପୱନ କଲ୍ୟାଣ ଏବଂ ନିର୍ଦ୍ଦେଶକ ଇମେଜ ରାଜେଶ ଦାସ ଯୋଗଦେଇଛନ୍ତି।

# କେନାଲରେ ବୁଡ଼ି ୩ ଛାତ୍ର ମୃତ

## କ୍ରିକେଟ ବଲ୍ ଆଣିବାକୁ ଯିବା କାଳ ହେଲା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଝାରପୋଖରିଆ (ହରେକୃଷ୍ଣ ଦାସ), ୧୯।୧୦

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ନୂଆଗାଁ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ସୁବର୍ଣ୍ଣରେଖା କେନାଲରେ ପଡିଯାଇଥିବା କ୍ରିକେଟ ବଲ୍ ଆଣିବାକୁ ଯାଇ ୩ ଛାତ୍ରଙ୍କ ସଲିଳ ସମାଧି ଘଟିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଶିରଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଛାତ୍ରମାନେ ହେଲେ ନୂଆଗାଁ ଗ୍ରାମର ଶ୍ରେୟାଂଶୁ ସାହୁ(୧୪), ମୁଣ୍ଡାକଟା ଗ୍ରାମର ମଦନ ମୋହନ ସାହୁ (୧୪) ଓ ସାରସକଣା ଗ୍ରାମର ସାଇ ଶଙ୍କର ସାହୁ(୧୪)। ସମସ୍ତେ ୯ମ ଶ୍ରେଣୀର ଛାତ୍ର।

ଖବର ଅନୁଯାୟୀ, ଅପରାହ୍ନ ୫ଟାରେ ସୁବର୍ଣ୍ଣରେଖା କେନାଲ ପାର୍ଶ୍ୱ ପଡିଆରେ ୧୪ଜଣ ଛାତ୍ର କ୍ରିକେଟ ଖେଳୁଥିଲେ। ବଲ୍‌ଟି କେନାଲରେ ପଡିଯିବାରୁ ୩ ଛାତ୍ର ହାତ ଧରାଧରି ହୋଇ ପାଣିକୁ ଓହ୍ଲାଇଥିଲେ। ଅସାବଧାନତାବଶତଃ ଉପରେ ଥିବା ଛାତ୍ରଙ୍କ ହାତ ଖସିଯିବାରୁ ତିନି ସାଙ୍ଗ କେନାଲ ପାଣିରେ ଖସିପଡିଥିଲେ। ଏମାନଙ୍କ ମଧ୍ୟରେ କୌଣସି ଛାତ୍ର ପହଁରା ଜାଣି ନ ଥିବାରୁ ଛାତ୍ରମାନେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରିବା ସହ ସ୍ଥାନୀୟ ଲୋକଙ୍କୁ ଖବରଦେବା ପରେ ସେମାନଙ୍କୁ ପାଣିରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଶିରଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିବା ପରେ ଡାକ୍ତରଖାନା ପରିସରରେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଫାଟି ପଡିଥିଲା।

ପ୍ରକାଶଥାଉ କି, ମାସକ ମଧ୍ୟରେ ୭ ଛାତ୍ର କେନାଲରେ ବୁଡି ମୃତ୍ୟୁବରଣ କଲେଣି। ସେପ୍ଟେମ୍ବର ୧୩ ଓ ୧୭ରେ ଗଣେଶ ଓ ବିଶ୍ୱକର୍ମା ମୂର୍ତ୍ତି ଭସାଇବାକୁ ଯାଇ ୪ ଛାତ୍ର ପାଣିରେ ବୁଡି ପ୍ରାଣ ହରାଇଥିଲେ। ତେବେ ଏଭଳି ଘଟଣା ଜିଲାରେ ବାରମ୍ବାର ଘଟୁଥିବାରୁ ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

# ହାତୀ ଶାବକର ସନ୍ଦେହଜନକ ମୃତ୍ୟୁ

ଦେବଗଡ଼,୧୯।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ସଦର ରେଞ୍ଜ କଂସର ଫରେଷ୍ଟ ସେକ୍ସନ ଅନ୍ତର୍ଗତ କଂସର ସଂରକ୍ଷିତ ଜଙ୍ଗଲ ବାଲିଆମ ନିକଟରେ ଏକ ଦେଢ଼ ବର୍ଷ ହାତୀ ଶାବକର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଥିବା ବନବିଭାଗ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ରାଉରକେଲା ଡିସିଏଫ୍ ବୈଦ୍ୟନାଥ ମାଝୀ, ଦେବଗଡ଼ ଡିଏଫ୍‌ଓ ମଗର ଧାନାଜି ରାଓସୋ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଅରୁଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ରିଆମାଳ ବ୍ଲକ ପ୍ରାଣୀ ଅଧିକାରୀ ହାତୀର ବ୍ୟବଚ୍ଛେଦ



କରିଥିବା ଜଣାପଡ଼ିଛି। ହାତୀ ମୃତ୍ୟୁକୁ ନେଇ ବନବିଭାଗ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବାଲିଆମ ନିକଟ ରଞ୍ଜଣା ନାଳକୁ ହାତୀ ଶାବକ ପାଣି ପିଇବାକୁ ଯାଇଥିଲା। ମାତ୍ର କିଛି ସମୟ ପରେ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ କିଛି ମାସ ତଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ ହାତୀ ଶାବକର ମା'ର ବାମରା ଅଞ୍ଚଳରେ ମୃତ୍ୟୁ ଘଟିଥିଲା।

# ଅଭାବରୁ ଅନ୍ୟକୁ ଟେକିଦେଲେ ଶିଶୁପୁତ୍ର

## ଉଦ୍ଧାର କଲା ଜିଲା ଶିଶୁ ସୁରକ୍ଷା ୟୁନିଟ୍

ବରଗଡ଼,୧୯।୧୦ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସୋହେଲା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଅଭାବ ଅନଟନରୁ ନିଜର ୧୭ ଦିନର ଏକ ଶିଶୁପୁତ୍ରକୁ ଅନ୍ୟ ପରିବାରକୁ ଟେକିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ଶନିବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରିଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋହେଲା ଥାନା ଖଇରପାଲି ଗ୍ରାମର ଗଣେଶ ଭୋସାଗରଙ୍କ ୬ ସନ୍ତାନ। ସବାସାନ ସନ୍ତାନଟି ଏକ ଶିଶୁପୁତ୍ର। ଅନ୍ୟପଟେ ଏହି ଥାନା ଅନ୍ତର୍ଗତ ଦୁଆନପାଲି ଗ୍ରାମର ଟିକେଶ୍ୱର ମେହେରଙ୍କ ପୁତ୍ର ସନ୍ତାନ ନାହାନ୍ତି। ଗତ କିଛିଦିନ ତଳେ ଗଣେଶ ତାଙ୍କ ସାନପୁଅକୁ ଟିକେଶ୍ୱରଙ୍କୁ ଦେଇଦେଇଥିଲେ। ଟିକେଶ୍ୱର ମଧ୍ୟ ତାଙ୍କୁ ପୁଅ ଭାବେ ଗ୍ରହଣ କରିଥିଲେ। ତେବେ ଶିଶୁପୁତ୍ରକୁ ଯେଉଁଳି ଭାବେ ଗ୍ରହଣ କରାଯାଇଛି ତାହା ଆଇନ ସମ୍ମତ ନୁହେଁ। ଏହି ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ଦୁଆନପାଲି ଗ୍ରାମର ଟିକେଶ୍ୱରଙ୍କ ଘରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏହାସହିତ ଉଭୟ ପରିବାର ଲୋକଙ୍କୁ ଡାକି ପଚରାଉଚୁରା କରିଥିଲେ। ଶିଶୁପୁତ୍ରର ବାପା ଗଣେଶ କହିଛନ୍ତି, ତାଙ୍କର ୫ ପୁଅ ଏବଂ ଜଣେ ଝିଅ। ଅପରପକ୍ଷେ ତାଙ୍କ ପରିଚିତ ଟିକେଶ୍ୱରଙ୍କ ପୁତ୍ର ସନ୍ତାନ ନାହାନ୍ତି। ଅଭାବ ଯୋଗୁ ନିଜ ପରିବାରରେ ସବୁ ଛୁଆଙ୍କ ଯତ୍ନ ଠିକ୍ ଭାବେ ନେଇ ପାରିବେ ନାହିଁ ବୋଲି ସେ ଭାବିଥିଲେ। ଫଳରେ ଉଭୟ ପକ୍ଷଙ୍କ ସହମତି କ୍ରମେ ସେ ଶିଶୁପୁତ୍ରକୁ ଟିକେଶ୍ୱରଙ୍କୁ ଦେଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷେ ତଦନ୍ତ ଚାଲିଛି ଏବଂ କେଉଁ ଉଦ୍ଦେଶ୍ୟରେ ଶିଶୁପୁତ୍ର ଅନ୍ୟ ପରିବାରକୁ ହସ୍ତାନ୍ତର ହୋଇଥିଲା ତଦନ୍ତ ପରେ ତାହା ଜଣାପଡ଼ିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପାତ୍ର କହିଛନ୍ତି।

ADMISSION NOTICE-2024
Centre for Distance and Online Education (CDOE) (D.D.C.E., UTKAL UNIVERSITY)
BHUBANESWAR-751010
NAAC A+
nirf 47 Rank 2024
Centre for Distance & Online Education (DDCE, Utkal University)
Management & Computer Science Courses (NOC from AICTE, New Delhi)
- BBA (3 Years)
- MBA (2 Years)
- MCA (2 Years)
(Contact MBA / BBA- 9437103110 / MCA - 9437157110 during office hour)
POST GRADUATE COURSES
- M.Com.
- M.A. in Economics
- M.A. in Education
- M.A. in English
- M.A. in Hindi
- M.A. in History
- M.A. in Odia
- M.A.in Pub. Admn.
- M.A. in Pol.Science
- M.A. in Sanskrit
- M.A. in Sociology
- M.S.W.
(For more contact - 9437156110 during office hour)
Salient Features.
- Online Admission Process
- Free Registration & No charges for appearing online test for Mgt. & Comp. Courses
- Provision for Online verification of forms & online payment
- Walk in Online Test / PI and Roll in Admission for MBA / BBA / MCA Courses (Limited Seats).
For Course details, eligibility, fees structure, selection process and important date lines and detailed contact classes visit our website : www.ddceutkal.ac.in
Last Date of Admission : 30.10.2024
DIRECTOR

# ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ଡେରାବିଶ,୧୯।୧୦ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ତଥା ବିଜେଡିର ପୂର୍ବତନ ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ାଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଏକ ଆମ୍ବୁଲାନ୍ସରେ ନିଜ ଜନ୍ମମାଟି ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ବଡ଼ସଲାରସ୍ଥିତ ବାସଭବନକୁ ଅଣାଯାଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏହାପରେ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ କଳିଙ୍ଗ କେଶରୀ ପରିଡ଼ା ମୁଖାଗ୍ନି ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ତାଙ୍କ


ଉତ୍କଳ କେଶରୀ ପରିଡ଼ା

ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

୧୯୬୧ ମସିହାରେ ବଡ଼ସଲାର ଗ୍ରାମରେ ଉତ୍କଳ କେଶରୀ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ସାଲେପୁର କଲେଜ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ୧୯୯୦ରେ ଡେରାବିଶ ପଞ୍ଚାୟତ ସମିତିର ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ଓଡ଼ିଶା ଗଣ ପରିଷଦ ଦଳ ଟିକେଟରେ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କୁ ୬୦ ହଜାର ୮୪୮ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତେବେ ପରବର୍ତ୍ତୀ ଅବସ୍ଥାରେ ସେ ଏନ୍‌ସିପିର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ବହନ କରିଥିଲେ। ଏହି ଦଳର ୪ ଜଣ ବିଧାୟକ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବାରୁ ଉତ୍କଳଙ୍କ ନାମ ଜାତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଥିଲା। ପରେ ଉତ୍କଳ ଭାଜପାରେ ସାମିଲ ହୋଇ କିଛି ବର୍ଷ କାମ କରିବା ପରେ ବିଜୁ ଜନତା ଦଳରେ ଯୋଗ ଦେଇ ଜିଲା ସଭାପତି ଦାୟିତ୍ୱ ବହନ କରିଥିଲେ। ଏହା ସହିତ ଓଡ଼ିଶା ତୀରନ୍ଦାଜ ଆସୋସିଏଶନର ଉପ ସଭାପତି, ଜୁଟ୍ ମାର୍କେଟିଂ କୋ ଅପରେଟିଭ ସୋସାଇଟିର ନିର୍ଦ୍ଦେଶକ, ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଆଦି ଦାୟିତ୍ୱ ଦକ୍ଷତାର ସହ ତୁଲାଇଥିଲେ।

# ତାଡ଼ିବାଲସାରେ ନୂତନ ଭୋଟ ଗ୍ରହଣ କେନ୍ଦ୍ରକୁ ନିର୍ବାଚନ କମିଶନଙ୍କ ମୋହର

ପଟ୍ଟାଙ୍ଗି, ୧୯।୧୦(ଶରତ ଧଳ)

କୋରାପୁଟ ଜିଲା ଭୋଟରଙ୍କୁ ପଡ଼ୋଶୀ ଆନ୍ଧ୍ର ନିଜ ସପକ୍ଷରେ ପଞ୍ଚାୟତ ଓ ବିଧାନସଭା ନିର୍ବାଚନରେ ଭୋଟ ନେବା ଫାଇଦା ଉଠାଇ ଚାଲିଥିଲା। ଏପରି ସ୍ଥିତିରେ କୋରାପୁଟ ଜିଲା ପ୍ରଶାସନ ପାଇଁ ଏହା ଚିନ୍ତାର ବିଷୟ ହୋଇଥିଲା। ଗତ ବିଧାନସଭା ନିର୍ବାଚନ ପୂର୍ବରୁ କୋରାପୁଟ ଜିଲା ଗସ୍ତରେ ଆସିଥିବା ରାଜ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ ସମସ୍ୟା ସମ୍ପର୍କରେ ଜିଲାପାଳ ଭି.କୀର୍ତ୍ତିଭାସନ ଏବଂ ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଅବଗତ କରାଇଥିଲେ। ଏହାକୁ ରାଜ୍ୟ ନିର୍ବାଚନ ଅଧିକାରୀ ବିଚାରକରି କୋରାପୁଟ ଜିଲା ସୀମାନ୍ତ ତାଡ଼ିବାଲସା ଗ୍ରାମକୁ ନୂତନ ଭୋଟ ଗ୍ରହଣ କେନ୍ଦ୍ର କରିବାକୁ କେନ୍ଦ୍ର ନିର୍ବାଚନ କମିଶନଙ୍କୁ ସୁପାରସ କରିଥିଲେ। ଏହା ଉପରେ ଗତ ବୁଧବାର କେନ୍ଦ୍ର ନିର୍ବାଚନ କମିଶନ ମୋହର ମାରିବା ପରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ଫଳରେ ତାଡ଼ିବାଲସାକୁ କେନ୍ଦ୍ର ନିର୍ବାଚନ କମିଶନଙ୍କ ପକ୍ଷରୁ ମୋହର ବାଜିବା ପରେ କୋଟିଆ ପଞ୍ଚାୟତରେ ୯ ବୁଥ୍ ବଦଳରେ ୧୦ ବୁଥ୍ ହୋଇଛି। ତାଡ଼ିବାଲସା କେନ୍ଦ୍ରରେ ୪୦୩ ଭୋଟର ରହିଛନ୍ତି। ଫଳରେ କୋଟିଆ ପଞ୍ଚାୟତର ନେରିଡ଼ିବାଲସା, ତାଡ଼ିବାଲସା, ଆର୍ଜୁବାଲସା ଓ ଧୂଳିପଦର ଆଦି ସୀମାନ୍ତ ଗ୍ରାମର ଭୋଟରମାନେ ମତଦାନ ପାଇଁ ଦୀର୍ଘ ୩୪ କି.ମି.ଦୂର ରଣାସିଂ ବୁଥ୍‌କୁ ଆସିବାକୁ ପଡୁଥିଲା। ତାଡ଼ିବାଲସାକୁ ନୂତନ ବୁଥ୍ ଭାବେ ଘୋଷଣାହେବା ପରେ ଏହାର ଦୂରତା ୧୦ କି.ମି.ହୋଇଥିବା ଜଣାପଡିଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୨୫୩୭୯୦୦
ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍){ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୬(୨)/୮(୬)}
ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଢେଙ୍କାନାଳ ଶାଖା/ ରଣଗ୍ରହୀତା/ ଜାମିନ୍‌ଦାର ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ରଣଗ୍ରହୀତା: ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ସା/ପୋ.: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୩ | ସମ୍ପତ୍ତି-୧: ଶ୍ରୀମତୀ ସବିତା ସାହୁ, ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୧୯୬/୩୦୫୮, ମ୍ୟୁଟେସନ୍ ଖାତା ନଂ.: ୫୩୫/୧୬୯୦, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ବନମାଳି ପ୍ରସାଦ, ଥାନା: ଢେଙ୍କାନାଳ ସଦର | ୨୩.୦୪.୨୦୨୪ / ୨୦.୦୭.୨୦୨୪ / ୧୯.୧୦.୨୦୨୪ |

ଏବଂ ନଂ. ୨, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମ ଚନ୍ଦ୍ର ସତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ବିଜୟ ସାହୁ
ସମ୍ପତ୍ତି-୨: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଘରବାରି ଫ୍ରିହୋଲ୍ଡ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୦୧୮/୨୨୩୧୩, ଖାତା ନଂ.: ୩୪୭୦/୩୮୧୦, ତହସିଲ: ଢେଙ୍କାନାଳ ସହର, ନଂ. ୦୧, ଓଡ଼ିଶା, ମୌଜା: ଢେଙ୍କାନାଳ ସହର, କ୍ଷେତ୍ର: ଏକର୦.୦୪୬ ଡିସିମିଲି କିମ୍ବା ୨୦୦୩.୭୬ ବର୍ଗଫୁଟ, ଏହର ଚାରିପାର୍ଶ୍ୱରେ ଉତ୍ତର: ଦୁର୍ଯ୍ୟୋଧନ ବେହେରା, ଦକ୍ଷିଣ: ଚନ୍ଦ୍ର ଶେଖର ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା
ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଶ୍ରୀମତୀ ସବିତା ସାହୁ, ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ସମ୍ପତ୍ତି ବିକ୍ରୟ।
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହିନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି।ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହାଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୦.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ଭୋଗିବାକୁ ବାଧ



## ଆକାର ପଟେଲ

ଅନ୍ତର୍ଜାତୀୟ ନିୟମ-ଆଧାରିତ ବ୍ୟବସ୍ଥା ହେଉଛି ବାସ୍ତବରେ ଜଙ୍ଗଲୀ ଶାସନ ପାଇଁ ବ୍ୟବହୃତ ଏକ ବକ୍ରୋକ୍ତି ଏବଂ ଏହା ହିଁ ବୈଶ୍ୱିକ କ୍ଷମତା ରାଜନୀତିର ସଂଜ୍ଞା ନିରୂପଣକରେ। ପ୍ରାୟ ୨୪୦୦ ବର୍ଷ ପୂର୍ବେ ଲିଖିତ ଏକ ପ୍ରସିଦ୍ଧ ଇତିହାସ ବହି ଥିଲା ଅନ୍ତର୍ଜାତୀୟ ସମ୍ପର୍କ ସିଦ୍ଧାନ୍ତର ମୂଳଦୁଆ। ଏଥିରେ ଉଲ୍ଲେଖ ଅଛି 'ଶକ୍ତିଶାଳୀମାନେ ଯାହା କରିପାରିବେ ତାହା ହିଁ କରନ୍ତି ଏବଂ ଦୁର୍ବଳମାନେ ସେସବୁ କିଛି ସହ୍ୟ କରନ୍ତି, ଯାହା ସେମାନେ ଭୋଗିବାକୁ ବାଧ।' ମିଳିତ ଜାତିସଂଘ ଏବଂ ଏହାର ସୁରକ୍ଷା ପରିଷଦ ସମେତ ଅଗଣିତ ସଂସ୍ଥା ଥିବା ସତ୍ତ୍ୱେ ଆଜି ମଧ୍ୟ ଏହା ପ୍ରମାଣିତ ହେଉଛି। ଉଦାହରଣ ସ୍ୱରୂପ, ପାଲେଷ୍ଟିନୀୟ କିମ୍ବା ଲେବାନୀୟମାନଙ୍କୁ କହିବା ଦରକାର ଯେ ଏକ ଅନ୍ତର୍ଜାତୀୟ ବ୍ୟବସ୍ଥା ଥିବା ସତ୍ତ୍ୱେ ଏକପାଖିଆ ଯୁଦ୍ଧରେ ସେମାନଙ୍କର ପିଲାମାନଙ୍କୁ ହତ୍ୟା କରାଯାଉଛି। ୟୁକ୍ରେନୀୟ, ଇରାନୀୟ, କ୍ୟୁବାନ୍, ଭିଏତ୍‌ନାମ ଏବଂ ଆଫଗାନଙ୍କୁ ମଧ୍ୟ ସମାନ କଥା କୁହାଯିବା ଆବଶ୍ୟକ। ବାସ୍ତବତାକୁ ଦେଖିଲେ ଅନ୍ତର୍ଜାତୀୟ ବ୍ୟାପାର କ୍ଷେତ୍ରରେ ସ୍ୱଳ୍ପ କିମ୍ବା ଅଧିକାଂଶ ଦେଶ ନିଜ ସ୍ୱାର୍ଥ ପାଇଁ କାମ କରିବା ସ୍ୱାଭାବିକ, ଯାହା ଏବେ ଘଟୁଛି। ଭାରତ ବନ୍ଧୁ ବୋଲି କୁହାଯାଉଥିବା ଅନ୍ୟ ଦେଶର ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶଦେଇ ଏହି ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ବାସ୍ତବତା ହେଉଛି ଯଦି ଭାରତ ଅନୁଭବ କରିବ ଯେ, ଅନ୍ୟ ଦେଶରୁ ବିପଦ ସୃଷ୍ଟି ହେଉଛି ଏବଂ ହୃଦ୍‌ବୋଧ କରିବ ଯେ ଏହାକୁ ଦୂରେଇଦେବା ପାଇଁ ନିଜେ ସୁଦୃଢ଼ , ସେତେବେଳେ ପଦକ୍ଷେପ ନେବା ଦରକାର। ତେବେ ଏହାକୁ ନେଇ ଉଠୁଥିବା ଅନେକ ପ୍ରଶ୍ନରୁ ଆସନ୍ତୁ ଗୋଟିଏ ଅନୁଧ୍ୟାନ କରିବା। ଏହି ବିପଦ କ'ଣ ଯାହା ବିରୋଧରେ ଆମେ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି ଏବଂ ଏହା କେତେ ଭୟଙ୍କର ? ଏ କ୍ଷେତ୍ରରେ ମୃତ୍ୟୁ ସମ୍ପର୍କିତ ତଥ୍ୟ ଆମକୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସୂଚିତକରେ। ଦକ୍ଷିଣ ଏସିଆ ଉଗ୍ରବାଦ ପୋର୍ଟାଲ ଦର୍ଶାଏ , ୧୯୮୪ରେ ଆରମ୍ଭ ହୋଇଥିବା ପଞ୍ଜାବ ହିଂସାରେ ସେତେବେଳେ ୪୫୬ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହି ବର୍ଷ ଅପରେଶନ ବ୍ଲୁ ଷ୍ଟାର୍ ପରେ ଜଣେ ପ୍ରଧାନମନ୍ତ୍ରୀ ହତ୍ୟାର ଶିକାର ହୋଇଥିଲେ। ୧୯୯୧ରେ ମୃତ୍ୟୁ ସଂଖ୍ୟା ବଢ଼ି ୫୦୦୦ରେ ପହଞ୍ଚିଥିଲା । ପରବର୍ତ୍ତୀ ବର୍ଷ ଏହା ଥିଲା ପ୍ରାୟ ୪୦୦୦ ଓ ପରେ ପୂରା କମିଗଲା। ୧୯୯୮ରୁ ୨୦୧୪ ପର୍ଯ୍ୟନ୍ତ ବାର୍ଷିକ ମୃତ୍ୟୁ ସଂଖ୍ୟା ଶୂନ୍ୟ ଥିଲା। ବିଗତ ୬ ବର୍ଷ ମଧ୍ୟରେ ଏହା ଏକକ ସଂଖ୍ୟାରେ ସୀମିତ ଏବଂ କୌଣସି ସୁରକ୍ଷା ଅଧିକାରୀଙ୍କ ମୃତ୍ୟୁ ଘଟିନାହିଁ। ସରକାର ଏବଂ ସୁରକ୍ଷା ପ୍ରତିଷ୍ଠାନ ଭାବୁଛନ୍ତି ଯେ ଉଗ୍ରବାଦ ଏବେ ବି ଜାତୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଓ ଏଥିପାଇଁ ଅନ୍ୟ ଉପରେ ଅଭିଯୋଗ ଲଦି ଦିଆଯାଉଛି। ଘୃଣା ଅର୍ଥ ନୁହେଁ ଯେ, ସେମାନଙ୍କଠାରୁ ଜାତୀୟ ସୁରକ୍ଷା ପ୍ରତି ବିପଦ ଅଛି। ତେବେ ଜାତୀୟ ସୁରକ୍ଷା ପ୍ରତି ବିପଦ ସମ୍ପର୍କରେ ଆମ ସରକାର କ'ଣ କହୁଛନ୍ତି ତାହାର ଉତ୍ତର କୌଣସି ସ୍ଥାନରେ ନ ଥିବା ଜଣାପଡ଼େ। ଜାନୁୟାରୀ ୨୦୨୧ରେ ଏକ ଥିଙ୍କ୍ ଟ୍ୟାଙ୍କ୍ ଜଣେ ଅବସରପ୍ରାପ୍ତ ଜେନେରାଲଙ୍କ ଦ୍ୱାରା ଏକ ରିପୋର୍ଟ ପ୍ରକାଶ କରିଥିଲା। ସେଥିରେ ସେ ଲେଖିଥିଲେ, ସୈନ୍ୟବାହିନୀରେ ପ୍ରବର୍ତ୍ତିତ ପରିବର୍ତ୍ତନଗୁଡ଼ିକ ଅଗ୍ରଣୀ ଅଧିକାରୀଙ୍କୁ (ସେତେବେଳେ ଜେନେରାଲ ବିପିନ ରାୱତ) ନିଜର ରଣନୈତିକ ତଥା ସାମରିକ ବିଚକ୍ଷଣତା ପ୍ରଦର୍ଶନ କରିବାକୁ ଏକ ସୁଯୋଗ ଦେଇଥିଲା। ଦୁର୍ଭାଗ୍ୟବଶତଃ, ରିପୋର୍ଟ ସିଦ୍ଧାନ୍ତରେ ଦର୍ଶାଯାଇଛି ଯେ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏ ପର୍ଯ୍ୟନ୍ତ ପ୍ରତିରକ୍ଷା ରଣନୀତି ପ୍ରସ୍ତୁତ କରିନାହାନ୍ତି। ସମ୍ଭବତଃ ଏହା ପଛର ଏକ କାରଣ ହେଲା ବାସ୍ତବରେ ସମସ୍ୟାର ବିଶେଷତା କ'ଣ ତାହା ସରକାର ଏ ପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି।

୬ ବର୍ଷ ପୂର୍ବେ ୨୦୧୮ରେ ପ୍ରତିରକ୍ଷା ଯୋଜନା କମିଟି ସୃଷ୍ଟି ହୋଇଥିଲା । ଏହି କମିଟିର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଧ୍ୟକ୍ଷ ଥିବା ସହ ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ସିଡିଏସ୍, ୩ ସେନା ମୁଖ୍ୟ ଏବଂ ଅର୍ଥ ମନ୍ତ୍ରଣାଳୟର ସଚିବମାନେ ଥିଲେ। ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ ଫର୍ ଡିଫେନ୍ସ ଷ୍ଟଡିଜ ଏବଂ ଆନାଲିସିସ୍ ଅନୁଯାୟୀ ଏହା ଉପରେ ପ୍ରତିରକ୍ଷା ସମ୍ପର୍କିତ ଅନେକ ଦାୟିତ୍ୱ ରହିଥିଲା। କିନ୍ତୁ ୩ ମେ ୨୦୧୮ ରେ କେବଳ ଥରେ ଏହାର ବୈଠକ ବସିଥିଲା ଏବଂ ପରେ ଏହା ଆଉ ହୋଇନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଗୋଟିଏ ସରକାର ଏବଂ ଏକ ଦଳ ଜାତୀୟ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବା କହୁଛନ୍ତି। ଏହି ପ୍ରସଙ୍ଗରେ ଚଳିତ ବର୍ଷ ମେ' ମାସରେ ପ୍ରକାଶିତ ରିପୋର୍ଟର ଶୀର୍ଷକ ଥିଲା ,'ଲିଖିତ ଜାତୀୟ ସୁରକ୍ଷା ରଣନୀତି ନ ଥିବା ମାନେ ନୁହେଁ ଯେ ଭାରତରେ ଏକ ସିଡିଏସ୍ ନାହିଁ। ଏଥିରେ ପୂର୍ବତନ ଜେନେରାଲ ପ୍ରକାଶ ମେନନ୍ ଉଲ୍ଲେଖ କରିଥିଲେ ଯେ, ଅନେକ ଦଶନ୍ଧି ଧରି ସାମରିକ କ୍ଷେତ୍ରକୁ ଭାରତ ଯେଉଁ ରାଜନୈତିକ ମାର୍ଗଦର୍ଶନ କରିଆସିଛି ସେଥିରେ ପାକିସ୍ତାନକୁ ବଡ଼ ବିପଦ ଭାବେ ଦର୍ଶାଯାଇଛି। ଏବେ ଆମ ସାମ୍ନାରେ ଚାଇନା ବିପଦ ବୋଲି କୁହାଯାଉଛି । ବାସ୍ତବରେ ଏଭଳି ମାନସିକତାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ୨୦୦୯ରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନିଙ୍କ ଦ୍ୱାରା ଲିଖିତ 'ରକ୍ଷାମନ୍ତ୍ରୀଙ୍କ ଅପରେଶନାଲ ଡିରେକ୍ଟିଭ'ରେ ଜେନେରାଲ ମେନନ୍‌ଙ୍କ ମତ ଥିଲା ଯେ, ଏକ ସମନ୍ୱିତ ଜାତୀୟ ସୁରକ୍ଷା ରଣନୀତି ନ ଥିବାରୁ ସଫଳତା ମିଳିପାରୁ ନାହିଁ। ୨ ବର୍ଷ ପୂର୍ବେ ଏନ୍‌ଏସ୍‌ଏ ଦ୍ୱାରା ପରିଚାଳିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି କାର୍ଯ୍ୟ ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ଏଥିରେ କିଛି ବି ଅଗ୍ରଗତି ହୋଇନାହିଁ। ଶୀର୍ଷରେ ଥାଇ କୌଣସିଥିରେ ଆଗ୍ରହ ରଖୁ ନ ଥିବା ଜଟିଳ ସଂସ୍ଥାଗୁଡ଼ିକରେ ଏହା ଘଟୁଛି । ମହାଶକ୍ତି ହେବାକୁ ଆଶା କରୁଥିବା ଏକ ଦେଶର ଲିଖିତ ଜାତୀୟ ସୁରକ୍ଷା ରଣନୀତି ନ ଥିବାର କାରଣ ହେଉଛି କାର୍ଯ୍ୟର ବୌଦ୍ଧିକ ଦିଗଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ କିମ୍ବା କଠିନ ଦାୟିତ୍ୱ ପ୍ରତି ଆଗ୍ରହ ନାହିଁ ଏବଂ ଅର୍ଥହୀନ ତଥା ରାଜନୈତିକ ତାମସା ଉପରେ ଅଧିକ ଗୁରୁତ୍ୱ ଦିଆଯିବା। ସମାନ ବିଷୟରେ ଆମେରିକା ଏବଂ କାନାଡା ପ୍ରତି ଆମର ବିପରୀତ ପ୍ରତିକ୍ରିୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ତେବେ ତାହା ହେଉଛି ଅନ୍ତର୍ଜାତୀୟ ବ୍ୟବସ୍ଥାର ସ୍ୱରୂପ ଯେଉଁଥିରେ ଶକ୍ତିଶାଳୀମାନଙ୍କ କାର୍ଯ୍ୟକୁ ଦୁର୍ବଳମାନେ ଭୋଗିବାକୁ ବାଧ ହେଉଛନ୍ତି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | 6 | 8 | | |
| 6 | | | | 1 | | | | |
| | | | 8 | 4 | | 5 | 3 | |
| | 5 | 9 | | | | | | 7 |
| | | | 6 | | | | | |
| 4 | | | | 3 | | | 8 | |
| 9 | | | 4 | 5 | | 3 | | |
| | | 6 | | | 7 | 1 | | |
| | | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 8 | 3 | 9 | 1 | 4 | 5 |
| 9 | 4 | 3 | 7 | 5 | 1 | 2 | 8 | 6 |
| 5 | 8 | 1 | 4 | 6 | 2 | 7 | 9 | 3 |
| 6 | 5 | 9 | 2 | 8 | 7 | 3 | 1 | 4 |
| 1 | 2 | 4 | 3 | 9 | 5 | 8 | 6 | 7 |
| 8 | 3 | 7 | 1 | 4 | 6 | 5 | 2 | 9 |
| 4 | 1 | 8 | 9 | 7 | 3 | 6 | 5 | 2 |
| 3 | 9 | 5 | 6 | 2 | 8 | 4 | 7 | 1 |
| 7 | 6 | 2 | 5 | 1 | 4 | 9 | 3 | 8 |

ଗତକାଲିର ଉତ୍ତର

# ଅଲୋଡ଼ା ଶିଶୁଙ୍କ ପ୍ରଶ୍ନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସ୍ରଷ୍ଟାଙ୍କ ସୃଷ୍ଟିରେ ଶିଶୁଟିଏ ବୋଧହୁଏ ବିଶ୍ୱର ସୁନ୍ଦରତମ ସୃଜନ। ଶିଶୁଟିଏ ଈଶ୍ୱରୀୟ ଆତ୍ମାର ଅମର ଅବତାର। ତା'ର ଜନ୍ମଦାତ୍ରୀ ଜନନୀ ପାଇଁ ଶିଶୁ ସନ୍ତାନଟିଏ ସବୁକାଳରେ ଏକ ବାଞ୍ଛିତ ବରଦାନ, ମାତୃତ୍ୱର ଏକ ମୁଗ୍ଧ ଅନୁଭବ। ଜୀବନର ସକଳ ପ୍ରାପ୍ତି ଓ ପ୍ରାଚୁର୍ଯ୍ୟ, ସଂସାରର ଯାବତୀୟ ସମ୍ପଦ ବି ଛୋଟ ପଡ଼ିଯାଏ ଶୈଶବର ଫୁଲଶଯ୍ୟାରେ ଶୋଇ ଦୁଃଖଶୋକହୀନ ଜଗତର ସ୍ୱର୍ଗୀୟ ସୌରଭରେ ସୁରଭିତ ହେଉଥିବା ଶିଶୁଟିର ଉଚ୍ଚତା ଆଗରେ!

ସନ୍ତାନଟିଏ ଜନ୍ମ ଦେଇ ମାଆ ବୋଲାଇଲେ ନାରୀତ୍ୱ କେମିତି ସାର୍ଥକ ହୁଏ, ତାହା ଅନୁଭବର କଥା। ଏହି ଦିବ୍ୟ ଅନୁଭବରୁ ବଞ୍ଚିତ ନାରୀ ଜଣେ ନିଜକୁ ଅଭିଶପ୍ତ ମନେକରେ, ନିଜ ଭାଗ୍ୟକୁ ନିନ୍ଦି ଆପଣାର ବନ୍ଧ୍ୟାତ୍ୱ ପାଇଁ ନୀରବରେ ଆଖିରୁ ଲୁହ ଗଡ଼ାଏ। ପରିସ୍ଥିତି ଏମିତି ହୁଏ ଯେ, କେଉଁଠି ନିଜକୁ ପରିପୂର୍ଣ୍ଣ କରିବାକୁ ଧନୀ ମହିଳା ଜଣେ କେଉଁ ଅନାଥାଶ୍ରମରୁ ପୋଷ୍ୟପୁତ୍ର ଗ୍ରହଣ କରନ୍ତି ତ ଅନ୍ୟ କେଉଁଠି ଗରିବ ନାରୀଟିଏ ସନ୍ତାନ ଚୋରି କରି ଆଣି ନିଜର ବୋଲାନ୍ତି। ବଡ଼ ବିଚିତ୍ର ଯେ ଅବସ୍ଥା! ସନ୍ତାନଟିଏ କୋଳରେ ନ ଥିଲେ ନାରୀତ୍ୱ ଅର୍ଥହୀନ, ଜୀବନ ପୁଣି ମୂଲ୍ୟହୀନ! ସେଥିପାଇଁ ବୋଧହୁଏ କେଇଦିନ ତଳେ ହସ୍ପିଟାଲ ବେଡ୍‌ରୁ ନବଜାତ ଶିଶୁଟିକୁ ଚୋରି କରି ଫେରାର ହୋଇଯାଇଥିବା ଜଣେ ନାରୀ ଘଟଣାର ପ୍ରାୟ ଦୁଇ ସପ୍ତାହ ପରେ ପୋଲିସ ହାତରେ ଧରାପଡ଼ି ନିନ୍ଦିତ ହେଉଥିଲା ବେଳେ କାନ୍ଦି କହି ନ ଥା'ନ୍ତେ– ''ଏ ଅପମାନର ଦୁଃଖ ଓ ନିର୍ଯାତନାଠାରୁ ବନ୍ଧ୍ୟାନାରୀର ଦୁଃଖ ଯେ କେତେ ତୀବ୍ରତର ଏହା କେବଳ ଭୁକ୍ତଭୋଗୀ ହିଁ ଜାଣେ।'' ମାଆ ପାଇଁ ସନ୍ତାନଟିଏ ସଂସାରର ସବୁଠୁ ବଡ଼ ସମ୍ପତ୍ତି।

ଅଥଚ ସେଇ ସନ୍ତାନଟି ପୁଣି କେଉଁ ମାଆ ପାଇଁ ହୋଇପାରେ ସଂସାରର ସବୁଠୁ ବଳି ବଡ଼ ବିପତ୍ତି। ଏମିତି ବିପତ୍ତି ଯେ, ତହିଁରୁ ନିସ୍ତାର ପାଇବା ପାଇଁ କେଉଁଠି ତାକୁ ଖତଗଦାରେ ପୋତି ଦିଆଯାଏ ତ ଅନ୍ୟ କେଉଁଠି ଡ୍ରେନ୍‌ରେ ଅବା ରାସ୍ତାକଡ଼ ଘଞ୍ଚ ବୁଦା ମଧ୍ୟକୁ ଫିଙ୍ଗି ଦିଆଯାଏ। ମାତୃଗର୍ଭର ଅଭୟ ଆଶ୍ରୟରୁ ଭୂପତିତ ହୋଇ ପୃଥିବୀର ପ୍ରଥମ ଆଲୋକ ଦେଖୁ ଦେଖୁ ସେ ସଂସାର ପାଇଁ ଏମିତି ବୋଝ ପାଲଟିଯାଏ ଯେ, ତାକୁ ନିର୍ବିକାରରେ ପରିତ୍ୟାଗ କରି ଯଥାଶୀଘ୍ର ବୋଝମୁକ୍ତ ହେବାକୁ ତା'ର ଜନ୍ମଦାତା ଜନ୍ମଦାତ୍ରୀମାନଙ୍କୁ ତର ସହେନାହିଁ। ଅକାଳରେ ଉଜୁଡ଼ିଯାଏ ଏକ ସ୍ୱପ୍ନମୟ ଶୈଶବ। ଅଦିନରେ ବିଲୟ ଘଟେ ଏକ ସମ୍ଭାବନାମୟ ଭବିଷ୍ୟତର। ସନ୍ତାନଟି ହୋଇପାରେ ବୈଦିକ ବା ବିଧିସମ୍ମତ ଭାବେ ଏକାତ୍ମ ହୋଇଥିବା କୌଣସି ଦମ୍ପତିଙ୍କ ବୈଧ ଶିଶୁ ଅବା ହୋଇପାରେ ଉଦ୍ଦାମ



ଯୌବନର ଉଜାଣି ସୁଅରେ ନିଜ ଦିଗ ହରାଇଥିବା କେହି କୁମାରୀ ମାଆର ଅବୈଧ ସନ୍ତାନ। ବୈଧ ହେଉ କି ଅବୈଧ, ଅଲୋଡ଼ା ଶିଶୁଟିର ଓଜନଦାର ବୋଝରୁ ମୁକ୍ତି ପାଇବାକୁ ନିର୍ମମ ଭାବେ ସଂଘଟିତ ହୁଏ ଏକ ଦେବଶିଶୁର ଅମାନବୀୟ ସଂହାରଲୀଳା। ମଣିଷର କି ପଶୁସୁଲଭ ନିଷ୍ଠୁରତା ସତେ!

କେଇବର୍ଷ ତଳେ ଯାଜପୁର ଜିଲାର ଏକ ଗାଁରେ ଜଣେ ବ୍ୟକ୍ତିଙ୍କ ଖତଗଦାର ଆବର୍ଜନା ମଧ୍ୟରୁ ଦୃଶ୍ୟମାନ ହୋଇଥିଲା କଅଁଳ ପାଦଟିଏ। ସେଇ ସୁନ୍ଦର କୁନିପାଦଟିର ଆକର୍ଷଣରେ ଯେତେବେଳେ ଗାଁଲୋକଙ୍କ ଭିଡ଼ ଜମିଲା, ସେତେବେଳେ ଜଣାପଡ଼ିଲା ଯେ ପାଦଟି ଗୋଟିଏ ସଦ୍ୟଜନ୍ମା ଶିଶୁର। ଅତି ସନ୍ତର୍ପଣରେ ଶିଶୁଟିକୁ ଅଳିଆ ମଧ୍ୟରୁ ଉଦ୍ଧାର କଲାପରେ ଯାହା ନଜରକୁ ଆସିଲା, ତାହା ଥିଲା ସମଗ୍ର ମଣିଷ ଜାତି ପାଇଁ ଦାରୁଣ ଲଜ୍ଜା ଓ ନିମ୍ନତମ ମଣିଷତ୍ୱ ପାଇଁ ଏକ ପ୍ରଚଣ୍ଡ ପ୍ରଶ୍ନବାଚୀ। ଶିଶୁଟି ଝିଅଟିଏ ଥିଲା ଓ ଆବର୍ଜନା ଗଦାରେ ପୋତା ହୋଇ ଶ୍ୱାସରୁଦ୍ଧ ଭାବେ ପ୍ରାଣ ହରାଇବାର ସମସ୍ତ ସମ୍ଭାବନା ସତ୍ତ୍ୱେ ତଥାପି ଜୀବିତ ଥିଲା। ପ୍ରକୃତରେ ଈଶ୍ୱରଙ୍କ ଲୀଳା ବଡ଼ ବିଚିତ୍ର। ବିଜ୍ଞାନ ଓ ବୌଦ୍ଧିକତାର ଚରମ ଉତ୍କର୍ଷ ସତ୍ତ୍ୱେ ଏଠି ବୁଝିବାକୁ କଷ୍ଟ ହୁଏ ଯେ ଅସାବଧାନତାବଶତଃ ମାଆ କାଖରୁ ତଳକୁ ପଡ଼ି ଯେଉଁଠି ଶିଶୁଟିଏ ପ୍ରାଣ ହରାଏ, ସେଠି ପୁଣି ଦଶମହଲା ଉପରୁ ପଡ଼ି ଶିଶୁଟିଏ ଅକ୍ଷତ ରହିପାରେ କେମିତି ବା ଖତଗଦା ମଧ୍ୟରେ ପୋତା ହୋଇ ଜୀବିତ ରହିପାରେ କେମିତି!

ଏବେ ଆସିବା ଆଉ ଏକ ଘଟଣାକୁ, ଯାହା କେଇ ବର୍ଷ ତଳେ ଘଟିଥିଲା ପଶ୍ଚିମ ଓଡ଼ିଶାର କୌଣସି ଏକ ଗାଁରେ। ସେ ଥିଲା ଏକ ସଦ୍ୟଜନ୍ମିତ ପୁତ୍ର ସନ୍ତାନ, ଯାହାକୁ ଜନ୍ମ ଦେଇ ତା'ର ଜନନୀ ରୂପେ ପରିଚିତ ହେବାକୁ ଚାହିଁ ନ ଥିବା ମାଆ ଜଣେ ତାକୁ ଗୋଟିଏ ଟୋକେଇରେ ଶୁଆଇ ଏକ ନାଳର ସୁଅରେ ଭସାଇ ଦେଇଥିଲା। ଏହା ଥିଲା ଆଉ ଜଣେ କୁନ୍ତୀଙ୍କ କାହାଣୀ, ଯିଏ ନିଜ ପ୍ରାକ୍ ବୈବାହିକ ଜୀବନର ପାପକୁ ଲୁଚାଇ ରଖିବାକୁ ସେଇ ଅଲୋଡ଼ା ସନ୍ତାନଟିକୁ ଟେକି ଦେଇଥିଲା ଅଦୃଷ୍ଟ ମହାକାଳ ହାତରେ। ନାଳରେ ଭାସି ଯାଉଥିବା ଛୋଟ ଭେଳାଟି ଭିତରୁ କୁଆଁ କୁଆଁ କାନ୍ଦ ଶୁଣି କେହି ଜଣେ ଉଦାର ପଥଚାରୀ ତାଙ୍କୁ ଉଦ୍ଧାର କରିଥିଲେ ଓ ଯାବତୀୟ ପ୍ରତିକୂଳ ମଧ୍ୟରେ ତଥାପି ବଞ୍ଚି ରହିଥିବା ଶିଶୁପୁତ୍ରଟିକୁ ହସ୍ପିଟାଲକୁ ନେଇଯାଇଥିଲେ। ଉପରେ ତାତିଲା ସୂର୍ଯ୍ୟ ଓ ତଳେ ଗଭୀର ଜଳରାଶି ଉପରେ ଭାସି ଆସିଥିବା କଅଁଳ ଶିଶୁଟି ତା' କୁନି କୁନି ଆଖି ଦିଓଟିରେ ତାକୁ ଚିକିତ୍ସା କରୁଥିବା ଡାକ୍ତର, ନର୍ସ ଓ ଆଗ୍ରହାତିଶଯ୍ୟରୁ ତା' ଦୁର୍ଭାଗ୍ୟକୁ ଉପଭୋଗ କରୁଥିବା ଦେଖଣାହାରିଙ୍କୁ ଚାହିଁ ଅଶ୍ରୁତ ଶବଦରେ ପଚାରୁଥିଲା ସଂସାରକୁ ଆସୁ ଆସୁ ମୋତେ ଏଠାରୁ ତଡ଼ିଦିଆଯାଉଥିଲା କାହିଁକି? ଜୀବନ ଜୀଉଁ ଜୀଉଁ ମୋତେ ମାରିଦିଆ ଯାଉଥିଲା କାହିଁକି?

ଅବିକଳ ଏମିତି ପ୍ରଶ୍ନଟିଏ ବି ପଚାରିଲା ସେଦିନ ଖତଗଦାର ଅଳିଆ ମଧ୍ୟରୁ ଉଦ୍ଧାର ପାଇଥିବା ସେଇ ସଦ୍ୟଜାତ ଝିଅଟି– ''ମୋତେ ମାରିଦିଆଯାଉଥିଲା କାହିଁକି?''ଯେ କାହିଁକି କେବଳ ଯାଜପୁର ଅବା ପଶ୍ଚିମ ଓଡ଼ିଶାରୁ ପ୍ରତିଧ୍ୱନିତ ହୋଇଥିବା 'କାହିଁକି' ନୁହେଁ। ନବ୍ୟ ଆଧୁନିକତା ମଧ୍ୟରେ ନିଜ ମୁହଁ ଲୁଚାଇ ବଢ଼ି ଚାଲୁଥିବା ଅନୈତିକ ସମ୍ପର୍କରୁ ସୃଷ୍ଟି ହେଉଥିବା ବହୁ ଅବାଞ୍ଛିତ ସନ୍ତାନମାନଙ୍କଠୁ ଅନୁରଣିତ ହେଉଥିବା ଏକ ମାର୍ମିକ କୈଫିୟତ ତଲବର ଏ ସ୍ୱର କାହିଁକି! ଏ ସ୍ୱର କେବଳ କୁଆଁରୀ ମାଆ ଓ ତାଙ୍କ ସାଥୀଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ନୁହେଁ। ସମଗ୍ର ମଣିଷସମାଜ ଉଦ୍ଦେଶ୍ୟରେ ଏ ପ୍ରଶ୍ନ। ଆଧୁନିକ ମଣିଷ ନିଜ ଅଭ୍ୟନ୍ତରକୁ ଟିକେ ନିରେଖି ଚାହାନ୍ତା ସିନା, ଜାଣନ୍ତା, ଆଧୁନିକତାର ସକଳ ଉପାଦାନ ଭରପୂର ଥାଇ ବି ମଣିଷ ତା'ର ନିମ୍ନତମ ମଣିଷପଣିଆ ଟିକକ କେଉଁଠି ହଜାଇ ଦେଇଛି। ପାଲଟି ଯାଇଛି ପଶୁଠାରୁ ଆହୁରି ଇତର, ଅଧିକ ନିର୍ମମ ଓ ହୃଦୟହୀନ!

ପଶୁମାନଙ୍କ ମଧ୍ୟରେ ଥିବା ମାତୃତ୍ୱର ମହକ କେବେ ଆଘ୍ରାଣ କରିଥିବେ କି ଖତଗଦା ବା ନାଳରେ ନିଜ ନିଜର ସଦ୍ୟଜନ୍ମା ସନ୍ତାନଙ୍କୁ ନିକ୍ଷେପ କରିଥିବା ମାଆମାନେ! ଗଭୀର ଖାତ ମଧ୍ୟକୁ ଖସି ପଡ଼ିଥିବା ହାତୀଛୁଆକୁ ଉଦ୍ଧାର କରିବାକୁ ମାଆ ହାତୀର ବିକଳ ଆର୍ତ୍ତନାଦ କେବେ ତାଙ୍କ କାନରେ ପଡ଼ିଥିବ କି? ସନ୍ତାନ ପାଇଁ ମାଆର ମମତାର ଅପୂର୍ବ ଦୃଷ୍ଟାନ୍ତ ଆଉ କାହାଣୀମାଳାର ବଉଳା ଗାଈ ଉପାଖ୍ୟାନଠୁ ଆଉ ଅଧିକ କେଉଁଠି ମିଳିପାରିବ। ବାଘ ମୁହଁରେ ପଡ଼ି ମରିବା ନିଶ୍ଚିତ ଜାଣି ନିଜ ସଦ୍ୟଜାତ ବାଛୁରୀକୁ କ୍ଷୀର ପିଆଇବା ପାଇଁ ବ୍ୟାକୁଳ ଭାବେ ବାଘକୁ କାକୁତିମିନତି ହେଉଥିଲା ବଉଳା ଗାଈଟି। ନିଜ ସନ୍ତାନ ପାଇଁ ଝରି ପଡୁଥିବା ମାଆ ଗାଈଟିର ମମତା ବାଘ ଭଳି ହିଂସ୍ର ପ୍ରାଣୀଟିକୁ ତରଳାଇ ଦେଇଥିଲା। ସେ ବଉଳାକୁ ଛାଡ଼ି ଦେଇଥିଲା। ପଶୁ ହେଲେ ବି ନିଜ ସତ୍ୟ ରକ୍ଷା କରି ବଉଳା ତା' ବାଛୁରୀକୁ କ୍ଷୀର ପିଆଇ ପୁଣି ଫେରି ଆସିଥିଲା ମରଣ ମୁହଁକୁ। ବଉଳା ପଶୁଟିଏନା! ଅଥଚ ନିଜ ସନ୍ତାନର ସୁରକ୍ଷା ଚିନ୍ତା ତାକୁ ଏତେ ବ୍ୟତିବ୍ୟସ୍ତ କରିଥିଲା ଯେ ସେ ଶାନ୍ତିରେ ମରିପାରୁ ନ ଥିଲା। ମାତ୍ର ମଣିଷ ମାଆମାନେ ନିଜ ଜୀବନର ଶାନ୍ତି ଓ ସୁରକ୍ଷା ପାଇଁ ଅନାୟାସରେ ନିଜ ସନ୍ତାନମାନଙ୍କୁ ମାରିଦେଇପାରନ୍ତି! ଛି...!

ପ୍ରଜ୍ଞା ନିଳୟ
ବିଦ୍ୟାପତି ନଗର, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସରୋଗେଟ୍ ମଦର



ଡା. ଶୁଭଶ୍ରୀ ମିଶ୍ର

ସରୋଗେସୀ କରୁଥିବା ମହିଳା କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ସରୋଗେସୀ ଦ୍ୱାରା ମାତୃତ୍ୱ ଓ ପିତୃତ୍ୱ ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଛୁଟି ପ୍ରଦାନ ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ପ୍ରଦାନ ପାଇଁ ଆଇନତଃ ବ୍ୟବସ୍ଥା ହୋଇଛି। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଦୁଇରୁ କମ୍ ଜୀବିତ ସନ୍ତାନ ଥିବା ରାଜ୍ୟ ସରକାରୀ ମହିଳା କର୍ମଚାରୀ ସରୋଗେଟ ମାତୃତ୍ୱ ଲାଭ କଲେ ହିଁ ସେମାନେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହାସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ ଯିଏ ୨ରୁ କମ୍ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ପିତା ବା କମିସନିଂ ଫାଦର ହୁଅନ୍ତି ସେ ସନ୍ତାନ ଜନ୍ମ ତାରିଖରୁ ଛଅ ମାସ ମଧ୍ୟରେ ପନ୍ଦର ଦିନର ପିତୃତ୍ୱ ଛୁଟି ଲାଭ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ। ତେବେ ଏହି ଛୁଟି ଲାଭ କରିବାକୁ ସରୋଗେସୀ କ୍ଷେତ୍ରରେ ରହିଥିବା ରାଜିନାମା ସହିତ ପଞ୍ଜୀକୃତ ଡାକ୍ତର ଓ ସମ୍ପୃକ୍ତ ଡାକ୍ତରଖାନାରୁ ପାଇଥିବା ଚିକିତ୍ସା ସମ୍ବନ୍ଧିତ ସମସ୍ତ କାଗଜପତ୍ର ପ୍ରଦାନ କରିବାକୁ ପଡ଼ିବ।

'ସରୋଗେଟ୍ ମଦର' ବା (ଗର୍ଭାଶୟ ଭଡ଼ା ଦେଉଥିବା ମହିଳା) ବ୍ୟବସ୍ଥା ବର୍ତ୍ତମାନ ଭାରତର ମହାନଗରରେ ବଡ଼ ବ୍ୟବସାୟରେ ପରିଣତ ହୋଇଛି। ବିଦେଶରୁ ନିଃସନ୍ତାନ ଦମ୍ପତିମାନେ କମ୍ ଖର୍ଚ୍ଚରେ ସନ୍ତାନ ଲାଭ ପାଇଁ ଏଠାକୁ ଆସୁଛନ୍ତି। ଏହି କାରଣରୁ ବର୍ତ୍ତମାନ ସରକାର ସରୋଗେଟ୍ ଶିଶୁ ଜନ୍ମଜନିତ ଆଇନ ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି। ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଯାଆଁଳା ସନ୍ତାନଙ୍କ ପାଇଁ ଜର୍ମାନ ଦମ୍ପତିଙ୍କ ପାସ୍‌ପୋର୍ଟ ଆବେଦନ ସମ୍ପର୍କରେ ନିକଟରେ ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି, ଏହା କେବଳ ଦୁଇ ଶିଶୁଙ୍କର ସମସ୍ୟା ନୁହେଁ, ଏହା ଏକ ସାମାଜିକ ଓ ମାନବୀୟ ସମସ୍ୟା। ଏଥିସହ ସୁପ୍ରିମକୋର୍ଟ କହିଛନ୍ତି, ଯାଆଁଳା ଶିଶୁ ଦୁହିଁଙ୍କୁ ସରକାର ପାସ୍‌ପୋର୍ଟ ପ୍ରଦାନ କରିବା ପାଇଁ ଜର୍ମାନ ସରକାର ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବ ବୋଲି ଏକ ସତ୍ୟପାଠ ଯାଆଁଳା ପିଲାଦୁଇଟିର ପିତା ଜନ୍ ବ୍ଲାଉଙ୍କୁ ଦାଖଲ କରିବାକୁ ପଡ଼ିବ। ଏହାଛଡ଼ା ସେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କଲେଣି ନା କାହିଁ ତାହା ମଧ୍ୟ ଜଣାଇବା ପାଇଁ ସୁପ୍ରିମକୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ପାଇଁ ଚିନ୍ତାର ବିଷୟ ହେଉଛି ଉକ୍ତ ଶିଶୁଦ୍ୱୟଙ୍କ ପିତା ଭାରତୀୟ ପାସ୍‌ପୋର୍ଟ ଜରିଆରେ ସେମାନଙ୍କୁ ଜର୍ମାନ୍ ନେଇଯିବାକୁ ଚାହୁଁଛନ୍ତି। ଶିଶୁ ଦୁହିଁଙ୍କର ଭାରତୀୟ ନାଗରିକତ୍ୱ ନିମନ୍ତେ ତାଙ୍କର କୌଣସି ଆଗ୍ରହ ନାହିଁ। ମାତ୍ର ଜଣେ ବିଦେଶୀ ନାଗରିକ ଜଣେ ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଶିଶୁକୁ ବିଦେଶ ନେଇଯିବେ ଏହା କେତେଦୂର ଯୁକ୍ତିଯୁକ୍ତ। ସେମାନେ ଶିଶୁକୁ ପୋଷ୍ୟ ଭାବରେ ଗ୍ରହଣ କରୁନାହାନ୍ତି କାହିଁକି ? ଆଇନତଃ ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ଅତିକମ୍‌ରେ ଶିଶୁର ଭବିଷ୍ୟତ ସୁରକ୍ଷିତ ରହିବ। ଶିଶୁକୁ ଦେଶହୀନ କରି କିପରି ଛାଡ଼ିଦେଇ ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

ଆର୍ଟର୍ନି ଜେନେରାଲ ନୋଏଲ କିନ୍‌ଙ୍କୁ



ସରୋଗେସୀ ଆଇନର ଜନକ ବୋଲି କୁହାଯାଇପାରେ। ଚିକିତ୍ସାବିତ୍ ୱାରେନ୍ ଜେ ରିଙ୍ଗଓଲ୍ଡଙ୍କ ସହ ମିଶି ସେ ଏହି ଆଇନର ରୂପରେଖ ପ୍ରସ୍ତୁତ କରିଥିଲେ। ୧୯୮୬ ରେ ସରୋଗେସୀ ଦ୍ୱାରା ଜନ୍ମ ହୋଇଥିବା ଶିଶୁକନ୍ୟା ମେଲିସା ଷ୍ଟର୍ନଙ୍କୁ ତାଙ୍କର ସରୋଗେଟ୍ ମା' ମ୍ୟାରି ବେଥ୍ ହ୍ୱାଇଟ୍‌ହେଡ ତାଙ୍କର ପ୍ରକୃତ ମାତାପିତା ୱିଲିୟମ ଷ୍ଟର୍ନ ଓ ଏଲିଜାବେଥ ଷ୍ଟର୍ନଙ୍କୁ ପ୍ରଦାନ ନ କରିବାକୁ ଆମେରିକାର ସରୋଗେସୀ ଆଇନ ପ୍ରଣୟନ ହୋଇଥିଲା। ପ୍ରାୟତଃ ଦେଶ ଯେଉଁ ମହିଳାଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୁଏ ତାଙ୍କୁ ଉକ୍ତ ଶିଶୁର ମା' ଭାବରେ ମାନନ୍ତି। ମାତ୍ର ଏବେ ଅନେକ ଦେଶରେ ସରୋଗେସୀ ଆଇନ ପ୍ରଣୟନ ହେଲାଣି। ଯେଉଁଠାରେ ଜନ୍ମଦାତ୍ରୀ ମା' ଓ ପ୍ରକୃତ ମାତାପିତା ଗୋଟିଏ ଦେଶର ସେ ସ୍ଥାନରେ ଶିଶୁ ନିମନ୍ତେ ପ୍ରାୟ ଆଇନଗତ ପ୍ରତିବନ୍ଧକ ନ ଥାଏ। ମାତ୍ର ଯେତେବେଳେ ସେମାନେ ଭିନ୍ନ ଦେଶର ନାଗରିକ ସେତେବେଳେ ଶିଶୁର ନାଗରିକତ୍ୱ ନେଇ ପ୍ରଶ୍ନ ଉଠେ। ଭାରତରେ ସରୋଗେଟ୍ ଶିଶୁ ଜନ୍ମ ମାନବୀୟ ସମସ୍ୟା ସୃଷ୍ଟି ନ କରୁ କିମ୍ବା ଭାରତୀୟ ମହିଳାମାନଙ୍କୁ ଶୋଷଣ ନ କରୁ ସେଥିପାଇଁ ଭାରତୀୟ ଆଇନ କମିଶନ ଏକ ପ୍ରସ୍ତାବ ଦେଇଛନ୍ତି। ସେହି ଅନୁଯାୟୀ – ସରୋଗେଟ୍ ଶିଶୁ ପାଇଁ ଉଭୟ ପକ୍ଷ ମଧ୍ୟରେ ଉପଯୁକ୍ତ ଚୁକ୍ତି ରହିବା ଆବଶ୍ୟକ। ଗର୍ଭଧାରିଣୀ ମହିଳାଙ୍କର ସହମତି, ତାଙ୍କ ସ୍ୱାମୀ ବା ପରିବାରର ସହମତି, ଗର୍ଭଧାରଣଠାରୁ ଶିଶୁ ଜନ୍ମ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ପ୍ରଦାନ, ଜନ୍ମ ପରେ ଶିଶୁ ହସ୍ତାନ୍ତର ଆଦି ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ଉକ୍ତ ଶିଶୁର ଜନ୍ମ ପୂର୍ବରୁ ମାତାପିତାଙ୍କର ମୃତ୍ୟୁ ଘଟିଲେ କିମ୍ବା ବିବାହ ବିଚ୍ଛେଦ ହେଲେ କିମ୍ବା ଶିଶୁ ଜନ୍ମ ପରେ ଉକ୍ତ ଶିଶୁକୁ ଦେବା ପାଇଁ ସେମାନେ ଅନାଗ୍ରହ ପ୍ରକାଶ କଲେ ଶିଶୁ ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଗର୍ଭଧାରିଣୀ ମା'ର ଜୀବନ ବୀମା କରାଇବା ଆବଶ୍ୟକ। ସରୋଗେଟ୍ ଶିଶୁ ପାଇଁ ଆଗ୍ରହୀ ଦମ୍ପତିଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ଗର୍ଭଧାରଣ ପାଇଁ ଶୁକ୍ରାଣୁ ବା ଗର୍ଭାଣୁ ଦାନ କରିବା ଆବଶ୍ୟକ। କାରଣ ରକ୍ତର ସମ୍ପର୍କ ବନ୍ଧନକୁ ଅଧିକ ମଜଭୁତ୍ କରେ ଏବଂ ଶିଶୁକୁ ଦୁର୍ବ୍ୟବହାରରୁ ରକ୍ଷା କରେ। ଆଇନ ବ୍ୟବସ୍ଥା ସରୋଗେଟ୍ ଶିଶୁକୁ ତା'ର ମାତାପିତାଙ୍କ ବୈଧ ସନ୍ତାନ ଭାବରେ ସ୍ୱୀକୃତି ଦେବା ଆବଶ୍ୟକ। ସରୋଗେଟ୍ ଶିଶୁର ଜନ୍ମ ପ୍ରମାଣ ପତ୍ରରେ ସରୋଗେଟ୍ ମା' ବଦଳରେ ପ୍ରକୃତ ମାତାପିତାଙ୍କ ନାମ ଉଲ୍ଲେଖ ରହିବା ଆବଶ୍ୟକ।

ଏହା ବ୍ୟତୀତ ଭାରତୀୟ ମହିଳାମାନଙ୍କୁ ସରୋଗେସୀ ନାମରେ ଶୋଷଣ କରାଯିବା ମଧ୍ୟ ଆଇନ କମିଶନଙ୍କୁ ବିବ୍ରତ କରିଛି। ଏହା ବ୍ୟତୀତ ସରୋଗେସୀକୁ ବ୍ୟବସାୟିକ ରୂପ ଦେବା ମଧ୍ୟ ଏକ ସମସ୍ୟା ରୂପେ ଉଭାହୋଇଛି। ଏହାଦ୍ୱାରା କେତେକ କ୍ଲିନିକ୍ ନିର୍ଦ୍ଦିଷ୍ଟ ମହିଳାଙ୍କୁ ବାରମ୍ବାର ଗର୍ଭଧାରଣ ନିମନ୍ତେ ପ୍ରବର୍ତ୍ତାଉଛନ୍ତି। ପ୍ରତି ୪୮ ଘଣ୍ଟାରେ ଜଣେ ବ୍ରିଟିଶ୍ ଦମ୍ପତିଙ୍କର ସରୋଗେଟ୍ ଶିଶୁ ଭାରତରେ ଜନ୍ମ ଗ୍ରହଣ କରୁଥିବା ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ଏ ସବୁର ନିରାକରଣ ନିମନ୍ତେ ଆସିଷ୍ଟେଡ ରିପ୍ରଡ଼କ୍ଟିଭ ଟେକ୍ନୋଲୋଜି ବିଲ୍ ପ୍ରଣୟନ କରାଯାଇ ଭାରତରେ ସରୋଗେଟ୍ ଶିଶୁ ଜନ୍ମକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରାଯିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ମୋ:୯୮୬୧୪୬୩୪୦୬

## ଏଇ ଭାରତରେ

ଡାକ୍ତର ଚାକିରି ଛାଡ଼ି ପିଲାଙ୍କ ପାଇଁ କଣ୍ଢେଇ ତିଆରି କରୁଛନ୍ତି ଚଣ୍ଡିଗଡ଼ର ଡା. ଶ୍ୱେତା ଗୁପ୍ତା। ୧୨ବର୍ଷ ବୟସରୁ କମ୍ ବୟସର ପିଲାମାନଙ୍କ ପାଇଁ ସେ କନାରେ କଣ୍ଢେଇ ତିଆରି କରୁଛନ୍ତି ଏବଂ ଏହା ମଧ୍ୟ ତାଙ୍କ ରୋଜଗାରର ଏକ ଉତ୍ସ ହୋଇଯାଇଛି। ଏଥିରୁ ସେ ବର୍ଷକୁ ୧୫ ଲକ୍ଷ ଟଙ୍କା ମଧ୍ୟ ପାଉଛନ୍ତି। ଡା. ଶ୍ୱେତା ତିଆରି କରୁଥିବା କଣ୍ଢେଇଗୁଡ଼ିକ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ତାଙ୍କ ହାତ ତିଆରି କଣ୍ଢେଇ ସମସ୍ତଙ୍କୁ ଆକର୍ଷଣ କରିପାରିଛି। ଏପରି କି ସୋନମ କପୁର, ସୋହା ଅଲ୍ଲି ଖାନ ଏବଂ ନେହା ଧୁପିଆ ଭଳି ଚଳଚ୍ଚିତ୍ର ତାରକାମାନେ ତାଙ୍କ ପ୍ରଶଂସକ ପାଲଟି ଯାଇଛନ୍ତି। ସେ ୨୦୨୨ରେ ଲିଟିଲ ଲାମ୍ବା ଷ୍ଟାର୍ଟଅପ ଗଠନ କରିଥିଲେ ଓ ପରେ ତା' ମାଧ୍ୟମରେ ସେ କଣ୍ଢେଇ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। କଣ୍ଢେଇଗୁଡ଼ିକର ମୂଲ୍ୟ ୭୦୦ରୁ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ୨୦୧୨ରେ ଶ୍ୱେତା ଏମ୍‌ବିବିଏସ୍ ଶେଷକରି ଗୁର୍‌ଗାଁଓର ମେଦାନ୍ତ ହସ୍ପିଟାଲରେ ଚାକିରି କରିଥିଲେ। ଦୀର୍ଘ ୧୦ ବର୍ଷ ଚିକିତ୍ସା ସେବାରେ ରହିବା ପରେ ତାହାକୁ ଛାଡି କଣ୍ଢେଇ ତିଆରି କାମକୁ ଅଦରି ନେଇଥିଲେ। ତଥାପି ଏହି କାମ ଭିତରେ ବି ସେ ରୋଗୀ ସେବା ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୭୫

- ଭାରତର ବିଶିଷ୍ଟ କର୍ଣ୍ଣାଟକୀ ସଙ୍ଗୀତଜ୍ଞ ଚିତ୍ତୁର ସୁବ୍ରମନିୟା ପିଲାଙ୍କ ୭୬ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସରକାର ଆଦିବାସୀ ଓ ହରିଜନ ପ୍ରାର୍ଥୀଙ୍କ ପ୍ରାଇଭେଟ୍ ପାଇଲଟ୍ସ ଟ୍ରେନିଂ ନିମନ୍ତେ ୨୦ଟି ଛାତ୍ରବୃତ୍ତି ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି।
- ହିମାଚଳ ପ୍ରଦେଶ ଅନ୍ତର୍ଗତ ସୋଣ ନଦୀ ଉପତ୍ୟକାରେ ପ୍ରଥମଥର ୫୦ ହଜାର ବର୍ଷ ତଳର ପ୍ରସ୍ତର ଯୁଗୀୟ କେତେକ ସନ୍ଧାନ ମିଳିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ରସୁଣ ଓ ପିଆଜର ମୂଲ୍ୟବୃଦ୍ଧି

ମହାଶୟ,

ସାରା ରାଜ୍ୟରେ ଏବେ ରସୁଣ ଓ ପିଆଜକୁ ନେଇ ହାଣ୍ଡିଶାଳରେ କଷଣ ବଢ଼ିଚାଲିଛି। ଅପରପକ୍ଷେ ଆଳୁ ଓ ଅଦା ଦର ଉଚ୍ଚା ରହିଛି। ରସୁଣ କିଲୋ ୪୦୦ ଟଙ୍କା ଛୁଇଁଲାଣି। ଏବେ ଆନ୍ଧ୍ରରେ ପ୍ରବଳ ଝଡ଼ବର୍ଷା ଯୋଗୁ ପିଆଜ ଅମଳ ବାଧାପ୍ରାପ୍ତ ହୋଇଛି। ପିଆଜ କିଲୋ ୬୦ ଟଙ୍କାରୁ ୬୫ ଟଙ୍କାରେ ବିକ୍ରୟ ଚାଲିଛି। ତେଣୁ ଗ୍ରାହକ ବାଧ ହୋଇ ଶହେ, ପଚାଶ ଗ୍ରାମ କିଣି ଚଳାଇ ନେଉଛନ୍ତି। ଗତ କିଛିଦିନ ହେବ ପିଆଜ ୬୦ରୁ ୬୫, ଆଳୁ ୩୦ରୁ ୩୫ ଟଙ୍କା, ଅଦା କିଲୋ ୨୦୦ରୁ ୨୫୦ ଟଙ୍କା ରହିଛି। ଆମ ରାଜ୍ୟରେ ଦୈନିକ ୧୫ଶହରୁ ୧୬ଶହ ଟନ୍ ପିଆଜ ଆବଶ୍ୟକ। ତେଣୁ ନାସିକ ସହ ଆନ୍ଧ୍ରପ୍ରଦେଶରୁ ଆସୁଥିବା ପିଆଜ ଆମର ଚାହିଦା ମେଣ୍ଟାଇଥାଏ। ଆମ ରାଜ୍ୟରେ ରସୁଣ ଉତ୍ପାଦନ ହେଉ ନ ଥିବାରୁ କାନପୁର ଓ ଗୁଜରାଟରୁ ରସୁଣ ଆସୁଛି। ଏବେ ପ୍ରବଳ ବର୍ଷା ଯୋଗୁ ମଧ୍ୟପ୍ରଦେଶରୁ ଉଚ୍ଚା ଦରରେ ରସୁଣ ଆସିବ। ରାଜ୍ୟ ବ୍ୟବସାୟୀ ମହାସଂଘ ଗଣମାଧ୍ୟମରେ କହିଛନ୍ତି, ରାଜ୍ୟରେ ଦରବୃଦ୍ଧି ପାଇଁ ଅନେକ କର୍ପୋରେଟ ହାଉସ ଦାୟୀ। କର୍ପୋରେଟ୍ ହାଉସ୍‌ଗୁଡ଼ିକ ଆଳୁ, ପିଆଜ, ରସୁଣ ଗଚ୍ଛିତ ରଖି ମନଇଚ୍ଛା ଦର ବଢ଼ାଉଛନ୍ତି।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର।
–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା: କୃତୀଙ୍କ ମୁହଁରୁ...

## ପରିଶ୍ରମର ଫଳ ପାଇବି ବୋଲି ଆଶା ଥିଲା



ପ୍ରଥମଥର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲି। ତାଲିକାରେ ଦ୍ୱିତୀୟ ର୍ୟାଙ୍କ୍‌ରେ ମୋ ନାଁ ଥିବା ଦେଖି ଖୁସିରେ କାନ୍ଦି ପକାଇଥିଲି। ଭଲରେ ପଢ଼ିଲେ, ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ। ମୁଁ ବି ଆଗରୁ ଅନେକ ପରୀକ୍ଷା ଦେଇଛି, ବିଫଳ ହୋଇଛି, ନିରୁତ୍ସାହିତ ହୋଇଛି, ମାତ୍ର କେବେ ଆଶା ଛାଡ଼ି ନ ଥିଲି। ୨ବର୍ଷ ମଧ୍ୟରେ ମୁଁ ଅନେକ ଥର ରିଜେକ୍ସନ ବି ପାଇଛି। ପରିଶ୍ରମର ଫଳ ଦିନେ ନା ଦିନେ ପାଇବି ବୋଲି ଆଶା ଥିଲା। ଏଥିପାଇଁ ନିଜେ ପ୍ରସ୍ତୁତ ହେଉଥିଲି ଓ ଜଣେ ସାର୍ ମୋତେ ଗାଇଡ୍ କରୁଥିଲେ। ମୋର ଏହି ସଫଳତା ପଛରେ ପରିବାର, ଶିକ୍ଷକ, ସାଙ୍ଗସାଥୀ ସମସ୍ତଙ୍କର ଅବଦାନ ରହିଛି। ଶିକ୍ଷା ଓ କୃଷିରେ ଓଡ଼ିଶା ଆହୁରି ଉନ୍ନତି କରିବା ଆବଶ୍ୟକ ଏବଂ ଏ କ୍ଷେତ୍ରରେ ମୋର ପ୍ରଚେଷ୍ଟା ଜାରି ରହିବ।

- ପ୍ରିଲିଲ ପରବୀନ ପରିଡ଼ା, ର୍ୟାଙ୍କ ୨, ପୁରୀ ଜିଲା ନିମାପଡ଼ା

## ଲକ୍ଷ୍ୟ ରଖି ପାଠ ପଢ଼ିଲେ ସଫଳତା ମିଳିବ



ଏହା ମୋର ଦ୍ୱିତୀୟ ଆଟେମ୍ପଟ୍ ଥିଲା। କ୍ୱାଲିଫାଏ କରିବାର ଆଶା ଥିଲା, ମାତ୍ର ୪ନମ୍ବର ର୍ୟାଙ୍କ ରହିବ ବୋଲି କେବେ ଭାବି ନ ଥିଲି। ପରୀକ୍ଷାଫଳ ଶୁଣିବା ପରେ ମୋ ଭାଇଙ୍କୁ ଧରି କାନ୍ଦିଥିଲି। ମା'ଙ୍କ ଖୁସିରେ କାନ୍ଦିଲେ। ଏବେ ସମସ୍ତେ ଖୁସି। ମୁଁ ନିଜେ ପ୍ରସ୍ତୁତି ହେଉଥିଲି। ଦିନକୁ କେତେ ଘଣ୍ଟା ପାଠ ପଢ଼ିବି, ତାହାକୁ ଫୋକସ ନ ଦେଇ ଆଜି କେତେ ପଢ଼ିବି, ତାହାକୁ ଅଧିକ ଲକ୍ଷ୍ୟ ଦେଉଥିଲି। ଆଉ ଯେଉଁମାନେ ବି ପ୍ରସ୍ତୁତ ହେଉଛନ୍ତି ସେମାନେ ଟାର୍ଗେଟ ବେସ୍ ପାଠ ପଢ଼ିଲେ ହିଁ ଅଧିକ ଇଫେକ୍ଟିଭ ରହିବ।

- ପ୍ରଜ୍ଞା ପାରଙ୍ଗମ, ର୍ୟାଙ୍କ ୪, ଭୁବନେଶ୍ୱର

## ପଞ୍ଚମ ର୍ୟାଙ୍କରେ ରହିଥିବାରୁ ଖୁସି ଲାଗୁଛି

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପଞ୍ଚମ ର୍ୟାଙ୍କରେ ରହିଥିବାରୁ ଖୁସି ଲାଗୁଛି। ୨୦୨୧ରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଜି ପାସ କରି ଦୁଇ ବର୍ଷ ହେଲ ଦିଲ୍ଲୀରେ ରହି ଓପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲି। ପରୀକ୍ଷା ପାଇଁ ଦିନକୁ ୭ଘଣ୍ଟା ପରିଶ୍ରମ କରି ବିଭିନ୍ନ ଉପାଦେୟ ପୁସ୍ତକ ସହ ଇଂଲିଶ ଖବରକାଗଜ ପଢୁଥିଲି। ମୋର ସଫଳତାର ଶ୍ରେୟ ବାପା ମାଆଙ୍କ ସମେତ ବଡ଼ ଭଉଣୀ କଲ୍ୟାଣୀ ଓ ଲିଜାଲିଂ ଏବଂ ବଡଭାଇ ଆକାଶଙ୍କୁ ପ୍ରଦାନ କରୁଛି। ଆଗାମୀ ଦିନରେ ୟୁପିଏସ୍‌ସି ପରୀକ୍ଷା ଦେଇ ଆଇପିଏସ୍ ଅଧିକାରୀ ହେବାର ଆଶା ରଖିଛି। ବର୍ତ୍ତମାନ ଡେପୁଟି କଲେକ୍ଟର ହେଲେ ବହୁତ ଖୁସି ହେବି।



- ଆଜାଦ ସାହୁ, ର୍ୟାଙ୍କ ୫, ଖୁଣ୍ଟିଗୋରା, କଣ୍ଟାମାଳ, ବୌଦ୍ଧ

## ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି



ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି। ଅନେକ ପରୀକ୍ଷା ଦେଇ ବିଫଳ ହୋଇ ଧୈର୍ଯ୍ୟ ହରାଇଥିଲି। ମାତ୍ର ଏହି ପରୀକ୍ଷାର ଷଷ୍ଠ ସ୍ଥାନରେ ରହିବି ବୋଲି କେବେ ଭାବି ନ ଥିଲି। ପରୀକ୍ଷାଫଳ ଜାଣିବା ପରେ ଖୁବ୍ ଖୁସି ଲାଗିଲା। ୨୦୨୧ରେ ଗ୍ରାଜୁଏସନ ପାଠ ଶେଷ ହେବା ପରେ ପୋଷ୍ଟ ଗ୍ରାଜୁଏସନ୍ ପାଠ ପଢ଼ିବା ସହ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହୋଇଥିଲି। ଏହି ସଫଳତା ପଛରେ ଶିକ୍ଷକ ଓ ପରିବାର ଲୋକଙ୍କ ଅବଦାନ ରହିଛି। ଆଗାମୀ ଦିନରେ ମହିଳାଙ୍କ ଉନ୍ନତି, ଶିକ୍ଷା ସହ ଆଦିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେବି।

- ଦାପମ୍ ରାଉତ, ର୍ୟାଙ୍କ-୬, ସିଡିଏ, କଟକ

## ତୃତୀୟ ଚେଷ୍ଟାରେ ସଫଳତା ମିଳିଲା



ଇଞ୍ଜିନିୟରିଂ ସରିବା ପରେ ୨୦୧୯ରୁ ଓପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲି। ଏହା ମୋର ତୃତୀୟ ଆଟେମ୍ପ ଥିଲା। ପୂର୍ବ ୨ଥର ଇଣ୍ଟରଭ୍ୟୁରେ କଟିଯାଇଥିଲି। ମାତ୍ର ଏଥର ମୋତେ ସଫଳତା ମିଳିଛି। ଏଥିପାଇଁ ଭଗବାନ ଏବ ମା' ବାପାଙ୍କୁ ଶ୍ରେୟ ଦେବି। ପୂର୍ବଥର ବିଫଳ ହେବା ପରେ ମା', ବାପା ମୋତେ ବହୁତ ସପୋର୍ଟ କରିଥିଲେ। ବିଫଳତାକୁ ସାଇଡ୍ କରି ପ୍ରସ୍ତୁତି ଉପରେ ଫୋକସ୍ କରିଥିଲି। ବାସ୍ତବରେ ସଫଳତା ଓ ବିଫଳତା ଯାତ୍ରାର ଏକ ଅଂଶ। ପ୍ରଥମେ ଅନ୍‌ଲାଇନରୁ କୋଚିଂ ନେଇଥିଲି, ପରେ ନିଜେ ହିଁ ପ୍ରସ୍ତୁତି ଆରମ୍ଭ କରିଥିଲି। ନିଜ ଅଭିଜ୍ଞତାରୁ ଏତିକି ଜାଣିଛି ଯେ, ବିଫଳତାକୁ ସବୁବେଳେ ସୁଯୋଗ ଭାବେ ବ୍ୟବହାର କରିବା ଦରକାର।

-ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ର୍ୟାଙ୍କ ୮, ରଘୁନାଥପୁର, ଭୁବନେଶ୍ୱର

## ଏବେ କାର୍ଯ୍ୟକ୍ଷେତ୍ରର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବି



ପ୍ରଥମ ଚେଷ୍ଟାରେ ସଫଳତା ପାଇଛି। ରେଜଲ୍ଟ ଡେରି ହେଉଥିବାରୁ ଟିକେ ଡର ଲାଗୁଥିଲା। ମାତ୍ର ଏବେ ବହୁତ ଖୁସି ଲାଗୁଛି। ତେବେ ଆଗକୁ ଆହୁରି ଚ୍ୟାଲେଞ୍ଜ ଅଛି। ବିଶେଷକରି କାର୍ଯ୍ୟ କ୍ଷେତ୍ରରେ ଆସିବାକୁ ଥିବା ଚ୍ୟାଲେଞ୍ଜକୁ କେମିତି ମୁକାବିଲା କରିବି ସେ ନେଇ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ସଫଳତାର ଶ୍ରେୟ ମୋ ପରିବାର ସଦସ୍ୟ, ମେଣ୍ଟର ଓ ଭାଇ ଭଉଣୀ ସମସ୍ତଙ୍କୁ ଦେବି। ଗତ ୨ବର୍ଷ ଧରି ୟୁପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲି, ସେହି ପ୍ରସ୍ତୁତିକୁ ହିଁ ଓପିଏସ୍‌ସି ପାଇଁ କନ୍‌ଭର୍ଟ୍ କରିଥିଲି। ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି।

- ନୁରି ପରବିନ୍, ର୍ୟାଙ୍କ-୧୩, ସୁନ୍ଦରଗଡ଼ ଟାଉନ୍

## କଠିନ ପରିଶ୍ରମ, ଆତ୍ମବିଶ୍ୱାସ ଜରୁରୀ



ପ୍ରଥମ ଚେଷ୍ଟାରେ ସଫଳତା ହାସଲ କରି ଖୁସି ଲାଗୁଛି। ଦୈନିକ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। କଠିନ ପରିଶ୍ରମ କଲେ ଏବଂ ନିଜ ଉପରେ ବିଶ୍ୱାସ ରଖିଲେ ନିଶ୍ଚିତ ସଫଳତା ମିଳିବ। ଏହା ଶ୍ରେୟ ମୁଁ ମୋ ମା' ବାପା ଏବଂ ପରିବାରବର୍ଗଙ୍କୁ ଦେବି। ଆଗକୁ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେବି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି।

-ଅଦିତି ଭୂୟାଁ, ର୍ୟାଙ୍କ ୨୧, ଗୋପୀନାଥପୁର, ବାଲେଶ୍ୱର

## ସଫଳ ଅଧିକାରୀ ହେବାକୁ ଚେଷ୍ଟା କରିବି



ରେଜଲ୍ଟ ଶୁଣିବା ପରେ ବହୁତ ଖୁସି ଲାଗୁଛି। କଠିନ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତା ଯୋଗୁ ପ୍ରଥମ ପ୍ରୟାସରେ ହିଁ କୃତକାର୍ଯ୍ୟ ହୋଇପାରିଛି। ମୋ ସଫଳତା ପାଇଁ ମା', ବାପା, ଅଜା ଓ ମାମୁଙ୍କୁ ଶ୍ରେୟ ଦେବାକୁ ଚାହିଁବି। ପରିବାର ଓ ବନ୍ଧୁ ପ୍ରିୟଜନଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି। ବର୍ତ୍ତମାନ ଜାମଦା ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛି। ଏବେ ନୂଆ ଚାକିରିରେ ନିଜକୁ ଜଣେ ସଫଳ ଅଧିକାରୀ ଭାବେ ପ୍ରମାଣିତ କରିବାକୁ ଚେଷ୍ଟା ରହିବ।

- ମୁନ୍‌ମୁନ୍ ଗିରି, ର୍ୟାଙ୍କ-୩୭, ମାଳିହାଟୀ, ମୟୂରଭଞ୍ଜ

## ଲୋକଙ୍କ ସେବା କରିବାକୁ ସୁଯୋଗ ମିଳିଛି



ଫଳାଫଳ ଜାଣିବା ପରେ ବହୁତ ଖୁସି ଅନୁଭବ କରୁଛି। କଠିନ ପରିଶ୍ରମର ଫଳ ମିଳିଛି। ଲୋକଙ୍କ ସେବା କରିବାକୁ ବହୁ ଦିନରୁ ଆଶା ଥିଲା। ତାହା ପୂରା ହେବାକୁ ଯାଉଥିବାରୁ ଉତ୍ସାହିତ ଅଛି।

- ସୁଜାତା ପ୍ରଧାନ, ର୍ୟାଙ୍କ ୫୯, ଛତ୍ରପୁର, ଗଞ୍ଜାମ

## ପ୍ରଥମଥରରେ କ୍ଲିଅର କରିଥିବାରୁ ଖୁସି ଲାଗୁଛି



ମୋ ପରିବାର ଲୋକ ଓ ସାଙ୍ଗସାଥୀଙ୍କ ଭଲପାଇବା, ଆଶୀର୍ବାଦ ପାଇଁ ଆଜି ଏହି ସଫଳତା ପାଇଛି। ପ୍ରଥମ ଥରରେ ଓପିଏସ୍‌ସି ପରୀକ୍ଷା କ୍ଲିଅର କରିଥିବାରୁ ବହୁତ ଖୁସି ଲାଗୁଛି। ଏଥିପାଇଁ ନିଜେ ପ୍ରସ୍ତୁତି କରିଥିଲି। ମାତ୍ର ମେନ୍ସ କ୍ଲିଅର ପରେ ଶ୍ରେୟାନ୍ସ ଆଇଏଏସ୍ ଏକାଡେମୀରୁ ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତି କରିଥିଲି, ଯାହାକି ମୋ ପାଇଁ ଗେମ୍ ଚେଞ୍ଜରର କାମ କରିଥିଲା। ଦିନରେ ୭-୮ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଚ୍ୟାଲେଞ୍ଜ ଆସିବ, ସେଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ।

- ଶ୍ରୁତି ପ୍ରିୟଦର୍ଶିନୀ, ର୍ୟାଙ୍କ ୬୭, ଇ' କଲେଜ କଲୋନି, କେନ୍ଦ୍ରାପଡ଼ା

## ଲୋକଙ୍କୁ ନ୍ୟାୟୋଚିତ ସେବା ଯୋଗାଇବି



ପ୍ରଥମ ଉଦ୍ୟମରେ ଏହି ସଫଳତା ମିଳିଛି। ଏବେ ମାସ ହେବ ଆସିକାରେ ସହକାରୀ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛି। ସେବାରେ ଯୋଗ ଦେବା ପରେ ଜନସାଧାରଣଙ୍କୁ ନ୍ୟାୟୋଚିତ ଓ ଉପଯୁକ୍ତ ସେବା ଯୋଗାଇବା ମୋର ମୂଳ ଲକ୍ଷ୍ୟ ହେବ। ସଫଳତାର ଶ୍ରେୟ ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ରଥ, ମାଆବାପା ଓ ଗୁରୁଜନଙ୍କୁ ଦେଉଛି।

- ରଚିତା ମହାପାତ୍ର, ର୍ୟାଙ୍କ ୬୮, ଗଞ୍ଜାମ ଜିଲା ଆସିକା

## ପୂର୍ବଥର ମାତ୍ର ୨ମାର୍କ ପାଇଁ କଟିଯାଇଥିଲି



ଲିଷ୍ଟ ଚେକ୍ କରି ଚାଲିଥାଏ, ୫୦ ଟପିଲାଣି ତଥାପି ନାଁ ନାହିଁ ମନରେ କୌତୂହଳ ବଢୁଥାଏ, ଫାଇନାଲି ମୋ ନାମ ୧୧୨ ର୍ୟାଙ୍କରେ ପାଇଲି। ପୂର୍ବଥର ମାତ୍ର ୨ମାର୍କ ପାଇଁ କଟିଯାଇଥିଲି। ବହୁତ ମନ ଦୁଃଖ ହୋଇଥିଲା। କିଛିଦିନ ପରେ ପୁଣି ପ୍ରସ୍ତୁତି ଆରମ୍ଭ କରିଥିଲି। ଘରେ ହିଁ ପ୍ରସ୍ତୁତ ହେଉଥିଲି। ପ୍ରାୟ ୬ରୁ ୮ଘଣ୍ଟା ପଢୁଥିଲି। ଯେଉଁମାନେ ବି ପ୍ରସ୍ତୁତ ହେଉଛନ୍ତି ଆମ ପାଖେ ଥିବା ତଥ୍ୟ ଓ ସୁବିଧାକୁ ଠିକ୍ ବାଟରେ ବ୍ୟବହାର କରି ସଫଳତା ପାଇପାରିବେ।

- ସଞ୍ଜୟ ମିଶ୍ର, ର୍ୟାଙ୍କ ୧୧୨, ଭୁବନେଶ୍ୱର

## ଆଇଏଏସ୍ ପାଇଁ ପ୍ରସ୍ତୁତ ହେବାକୁ ଲକ୍ଷ୍ୟ ରଖିଛି



ଆଗକୁ ଆଇଏଏସ୍ ପାଇଁ ପ୍ରସ୍ତୁତ ହେବାକୁ ଲକ୍ଷ୍ୟ ରଖିଛି। କିଛିଦିନ ତଳେ ଗ୍ରାମୀଣ ଡାକ ସେବକ ରୂପେ ଡାକ ବିଭାଗରେ ନିଯୁକ୍ତି ପାଇଥିଲି। ମାତ୍ର ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହେବି ବୋଲି ଦୃଢ଼ ନିଶ୍ଚିତ ଥିବାରୁ ଚାକିରିରେ ଯୋଗ ଦେଇ ନ ଥିଲି।

- ସୁନୀଲ ସାଇ ଦେବାଶିଷ, ର୍ୟାଙ୍କ ୧୯୩, ଭଞ୍ଜନଗର, ଗଞ୍ଜାମ

## ଶୃଙ୍ଖଳିତ ଭାବେ ବିନା ଟେନ୍‌ସନରେ ପଢ଼ିବା ଦରକାର



ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ମୁଁ କୌଣସି କୋଚିଂ ନେଇ ନ ଥିଲି। ନିଜେ ଅନ୍‌ଲାଇନ୍ ଏବଂ ଷ୍ଟାଣ୍ଡାର୍ଡ ବୁକ୍‌କୁ ପଢ଼ି ସଫଳତା ପାଇଛି। ଅଏଲ୍ ଆଣ୍ଡ୍ ନାଚୁରାଲ୍ ଗ୍ୟାସ୍ କର୍ପୋରେଶନ୍‌ରେ କ୍ଲାସ୍ ୱାନ୍ ଅଫିସର ଅଛି। ତେଣୁ ପଢ଼ାପଢ଼ି କରିବାକୁ ଏତେ ସମୟ ମିଳୁ ନ ଥିଲା। ଦିନକୁ ମାତ୍ର ୨/୩ ଘଣ୍ଟା ପଢୁଥିଲି। ପରୀକ୍ଷା ପାଇଁ କିଛି ଡିସିପ୍ଲିନ୍ ରଖିବା ସହିତ ବିନା ଟେନ୍‌ସନରେ ପଢ଼ିବା ଦରକାର। ବାସ୍ତବରେ ଓପିଏସ୍‌ସି, ୟୁପିଏସ୍‌ସି ଏତେ କଷ୍ଟ ନୁହେଁ। କିନ୍ତୁ ଏଥିପାଇଁ ଦିନକୁ ୧୦-୧୨ ଘଣ୍ଟା ପଢ଼ିବାକୁ ପଡିବ ଏବଂ ଏହା ବହୁତ କଷ୍ଟ ବୋଲି ସମସ୍ତେ ଭାବନ୍ତି। ତେଣୁ ପିଲାମାନେ ବହୁତ ପ୍ରେସର ନେବା ସହିତ ଡରି ଯାଆନ୍ତି ଓ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ।

- ବିକାଶ କୁମାର ସାହୁ, ର୍ୟାଙ୍କ୍ ୨୨୨, ଡୁରୁମୁଙ୍ଗା, କେନ୍ଦୁଝର

## ଚାକିରିରେ ରହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲି



ତୃତୀୟ ଚେଷ୍ଟାରେ ମୁଁ ୨୯୬ ର୍ୟାଙ୍କ୍‌ରେ ରହିଛି। ମୁଁ ଚାକିରି କରିବା ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲି। ଯେତକି ସମୟ ଫାଙ୍କା ମିଳୁଥିଲା, ସେତିକି ସମୟ ପ୍ରସ୍ତୁତିରେ ଦେଉଥିଲି। ପ୍ରଥମଥର ଓଡ଼ିଆ ବିଷୟକୁ କ୍ଲିଅର କରିପାରି ନ ଥିଲି। ପରେ ମୁଁ ଅଧିକ ଫୋକସ୍ ଦେଲି ଓ ମାତ୍ର ୨୦ ମାର୍କ ପାଇଁ ଦ୍ୱିତୀୟ ଆଟେମ୍ପଟ୍‌ରେ ବି ବିଫଳ ହେଲି। ହେଲେ ଚେଷ୍ଟା ଜାରି ରଖିଥିଲି। ମୋ ଭିତରେ କନ୍‌ଫିଡେନ୍ସ ମଧ ବଢୁଥିଲା। ଏଥର ଲିଷ୍ଟରେ ନାଁ ଦେଖି ବହୁତ ଖୁସି ଲାଗୁଛି।

- ସୌରଭ ପାଣିଗ୍ରାହୀ, ର୍ୟାଙ୍କ ୨୯୬, ଭଦ୍ରକ

## ଫାଇଲିନ ପରଠୁ ଜିଲାପାଳ ହେବାକୁ ଲକ୍ଷ୍ୟ ରଖିଛି



ପ୍ରଥମ ଥରରେ ସଫଳତା ମିଳିଲା। ଫାଇଲିନ୍ ବାତ୍ୟାରେ ଜିଲାପାଳ ଯେପରି ଲୋକଙ୍କୁ ସାହାଯ୍ୟ କରୁଥିଲେ ତାହା ଟିଭିରୁ ଦେଖି ଭବିଷ୍ୟତରେ ଜଣେ ଜିଲାପାଳ ହେବାକୁ ମନରେ ଆଶା ବାନ୍ଧିଥିଲି। ଏହି ଲକ୍ଷ୍ୟରେ ଦିନକୁ ୬ ଘଣ୍ଟାରୁ ୮ ଘଣ୍ଟା ପଢ଼ାପଢ଼ି କରୁଥିଲି। ପରୀକ୍ଷା ବେଳେ ଦିନକୁ ୧୦ ଘଣ୍ଟା ପଢ଼ାରେ ବିତୁଥିଲା। ଏବେ ମୋତେ ପରିଶ୍ରମର ଫଳ ମିଳିଛି। ଆଗକୁ ଜିଲାପାଳ ହେବାପାଇଁ ମୋର ପ୍ରୟାସ ଜାରି ରହିବ।

- ଆଇ. ସାଲିନି, ୪୪୫ ର୍ୟାଙ୍କ, ପୁରୁଷୋତ୍ତମପୁର, ଗଞ୍ଜାମ

### ମିସେସ୍ ଇଣ୍ଡିଆ ମିଡିଲ ଇଷ୍ଟ: ଦୁବାଇରେ ଚମକିଲେ ଓଡ଼ିଆ ମହିଳା

# ଦ୍ୱିତୀୟ ରନର୍ସଅପ୍ ମୁକୁଟ ପିନ୍ଧିଲେ ଆରାଧନା

ଭୁବନେଶ୍ୱର, ୧୯।୧୦(ବନ୍ଦନା ସେଠୀ)




ମଧ୍ୟପ୍ରାଚ୍ୟରେ ଚମକିଲେ ଓଡ଼ିଆ ମହିଳା। ଦୁବାଇଠାରେ ଆୟୋଜିତ 'ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ'ର ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଦ୍ୱିତୀୟ ସିଜନ୍‌ର ଫାଇନାଲରେ ଦ୍ୱିତୀୟ ରନର୍ସଅପ୍ ମୁକୁଟ ପିନ୍ଧିଛନ୍ତି ଆରାଧନା ଦାସ। ଏହି ପ୍ରତିଯୋଗିତାରେ ପୋଡିୟମ୍ ଫିନିଶ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ମହିଳା। ଏଥିସହ ଆରାଧନାଙ୍କୁ 'ମିସେସ୍ ଇଣ୍ଟେଲେକ୍ଚୁଆଲ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଆରାଧନା ପ୍ରତିଯୋଗିତାରେ ନିଜ ପ୍ରତିଭା ଏବଂ ସୌନ୍ଦର୍ଯ୍ୟ ସହ ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ପ୍ରୟାସ କରିଥିଲେ। ଭୁବନେଶ୍ୱରର ବାସିନ୍ଦା ଆରାଧନା ଗତ ୭ବର୍ଷ ଧରି ସ୍ୱାମୀ ସୂର୍ଯ୍ୟକାନ୍ତ ବେହେରା ଏବଂ ଝିଅ ସାନ୍‌ଭୀ ବେହେରାଙ୍କ ସହ ଦୁବାଇରେ ରହୁଛନ୍ତି। ଏନେଇ ଆରାଧନା କହିଛନ୍ତି, ଭଗବାନଙ୍କ କୃପା ଏବଂ ପରିବାରର ସମର୍ଥନ ଦ୍ୱାରା ପ୍ରତିଯୋଗିତାରେ କିଛିଟା ସଫଳତା ପାଇପାରିଛି। ଓଡ଼ିଶା ପାଇଁ ଏହି ସମ୍ମାନଜନକ ଟାଇଟଲ ଜିତିପାରିଛି ଏବଂ ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି।

୨୦୨୩ରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଭାରତୀୟ ମହିଳାଙ୍କ ସୌନ୍ଦର୍ଯ୍ୟ, ବୁଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟ ଜ୍ଞାନକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ପୋଷାକ, ଗାଉନ୍, ପ୍ରତିଭା ଏବଂ ସାକ୍ଷାତ୍‌କାର ସମେତ ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଥିଲା।

**Tender Notice**

**BAIF Institute for Sustainable Livelihoods and Development**
Invites sealed quotations from reputed vendors for supply, installation & testing of **"Seeds & other agricultural inputs"** & **"Nylon mesh net"** in Korba Block, Korba district, Chhattisgarh. Refer **www.baif.org.in** & **www.baifodisha.org** for details.
**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**

**PUBLIC NOTICE**

I Purna Chandra Panda, declared here that, I am going to Purchase a House from Mr. Pabitra Mohan Mohanty, S/o Premananda Mohanty, bearing khata No. 619/4498, Mouza Bhubaneswar, Unit No. - 41, Chandrasekharpur, Tahasil - Bhubaneswar, Dist - Khurda. Mr. Pabitra Mohan Mohanty has already received the advanced amount through his bank. If anyone enter into any negotiation for the same house / pay any amount, I will not be responsible. If anyone have any query can contact : 6371964660.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-24-25-10
କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ଏକୀକୃତ ପ୍ରବନ୍ଧନ ପ୍ରଣାଳୀ (IMS) ଅର୍ଥାତ୍ ISO 9001:2015, ଗୁଣବତ୍ତା ପ୍ରବନ୍ଧନ ପ୍ରଣାଳୀ (QMS), ISO:14001-2015 ପର୍ଯ୍ୟାବରଣ ପ୍ରଣାଳୀ (EMS), ଏବଂ OHSAS 45001:2018ର କାର୍ଯ୍ୟାନ୍ୱୟନ ଏବଂ ସାର୍ଟିଫିକେସନ।
ବିଜ୍ଞାପିତ ମୂଲ୍ୟ : ₹1,12,362/-, EMD : ₹2,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା. 25.10.2024ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.11.2024ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଏସ୍)/ ଅନୁଗୁଳ
PR-642/P/24-25

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, गोड्डा**

**रद्द पत्र**

एतद् द्वारा सूचित किया जाता है कि समाचार पत्रों में प्रकाशित इस प्रमंडल से संबंधित अति अल्पकालीन ई–निविदा सं0 07/2024-25/R5/RWD/EE/GODDA दिनांक 09–10–2024 जिसका पी0 आर0 सं0 338792 Rural Work Departmennt (24-25)#D था, जिसे अपरिहार्य कारणवश अगले आदेश तक स्थगित की जाती है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, गोड्डा

PR 339294 Rural Work Department(24-25)#D

# ମିଳିତ ଚଢାଉ, ବେଆଇନ ଖାଦାନ ଚିହ୍ନଟ

ଯାଜପୁର,୧୯।୧୦(ହର୍ଷବର୍ଦ୍ଧନ ବେହେରା)

### ଧର୍ମଶାଳାରେ କଳାପଥର ଲୁଟ୍ ପ୍ରସଙ୍ଗ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର ଖାଦାନଗୁଡ଼ିକ ଉପରେ ଶନିବାର ଲଘୁ ଖଣି, ପୋଲିସ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏଥିରେ ଡଙ୍କାରୀ ପାହାଡ଼ର ସୈରାତ ନମ୍ବର ୨/୩ ପାଦଦେଶ ଏବଂ ବରଡା, ମାଳଗୋଡା ମୌଜା ଅଞ୍ଚଳରେ ଏକାଧିକ ଖାଦାନରୁ ବିପୁଳ ପରିମାଣର ମୂଲ୍ୟବାନ କଳାପଥର ଲୁଟ ହୋଇଥିବା ଚଢ଼ାଉରେ ଜଣାପଡ଼ିଛି। ଏନେଇ ଲଘୁ ଖଣି ବିଭାଗ ପକ୍ଷରୁ ସଂପୃକ୍ତ ବେଆଇନ କଳାପଥର ବ୍ୟବସାୟୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ଏହାବାଦ ଅକ୍ଟୋବର ୩୧ ତାରିଖ ସୁଦ୍ଧା କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ(ଡିଜିଏମ୍‌ଏସ୍)ଙ୍କ ନିର୍ଦ୍ଦେଶ ଅନୁସାରେ ଲିଜ୍‌ଧାରୀମାନେ ମାଇନ ମ୍ୟାନେଜର ନିଯୁକ୍ତି ନ ଦେଲେ ଚାଲିଥିବା କଳାପଥର ଖାଦାନଗୁଡ଼ିକୁ ବନ୍ଦ କରିଦିଆଯିବ ବୋଲି ଖଣି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ବେଆଇନ କଳାପଥର ଖାଦାନଗୁଡ଼ିକ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପୋଲିସ ପ୍ରଶାସନର ସହଯୋଗ ଲୋଡା ଯାଇଛି। ତେବେ ଖଣି, ପୋଲିସ, ଜଙ୍ଗଲ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବରୁ କଳାପଥର ଲୁଟ କାରବାର ନିୟନ୍ତ୍ରଣ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି।

ଧରିତ୍ରୀରେ ଶନିବାର ବେଆଇନ ଖାଦାନ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରକାଶ ପାଇବା ପରେ ଖଣି ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଖଣି ବିଭାଗ ଅଧିକାରୀମାନଙ୍କୁ ବେଆଇନ କଳାପଥର ଖାଦାନ ଉପରେ ଅଧିକ ପାଟ୍ରୋଲିଂ କରି ଆଇନ ଅନୁସାରେ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ଲେଖିଥିଲେ। ଯାଜପୁର ଲଘୁ ଖଣି ବିଭାଗ ପକ୍ଷରୁ ଜେନାପୁର ଥାନା ପୋଲିସକୁ କଳାପଥର ଲୁଟକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦୁର୍ଗାପୂଜା ପୂର୍ବରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଜେନାପୁର ଥାନା ପୋଲିସ ବେଆଇନ ଖାଦାନଗୁଡ଼ିକୁ ଚିହ୍ନଟ କରି ସୂଚନା ଦେବାକୁ ଖଣି ବିଭାଗକୁ ଅନୁରୋଧ କରିଥିଲେ। ଏହାପରେ ମିଳିତ ଚଢାଉରେ ଡଙ୍କାରୀ, ବରଡ଼ା, ରାହାଡ଼ପୁର ଇତ୍ୟାଦି ଅଞ୍ଚଳରେ ବେଆଇନ ଖାଦାନ ସଂକ୍ରାନ୍ତରେ ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଗତ ୨ ମାସ ମଧ୍ୟରେ ଡଙ୍କାରୀ ପାଦଦେଶରୁ ପ୍ରାୟ ୫ କୋଟି ଟଙ୍କାର କଳାପଥର ଲୁଟ ହୋଇଥିବା ଅନୁମାନ କରାଯାଇଛି। ତେବେ ଖଣି ବିଭାଗ ପକ୍ଷରୁ ଚିହ୍ନଟ ବେଆଇନ ଖାଦାନର ସାଟେଲାଇଟ ମାପଚୁପ କରି କେବେ ଜରିମାନା ନୋଟିସ ଦିଆଯାଉଛି ତାହାକୁ ନେଇ ଅପେକ୍ଷା କରାଯାଉଛି।

**PANCHAYAT SAMITI, CHHENDIPADA**
**INVITATION FOR BIDS (IFB)**
**IDENTIFICATION No. : CHHB-02/2024-25**
E-mail address : ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the 3 no's of ACR Rooms & 5 nos of GPLF Building "C & D" & "B" & "C" contractors accordingly, registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If sucessful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e www.angul.nic.in.

**Sd./- Block Development Officer**
**Chhendipada**

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
No.A-430
E-mail ID : midivmalkangiri@gmail.com
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 03/2024-25**
**Letter No. 1436** **Dt. 14.10.2024**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Double Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1 | Name of the work | : | Improvement to canal lining of different MIPs in different Blocks of Malkangiri District under CAPEX Scheme 2024-25 |
| 2 | Total Number of work | : | 04 (Four) Nos. |
| 3 | Estimated cost | : | Approximately varies From Rs. 50.65 lakh to Rs. 78.27 lakh |
| 4 | Period of completion | : | 06 (Six) Calendar Months |
| 5 | Class of Contractor | : | "B" Class Contractor |
| 6 | Date and time of availability of bid documents in the portal | : | From 10.00 A.M. of 22.10.2024 to 5.00 P.M. of 12.11.2024 |
| 7 | Last date / time for receipt of bids in the portal | : | 5.00 P.M. on 12.11.2024 |
| 8 | Date of opening of bid | : | At 11.00 A.M. on 13.11.2024 in website (www.tendersorissa.gov.in) |
| 9 | Submission of Bids | : | Online mode |
| 10 | Name of the Officer inviting Bid | : | Superintending Engineer, Minor Irrigation Division, Malkangiri |
| 11 | Further details can be seen from the Government of Odisha Website - www.tendersorissa.gov.in | | |

OIPR-32364/11/0002/2425
**Sd./- Superintending Engineer**
**M.I.Division, Malkangiri**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
No.O-394
Phone : Off : (06852) 251263, Email : eerwkoraput@yahoo.com
**e-Procurement for Road Works**
**Bid Identification No. : SERWKPT-Online-05/2024-25 Dtd-09.10.2024**
**Letter No. : 3314** **Dtd. : 09.10.2024**
1. Name of the Work : Special Repair Road Works For the Year 2024-25 2. Total Numbers of Works : 15 Nos.
3. Approximate Estimate Cost : Rs. 5.04 to Rs. 95.00 Lakhs (Approximately) 4. Class of Contractor : "B", "C" & "D" Class
5. Period of Completion : 2 Nos. of Work - 4 Month & 13 Nos. of Work - 2 Months 6. Other Details :

| Procurement Officer | Bid Identification No. | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/05/RWD-KPT/2024-25 | 23.10.2024 at 11.00 A.M. | 05.11.2024 upto 5.30 P.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR-25088/11/0005/2425
**Sd./- Addl. Chief Engineer,**
**Rural Works Division, Koraput**

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା।
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
**(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)**
**(E-mail: serwbpr2004@yahoo.com, Tel No.: 0680-2404287)**
**NATIONAL COMPETITIVE BIDDING THROUGH e-Procurement**
**No. O-397** **Bid Identification No. Online Tender / 09-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2024-25/BPR | Road Works | 01 No. | Rs.100.84 lakhs | "B" Class & "A" Class as applicable | 04 (Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2024-25/BPR | 21.10.2024 at 10.00 A.M. | 04.11.2024 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
**OIPR-25071/11/0012/2425** **Sd./- Chief Engineer, R.W. Circle, Berhampur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI**
**'e' Procurement Notice**
**Bid Reference No. SE MID BPT-3/2024-25**
No.A-424
E-mail : eemikldbpt@gmail.com

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 10 (Ten) Nos. |
| 3 | Estimated cost | : | From Rs. 54.43 to 97.99 lakhs (Approximately) |
| 4 | Period of completion | : | 4 (Four) to 8 (Eight) calendar months |
| 5 | Date and Time of availability of bid documents in the portal | : | From 22.10.2024 (11.00 A.M.) to 05.11.2024 (5.00 P.M.) |
| 6 | Last date / time of receipt of bids in the portal | : | Dt. 05.11.2024 up to 5.00 P.M. |
| 7 | Date of opening of Bid | : | Dt. 06.11.2024 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 18.11.2024 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

Further details can be seen from the e-Procurement market place http://tendersodisha.gov.in.

**Sd./- Er. Jagannath Mallik**
**Superintending Engineer**
**M.I.Division, Kalahandi**
**Bhawanipatna**
OIPR-32035/11/0002/2425

## ସଂକ୍ଷେପରେ

### ଓସିଏସ୍ ପରୀକ୍ଷାରେ ୧୭୦ ର୍ୟାଙ୍କରେ ଶିବାନୀ

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ୨୦୨୨ର ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଭାମପୁର ଗ୍ରାମର ଶିବାନୀ ରାଉତ ୧୭୦ତମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ଆଇନମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସଫଳତା ପଛରେ ପରିବାର ଏବଂ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି। ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବେ ବୋଲି ଶିବାନୀ କହିଛନ୍ତି।

### ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘର ବିଭିନ୍ନ କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦିବାକର ସାହୁ, ଉପସଭାପତି ସୁବ୍ରତ ଶତପଥୀ, ସାଧାରଣ ସମ୍ପାଦକ ବିକାଶ ରଞ୍ଜନ ମାହାଳି, ସମ୍ପାଦକ ମନୋଜ କୁମାର ଗମାଙ୍ଗ, ଯୁଗ୍ମ ସମ୍ପାଦକ ସତ୍ୟସିଦ୍ଧ ଦାଶ, ସହକାରୀ ସମ୍ପାଦକ ଶକ୍ତିସୌରଭ ମିଶ୍ର, ପଞ୍ଚାନନ ଦେହୁରୀ, ସାଂସ୍କୃତିକ ସମ୍ପାଦିକା କୁମାରୀ ଏନ ରୂପଶା ରାଣୀ ରେଡ୍ଡୀ, କୋଷାଧକ୍ଷ ମନୋରଞ୍ଜନ ପରିଡା ଓ ସମୀକ୍ଷୀକା ଭାବେ ଷ୍ଟେଫି ମାଲିଆ ନିର୍ବାଚିତ ହୋଇଛନ୍ତି। ସଂଘର ପୂର୍ବତନ ସଭାପତି ଶାରଦା ରଞ୍ଜନ ଦାଶ ଏବଂ ସାଧାରଣ ସମ୍ପାଦକ ଜୀବନ କୁମାର ରାଉତ ପ୍ରମୁଖ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଫଟୋ ଭାଇରାଲ

ପୁରୁଣାଭୁବନେଶ୍ୱର,୧୯।୧୦(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଯାହାକୁ ନେଇ ଶ୍ରଦ୍ଧାଳୁ ଏବଂ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କାର୍ତ୍ତିକ ମାସ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୁକ୍ରବାର ରାଇଦାମୋଦର ବେଶ ହୋଇଥିଲା। ଏନେଇ ପ୍ରାତଃରୁ ଆଳତି ଅବକାଶ କରାଯାଇ ରୋଷହୋମ କରାଯାଇଥିଲା। ସକାଳ ୯ଟା ୩୦ରେ ସର୍ବସାଧାରଣ ଦର୍ଶନ ବନ୍ଦ ହୋଇଥିଲା। ପରେ ମନ୍ଦିର ଅଫିସ୍‌ରୁ ଦାମୋଦର ମୁଖାକୁ ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ମୁଖାକୁ ପାଳିଆ ପୂଜାପଣ୍ଡା ସେବକ ମାଘ ସ୍ନାନ ଦେବା ପରେ ଶ୍ରୀଜିଉଙ୍କୁ ଲାଗି କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। କାର୍ତ୍ତିକ ମାସର ପ୍ରତ୍ୟେକ ଦିନ ସକାଳ ଏବଂ ସନ୍ଧ୍ୟା ଧୂପରେ ଉକ୍ତ ବେଶ କରାଯାଇଥାଏ। ଏହି ବେଶ ଦର୍ଶନ କରିବାକୁ ମନ୍ଦିରରେ ହବିଷିଆଳି ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ଏହି ବେଶ ଦର୍ଶନ କଲେ ବିଷ୍ଣୁ ଲୋକ ପ୍ରାପ୍ତି ହୁଏ ବୋଲି ପୌରାଣିକ ମତ ରହିଛି। ତେବେ ଠାକୁରଙ୍କ ଏହି ବେଶର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। ମନ୍ଦିର ପ୍ରଶାସନର ଅବହେଳା ଯୋଗୁ ବାରମ୍ବାର ମନ୍ଦିର ଗର୍ଭଗୃହ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ମନ୍ଦିର ମୁଖଶାଳାରେ ଥିବା ମେଟାଲ ଡିଟେକ୍ଟର କାର୍ଯ୍ୟକ୍ଷମ ନା ଅଚଳ ତାହା ଯାଞ୍ଚ ହେଉନାହିଁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କୁ କାର୍ଯ୍ୟରତ ସିକ୍ୟୁରିଟି ଓ ପୋଲିସ ଠିକ୍ ଭାବେ ଯାଞ୍ଚ ନ କରିବାରୁ ମନ୍ଦିର ଭିତରକୁ କ୍ୟାମେରା, ମୋବାଇଲ ନେଇ ଏଭଳି ଫଟୋ ଭାଇରଲ କରିଥିବା ନଜିର ରହିଛି। ମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଠାକୁରଙ୍କ ଏହି ବେଶ ଫଟୋ ଭାଇରାଲ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଜାଲ ପକାଇ କୁମ୍ଭୀର ଧରିଲେ ମତ୍ସ୍ୟଜୀବୀ

କଣାସ/ତ୍ରିଶୂଳିଆ,୧୯।୧୦(ବିଭୂତି ଭୂଷଣ ତ୍ରିପାଠୀ/ତୁଷାରକାନ୍ତ ବେହେରା)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟନଦୀରୁ ଏକ କୁମ୍ଭୀରକୁ ଶନିବାର ମତ୍ସ୍ୟଜୀବୀମାନେ ଜାଲ ପକାଇ ଧରିଛନ୍ତି। ପରେ ମତ୍ସ୍ୟଜୀବୀମାନେ କଣାସ ଥାନା ଆଇଆଇସି, ତହସିଲଦାର, ଖୋର୍ଦ୍ଧା ବନ ବିଭାଗ ଓ ନନ୍ଦନକାନନକୁ ଖବର ଦେଇଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଖୋର୍ଦ୍ଧା ବନ ବିଭାଗ ସହାୟତାରେ ତାକୁ ନନ୍ଦନକାନନକୁ ନେଇଯାଇଛନ୍ତି। ଉଦ୍ଧାର କୁମ୍ଭୀରକୁ ନନ୍ଦନକାନନର କୁମ୍ଭୀର ଖୁଆଡ଼ରେ ଛଡ଼ାଯାଇଥିବା ଜଣାପଡ଼ିଛି। ଏହି କୁମ୍ଭୀରଟି ନଦୀରେ ଘୁରି ବୁଲୁଥିବାବେଳେ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଏନେଇ ବାରମ୍ବାର ଖୋର୍ଦ୍ଧା ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶନିବାର ଗଡ଼ବଳଭଦ୍ରପୁର ବେହେରା ସାହିର ମତ୍ସ୍ୟଜୀବୀ ଡଙ୍ଗା ମାଧ୍ୟମରେ କୁମ୍ଭୀରକୁ ଧରିବାକୁ ବୋତଲମା ନିକଟ ଦୟାନଦୀରେ ଜାଲ ଘେରାଇଥିଲେ। ପ୍ରଥମେ କୁମ୍ଭୀରଟି ଜାଲରୁ ଚିରି ଖସି ଯାଇଥିବାବେଳେ ପରେ ତାକୁ ସୁରକ୍ଷିତ ଭାବେ ମତ୍ସ୍ୟଜୀବୀ ଧରିଥିଲେ। ଆଇଆଇସି ରାକେଶ କୁମାର ତ୍ରିପାଠୀ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଖୋର୍ଦ୍ଧା ବନ ବିଭାଗ ଅଧିକାରୀ ଓ ନନ୍ଦନକାନନ କର୍ମକର୍ତ୍ତାଙ୍କୁ ଖବର ଦିଆଯାଇଥିଲା। ସେଠାରେ କର୍ମଚାରୀମାନେ ପହଞ୍ଚିବା ପରେ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହୋଇଥିବା ଜାଲର କ୍ଷତିପୂରଣ ଦାବି କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୁମ୍ଭୀରକୁ ଅଧିକାରୀମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନକୁ ନେଇଥିଲେ। ଘଟଣାସ୍ଥଳରେ ଥାନା ଆଇଆଇସି ତ୍ରିପାଠୀ, ତହସିଲଦାର ପାଣିଗ୍ରାହୀ, ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା, ଏଏସ୍‌ଆଇ ରବି ସାମନ୍ତରାୟ, କର୍ମଚାରୀ ସରୋଜ ଆଚାର୍ଯ୍ୟ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରଖିବା ସହ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଆଇଆଇସି ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ।

## ନନ୍ଦନକାନନ ଆସିଲା



# ଗଙ୍ଗୁଆ ନାଳରେ ସେତୁ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, (ବନ୍ଦନା ସେଠୀ)/ ପୁରୁଣା ଭୁବନେଶ୍ୱର (ସୁବାସଚନ୍ଦ୍ର ପ୍ରଧାନ)/ ବାଲିଅନ୍ତା, ୧୯।୧୦(ନୀଳମାଧବ ସାହୁ)

ଭୁବନେଶ୍ୱରର ଜଗନ୍ନାଥ ନଗର-କୋରଡ଼କଣ୍ଟା ରାସ୍ତାରେ ଗଙ୍ଗୁଆ ନାଳ ଉପରେ ସେତୁ ନିର୍ମାଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩କୋଟି ୧୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁର ନିର୍ମାଣ ହେବ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସେତୁ ଦ୍ୱାରା ଦୁଇଟି ଗ୍ରାମ ପଞ୍ଚାୟତର ୬ଟି ଗ୍ରାମ ଏବଂ ବିଏମ୍‌ସିର ୱାର୍ଡ ନଂ. ୩୨ ଓ ୩୩ ରେ ବସବାସ କରୁଥିବା ଜନସାଧାରଣ ସିଧାସଳଖ ଭାବରେ ଲାଭାନ୍ୱିତ ହେବେ। ଏଥିସହ ଭୁବନେଶ୍ୱର ଅନ୍ତର୍ଗତ ୩ ବିଧାନସଭା କ୍ଷେତ୍ରର ଜନସାଧାରଣ ମଧ୍ୟ ଏହାର ଲାଭ ପାଇବେ। ତେଣୁ ଏହି ସେତୁ ସମଗ୍ର ଅଞ୍ଚଳ ପାଇଁ ବିକାଶର ନୂତନ ସେତୁବନ୍ଧ ଭାବରେ ପ୍ରମାଣିତ ହେବ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କେନ୍ଦ୍ରୀୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ସତ୍ୟବ୍ରତ ବେହେରା ସ୍ୱାଗତ ଭାଷଣ ରଖିଥିଲେ। ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ବେହେରା ସେତୁ ବିଷୟରେ ବିବରଣୀ ରଖିଥିଲେ।

### ବସ୍‌ରେ ଛାଡ଼ି ଯାଇଥିବା ଲାପଟପ୍ ବ୍ୟାଗ୍ ଫେରାଇଲେ

ବାରଙ୍ଗ,୧୯।୧୦(ଲିଙ୍ଗରାଜ ରାଉତ)

ଜଣେ ବସ୍ ମାଲିକ ଯାତ୍ରୀଙ୍କ ଲାପଟପ ଓ କିଛି ଟଙ୍କା ଥିବା ବ୍ୟାଗକୁ ଫେରାଇ ନିଜର ସଚ୍ଚୋଟ ପଣିଆକୁ ପ୍ରମାଣିତ କରିଛନ୍ତି। ବସ୍ ମାଲିକଙ୍କ ଏଭଳି ମହାନ କାର୍ଯ୍ୟ ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ବ୍ରହ୍ମପୁର ଅଞ୍ଚଳର ଅଭିଳାଷ କୁମାର ପାତ୍ର ନିଜ ସାଙ୍ଗମାନଙ୍କ ସହିତ ନନ୍ଦନକାନନ ଚିଡ଼ିଆଖାନା ବୁଲିବାକୁ ଆସିଥିଲେ। ନନ୍ଦନକାନନ ବୁଲି ସାରିବା ପରେ ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଥିବା ଯୋଗମାୟା ବସ୍(ଓଡି ୦୨ ଏଜେଡ ୨୭୪୭)ରେ ବସି ମାଷ୍ଟରକ୍ୟାଣ୍ଟିନ ଯାଇଥିଲେ। ସେଠାରେ ବସ୍‌ରୁ ଓହ୍ଲାଇବାବେଳେ ତାଙ୍କ ଲାପଟପ ଓ କିଛି ଟଙ୍କା ଥିବା ବ୍ୟାଗକୁ ଛାଡ଼ି ପଳାଇଥିଲେ। ପରେ ସେ ବ୍ୟାଗ୍‌ଟିକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଅନ୍ୟପଟେ ଉକ୍ତ ବସ୍ କର୍ମଚାରୀ ବସ୍‌ରେ ଏକ ବ୍ୟାଗ୍ କେହି ଛାଡ଼ି ଦେଇଥିବା ନେଇ ସେ ବସ୍ ମାଲିକ ତ୍ରିଲୋଚନ ରାଉତ ଓ ଜ୍ଞାନଜିତ୍ ପ୍ରଧାନଙ୍କୁ ସୂଚନା ଦେଇଥିଲେ। ମାଲିକ ଜ୍ଞାନଜିତ୍ ବ୍ୟାଗ୍‌ରେ ଥିବା ଆଧାର କାର୍ଡରୁ ମୋବାଇଲ ନମ୍ବରରେ ଅଭିଳାଷଙ୍କୁ କଲ୍ କରି ଶନିବାର ଉକ୍ତ ବ୍ୟାଗ୍‌କୁ ଫେରାଇଛନ୍ତି। ଏହି ବ୍ୟାଗ୍ ପାଇ ଅଭିଳାଷ ବସ୍ ମାଲିକଙ୍କୁ ସାଧୁବାଦ ଜଣାଇଛନ୍ତି।

# ପୂର୍ବତନ ଲୋକସମ୍ପର୍କ ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର,୧୯।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)



ପୂର୍ବତନ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ୬୭ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ବିହାର ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ୧୯୫୭ ମସିହାରେ କଟକ ଜିଲାର ସୁନ୍ଦରଗାଁରେ ଜନ୍ମଗ୍ରହଣ କରିଥିବା ଦିଲୀପ ପ୍ରଥମେ ବୌଦ୍ଧ ଜିଲାର ଉପସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଆଠଗଡ଼, ନୟାଗଡ଼ ଜିଲାରେ କାର୍ଯ୍ୟ କରିବା ସହିତ ଖୋର୍ଦ୍ଧା ଜିଲାର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

# ଡିସେମ୍ବରରୁ ‘ସ୍ୱଚ୍ଛ ମୋ ଗାଁ ଅଭିଯାନ’



ଭୁବନେଶ୍ୱର, ୧୯।୧୦ (ବନ୍ଦନା ସେଠୀ)

ଇକୋସେଭର୍ସ ୟୁଥ୍ ନେଟ୍‌ୱର୍କ ପକ୍ଷରୁ ଡିସେମ୍ବର ମାସବ୍ୟାପୀ ‘ସ୍ୱଚ୍ଛ ମୋ ଗାଁ ଅଭିଯାନ’ ଆୟୋଜିତ ହେବ। ଶନିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଇକୋସେଭେର୍ସର ରାଜ୍ୟସ୍ତରୀୟ କର୍ମଶାଳାରେ ଏନେଇ ନିଷ୍ପତ୍ତି ହୋଇଛି। ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲ୍‌ଚରାଲ୍ ସେଣ୍ଟର (ପିକକ୍) ଓ ଏଇଆଇଏନ୍‌ର ସହଯୋଗରେ ପରିବେଶ ସୁରକ୍ଷା ଉପରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନକରି ନେଟ୍‌ୱର୍କ ସଦସ୍ୟଙ୍କ ଦ୍ୱାରା ପରିବେଶର ସୁରକ୍ଷା ନିମନ୍ତେ କରାଯାଇଥିବା ପକ୍ଷୀବସା ନିର୍ମାଣ, ଝରଣାରେ ପଥର ବନ୍ଧ ଦେଇ ଜଳ ସରକ୍ଷଣ, ବର୍ଜ୍ୟ ପରିଚାଳନା, ବୃକ୍ଷ ରୋପଣ ଆଦି ବିଭିନ୍ନ କାର୍ଯ୍ୟର ପ୍ରଶଂସା କରିଥିଲେ। ଯୁବକମାନେ ଏକ ନୂତନ ଭବିଷ୍ୟତର ଉତ୍‌ପେରକ। ତେଣୁ ସେମାନେ ଏହି ଗୁରୁଦାୟିତ୍ୱକୁ ବହନ କରିବା ପାଇଁ ପ୍ରସ୍ତୁତ ହେବା ଉଚିତ ବୋଲି ରଞ୍ଜନ ମତ ରଖିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଇନରହୁଇଲ କ୍ଲବ ଅଧ୍ୟକ୍ଷା ପ୍ରତିମା ନଳିନୀ ପତି ଏକ ସମୃଦ୍ଧ, ସ୍ଥାୟୀ ଓ ସୁଦୃଢ଼ ଭବିଷ୍ୟତ ଗଠନ ପାଇଁ ଯୁବଗୋଷ୍ଠୀର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଓଡ଼ିଶା ପରିବେଶ ସମିତିର ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ତଥା ଯୁବକଙ୍କ ଭୂମିକା ବିଷୟରେ ମତ ରଖିଥିଲେ। ଏଥିସହିତ ଦୈନନ୍ଦିନ ଜୀବନରେ ବର୍ଜ୍ୟବସ୍ତୁ ହ୍ରାସ, ଶକ୍ତି ସଂରକ୍ଷଣ, ବୃକ୍ଷରୋପଣ, ପରିବେଶ ଉପଯୋଗୀ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ଭଳି ଉପାଦେୟ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୫୦ରୁ ଅଧିକ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ପିକକ୍‌ର ପୂଜା ପଣ୍ଡା ଧନ୍ୟବାଦ ଅର୍ପଣ ଦେଇଥିବାବେଳେ ଜ୍ୟୋତି ଶଙ୍କର ମହାନ୍ତି, ଅଞ୍ଜନା ଦାଶ ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ।

# ନିର୍ଦ୍ଧାରିତ ସମୟରେ ରେଳ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

## ସମ୍ବଲପୁର ରେଳମଣ୍ଡଳ ଏମ୍‌ପି କମିଟି ବୈଠକ: ସଙ୍ଗୀତା କୁମାରୀ ସଭାପତି ମନୋନୀତ




ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ଏମ୍‌ପିମାନଙ୍କୁ ନେଇ ବିଭାଗୀୟ କମିଟି ବୈଠକ ଶନିବାର ଝାରସୁଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛତିଶଗଡ଼ ଏବଂ ଓଡିଶାର ଏମ୍‌ପିଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ବରିଷ୍ଠ ରେଳ ଅଧିକାରୀମାନେ ରେଳ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କୁ ବିଭାଗୀୟ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା। ତାଙ୍କ ସହ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, କଳାହାଣ୍ଡି ଏମ୍‌ପି ମାଳବୀକା ଦେବୀ, ଏମ୍‌ପି ରୂପ କୁମାରୀ ଚୌଧୁରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଟ୍ରେନ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା ନେଇ ଆଲୋଚନା କରିଥିଲେ। ସେହିପରି ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ରୋଡ୍ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର ବ୍ରିଜର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଷ୍ଟେଶନଗୁଡ଼ିକରେ ଯାତ୍ରୀ ସୁବିଧା ସୁଦୃଢ଼ କରିବା, ଟ୍ରେନ, ପ୍ଲାଟଫର୍ମ ଓ ଷ୍ଟେଶନ ପରିସରରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଥିଲା। ଆଞ୍ଚଳିକ ପଣ୍ୟ ପରିବହନ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବାରେ ପୂର୍ବତଟ ରେଳପଥର ପ୍ରଚେଷ୍ଟାକୁ ବଜାୟ ରଖିବା ପାଇଁ ଏମ୍‌ପିମାନେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ।




ଆନନ୍ଦମାର୍ଗ ଏକାଡେମୀ ଅଫ୍ ଲାଇଟ୍ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ପାଳନ ଅବସରରେ ଶନିବାର ବିଏମ୍‌ସି କାର୍ଯ୍ୟାଳୟରୁ ଲୋହିଆ ଏକାଡେମୀ ପର୍ଯ୍ୟନ୍ତ ବାହାରିଥିବା ସଚେତନତା ଶୋଭାଯାତ୍ରା।




ରବୀନ୍ଦ୍ର ମଣ୍ଡପଠାରେ କସ୍ତୁରବା ନାରୀ ମହଲ ପକ୍ଷରୁ ଶନିବାର ଅନୁଷ୍ଠିତ କୁମାର ଉତ୍ସବ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ସଂକ୍ଷେପରେ

### 'ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱ'

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ୨୦୨୨ର ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ଶିବାନୀ ରାଉତ ୧୭୦ତମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ଆଇନମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସଫଳତା ପଛରେ ପରିବାର ଏବଂ ଗୁରୁଜନମାନଙ୍କ ଆଶୀର୍ବାଦ ରହିଛି। ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବେ ବୋଲି ଶିବାନୀ କହିଛନ୍ତି।

### ଦେଶୀ ରନ୍ଧାମଦ ଜବତ, ୨୯୫୦ ଲିଟର ପୋଚ ନଷ୍ଟ

କଳାପଥର,୧୯।୧୦(ଗଙ୍ଗାଧର ସାହୁ)

କଟକ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ନିମାଇଁ ଚରଣ ସିଂହଙ୍କ ତତ୍ତ୍ୱାବଧାନରେ ବାଙ୍କୀ ପୋଲିସ, ଆଠଗଡ଼, ନରସିଂହପୁର, ଅବକାରୀ କର୍ମଚାରୀମାନେ ବାଙ୍କୀ ଥାନା ଅନ୍ତର୍ଗତ ବରପୁଟ ଶବର ସାହି ଅଞ୍ଚଳରେ ଚଢ଼ାଉ କରିଥିଲେ। ସେଠାରେ ମୋଟ ୨୯୫୦ଲିଟର ମଦ ପାଇଁ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଗୁଡ ଓ ସାରମିଶ୍ରିତ ଗୁଡପୋଚ, ୨୮୦ଲିଟର ଦେଶୀମଦ ଜବତ କରି ନଷ୍ଟ କରିଥିଲେ। ନଷ୍ଟ କରାଯାଇଥିବା ଗୁଡପୋଚ ଓ ମଦର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏହି ଚଢ଼ାଉରେ ବାଙ୍କୀ ଅବକାରୀ ଅଧିକାରୀ ସୌମ୍ୟରଞ୍ଜନ ମାଝୀ, ନରସିଂହପୁର ଅବକାରୀ ଅଧିକାରୀ ବିଶ୍ୱମ୍ଭର ବିଶ୍ୱାଳ, ଆଠଗଡ଼ ଅବକାରୀ ଅଧିକାର ଅରୁଣ ଭୋଇ, ବାଙ୍କୀ ଥାନାର ସହକାରୀ ଅଧିକାରୀ ପ୍ରଦୀପ କୁମାର ତ୍ରିପାଠୀ ସାମିଲ ଥିଲେ।

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୩ ଅଟକ

#### ଜେସିବି,ଟ୍ରାକ୍ଟର, ମିନିଟ୍ରକ୍ ଜବତ





ଟାଙ୍ଗୀ,୧୯।୧୦(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମସ୍ଥିତ ଘୋଡ଼ାଦୌଡ ପେଣ୍ଠ ନିକଟରେ ବେଆଇନଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଧରିଥିବା ବେଳେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଜେସିବି, ୪ଟି ଟ୍ରାକ୍ଟର, ୨ଟି ଟ୍ରକ୍, ଗୋଟିଏ ବାଇକ ଜବତ କରିଛି। ଫେରାର ମାଫିଆମାନଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଏହି ଖଣିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଖନନ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା।

### ଗଜଲକ୍ଷ୍ମୀ ପୂଜା ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବେଗୁନିଆ,୧୯।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ଦୋଳଯାତ୍ରା ପଡ଼ିଆରେ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସଯାତ୍ରା, ଘଟସ୍ଥାପନ, ମା'ଙ୍କ ପୂଜାର୍ଚ୍ଚନା, ଭାଗବତ ମେଳା, ନାଟକ 'ଗୁପ୍ତ ସମ୍ପର୍କ' ଭାପୁର ସାଂସ୍କୃତିକ କଳା ପରିଷଦ ଦ୍ୱାରା ମଞ୍ଚସ୍ଥ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରବୀନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ସାମ୍ବାଦିକ ଭଗବାନ ପଣ୍ଡା ମୁଖ୍ୟ ବକ୍ତା, ବଡ଼ରବେରେଣା ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ମହାପାତ୍ର, ବଡ଼ବେରେଣା ସରପଞ୍ଚ ଅସିତ ତ୍ରିପାଠୀ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଖିଳେଶ ମହାପାତ୍ର ସଂଯୋଜନା କରିଥିଲେ। ଯୁବପିଢ଼ି ତଥା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବହୁ ଶିକ୍ଷଣୀୟ ଏବଂ ଉପାଦେୟ ତଥ୍ୟ ମୁଖ୍ୟ ବକ୍ତା ପଣ୍ଡା ଉଦ୍‌ବୋଧନ ଦେଇଥିଲେ।

# ରାସ୍ତାରେ ଜମୁଛି ବର୍ଷାପାଣି, ଲୋକେ ହଇରାଣ

- ଗଜଲକ୍ଷ୍ମୀ ପୂଜା ପୂର୍ବରୁ ସଫେଇ ହେଲାନି ଡ୍ରେନ୍
- ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)



ପଦାରେ ପଡ଼ିଲା ଖୋର୍ଦ୍ଧା ପୌର ପ୍ରଶାସନ(କେଏମ୍‌ସି)ର ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି। ପୂଜା ଓ ଭସାଣି ପୂର୍ବରୁ ଡ୍ରେନ୍ ସଫେଇ ଏବଂ ରାସ୍ତା ମରାମତି ପାଇଁ ପ୍ରଶାସନ ସ୍ତରରେ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟକାରୀ କରାଗଲା ନାହିଁ। ବର୍ଷାକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଗଲା ନାହିଁ। ଏବେ ଲଘୁଚାପ ବର୍ଷା ହେବାରୁ ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଅଳିଆ, ଆବର୍ଜନା ସହ ପଲିଥିନ ଭାସୁଥିବା ଦେଖିବାକୁ ମିଳିଛି। ପଲ୍ଲା ଛକଠାରୁ ଭିଜିଲାନ୍ସ ଅଫିସ ପର୍ଯ୍ୟନ୍ତ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବା ବେଳେ ପଲ୍ଲା ଛକ, ନୂଆ ବସ୍‌ଷ୍ଟାଣ୍ଡ, ଟିଏଲ୍‌ସି ରୋଡ, ଚଣ୍ଡିଚୁଆ ଛକ, ନୂଆ ବସଷ୍ଟାଣ୍ଡ ଭିତର ଓ ପ୍ରବେଶ ପଥରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଛି। ସେହିପରି ମାରୱାଡି ପଟି, ଗୋଡ଼ିପୋଖରୀ ଛକରେ ସମାନ ଅବସ୍ଥା ରହିଛି।

ପ୍ରକାଶ ଯେ, ଗଜଲକ୍ଷ୍ମୀ ପୂଜା ପୂର୍ବରୁ ଜିଲା ପ୍ରଶାସନ, ପୂଜା କମିଟି ଏବଂ ପୌର ପ୍ରଶାସନକୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ଖାଲଖମା ରାସ୍ତା ଏବଂ ଡ୍ରେନ ପରିଷ୍କାର ପାଇଁ ଏକାଧିକ ପୂଜା କମିଟି ଅନୁରୋଧ କରିଥିଲେ। ପୂଜା ଆୟୋଜନ ପୂର୍ବରୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଧାୟକ ପ୍ରଶାନ୍ତ ଜଗଦେବ ଖାଲଖମା ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗକୁ କହିଥିଲେ। ତେବେ ଭସାଣି ଉତ୍ସବକୁ ଆଉ ୩ଦିନ ରହିଥିବା ବେଳେ ଏଯାବତ୍ ରାସ୍ତା ମରାମତି କରାଗଲା ନାହିଁ। ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଠାରୁ ନୟାଗଡ ରୋଡ୍, ପୁରୁଣା ମେଡିକାଲ ରୋଡ, ଟିଏଲ୍‌ସି ରୋଡ, ଭାଲିଆବାଡି ଠାରୁ ଚଣ୍ଡିଚୁଆ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ୱାର୍ଡ ନମ୍ବର ୫ ନିକଟରେ ଗୋଟିଏ ପଟେ ପଞ୍ଚାୟତ ସମିତି ଏବଂ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ରହିଥିବା ବେଳେ ଅନ୍ୟପଟେ ଅଗ୍ନିଶମ ଏବଂ କିଛିଦୂରରେ ରହିଛି ଜିଲାପାଳଙ୍କ କାର୍ଯ୍ୟାଳୟ। ଡ୍ରେନ ସଫା ନ ହେବା ଫଳରେ ଡ୍ରେନର ଅପରିଷ୍କାର ପାଣି ରାସ୍ତା ଉପରେ ଜମି ରହିଛି। ମୁଖ୍ୟ ରାସ୍ତାଠାରୁ ତଳେ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ଗଡି ଏଠାରେ ଜମୁଛି।

ଅଗ୍ନିଶମ କାର୍ଯ୍ୟାଳୟ ପାର୍ଶ୍ୱରୁ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ସାହି ଡ୍ରେନ ଦୀର୍ଘ ଦିନ ହେଲା ସଫା କରାଯାଇନାହିଁ। ଅପରିଷ୍କାର ପାଣିରେ ମଶା ବଂଶ ବୃଦ୍ଧି ଯୋଗୁ ଅନେକ ଲୋକ ଜ୍ୱରରେ ପୀଡିତ ହୋଇଥିବା ସୂଚନା ମିଳିଛି। ପୌର କାର୍ଯ୍ୟାଳୟ ନିକଟ ସ୍କୁଲ ଆଗରେ ଡ୍ରେନ ଭାଙ୍ଗି ମାଟିରେ ମିଶି ଯାଇଥିବା ବେଳେ ବାସେଳି ସାହି ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଡ୍ରେନ ପାଣି ରାସ୍ତାରେ ଜମୁଛି। ଲୋକେ ଡ୍ରେନ ପାଣି ଦେଇ ଯାତାୟାତ କରୁଛନ୍ତି। ଟ୍ରାଫିକ ଛକ ଠାରୁ ମାରୱାଡି ପଟି ଗୋଟିଏ ପାର୍ଶ୍ୱ ରାସ୍ତା ଡ୍ରେନ ଅବରୋଧ ଯୋଗୁ ଦୀର୍ଘ ବର୍ଷ ହେବ ସଫା କରାଯାଇନାହିଁ। ଫଳରେ ସାମାନ୍ୟ ବର୍ଷାରେ ପାଣି ଜମୁଛି। ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତା ଡ୍ରେନ ସଫା ହୋଇ ନ ଥିବା ବେଳେ ରାସ୍ତା ଠାରୁ ଡ୍ରେନ ଉଚ୍ଚାରେ ରହିଛି। ବର୍ଷା ପାଣି ନିଷ୍କାସନ କୌଣସି ବ୍ୟବସ୍ଥା ନାହିଁ। ସାମାନ୍ୟ ବର୍ଷାରେ ନୂଆବସଷ୍ଟାଣ୍ଡ ରୋଡ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଲୋକେ ହଇରାଣ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି। ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ଡ୍ରେନ୍ ସଫା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୱାଟର ଲଗିଙ୍ଗ ରହିଥିବା ଡ୍ରେନ ସଫାକୁ ଗୁରୁତ୍ୱ ଦିଆଯାଉଛି। ଯେପରି ବର୍ଷା ଆସିଲେ ରାସ୍ତାରେ ପାଣି ଜମିବ ନାହିଁ। ପର୍ଯ୍ୟାୟକ୍ରମେ ସମସ୍ତ ଡ୍ରେନ୍ ସଫା କରାଯିବ।

# ମାପ କରି ରାସ୍ତାରୁ ଜବରଦଖଲ ହଟାଯାଉ



ବୋଲଗଡ଼,୧୯।୧୦(ଦେବବ୍ରତ ହୋତା)

## ତହସିଲଦାରଙ୍କୁ ଦାବିପତ୍ର

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଞ୍ଚଳର ଅନେକ ଗ୍ରାମରେ ସରକାରୀ ଜାଗା, ରାସ୍ତା, ପୋଖରୀ ହୁଡ଼ା, ଗୋଚର, ଅନାବାଦି, ଜଙ୍ଗଲଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ତେବେ ଜବରଦଖଲ ମୁକ୍ତ କରି ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ଦାବି ହେଉଛି। ଏହିକ୍ରମରେ ବୋଲଗଡ଼ ତହସିଲ ପିଚୁକୁଳି ରାଜସ୍ୱ ସର୍କଲ ଅଧୀନ ରାସୋଳ ଗ୍ରାମବାସୀ ଗ୍ରାମର ବିଭିନ୍ନ ସରକାରୀ ରାସ୍ତାରୁ ଜବରଦଖଲ ହଟାଇବାକୁ ତହସିଲଦାର ନିବେଦିତା ପରିଡ଼ାଙ୍କ ନିକଟରେ ଦାବି କରିଛନ୍ତି। ତେବେ ତହସିଲଦାର ପରିଡ଼ା ଏହି ଆବେଦନପତ୍ର ଗ୍ରହଣ କରିବା ସହ ସରକାରୀ ନିୟମ ଅନୁଯାୟୀ ମାପ ଚିହ୍ନଟ ପ୍ରକ୍ରିୟା ପାଇଁ ନିର୍ଦ୍ଧାରିତ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଆବେଦନକରୀଙ୍କ ପକ୍ଷରୁ ଏହି ଅର୍ଥ ଦାଖଲ କରାଯାଇଛି। ସାମାଜିକକର୍ମୀ ସତ୍ୟ ନାରାୟଣ ବାରିକ, ବୁଦ୍ଧିନାଥ ବେହେରା, ସୁଶାନ୍ତ କୁମାର ସାହୁଙ୍କ ସମେତ ମା'କୁଣ୍ଡାଖାଇ ସେବା ସଂଘର ସଦସ୍ୟ ଏବଂ ଅନ୍ୟ ଗ୍ରାମବାସୀମାନେ ଉପସ୍ଥିତ ରହି ଆବେଦନ କରିଛନ୍ତି।

# ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ଟାଙ୍ଗୀ,୧୯।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ପରିସରରେ ଥିବା ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଜ୍ଞାନ ବୃଦ୍ଧି ହେବା ସହ ଶାରୀରିକ ଦକ୍ଷତା ବୃଦ୍ଧି ପାଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ସୀତାଂଶୁ ଶେଖର ମହାନ୍ତି, ସହ ସମ୍ପାଦକ ରଞ୍ଜିତା ଚମ୍ପତିରାୟ, ନିରଞ୍ଜନ ସାହୁ, ଦିଲୀପ କୁମାର ମୁଦି, ଲକ୍ଷ୍ମୀଧର ପାତ୍ର, ପ୍ରିତୀ ପଟ୍ଟନାୟକ, ପୂର୍ଣ୍ଣବ୍ରତ ମହାପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୧୫୦ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଚାଷୀଙ୍କ ନିକଟରେ ଯୋଜନା ପହଞ୍ଚିଲେ ସଫଳ ହେବ



ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ, ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି ବୈଠକର ଆଭିମୁଖ୍ୟ ଓ କୃଷି ଯନ୍ତ୍ରପାତି ମେଳାର ଆବଶ୍ୟକତା ସମ୍ପର୍କରେ କହିଥିଲେ। କୃଷି କାର୍ଯ୍ୟରେ କିଭଳି ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇପାରିବ, ବିଶେଷକରି ଯୁବକମାନେ ଏଥିରେ ସାମିଲ ହେବେ ଏହା ହିଁ ଏହି ମେଳାର ମୁଖ୍ୟ ଆଭିମୁଖ୍ୟ ରହିବ ବୋଲି କହିଥିଲେ। ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। କୃଷକଙ୍କ ବିକାଶରେ ରାଷ୍ଟ୍ରର ବିକାଶ। ଚାଷୀ ଦେଶର ମେରୁଦଣ୍ଡ। ଏ ସବୁ ଯୋଜନା କୃଷକଙ୍କ ନିକଟରେ ପହଞ୍ଚାଇବା ଦାୟିତ୍ୱ କୃଷି ବିଭାଗର। କୃଷି, ଉଦ୍ୟାନ, ପଶୁପାଳନ ଓ ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ସମନ୍ୱୟରେ ଏ ଯୋଜନା ଗୁଡ଼ିକ କିଭଳି କାର୍ଯ୍ୟକାରୀ କରିବାକୁହେବ ସେନେଇ ବିବୃତିରଖିଥିଲେ। ସେହିପରି ଯୁବକମାନଙ୍କୁ କୃଷି ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ବ୍ୟାପକ ସଚେତନତା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଟିଏ ଲକ୍ଷ୍ୟ ଓ ଭିଜନ ନେଇ ଚାଷୀମାନଙ୍କ ପାଇଁ କାମ କରିବାକୁ ବିଧାୟକ ପରାମର୍ଶ ନେଇଥିଲେ। ଆଗାମୀ ୫ବର୍ଷ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରିବାକୁ କହିଥିଲେ। ବୈଠକରେ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭାଇଚାରାର ବାର୍ତ୍ତା ଦିଏ' ଗୋପବନ୍ଧୁ ଗଜଲକ୍ଷ୍ମୀ ପୂଜା କମିଟି

ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଖୋର୍ଦ୍ଧା ସହର। ସବୁଠି ରହିଛି ଉତ୍ସାହର ମାହୋଲ। ଅପରାହ୍ନରୁ ସହର ଭିତରକୁ ଲୋକଙ୍କ ସୁଅ ଛୁଟୁଥିବା ବେଳେ ମଣ୍ଡପଗୁଡ଼ିକ ନିକଟରେ ଅତ୍ୟଧିକ ଗହଳି ରହୁଥିବା ଦେଖିବାକୁ ମିଳିଛି। ଆକର୍ଷଣୀୟ ସାଜସଜ୍ଜା ସହିତ ତୋରଣ, ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ଗୋପବନ୍ଧୁ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଭାଇଚାରାର ବାର୍ତ୍ତା ଦେଇଥାଏ। ଏଠାରେ ହିନ୍ଦୁ, ମୁସଲିମ ସମ୍ପ୍ରଦାୟର ବ୍ୟବସାୟୀମାନେ ଏକାଠି ମିଶି ପୂଜା ଆୟୋଜନ କରିଥାନ୍ତି। ସପ୍ତାହବ୍ୟାପୀ ପୂଜାରେ ଦୈନିକ ମା'ଙ୍କ ନିକଟରେ ସକାଳ ମଙ୍ଗଳ ଆଳତି, ବାଲଭୋଗ ପରେ ମଧାହ୍ନରେ ଶଙ୍ଖୁଡି ଭୋଗ, ବିଭିନ୍ନ ଦିନରେ ବିଭିନ୍ନ ପ୍ରକାର ଫଳ, ମିଠା ଭୋଗ ସହ ଅନ୍ୟ ଭୋଗ ଅର୍ପଣ କରାଯାଏ। ଭୋଗଲାଗି ପରେ ସମସ୍ତେ ଗ୍ରହଣ କରିଥାନ୍ତି। କମିଟି ସଭାପତି ନିରଞ୍ଜନ ଦୋରା କୁହନ୍ତି, ପୁରୁଣା ମେଡିକାଲ ପେଟ୍ରୋଲ ପମ୍ପଠାରୁ ୪୫ ଦୋକାନକୁ ନେଇ ଗୋପବନ୍ଧୁ ବାଣିଜ୍ୟ ପରିଷଦ ଗଠନ କରାଯାଇଛି। ଏଠାରେ ଅଧିକାଂଶ ବେପାରୀ ହେଉଛନ୍ତି ମୁସଲିମ ସମ୍ପ୍ରଦାୟର। ସମସ୍ତଙ୍କ ଆଗ୍ରହକ୍ରମେ ଏଠାରେ ଦୀର୍ଘ ବର୍ଷ ହେବ ପୂଜା ହୋଇଆସୁଛି। ପ୍ରଥମେ ପରିବା ଦୋକାନରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ପୂଜା ଲାଗି ଏକ ପିଣ୍ଡି କରାଯାଇଛି। ସେଠାରେ ପୂଜା ଆୟୋଜିତ ହୋଇଆସୁଛି। ପୂଜାରେ ମୁସଲିମ ଭାଇମାନେ ସହଯୋଗ କରିଥାନ୍ତି। ସେହିପରି ମରୁବର ରେହମାନ ଓ ମସୁଦ ଗାନ କୁହନ୍ତି, ଦୀର୍ଘ ବର୍ଷ ହେବ ଏହି ନିଆରା ପରମ୍ପରା ଚାଲିଆସିଛି। ଏଠାରେ ସପ୍ତଦିନ ବ୍ୟାପୀ ବିଶ୍ୱଶାନ୍ତି ଉପଲକ୍ଷେ ଅଖଣ୍ଡ ଦୀପ ପ୍ରଜ୍ୱଳିତ କରାଯାଏ। ସଦସ୍ୟମାନେ ମାନସିକ ଦୀପ ଜାଳିଥାନ୍ତି।

# ଗ୍ରାମାଞ୍ଚଳ ବିକାଶ ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୧୯।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ ଗ୍ରାମାଞ୍ଚଳ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଗୁରୁତ୍ୱ ଦିଅ। ତ୍ୱରିତ ସେବା ଯୋଗାଇଲେ ଲୋକେ ପ୍ରଶଂଶା କରିବେ। ଲୋକାଭିମୁଖୀ ଯୋଜନା, ଉତ୍ତମ ବ୍ୟବହାର, ସେବା ସମ୍ମାନ ବଢ଼ାଇବ। ଏହି ଅବସରରେ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ଜନପ୍ରତିନିଧିଙ୍କ ପକ୍ଷରୁ ଆସୁଥିବା ପ୍ରସ୍ତାବକୁ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେବାକୁ କହିଥିଲେ। ବିଭିନ୍ନ ପ୍ରକଳ୍ପରେ ଅର୍ଥ ସୁବିନିଯୋଗ, ସମୀକ୍ଷା କରିଥିଲେ। ପ୍ରକୃତ ହିତାଧିକାରୀଙ୍କ ନିକଟରେ ଯୋଜନା ପହଞ୍ଚିଲେ ସରକାରଙ୍କ ଯୋଜନା ସଫଳ ହେବ। ମୋଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ମନ୍ଥରତାକୁ ଦେଇ ନିର୍ବାଚିତ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମୀଣ ଜଳ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ କହିଥିଲେ। ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ, ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ରେଲ୍‌ୱେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ ଏକାଡେମୀ ଉଦ୍‌ଘାଟିତ




ଜଟଣୀ,୧୯।୧୦(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଲ୍‌ୱେ ସ୍ପୋର୍ଟ୍ସ ଆସୋସିଏଶନ ଖୋର୍ଦ୍ଧାରୋଡ୍ ପକ୍ଷରୁ ଶନିବାର ଜଟଣୀସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ରେଲୱେ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ ଏକାଡେମୀ (ଆରଆଇଏସ୍‌ଏ) ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧାରୋଡ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜୱା ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ଖୋର୍ଦ୍ଧାରୋଡର ସଭାନେତ୍ରୀ ଗୁର୍ ସିମ୍ରନ କୌରଙ୍କ ଦ୍ୱାରା ଏହି ସ୍ପୋର୍ଟ୍ସ ଏକାଡେମୀ ଉଦ୍‌ଘାଟନ ହୋଇଥିଲା। ଏହି ସ୍ପୋର୍ଟ୍ସ ଏକାଡେମୀରେ ୭ବର୍ଷରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ କମ୍ ଦେୟରେ ବିଭିନ୍ନ କ୍ରୀଡା ଉପରେ କୋଚିଂ ଦିଆଯିବ। ଇଷ୍ଟକୋଷ୍ଟ ରେଲୱେର ଇନ-ହାଉସ କୋଚିଂ ପ୍ରଶିକ୍ଷକ, ଯଥା ବିସିସିଆଇ ଅଧୀନରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଖେଳାଳି, କ୍ରୀଡ଼ା ବ୍ୟକ୍ତି ଦ୍ୱାରା କୋଚିଂ ପ୍ରଦାନ କରାଯିବ। ବର୍ତ୍ତମାନ କ୍ରିକେଟ, ବାସ୍କେଟ ବଲ ଏବଂ ବ୍ୟାଡମିଣ୍ଟନ କ୍ରୀଡା ଉପରେ କୋଚିଂ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ସ୍ଥାନୀୟ ପିଲାମାନଙ୍କ ଆବଶ୍ୟକତା ଅନୁଯାୟୀ କୋଚିଂ ସୁବିଧା ଅନ୍ୟ କ୍ରୀଡାକୁ ବିସ୍ତାର କରାଯିବ। କ୍ରିକେଟ ପାଇଁ କୁଳମଣି ପରିଡା, ସୌରଭ ସେହଗଲ, ରାକେଶ ମହାନ୍ତି, ବିଘ୍ନେଶ ମହାନ୍ତି, ସୁବିତ ବିଶ୍ୱାଳ, ବ୍ୟାଡମିଣ୍ଟନ ପାଇଁ କେ.ମନୋଜ କୁମାର ଏବଂ ବାସ୍କେଟ ବଲ୍ ପାଇଁ ଦୀପକ ମାଣିଆ ପ୍ରମୁଖ ପ୍ରଶିକ୍ଷକଭାବେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ମଣ୍ଡଳ ରେଲୱେ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ କ୍ରୀଡ଼ା ପ୍ରତି ଆଗ୍ରହୀ ଥିବା ପିଲାମାନେ ସେମାନଙ୍କ ପ୍ରିୟ ଖେଳ ଉପରେ କୋଚିଂ ନେବା ପାଇଁ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ ଖୋର୍ଦ୍ଧାରୋଡର କ୍ରୀଡ଼ା ସଚିବ ଏମ୍.ଡି.ଜାକିରୁଦ୍ଦିନଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଖୋର୍ଦ୍ଧାରୋଡର ହିମାଦ୍ରି ଭୂଷଣ ବିଶ୍ୱାଳ, ଅନ୍ୟ ଶାଖା ଅଧିକାରୀ, ମହିଳା ସଙ୍ଗଠନ ସଦସ୍ୟା ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ନାଟକ ମଞ୍ଚସ୍ଥ



ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

ଫ୍ରେଣ୍ଡସ କଲ୍‌ଚରାଲ ଗ୍ରୁପ ମେଣ୍ଟଶାଳ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସାମାଜିକ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ମଞ୍ଚସ୍ଥ ହେଇଯାଇଛି। ମହେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶନା, ସର୍ବେଶ୍ୱର ସାମନ୍ତରାୟଙ୍କ ପରିକଳ୍ପନା, ରାଜ ଖାଁଙ୍କ ପରିଚାଳନା, ଉପଦେଷ୍ଟା ତ୍ରିଲୋଚନ ବାହିନୀପତି, ସ୍ମାରକ ଲିଟୁ, ଦନେଇଙ୍କ ମିଳିତ ସହଯୋଗରେ ଏହି ନାଟକ ପରିବେଷିତ ହୋଇଥିଲା। ମୁଖ୍ୟ କଳାକାରଭାବେ ସୁକାନ୍ତ ପାତ୍ର, ସିଲୁ ପରିଡ଼ା, ପପୁ ଜଗଦେବ, ଶଶିଭୂଷଣ ପ୍ରଧାନ, ସୁଶାନ୍ତ ପାତ୍ର, ରାମ ପାଇକରାୟ, ଧୀରେନ ପାତ୍ର, ରିଙ୍କୁ, ଗୁଡୁ, କାଳିଆ ଷଣ୍ଢ, ତପୁ ସାମନ୍ତରାୟ, ସୁକାନ୍ତ ସାମନ୍ତରାୟ ପ୍ରମୁଖ ଅଭିନୟ କରିଥିଲେ। ଭଗବତ ବାସୁଦେବଙ୍କ ପବିତ୍ର ବିଜେସ୍ଥଳୀ ମେଣ୍ଟଶାଳ ଗ୍ରାମ ନିଜର ଅନନ୍ୟ ସଂସ୍କୃତି ପରମ୍ପରା ପାଇଁ ଜିଲା ସମେତ ରାଜ୍ୟରେ ସୁନାମ ଅର୍ଜନ କରିଛି। ଦୀର୍ଘବର୍ଷ ଧରି ଗ୍ରାମର ଯୁବକମାନଙ୍କ ପ୍ରୟାସରେ ନାଟକ ଉପସ୍ଥାପିତ ହେଇଆସୁଥିବା ସହିତ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଯେଉଁ ପରମ୍ପରା ସୃଷ୍ଟି ହେଇଥିଲା ତାହାକୁ ଅକ୍ଷୁର୍ଣ୍ଣ ରଖିଆସିଛି। ନାଟକଟି ସମାଜର ବର୍ତ୍ତମାନର ସାମାଜିକ ଚଳଣୀ ଉପରେ ପରିବେଷିତ ହୋଇଥିଲା।

# ସତ୍ୟ, ସରଳ ପ୍ରକୃତିର ଆତ୍ମାରେ ଈଶ୍ୱର ବିଦ୍ୟମାନ

ବେଗୁନିଆ,୧୯।୧୦(ହର ପ୍ରସନ୍ନ ପଣ୍ଡା)



ଅଦୃଶ୍ୟ ଈଶ୍ୱର' କବିତା ପାଠ ଏବଂ ଆଲୋଚନାଚକ୍ର ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## 'ଅଦୃଶ୍ୟ ଈଶ୍ୱର' କବିତା ପାଠ ଏବଂ ଆଲୋଚନାଚକ୍ର

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କୁଞ୍ଜବିହାରୀ ଦେବ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ 'ଅଦୃଶ୍ୟ ଈଶ୍ୱର' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ହୋଇଥିଲା। ପ୍ରାରମ୍ଭରେ କବି ଗୁରୁକୁମାର ପାଣିଗ୍ରାହୀ ମଙ୍ଗଳା ଚରଣ ପାଠ କରିବା ପରେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ରଜନୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଏବଂ ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଯୁଗେ ଯୁଗେ ଦୃଶ୍ୟମାନ ପାର୍ଶ୍ୱରେ ମିଥ୍ୟା ହିଁ ଥାଏ। କାଳେ କାଳେ ଅଦୃଶ୍ୟମାନ ହେଉଛନ୍ତି ଈଶ୍ୱର ତଥା ସତ୍ୟ ବୋଲି ଭାବିବା ଠିକ୍। ଯେମିତିକି ଖୋଲା ଆଖିରେ କେବଳ ନିଜର ଶରୀରକୁ ହିଁ ଦେଖୁ। କିନ୍ତୁ ଶରୀର କେବେହେଲେ ତିଷ୍ଠି ରହେନା। ଦିନେ ନା ଦିନେ ନିଶ୍ଚିହ୍ନ ହେବ। କିନ୍ତୁ ମଣିଷର ଶରୀର ଭିତରେ ଲୁଚି ରହିଥିବା ଆତ୍ମା ହେଉଛି ସତ୍ୟ ତଥା ଅଦୃଶ୍ୟ ଈଶ୍ୱର। ପ୍ରକୃତ ଈଶ୍ୱର କେବଳ ସତ୍ୟ, ଦୟା ଓ ସରଳ ଭାବାପନ୍ନ ମଣିଷ ଆତ୍ମାରେ ହିଁ ଧାରଣ କରନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବୟିତ୍ରୀ ପ୍ରତିମା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବିକେତନ ଗୌରଚରଣ ସାମନ୍ତସିଂହାର, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ପ୍ରଧାନ, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ କୁମାର ହୋତା, କବି ଲକ୍ଷ୍ମୀଧର ମହାରଣା, ବସନ୍ତ କୁମାର ସାହୁ, ଧନଞ୍ଜୟ ମହାପାତ୍ର, କବୟିତ୍ରୀ ପଦ୍ମାଳୟା ମହାପାତ୍ର, କଲ୍ୟାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ କବି ଶ୍ରୀକୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୦।୨୦୨୪

| ୪,୯୩,୫୪୦ ଟଙ୍କା | |
|---|---|
| ସୁନା | ୧୦ ମିଲିଗ୍ରାମ୍ |
| ରୁପା | ୧୫ ଗ୍ରାମ୍ |

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

- ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ
- ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ, ଉତ୍ତର ପାର୍ଶ୍ୱ ମଠ ଏବଂ ପ୍ରମୋଦ ଉଦ୍ୟାନ ସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ ହରିଚନ୍ଦନ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅଧିକାରୀମାନେ ।

ପୁରୀ ଜିଲା ଅନ୍ତର୍ଗତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ବାକିଥିବା କାର୍ଯ୍ୟ ଏବଂ ପ୍ରକଳ୍ପ ନବୀକରଣ ପାଇଁ ନୂଆ ଡିପିଆର୍ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ୍ ବିଦ୍ୟାଳୟ ନିର୍ମାଣ, ହରଚଣ୍ଡୀ ସାହିସ୍ଥିତ ସେବାୟତ ଆବାସିକ ପ୍ରକଳ୍ପ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠା ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଘର ଓ ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ବିକାଶ, କୋଣାର୍କ ଐତିହ୍ୟ ଅଞ୍ଚଳ ବିକାଶ ପ୍ରକଳ୍ପ, ମୂଷାନଦୀର ପୁନରୁଦ୍ଧାର, ପୁରୀ ହ୍ରଦର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ, ଦିଗବାରେଣୀର ବହୁମୁଖୀ ଯାନ ରହଣି ସ୍ଥଳ, ଆଚାର୍ଯ୍ୟ ହରିହର ଛକରୁ ଜାତୀୟ ରାଜପଥ ୩୧୬ ପର୍ଯ୍ୟନ୍ତ ରାସ୍ତାର ବିକାଶ, ସିପସରୁବାଲି ଗାଡ଼ି ପାର୍କିଂ, ସମୁଦ୍ର କୂଳରେ ଜୈବ ଶୌଚାଳୟ ନିର୍ମାଣ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ପିପିଲିଠାରେ ଚାନ୍ଦୁଆ ହବ୍ ପାଇଁ ଜମି ଚିହ୍ନଟ, ଶ୍ରୀମନ୍ଦିରର ୭୫ ମିଟର ପରିଧି ମଧ୍ୟରେ ମଠ ଓ ମନ୍ଦିର ମରାମତି ଏବଂ ନବୀକରଣ, ଅଠରନଳା ଐତିହ୍ୟ ପ୍ରକଳ୍ପ, ଶ୍ରୀଅଲାରନାଥ ପୀଠର ସମନ୍ୱିତ ବିକାଶ, କାକଟପୁର ମା' ମଙ୍ଗଳା ପୀଠର ବିକାଶ, ବକୁଳବନର ସୌନ୍ଦର୍ଯ୍ୟକରଣ ଓ ଶ୍ରୀସେତୁଠାରେ ପିଣ୍ଡି ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପୁରୀ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ହରିଚନ୍ଦନ ବିଭାଗୀୟ ଶାସନ ସଚିବ, ଜିଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ, ଉତ୍ତର ପାର୍ଶ୍ୱ ମଠ ଏବଂ ପ୍ରମୋଦ ଉଦ୍ୟାନ ସ୍ଥଳ ପରିଦର୍ଶନ କରି ଏହାର ବିକାଶ ନେଇ ଆଲୋଚନା କରିଥିଲେ। ବୈଠକରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଦେବୋତ୍ତର କମିଶନର ଲଳାଟେନ୍ଦୁ ଜେନା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧିକାରୀ ବିନୀତ ଅଗ୍ରୱାଲ, ଇଆଇସି ସିଭିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ

ନିମାପଡ଼ା,୧୯।୧୦ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଚଳିତ ଅକ୍ଟୋବରରେ ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରସାର ଚାଲିଥିବାରୁ ଏବେ ଚାଷୀକୁଳ ଚିନ୍ତାରେ ଅଛି। ଚଳିତ ଖରିଫ ଋତୁରେ ନିମାପଡ଼ା ବ୍ଲକରେ ମୋଟ ୨୦ ହଜାର ୬ ଶହ ହେକ୍ଟର ଚାଷଜମିରେ ଖରିଫ ଧାନ ଫସଲ ଓ ୩ ହଜାର ହେକ୍ଟର ଜମିରେ ଅଣଧାନ, ପନିପରିବା ଚାଷ ହୋଇଥିବା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ହଜାର ହଜାର ଚାଷୀ ବିଭିନ୍ନ ବ୍ୟାଙ୍କ ଓ ବିଭିନ୍ନ ସଂସ୍ଥାରୁ ଋଣ ଓ ଧାରକରଜ କରି ଧାନ ଫସଲ କରିଛନ୍ତି। ଏବେ ଧାନର ଥୋଡ ଧରିବାର ପୂର୍ବାବସ୍ଥା । ଏହି ସମୟରେ ଯଦି ବାତ୍ୟା କି ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଓ ପବନ ହୁଏ, ତେବେ ଧାନ ଓ ଅଣଧାନ ଫସଲ ବହୁଳ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ମୋଟାମୋଟି ଭାବେ ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନେଇ ନିମାପଡ଼ା ବ୍ଲକ, ଏନ୍ଏସି ଅଞ୍ଚଳ ସମେତ ନିମାପଡ଼ା କୃଷି ଜିଲା ଅଧୀନ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ବ୍ଲକର ଚାଷୀ ଏବେ ଚିନ୍ତାରେ ଅଛନ୍ତି। ଏଥିପାଇଁ କେବଳ ଚାଷୀକୁଳ ନୁହେଁ ସାଧାରଣ ଲୋକଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିବ। ଦରଦାମ ବୃଦ୍ଧି ହେବା ସହ ମୁନାଫାଖୋର ବ୍ୟବସାୟୀ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ସୃଷ୍ଟି କରିବାର ସମ୍ଭାବନା ରହିଛି। କେବଳ ଭଗବାନ ହିଁ ଆମ ଚାଷୀକୁଳର ସାହାଭରସା ବୋଲି ଚାଷୀ ରମେଶ ସ୍ୱାଇଁ, ଫକୀର ପରିଡ଼ା, ରାମଚନ୍ଦ୍ର ପ୍ରଧାନ, ବିପିନ ସାହୁ, ଭରତ ଲେଙ୍କା ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ମଦ ଜବତ, ଯୁବକ ଗିରଫ

ବଳଙ୍ଗା,୧୯।୧୦(କେଦାରେଶ୍ୱର ନନ୍ଦ)

ମିର୍ଜାପୁର ଛକଠାରେ ଶନିବାର ବଳଙ୍ଗା ଥାନା ପୋଲିସ ଗାଡ଼ି କାଗଜପତ୍ର ଯାଞ୍ଚ କରୁଥିବା ସମୟରେ ଏକ କାରରୁ ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଏଏସ୍ଆଇ ରତ୍ନାକର ବେହେରାଙ୍କ ନେତୃତ୍ୱରେ ଏହି ଚେକିଙ୍ଗ ଚାଲିଥିଲା । କେତକୀପାଟଣା ବଜାର ପଟୁ ଏକ କାର୍ ଦ୍ରୁତଗତିରେ ଆସୁଥିଲା। ସେହି ସମୟରେ ପୋଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ୪୦ ପେଟି ଦେଶୀ ମଦ ମିଳିଥିଲା। ଚାଳକ ସତ୍ୟବାଦୀ ଥାନା ସୁଆଲ ଗ୍ରାମର ଚିନ୍ମୟ ଜେନାଙ୍କୁ (ମିଥୁନ) ଗିରଫ କରାଯାଇଛି। ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ୨୮୫/୨୪ରେ ଏକ ମାମଲା ରୁଜୁ ସହ ଚିନ୍ମୟଙ୍କୁ କୋର୍ଟଚାଲାଣ କରିଥିଲେ।

### ଟାଏକୋଣ୍ଡୋରେ ସ୍ୱର୍ଣ୍ଣ ଜିତିଲେ ନିମାପଡ଼ାର ସି. ମାନ୍ୟତା ଅଦ୍ରିତି

ନିମାପଡ଼ା,୧୯।୧୦(ରଞ୍ଜନ ପଟ୍ଟନାୟକ)

ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିମାପଡ଼ାର ସି. ମାନ୍ୟତା ଅଦ୍ରିତି ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଛନ୍ତି। ମାନ୍ୟତା ହେଉଛନ୍ତି ନିମାପଡ଼ା ବ୍ଲକ ଧଲେଶ୍ୱର ଗ୍ରାମର ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳଙ୍କ ଝିଅ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳଙ୍କ ନାଉଣୀ। ମାନ୍ୟତା ଏବେ




ନିମାପଡ଼ା ଡିଏଭି ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ ୪ରେ ଜଣେ ମେଧାବୀ ଛାତ୍ରୀ। । ଏଥିସହ ସେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ସଫଳତା ମଧ୍ୟ ପାଇଛନ୍ତି। ମାନ୍ୟତାଙ୍କ ଏହି ସଫଳତାରେ କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ଶ୍ୱେତପର୍ଣ୍ଣ ରାୟମହାପାତ୍ର, ହେଲ୍ପଲାଇନର ସଭାପତି ନିଗମାନନ୍ଦ ସାହୁ ଓ ରଞ୍ଜନ ସେନାପତି ପ୍ରମୁଖ ପ୍ରଶଂସା କରିଛନ୍ତି।


ବୃନ୍ଦାବତୀ ନିବାସ ହବିଷିଆଳି ଶିବିରରେ କାର୍ତ୍ତିକ ବ୍ରତଧାରୀ ମହିଳାମାନେ ରାଇଦାମୋଦର ପୂଜା କରୁଛନ୍ତି ।

# ହବିଷିଆଳିଙ୍କ ରାଇଦାମୋଦର ପୂଜାରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀଡ,୧୯।୧୦(ଅଜିତ କୁମାର ମହାନ୍ତି)

ହବିଷିଆଳିମାନଙ୍କ ହବିଷ ବ୍ରତ, ପୂଜାର୍ଚ୍ଚନା, ହରିବୋଲ ଓ ହୁଳହୁଳିସାଙ୍ଗକୁ କାର୍ତ୍ତିକ ପୁରାଣ ପାଠରେ ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ହବିଷିଆଳିମାନେ ଭୋରରୁ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ଚଉରା ମୂଳେ ମୁରୁଜ ପକାଇ ରାଇଦାମୋଦର ପୂଜା କରୁଛନ୍ତି। ପରେ ସେମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଦିନରେ କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ କରିବା ସହ ମହାପ୍ରସାଦ ସେବନ କରି ବ୍ରତଧାରୀମାନେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଏକ ମାସ ଧରି ନିଷ୍ଠାର ସହ ବ୍ରତ ପାଳନ କରିବେ। କାର୍ତ୍ତିକ ବ୍ରତ ପାଳନ କଲେ ଭକ୍ତମାନେ କୋଟି ପୁଣ୍ୟ ଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷ୍ୟାଳି ଯୋଜନା କରାଯାଇଛି। ଏହି ଯୋଜନାରେ ପୁରୀରେ ୪ଟି ସ୍ଥାନରେ ହବିଷିଆଳି ଶିବିର ଖୋଲାଯାଇଛି। ପ୍ରାୟ ୨୫ଶହ ହବିଷିଆଳିଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଛି। ଶିବିରଗୁଡ଼ିକରେ ହବିଷିଆଳିଙ୍କ ପାଇଁ ସକାଳୁ ବୃନ୍ଦାବତୀ ପୂଜାଠାରୁ ଆରମ୍ଭ କରି ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଏବଂ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ସେହିପରି ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିବାବେଳେ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ସୁରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି। ପୁରୀ ନରେନ୍ଦ୍ର କୋଣରେ ଥିବା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଫାଉଣ୍ଡେଶନ ଏବଂ ମୋଚି ସାହି କଲ୍ୟାଣ ମଣ୍ଡପଠାରେ ହବିଷିଆଳି ଶିବିର କରାଯାଇଛି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଅନଲାଇନରେ ପଞ୍ଜୀକୃତ ହୋଇଥିବା ହବିଷିଆଳିମାନଙ୍କୁ ଶିବିରରେ ରଖାଯାଇଛି। ତେବେ ପରବର୍ତ୍ତୀ ସମୟରେ ପଞ୍ଜୀକରଣକୁ ନେଇ ବିବାଦ ଦେଖାଦେବା ସହ ଅନେକ ହବିଷ୍ୟାଳି କେନ୍ଦ୍ର ବାହାରେ ବସିରହିଥିଲେ। ପରେ ପ୍ରଶାସନ ସେମାନଙ୍କ ରହିବା ନିମନ୍ତେ ବ୍ୟବସ୍ଥା କରିଛି। ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାକୁ ନେଇ ହବିଷିଆଳିମାନେ ଖୁସି ପ୍ରକଟ କରିଛନ୍ତି। ଅପରପକ୍ଷରେ ଅନେକ ହବିଷିଆଳି ସରକାରଙ୍କ ପକ୍ଷରୁ କରାଯାଇଥିବା କେନ୍ଦ୍ରରେ ନ ରହି ବିଭିନ୍ନ ମଠ, ମନ୍ଦିର, ଭଡାଘରେ ଓ ସମ୍ପର୍କୀୟଙ୍କ ଘରେ ରହି ବ୍ରତ ପାଳନ କରୁଛନ୍ତି। ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ଶିବିର ନିକଟରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଚାରିଆଶ୍ରମ ପରମ୍ପରା ଶ୍ରୀକ୍ଷେତ୍ର ପ୍ରାଚୀନ ସଭ୍ୟତାର ପ୍ରତୀକ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ପୁରୀ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଶ୍ରୀକ୍ଷେତ୍ରର ଚାରିଆଶ୍ରମ ପରମ୍ପରା ଓ କୁମାର ପୂର୍ଣ୍ଣିମା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଐତିହାସିକ ମଦନ ମୋହନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୁରୀରେ ଥିବା ଅଙ୍ଗିରା, ମାର୍କଣ୍ଡ, ଭୃଗୁ ଓ ପଞ୍ଚୁ ମୁନିଙ୍କ ଆଶ୍ରମ ପରମ୍ପରା ବୈଦିକ ଯୋଗୀୟ ସଂସ୍କୃତିର ପରିଚୟ ଦେଉଛି ବୋଲି ଅତିଥିମାନେ କହିଥିଲେ। ଚକ୍ରରାଜ ଶ୍ରୀସୁଦର୍ଶନ କୁମାର ପୂର୍ଣ୍ଣିମା ତିଥିରେ ଦଇତା ସେବକଙ୍କ ଦ୍ୱାରା ଚାରି ଆଶ୍ରମକୁ ଶ୍ରୀମନ୍ଦିରରୁ ବିଜେ ହୁଅନ୍ତି। ଏହି ସୁଦର୍ଶନ ମହାପ୍ରଭୁ ଓଁକାର ସ୍ୱରୂପ ନାରାୟଣ ଭକ୍ତଙ୍କୁ ତଥା ଜଗତକୁ ସୁରକ୍ଷା ଦିଅନ୍ତି। ଶ୍ରୀକ୍ଷେତ୍ରର ଏହି ପରମ୍ପରା ଶ୍ରୀଜଗନ୍ନାଥ ସଂସ୍କୃତିର ମୌଳିକ ବିଶେଷତ୍ୱ ଓ ମାହାତ୍ମ୍ୟ ପ୍ରଦାନ କରେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ବିଜୟଲକ୍ଷ୍ମୀ ଦାଶ, ଗବେଷକ ନାରାୟଣ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପ୍ରମୋଦ କୁମାର ଦଳାଇ, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି, ପଣ୍ଡିତ ସଦାଶିବ ମିଶ୍ର, ବିପିନ ଦଳାଇ, ଯୋଗେଶ୍ୱର ପ୍ରହରାଜ, ବସନ୍ତ କୁମାର ମିଶ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ତୃପ୍ତି ପଣ୍ଡା, ଜୁପିଟର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ତପନ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଶାଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କାଳୀପୂଜା ନିମନ୍ତେ ବାସ୍ତୁ ଶ୍ମଶାନରୁ ମାଟି ଅନୁକୂଳ


ମାଟି ଅନୁକୂଳ ପାଇଁ ପୂଜକମାନେ ଯାଉଛନ୍ତି।

ସାକ୍ଷୀଗୋପାଳ,୧୯।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଶନିବାର ପରମ୍ପରା ଅନୁଯାୟୀ ମା' କାଳୀ ପୂଜା ଅବସରରେ ମା' ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମର ବାସ୍ତୁ ଶ୍ମଶାନରୁ ମାଟି ଅନୁକୂଳ ପରେ ସଂଗ୍ରହ କରାଯାଇଛି। ମନ୍ଦିରରେ ଦେବୀଙ୍କର ଦୈନନ୍ଦିନ ନୀତି ସହିତ ମାଜଣ କରାଯାଇଥିଲା। ଘଣ୍ଟ, ମହୁରୀ, ଛତିତ୍ରାସ, ବିଜେ କାହାଳୀ ସହ ମନ୍ଦିର ମୁଖ୍ୟ ପୂଜକ ଅଗାଧୁ ଦୀକ୍ଷିତ ମନ୍ତ୍ରପାଠ କରି ଅନ୍ୟ ପୂଜକ, ବ୍ରାହ୍ମଣ, ଗ୍ରାମର ସହଯୋଗୀଙ୍କ ସହିତ ଶ୍ମଶାନରେ ପହଞ୍ଚିଥିଲେ। ଅଭିମନ୍ତ୍ରିତ ଜଳ ସିଞ୍ଚନ କରି ମାଟି ସୋଧନ କରାଯାଇଥିଲା। ପରେ ଏକ ପୂଜା ପାତ୍ରରେ ମାଟି ସଂଗ୍ରହ କରି ମନ୍ଦିରକୁ ଫେରିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମା'ଙ୍କୁ କେବଳ କୋଠଭୋଗ ଲାଗି କରାଯାଇଥିବାବେଳେ ସାଧାରଣ ଭକ୍ତଙ୍କ ଦର୍ଶନ ଓ ଭୋଗଲାଗି ବାରଣ କରାଯାଇଥିଲା। ମାଟିକୁ ଅତ୍ୟନ୍ତ ଗୋପନୀୟ ଭାବେ ରଖାଯିବା ପରେ ସନ୍ଧ୍ୟା ଆଳତି ସମୟରେ ସାଧାରଣ ଭକ୍ତଙ୍କଠାରୁ ଭୋଗ ଲାଗି ସହ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ପୂଜକ ପ୍ରଫୁଲ୍ଲ ଦୀକ୍ଷିତ, ଦେବୀ ପ୍ରସାଦ ଦୀକ୍ଷିତ, ଦେବାଶିଷ ନନ୍ଦ ସହଯୋଗୀ ଭାବରେ ଅବିନାଶ ଆଚାର୍ଯ୍ୟ, ଗଣେଶ୍ୱର ନନ୍ଦ, କାଶୀନାଥ ମିଶ୍ର, ନୀଳକଣ୍ଠ ମହାପାତ୍ର, ପ୍ରଭାକର ନନ୍ଦ, ଶିବପ୍ରସାଦ ମିଶ୍ର, ଆଦିତ୍ୟ ନନ୍ଦ, ଚନ୍ଦ୍ରଶେଖର ନନ୍ଦ ଓ ପ୍ରକାଶ ଚନ୍ଦ୍ର ନନ୍ଦ ପ୍ରମୁଖ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ରବିବାରଠାରୁ ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଆରମ୍ଭ ହେବ। କାଳୀପୂଜା ପୂର୍ବ ଦିନ ମା'ଙ୍କ ଶରୀରରେ ମୁଣ୍ଡ ଯୋଡ଼ିବା ସହ କାଳୀପୂଜା ଦିନ ରଙ୍ଗ, ଅଳଙ୍କାର ଲାଗି ହୋଇ ଜୀବନ୍ୟାସ ଆଦି ପୂଜା ହୋମ କରାଯାଇ ମହାଭୈରବୀ ବେଶରେ ବର୍ଷକୁ ଥରେ ଦକ୍ଷିଣକାଳୀଙ୍କ ଦର୍ଶନ ସୁଯୋଗ ମିଳିବ। ସୂଚନାଯୋଗ୍ୟ, ବର୍ଷତମାମ ଦକ୍ଷିଣକାଳୀଙ୍କର ପଟଚିତ୍ର ଓ ପୀଠ ପୂଜା କରାଯାଉଛି।

# ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ କନିଷ୍ଠ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## କନିଷ୍ଠ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୋପ,୧୯।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)

ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ଅଧିକ ମାତ୍ରାରେ କ୍ରିୟାଶୀଳ କରୁଥିବା ବେଳେ ଗୁଣାତ୍ମକ ଶିକ୍ଷାଦାନକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଶିକ୍ଷାଦାନ କେବଳ କରିଦେଲେ ହେବନାହିଁ, କୁନିକୁନି ପିଲାଙ୍କ ଭବିଷ୍ୟତ ଗଠନ ଓ ଚରିତ୍ର ଗଠନ ଉପରେ ଦୃଷ୍ଟିଦେବାକୁ ହେବ ବୋଲି ଶନିବାର ଗୋପ ବ୍ଲକ କୁସୁପୁରସ୍ଥିତ ଶିକ୍ଷକ ଭବନଠାରେ ଆୟୋଜିତ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ନୂତନ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ ଯୋଗଦେଇ କହିଥିଲେ।

ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ପବିତ୍ର ମୋହନ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସମ୍ପାଦକ ସରୋଜ କୁମାର ମିଶ୍ର, ଜିଲା ପ୍ରାଥମିକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଯୁବରାଜ ବିଶ୍ୱାଳ, ରାଜକିଶୋର ଜେନା, ଜନ୍ମେଶ୍ୱର ସ୍ୱାଇଁ, ସତ୍ୟନାରାୟଣ ସାହୁ, ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଯୋଗଦେଇ ଶିକ୍ଷା ଆମମାନଙ୍କର ପରିଚୟ ସୃଷ୍ଟି କରିଥିବାବେଳେ ତୁମେମାନେ ଆଗାମୀ ପିଢ଼ିର ଭବିଷ୍ୟତ ଗଠନ କ୍ଷେତ୍ରରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସ୍ୱରୂପ ଉପଢୌକନ ସହିତ ଗୋଲାପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ଦିବାକର ପରିଡ଼ା, ଅଜୟ କୁମାର ରଥ, ଆଲୋକମାଳା ସାହୁ, ମାମିନା ବରାଳ, ଗୀତାଞ୍ଜଳି ନାୟକ, କବିତା ମହାନ୍ତି, ସୁରଜିତ ସାହୁ, ନିରଞ୍ଜନ ସ୍ୱାଇଁ, ତାପସ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଭେଷଜ ବିଜ୍ଞାନ ଅଧ୍ୟାପକଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

## 'ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)


କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଶିକ୍ଷାଦାନ କରୁଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ନିମନ୍ତେ 'ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୧ଟି ସରକାରୀ ଓ ୨ଟି ଘରୋଇ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ ଏବଂ ୨ଟି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଇନ୍ଷ୍ଟିଚ୍ୟୁଟ୍‌ରୁ ୧୦୩ ଜଣ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ. ରୋଜା ରମଣୀ, ଉପନିୟନ୍ତ୍ରକ ଡା. ପ୍ରଦୀପ କୁମାର ନାୟକ, କଲେଜ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଂଯୋଜକ ପ୍ରଫେସର ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସାହୁ କହିଥିଲେ ଯେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ରାଜ୍ୟରେ ଭେଷଜ ବିଜ୍ଞାନ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ପୂର୍ବରୁ କେବଳ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଦିଗରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଥିଲା। ଏବେ ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀ କୈନ୍ଦ୍ରୀକ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଅଧ୍ୟାପକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଆଧାରରେ ପ୍ରଥମ କରି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏଭଳି କର୍ମଶାଳାର ଆୟୋଜନ କରିପାରିଥିବାରୁ ଅଧ୍ୟକ୍ଷା ଏବଂ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର କର୍ମକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଆଗାମୀ ଦିନରେ ରାଜ୍ୟର ସମସ୍ତ ମେଡିକାଲ୍ କଲେଜରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ସେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଡିନ୍ ପ୍ରଫେସର ମହାପାତ୍ର ଏବଂ ଅଧୀକ୍ଷକ ପ୍ରଫେସର ମିଶ୍ର କୁଳପତି ଓ ଅନ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସହଯୋଗ ତଥା ମାର୍ଗଦର୍ଶନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କର୍ମଶାଳାରେ ବିଶିଷ୍ଟ ଭେଷଜ ବିଜ୍ଞାନ ପ୍ରଶିକ୍ଷକ ପ୍ରଫେସର ଡା. ସବିତା ମହାପାତ୍ର, କୌଶିକ ମିଶ୍ର, ଶ୍ରୀକାନ୍ତ ପଣ୍ଡା, ଅମରେନ୍ଦ୍ର ନାୟକ, ବିମୋଚ ପ୍ରଜ୍ଞା ପତି, ଅନିଲ କୁମାର ସାହୁ, ସଙ୍ଗୀତା ଦାସ, ସନ୍ତୋଷ କୁମାର ସ୍ୱାଇଁ, ରାଜଲକ୍ଷ୍ମୀ ଉପାଧ୍ୟାୟ, ସୌମ୍ୟା ନନ୍ଦ, ବିପ୍ସା ସିଂ ଓ ଦେବଜ୍ୟୋତି ମହାପାତ୍ର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ସ୍ୱାଇଁ, ଆଦିତ୍ୟ ନାରାୟଣ ସାହୁ, ଚିତ୍ରଲେଖା ପାତ୍ର, ପର୍ଶୁରାମ ନାୟକ, ବିମଳ କୁମାର ସାହୁଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ମଙ୍ଗୁଳି-ଜଗତପୁର,୧୯।୧୦(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମ ପୋଖରୀରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଶାନ୍ତନୁ ପ୍ରଧାନ। ତାଙ୍କୁ କେହି ହତ୍ୟାକରି ପୋଖରୀରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶାନ୍ତନୁ ହାଇଦ୍ରାବାଦରେ କାମ କରୁଥିଲେ। ଦଶହରା ପାଇଁ ସେ ଛୁଟିରେ ଗ୍ରାମକୁ ଆସୁଥିଲେ। ଗୁରୁବାର ଘରକୁ ଫେରୁଥିବାବେଳେ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ଶନିବାର ସକାଳେ ଗୋବିନ୍ଦପୁର ଗ୍ରାମ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବାର ଲୋକମାନେ ଦେଖିଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଖରୀରୁ ମୃତଦେହ ବାହାରକରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଅଭିନେତା ବୁଦ୍ଧାଦିତ୍ୟଙ୍କ ନାମରେ ଥାନାରେ ଏତଲା

କଟକ,୧୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତିଙ୍କ ନାମରେ କଟକ ନଗର(ଜିଲା) ଯୁବ କଂଗ୍ରେସ ପକ୍ଷରୁ ମଧୁପାଟଣା ଥାନାରେ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି, ବୁଦ୍ଧାଦିତ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମନ୍ତବ୍ୟ ଦେବା ସହ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ତୁରନ୍ତ ବୁଦ୍ଧାଦିତ୍ୟଙ୍କୁ ପୋଲିସ ଗିରଫ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଏତଲାକୁ ଥାନା ଅଧିକାରୀ ଚିତ୍ତରଞ୍ଜନ ଜେନା ଗ୍ରହଣ କରି ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କଟକ ନଗର(ଜିଲା) ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶୀଳାଦିତ୍ୟ କହିଛନ୍ତି। ଏନେଇ ବୁଦ୍ଧାଦିତ୍ୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଦାବିପତ୍ର ପ୍ରଦାନବେଳେ କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ‘୧୦ମ ଛାତ୍ରୀଛାତ୍ରଙ୍କ ପ୍ରଗତିକୁ ସୁନିଶ୍ଚିତ କରାଇବେ ଶିକ୍ଷକ’

କଟକ,୧୯।୧୦(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

**ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ**

କଟକ ଜିଲା ଶିକ୍ଷା ମଣ୍ଡଳ ଆନୁକୂଲ୍ୟରେ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଓଏମ୍‌ପି ଛକସ୍ଥିତ ଏସ୍‌ସିବି ଡିଏଭି ପବ୍ଲିକ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୫୦୫ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ୧୪ଟି ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ବିଶେଷକରି ସରକାରଙ୍କ ଶିକ୍ଷାନୀତି, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷାଦାନ ପଦ୍ଧତି ଓ ପାଠ୍ୟକ୍ରମର ଢାଞ୍ଚା ଉପରେ ଅବଗତ କରାଯାଇଛି। ଜିଲା ଶିକ୍ଷାମଣ୍ଡଳର ଅଧକ୍ଷ ତଥା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସମ୍ମିଳନୀରେ ଅଧକ୍ଷତା କରି ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ନିମନ୍ତେ ପ୍ରତି ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଜଣେ ବିଦ୍ୟାର୍ଥୀଙ୍କୁ ଅଧିଗ୍ରହଣ କରିବା ଏବଂ ସେମାନଙ୍କ ଶିକ୍ଷଣ ପ୍ରଗତିକୁ ସୁନିଶ୍ଚିତ କରିବେ ବୋଲି କହିଛନ୍ତି। ଏଥିପାଇଁ ସରକାରଙ୍କ ଅଭିନବ ଯୋଜନା "MERIT" (Mentership to Enhance Results in Tenth Class) ଲୋଗୋକୁ ଜିଲାପାଳ ଉନ୍ମୋଚନ କରିଛନ୍ତି। ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରି ବିଭିନ୍ନ ପରୀକ୍ଷା ସହିତ ଛାତ୍ରୀଛାତ୍ର ଯେପରି ସମ୍ପୃକ୍ତି ହୋଇପାରିବେ ସେ ସମ୍ବନ୍ଧରେ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଜିଲାପାଳ ମାର୍ଗଦର୍ଶନ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ସହ ସମ୍ପାଦକ ଡ. ଅନୁସ୍ମିତା ସ୍ୱାଇଁ ଯୋଗଦେଇ ବିଦ୍ୟାଳୟସ୍ତରୀୟ ଶିକ୍ଷା ପଦ୍ଧତିରେ ଅନେକ ସଂଶୋଧନ କରାଯାଇଛି ବୋଲି କହିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ନିରଞ୍ଜନ ସାହୁ ଆଧୁନିକ କମ୍ପ୍ୟୁଟର ଯୁଗରେ ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି ପାଇଁ ପ୍ରସ୍ତୁତ କରାଯାଇଥିବା ପାଠ୍ୟକ୍ରମକୁ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକ ଚେଷ୍ଟିତ ହୁଅନ୍ତୁ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ଅଧକ୍ଷ ନିରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ତ୍ରିଦେବ ବେହେରାଙ୍କ ସମେତ ବ୍ଲକ ଶିକ୍ଷାଧିକାରୀମାନେ ଯୋଗଦେଇ ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୋ ସ୍କୁଲ ଅଭିଯାନର ଜିଲା ନୋଡାଲ ଅଧିକାରୀ ବିଭୁଦତ୍ତ ବେହେରା ଓ ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଜିଲା ବିଜ୍ଞାନ ପରିଦର୍ଶକ ଦେବ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଭେଷଜ ବିଜ୍ଞାନ ଅଧ୍ୟାପକଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

**‘ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ’ ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା**

ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଶିକ୍ଷାଦାନ କରୁଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ନିମନ୍ତେ ‘ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ’ ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୧ଟି ସରକାରୀ ଓ ୨ଟି ଘରୋଇ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ ଏବଂ ୨ଟି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ୧୦୩ ଜଣ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ. ରୋଜା ରମଣୀ, ଉପନିୟନ୍ତ୍ରକ ଡା. ପ୍ରଦୀପ କୁମାର ନାୟକ, କଲେଜ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଂଯୋଜକ ପ୍ରଫେସର ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସାହୁ କହିଥିଲେ ଯେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ରାଜ୍ୟରେ ଭେଷଜ ବିଜ୍ଞାନ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ପୂର୍ବରୁ କେବଳ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଦିଗରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଥିଲା। ଏବେ ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀ କୈନ୍ଦ୍ରୀକ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଅଧ୍ୟାପକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଆଧାରରେ ପ୍ରଥମ କରି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏଭଳି କର୍ମଶାଳାର ଆୟୋଜନ କରିପାରିଥିବାରୁ ଅଧକ୍ଷା ଏବଂ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର କର୍ମକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଆଗାମୀ ଦିନରେ ରାଜ୍ୟର ସମସ୍ତ ମେଡିକାଲ୍ କଲେଜରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ସେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଡିନ୍ ପ୍ରଫେସର ମହାପାତ୍ର ଏବଂ ଅଧୀକ୍ଷକ ପ୍ରଫେସର ମିଶ୍ର କୁଳପତି ଓ ଅନ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସହଯୋଗ ତଥା ମାର୍ଗଦର୍ଶନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।


କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନବକଳିକା ପକ୍ଷରୁ ଅନୁଷ୍ଠିତ କୁମାର ଉତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।

### ପ୍ରତିଭା ବିକାଶ ପ୍ରତିଷ୍ଠାନର ଶାରଦୀୟ ଉତ୍ସବ

କଟକ ସଦର,୧୯।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶନିବାର ପଟଣାସ୍ଥିତ ଜୟ ହିନ୍ଦ୍ କ୍ଲବ୍‌ଠାରେ ଶାରଦୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଇଂ. ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାର ଅଶୋକ ପଟ୍ଟନାୟକ, ସାହିତ୍ୟିକ ଡ. ଚିତ୍ତରଞ୍ଜନ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଦଳାଇ, ପ୍ରଫୁଲ୍ଲ ଦାସ, ଗଣେଶ ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଡ. କଲିମୁଲ୍ଲା, ପ୍ରକୃତିବନ୍ଧୁ ନବକିଶୋର ପଣ୍ଡା, ଅନିଲ ଦାସ, ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରୁଦ୍ରନାରାୟଣ ଦାସ ସଭା ପରିଚାଳନା ଓ ପ୍ରଭାତ ଖଟୁଆ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀନିବାସ ଉଦ୍‌ଘାଟିତ


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଖ୍ରୀଷ୍ଟ କଲେଜ ପରିସରରେ ନବନିର୍ମିତ ମଦର ଟେରେସା ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଆଲୁମ୍ନି ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ଭୂୟାଁ, ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏ ଏହାକୁ ଉଦ୍‌ଘାଟନ କରିଥିଲେ। ଦୂରଦୂରାନ୍ତରୁ ଆସି ଉକ୍ତ କଲେଜରେ ଅଧ୍ୟୟନରତ ଛାତ୍ରୀମାନେ ଛାତ୍ରୀନିବାସରେ ରହି ପାଠ ପଢ଼ିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତିର କର୍ମକର୍ତ୍ତା, ଛାତ୍ରୀନିବାସ ତତ୍ତ୍ୱାବଧାରିକା, ଅଧ୍ୟାପିକା, ଅଧ୍ୟାପକ ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

# ରୂପଯାତ୍ରା: ଭସାଣିରେ ୪୩ ମେଢ଼ ସାମିଲ

ଚୌଦ୍ୱାର,୧୯।୧୦(ଆଶୁତୋଷ ଦାସ)



ଚୌଦ୍ୱାର ଅଞ୍ଚଳରେ ରୂପଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୪୩ ମଣ୍ଡପରେ ପୂଜା ପାଉଥିବା ମା’ ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ହନୁମାନ ଆଦି ମୂର୍ତ୍ତି ଶନିବାର ଆସ୍ଥାନ ଛାଡି ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସନ୍ଧ୍ୟାରେ ଝିପିଝିପି ବର୍ଷା ଲୋକଙ୍କ ଉତ୍ସାହକୁ କିଛି ମାତ୍ରାରେ ବାଧା ପହଞ୍ଚାଇଥିଲା। ତଥାପି ଯୁବପିଢ଼ି ବର୍ଷାକୁ ଖାତିର ନ କରି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଯାତ୍ରା ପଡ଼ିଆରେ ଭିଡ଼ ଦେଖିବାକୁ ମିଳିଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଘରକରଣା ସାମଗ୍ରୀ କିଣିଥିଲେ। ପୌରପାଳିକା, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଚୌଦ୍ୱାର କଲେଜ ଯୁବ ରେଡ୍‌କ୍ରସ ପକ୍ଷରୁ ମେଳାରେ ଏକ ସେବାକେନ୍ଦ୍ର ଖୋଲାଯାଇଛି। ଏଠାରେ ଜନସାଧାରଣଙ୍କୁ ମାଗଣା ଔଷଧ ବିତରଣ ସହିତ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ୍ ହେବାକୁ ଆହ୍ୱାନ ଦିଆଯାଇଛି। ଏହି କେନ୍ଦ୍ରକୁ ସିଟି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, କଲେଜ ଅଧକ୍ଷା ରଶ୍ମି ରାଉତରାୟ, ବସନ୍ତ କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫୫ ଜଣ ପୋଲିସ ଅଧିକାରୀଙ୍କ ସମେତ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ଏଥିସହ ଚୋରି, ଲୁଟ୍ ଓ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପୋଲିସ ପକ୍ଷରୁ ଯାତ୍ରା ପଡିଆରେ ସିସିଟିଭି ବ୍ୟବସ୍ଥା କରାଯାଇଛି।

# ‘ବୈଷ୍ଣବ ପାଣି ଥିଲେ ଓଡ଼ିଆ ଗଣ ସାହିତ୍ୟର ପ୍ରମୁଖ ବିନ୍ଧାଣି’

କଟକ,୧୯।୧୦(କାର୍ତ୍ତିକ ସାହୁ)



ଗଣକବିଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଅଜୟ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜାହ୍ନବୀ ସାହିତ୍ୟ ସଂସଦ ପକ୍ଷରୁ ଗଣକବିଙ୍କ ଜୟନ୍ତୀ**

ବୈଷ୍ଣବ ପାଣି ଗଣ ଚେତନାକୁ ନେଇ ଗୀତାଭିନୟ ମାଧ୍ୟମରେ ସବୁବର୍ଗର ଲୋକଙ୍କ ମନକୁ ଛୁଇଁ ପାରିଛନ୍ତି। ସେ ଥିଲେ ଓଡ଼ିଆ ଗଣ ସାହିତ୍ୟର ପ୍ରମୁଖ ବିନ୍ଧାଣି। ସେଥିପାଇଁ ସେ ଯଥାର୍ଥରେ ଗଣକବି ବୋଲି ଜାହ୍ନବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ନାଟ୍ୟକାର ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଛନ୍ଦ କବିତା ପାଠ, ପାଣି ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ମହେଶ୍ୱର ମହାନ୍ତି, ବରେଣ୍ୟ ଅତିଥି ତରୁଣ କୁମାର ସାହୁ, ମୁଖ୍ୟବକ୍ତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ବିଶିଷ୍ଟ ଅତିଥି ଡା. ସୁଦର୍ଶନ ପଟ୍ଟନାୟକ, ବରେଣ୍ୟ ବକ୍ତା ବିଶ୍ୱେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ ହିମାଂଶୁ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଡ. ଅଜୟ କୁମାର ମିଶ୍ର, ନାଟ୍ୟକାର ଗୋଲୋକ ବିହାରୀ ପଲାଇ, ମୁରଲୀଧର ଶତପଥୀ, ଲବଙ୍ଗଲତା ଦେବୀ ଓ ସୁରେନ୍ଦ୍ରନାଥ ଛୋଟରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଇଂ. ଆକାଶ ଭୂୟାଁ, ଅଜିତ୍ କୁମାର ମହାପାତ୍ର, ବିଜୟ କୁମାର ନାଥ, ବିଶ୍ୱମିତ୍ରା ମିଶ୍ର, ଚନ୍ଦ୍ରମଣି ଭୂୟାଁ, ତପନ କୁମାର ସ୍ୱାଇଁ, ହେମଲତା ସିଂହ ଓ ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସିଏମ୍‌ସି ବିକାଶ ଭବନ ପରିସରରେ ମେୟର ସୁବାସ ସିଂ ବାୟୋ ଟଏଲେଟ୍ ଉଦ୍‌ଘାଟନ କରୁଛନ୍ତି।



କଟକ ଝୋଲାସାହି ସାରଙ୍ଗଧର ଶିଶୁ ଉଦ୍ୟାନରେ ସାରଙ୍ଗଧର ଦାସ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ଏମ୍‌ପି, ବିପ୍ଳବୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

# ପୁଅକୁ ଟ୍ରେନ୍ ଲାଇନ୍‌ରେ ବାନ୍ଧି ହତ୍ୟା ଉଦ୍ୟମ

ବଲାଙ୍ଗୀର, ୧୯।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

- ସ୍ୱାମୀ-ସ୍ତ୍ରୀ କଳହରୁ ଚରମ ପରିଣତି
- ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଇଲା ପୋଲିସ ଟିମ୍
- ଟ୍ରେନ୍ ଲାଇନ୍‌ରେ ବନ୍ଧା ନାବାଳକ ଉଦ୍ଧାର

ସ୍ୱାମୀ-ସ୍ତ୍ରୀ କଳହର ଚରମ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀ ସହିତ ଝଗଡ଼ା ପରେ ଜଣେ ବ୍ୟକ୍ତି ନିଜ ୯ବର୍ଷର ନାବାଳକ ପୁଅକୁ ରେଳଲାଇନ୍‌ରେ ବାନ୍ଧି ହତ୍ୟା ଉଦ୍ୟମ କରିବା ଘଟଣା ଶନିବାର ରାତିରେ ବଲାଙ୍ଗୀରରେ ହଇଚଇ ସୃଷ୍ଟି କରିଛି। ନାବାଳକଙ୍କ ମାଆଙ୍କ ଅଭିଯୋଗ ପରେ ତତ୍ପରତା ଦେଖାଇ ଟାଉନ୍ ଥାନା ପୋଲିସ ଟିମ୍ ଏକ ଏକ୍ସପ୍ରେସ ଟ୍ରେନ୍ ଅଟକାଇ ନାବାଳକଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଛି। ନାବାଳକଙ୍କୁ ରେଳଲାଇନ୍‌ରୁ ଉଦ୍ଧାର ପରେ ତାଙ୍କ ମାଆଙ୍କୁ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀର କଂସାରୀପଡାର ଏକ ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଶନିବାର ସନ୍ଧ୍ୟାରେ କଳହ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣଙ୍କ ତାଙ୍କ ୯ ବର୍ଷର ପୁଅକୁ ଘରୁ ନେଇ କୁଆଡେ ଚାଲିଯାଇଥିଲେ। କିଛି ସମୟ ପରେ ରେଳଲାଇନ୍‌ରେ ପୁଅକୁ ବାନ୍ଧି ଦେଇଥିବା ଫଟୋ ତାଙ୍କ ସ୍ତ୍ରୀଙ୍କ ପାଖକୁ ପଠାଇଥିଲେ। ମହିଳା ଜଣକ ଏଭଳି ଫଟୋ ଦେଖିବା ପରେ ପୋଲିସ ହେଲ୍ପଲାଇନ୍‌କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବଲାଙ୍ଗୀର ଟାଉନ୍ ଥାନା ଟିମ୍ ଏଭଳି ଏକ ଅଭାବନୀୟ ଘଟଣା ସମ୍ପର୍କରେ ଖବର ପାଇବା ପରେ ପ୍ରଥମେ ବଲାଙ୍ଗୀର-ସମ୍ବଲପୁର ରେଳଲାଇନ୍‌ରେ ଯିବା ଆସିବା କରୁଥିବା ଟ୍ରେନ୍‌କୁ ଅଟକାଇବା ପ୍ରୟାସ କରି ଶିଶୁପୁତ୍ରକୁ ଖୋଜିଖୋଜି କରିଥିଲେ। ବଲାଙ୍ଗୀର ସୁଦ୍‌ପଡା ରେଳ ଫାଟକଠାରୁ କିଛି ଦୂରରେ ନାବାଳକଙ୍କୁ ରେଳଲାଇନରେ ବାନ୍ଧି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଧାନବାଦ୍ ଏକ୍ସପ୍ରେସ୍ ରେଳଷ୍ଟେଶନ୍‌ରୁ ବାହାରି ଯାଇଥିଲା। ତେବେ ପୋଲିସ ତତ୍ପରତା ଦେଖାଇ ଉକ୍ତ ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଇବାରେ ସଫଳ ହୋଇଥିଲା। ପୋଲିସ ଟିମ୍ ନାବାଳକଙ୍କୁ ରେଳଧାରଣାରୁ ଉଦ୍ଧାର କରି ଥାନାକୁ ନେଇଥିଲେ। ସେ ଭୟଭୀତ ଥିବା ଜଣାପଡିଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ କରୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

# ଚାକିରି ନାଁରେ ଅନୈତିକ କାର୍ଯ୍ୟ: ସ୍ପା' ସିଲ୍

## ନାବାଳିକାଙ୍କୁ ବାଧ୍ୟ କରୁଥିବା ୨ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୯।୧୦
(ସୂର୍ଯ୍ୟକାନ୍ତ ବେହେରା)






ଚାକିରି ଦେବା ଆଳରେ ଜଣେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବାକୁ ଜୋରଜବରଦସ୍ତ ଉଦ୍ୟମ କରାଯାଇଛି। ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ରବି ଟକିଜ୍‌ସ୍ଥିତ ଏକ ସେଲୁନ ଆଣ୍ଡ ସ୍ପା'ରେ ଏଭଳି କାମ କରିବାକୁ ବାଧ କରାଯାଉଥିବା ବେଳେ ସମ୍ପୃକ୍ତ ନାବାଳିକା ମନା କରିବାରୁ ୨କର୍ମଚାରୀ ତାଙ୍କୁ ଏକ ଘରେ ତାଲା ପକାଇ ଦୀର୍ଘ ସମୟ ଅଟକ ରଖିଥିଲେ। ଏପରିକି ଉଦ୍ଧାର କରିବାକୁ ଆସିଥିବା ନାବାଳିକାଙ୍କ ସମ୍ପର୍କୀୟ ଭାଇ ଜିତୁଙ୍କୁ ମରଣାନ୍ତକ ଆକ୍ରମଣ କରି ଆହତ କରିଛନ୍ତି। ଖବର ପାଇ ବଡ଼ଗଡ଼ ପୋଲିସ ସୁନ୍ଦରପଦା ଥାନା କ୍ଷେତ୍ରପାଳ ଅଞ୍ଚଳରେ ରହୁଥିବା ଯାଜପୁରର ରାଜ ପଟ୍ଟନାୟକ(୨୧) ଓ ତାଙ୍କ ବାନ୍ଧବୀ କେନ୍ଦୁଝରର ପ୍ରତିଭାରାଣୀ ରାଉତ(୨୦)ଙ୍କୁ ଗିରଫ କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କ କବଳରୁ ନାବାଳିକା ଓ ଆହତ ଜିତୁଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯିବା ସହ ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୬୮୫/୨୪) ରୁଜୁ କରି ରାଜ ଓ ପ୍ରତିଭାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଉକ୍ତ ସ୍ପା'କୁ ସିଲ୍ କରିବା ସହ ଉକ୍ତ ଦୋକାନର ମାଲିକଙ୍କ ଏଥିରେ ସମ୍ପୃକ୍ତି ରହିଛି କି ନାହିଁ ସେନେଇ ଅଧିକ ତଦନ୍ତ କରୁଛି।

ସୂଚନାଯୋଗ୍ୟ, ନାବାଳିକା ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଙ୍କ ସହାୟତାରେ ଅଭିଯୁକ୍ତଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ଅଭିଯୁକ୍ତଦ୍ୱୟ ଏକ ସ୍ପା'ରେ ନାବାଳିକାଙ୍କୁ କାର୍ଯ୍ୟ କରାଇବାକୁ କହିବା ପରେ ସେ ରାଜି ହୋଇ ଭୁବନେଶ୍ୱର ଆସିଥିଲେ। ଉକ୍ତ ସ୍ପା'ର ମାଲିକ ପୀଡ଼ିତାଙ୍କୁ ରିସେପ୍ସନରେ ମାସିକ ୧୦ହଜାର ଟଙ୍କା ଦରମାରେ କାର୍ଯ୍ୟ କରିବାକୁ ନିୟୋଜିତ କରିଥିଲେ। କିନ୍ତୁ ନାବାଳିକାଙ୍କୁ ରାଜ ଓ ତାଙ୍କ ବାନ୍ଧବୀ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲେ। ନାବାଳିକା ଜଣଙ୍କ ମନାକରିବାରୁ ରାଜ ଓ ପ୍ରତିଭା ତାଙ୍କୁ ଶୁକ୍ରବାର ପୁରୀ ବୁଲାଇ ନେଇ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ନାବାଳିକା ଜଣଙ୍କ ଏଭଳି କାମ କରିବାକୁ ସିଧା ମନା କରିଦେଇଥିଲେ। ଏହାପରେ ରାଜ ଓ ପ୍ରତିଭା ତାଙ୍କୁ ଧମକ୍ ଦେବା ସହ ଏକ ଘରେ ତାଲା ପକାଇ ଦେଇଥିଲେ। ନାବାଳିକା ଜଣଙ୍କ ଚତୁରତାର ସହ ପାଖରେ ଥିବା ମୋବାଇଲ ସାହାଯ୍ୟରେ ଭାଇ ପାଖକୁ ଲୋକେଶନ ଶେୟାର କରିଦେଇଥିଲେ। ଏହାପରେ ନାବାଳିକାଙ୍କ ଭାଇ ରସୁଲଗଡ଼ରେ ରହୁଥିବା ସାଙ୍ଗ ଜିତୁଙ୍କୁ ଘଟଣା ବିଷୟରେ କହି ଯିବାକୁ କହିଥିଲେ। ଜିତୁ ଶନିବାର ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବାବେଳେ ରାଜ ଓ ପ୍ରତିଭା ଗାଳିଗୁଲଜ କରିବା ସହ ତାଲା ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ନାବାଳିକା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଜିତୁ ଓ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜଙ୍କୁ ମାଡ଼ମାରି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ଜିତୁ ଓ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରାଜ ଓ ପ୍ରତିଭାଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# କଂଗ୍ରେସ ନେତାଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୯।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବସ୍ତର ଜିଲା ଉସୁର ବ୍ଲକ୍ କଂଗ୍ରେସ ଉପାଧ୍ୟକ୍ଷ ତିରୁପତି ଭଣ୍ଡାରୀଙ୍କୁ ମାଓବାଦୀମାନେ ଶନିବାର ହତ୍ୟା କରିଛନ୍ତି। ତିରୁପତି କୌଣସି କାମ ପାଇଁ ଉସୁର ସହରକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ମାଓବାଦୀମାନେ ତାଙ୍କୁ ଆକ୍ରମଣକରି ଏକ ଛୁରିରେ ନିର୍ମମ ଭାବରେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଜବତକରି ତଦନ୍ତ ଚଳାଇଛି।

# ଆଇଇଡି ବିସ୍ଫୋରଣରେ ୨ ଯବାନ ଶହୀଦ

ମାଲକାନଗିରି,୧୯।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଶହୀଦ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଶହୀଦ ଯବାନ ହେଲେ ଅମର ପାନୱାର୍ ଓ କେ. ରାଜେଶ।

ନାରାୟଣପୁର ଜିଲାର ଓର୍ଚା, ମୋହାଣ୍ଡି ଏବଂ ଇରାକବତୀରୁ ଅଞ୍ଚଳରେ ଆଇଟିବିପି, ବିଏସ୍ଏଫ ଓ ଡିଆର୍‌ଜିର ଯବାନମାନେ ଶନିବାର ତଲାସି କରୁଥିଲେ। ଏମାନେ ଫେରିବା ବେଳେ ମୋହନ୍ଦି ଜଙ୍ଗଲରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ଘଟିଥିଲା। ଏଥିରେ ଆଇଟିବିପିର ୨ ଯବାନ ଗୁରୁତର ହୋଇଥିବା ବେଳେ ନାରାୟଣପୁର ଜିଲା ପୋଲିସର ୨ ଜଣ ଯବାନ ଆହତ ହୋଇଥିଲେ। ଗୁରୁତର ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ନାରାୟଣପୁରକୁ ହେଲିକପ୍ଟର ଯୋଗେ ନିଆଯାଉଥିବା ବେଳେ ପାଗ ଖରାପ ଯୋଗୁ ଠିକ୍ ସମୟରେ ପହଞ୍ଚିପାରି ନ ଥିଲା। ଫଳରେ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ୨ଜଣ ଆହତ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି।

# ଝାରପଡ଼ା ଜେଲରେ ଲକ୍ଷ୍ମୀସାଗର ପୋଲିସ

ଭୁବନେଶ୍ୱର,୧୯।୧୦
(ସୂର୍ଯ୍ୟକାନ୍ତ ବେହେରା)

## ବିଚାରାଧୀନ ବନ୍ଦୀ ବିଦ୍ୟାଧର ଗୁରୁଙ୍କ ମୃତ୍ୟୁ ଘଟଣା




ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରେ ଶୁକ୍ରବାର ବିଚାରାଧୀନ କଏଦୀ ନୟାଗଡ଼ ଦଶପଲ୍ଲା ଅଞ୍ଚଳର ବିଦ୍ୟାଧର ଗୁରୁଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ତାଙ୍କୁ ଜେଲରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ଆଣି ବିଦ୍ୟାଧରଙ୍କ ସ୍ତ୍ରୀ ଝୁନୁ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ ଚଳାଇଛି। ଶନିବାର ଜେଲ ପରିସରକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜେଲର ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିଛି। କେଉଁ ପରିସ୍ଥିତିରେ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଲା, ଅସୁସ୍ଥ ହେବାର କେତେ ସମୟ ପରେ ମେଡିକାଲ ନିଆଯାଇଥିଲା, ଏଭଳି ଅନେକ ପ୍ରଶ୍ନ ଜେଲ କର୍ତ୍ତୃପକ୍ଷଙ୍କୁ ପୋଲିସ ପଚାରି ତଥ୍ୟ ହାସଲ କରିଛି। ଅନ୍ୟପଟେ ବିଦ୍ୟାଧରଙ୍କ ପରିବାର ଲୋକ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ସୂଚନାନୁସାରେ, ଭୁବନେଶ୍ୱରର ଅବକାରୀ ମୋବାଇଲ ୟୁନିଟ୍ ବିଦ୍ୟାଧରଙ୍କୁ ଏକ ଏନ୍‌ଡିପିଏସ୍ ମାମଲାରେ ଗିରଫ କରି ଗତ ୫ତାରିଖରେ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡ଼ାସ୍ଥିତ ଜେଲକୁ ପଠାଇ ଦିଆଯାଇଥିଲା। ଶୁକ୍ରବାର ସକାଳେ ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନିଆ ଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସା ପୂର୍ବରୁ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ବିଦ୍ୟାଧରଙ୍କ ମୁଣ୍ଡ ଓ ଶରୀରରେ କ୍ଷତ ଚିହ୍ନ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ଗୁରୁତର ଅଭିଯୋଗ ଆଣିଛନ୍ତି।

# ପୋଲିସକୁ ବନ୍ଧୁକ ଦେଖାଇ ଯୁବକ ଗିରଫ

ବଲାଙ୍ଗୀର, ୧୯।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

- ଟାଉନ୍ ଥାନା ସମ୍ମୁଖରେ ଦେଇଥିଲେ ଧମକଚମକ
- ଅଭିଯୁକ୍ତ ଯୁବକଙ୍କ ବିରୋଧରେ ହୋଇଥିଲା ୨ଟି ମାମଲା

ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଜଣେ ପୋଲିସ ଏଏସ୍ଆଇ ଏବଂ ଦୁଇଜଣ ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେବା ଅଭିଯୋଗରେ ପୋଲିସ ମନୋଜ ପଣ୍ଡା ନାମକ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୭ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ପଣ୍ଡା ଟାଉନ୍ ଥାନା ନିକଟରେ ଦୁଇ ଜଣ ଯୁବକଙ୍କୁ ଏବଂ ଜଣେ ଟାଉନ୍ ଥାନା ଏଏସ୍ଆଇଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେଇଥିଲେ। ଏନେଇ ଜଣେ ଯୁବକ ଏବଂ ସମ୍ପୃକ୍ତ ଏଏସ୍ଆଇଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଟାଉନ୍ ଥାନା ପୋଲିସ ଟିମ୍ ଅଭିଯୁକ୍ତ ପଣ୍ଡାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଥିଲା। ବିଳମ୍ବିତ ରାତିରେ ଟାଉନ୍ ଥାନା ସମ୍ମୁଖରେ ଧମକଚମକ ଘଟଣାଟି ସିସି ଟିଭିରେ ରେକର୍ଡ ହୋଇଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି। ତେବେ କେଉଁ କାରଣରୁ ସମ୍ପୃକ୍ତ ଯୁବକ ଜଣକ ବନ୍ଧୁକ ଧରି ଧମକ ଚମକ୍ ଦେଲେ ସେନେଇ ପୋଲିସ ସମ୍ପୂର୍ଣ୍ଣ ଘଟଣା ଗଣମାଧ୍ୟମକୁ ଜଣାଉନାହିଁ। ଏସ୍‌ଡିପିଓ ସାହୁଙ୍କ ସୂଚନା ମୁତାବକ ଗିରଫ ଅଭିଯୁକ୍ତ ପଣ୍ଡାଙ୍କ ବିରୋଧରେ ପୂର୍ବରୁ ଠକାମି ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ବନ୍ଧୁକ ଦେଖାଇ ଧମକଚମକ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ୧୯ ତାରିଖ ରାତି ସୁଦ୍ଧା ଉକ୍ତ ବନ୍ଧୁକ ଜବତ କରିପାରିନାହିଁ। ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଖୋଜାଖୋଜି କରୁଥିବା ଜଣାପଡିଛି।


ଗିରଫ ଅଭିଯୁକ୍ତ ମନୋଜ ପଣ୍ଡା।

# ସ୍ତ୍ରୀଙ୍କ ଗଳା ଚିପି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧୦
(ସୂର୍ଯ୍ୟକାନ୍ତ ବେହେରା)

## ମା-ବାପାଙ୍କୁ ମଧ୍ୟ ମାଡ଼ ମାରିଲେ

ମା' ଓ ବାପାଙ୍କୁ ମାଡ଼ ମାରିବା ସହ ସ୍ତ୍ରୀଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିଛନ୍ତି ଜଣେ ବ୍ୟକ୍ତି। ଅଭିଯୋଗ ପରେ ଭରତପୁର ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଦୁର୍ଗାମଣ୍ଡପ ନଗର ଅଞ୍ଚଳର ଦେବଦତ୍ତ ମହାନ୍ତି (୪୬)। ଜାମିନ ନ ମିଳିବାରୁ ଦେବଦତ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦେବଦତ୍ତଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ ଗୁରୁବାର ରାତି ପ୍ରାୟ ୧୦ ଟା ସମୟରେ ଅଭିଯୁକ୍ତ ଘରକୁ ଆସି କୌଣସି କାରଣକୁ ନେଇ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ ଓ ନିଜ ମା'ବାପାଙ୍କୁ ମାଡ଼ ମାରିବା ସହିତ ଦୁଇ ଝିଅଙ୍କୁ ହତ୍ୟା ଧମକ୍ ଦେଇଥିଲେ। ସ୍ୱାମୀଙ୍କ ଏଭଳି କାର୍ଯ୍ୟକୁ ସ୍ତ୍ରୀ ବିରୋଧ କରିବାରୁ ତାଙ୍କର ମଧ୍ୟ ଗଳାଚିପି ହତ୍ୟା କରିବାକୁ ପ୍ରୟାସ କରିଥିଲେ ଦେବଦତ୍ତ। ପୀଡିତାଙ୍କ ଚିତ୍କାର ଶୁଣି କିଛି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଅଭିଯୁକ୍ତ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରି ତାଙ୍କ ଘରୁ ଯିବାପାଇଁ କହିଥିଲେ। ଏହାପରେ ଅଭିଯୁକ୍ତ ପରିବାର ସମସ୍ତ ଲୋକଙ୍କୁ ଘରେ ବନ୍ଦ କରି ବାହାରୁ ତାଲା ପକାଇ ଦେଇଥିଲେ। ପରେ ଘରକୁ ଯାଇଥିବା ଜଳ ଏବଂ ବିଦ୍ୟୁତ୍ ସଂଯୋଗକୁ ମଧ୍ୟ ବନ୍ଦ କରିଦେଇଥିଲେ। ଏନେଇ ଦେବଦତ୍ତଙ୍କ ସ୍ତ୍ରୀ ଫୋନ କରି ପୋଲିସକୁ ଘଟଣା ସଂକ୍ରାନ୍ତରେ କହିବାରୁ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା।

# ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ ଘଟଣାରେ ୩ ଗିରଫ

କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଅପହରଣ ପରେ ମଦ ପିଆଇ ଅସଦାଚରଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କୁଚିଣ୍ଡା ଏନଏସି ୱାର୍ଡ ନଂ.୫ ବଡପଡାର କାହ୍ନା ଛତ୍ରିଆ(୧୮), ମୁକେଶ ବାଘ ଓରଫ କାହ୍ନା(୨୪)ଓ ସନ୍ତୋଷ ମୁଣ୍ଡା(୨୮)। ଅପହରଣରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି। ଘଟଣାର ଅଧିକ ତଦନ୍ତ କରାଯାଉଥିବା କୁଚିଣ୍ଡା ଥାନା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ମଙ୍ଗଳବାର ପଞ୍ଚମୁଖୀ ଛକରେ ହେଉଥିବା କରମା ପୂଜା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧ଟା୩୦ରେ ପୂଜାସ୍ଥଳରୁ କାହ୍ନା ଛତ୍ରିଆ ତାଙ୍କୁ ବାଧ୍ୟକରି ଏକ କାର୍ (ନଂ.ଓଡି ୩୧-୦୮୮)ରେ ବସାଇ କୁଆଡେ ନେଇ ଯାଇଥିଲେ। କାର ଭିତରେ ତାଙ୍କୁ ଜବରଦସ୍ତ ମଦ ପିଆଇ ଅସଦାଚରଣ କରିଥିଲେ। ଭୋର ପ୍ରାୟ ୪ଟାରେ ପୀଡିତାଙ୍କୁ ପୁଣି ପଞ୍ଚମୁଖୀ ଛକ ନିକଟସ୍ଥ ହନୁମାନ ମନ୍ଦିର ପାଖରେ ଛାଡି ଦେଇ ପଳାଇଥିବା ପୀଡିତା ବୁଧବାର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ବିଏନ୍ଏସ ୧୩୭(୨)/୭୪/୩(୫)/୧୨ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୪୨୯/୨୪)ରୁଜୁ ହୋଇଛି। ଶନିବାର ଗିରଫ ୩ ଅଭିଯୁକ୍ତ ଓ ପୀଡିତାଙ୍କର କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ସମ୍ବଲପୁର ପୋକ୍‌ସୋ ବିଚାରପତିଙ୍କ ସମ୍ମୁଖରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। କୁଚିଣ୍ଡାରେ ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଥିରେ ସମ୍ପୃକ୍ତ ଆଉ କେତେଜଣ ଯୁବକଙ୍କୁ ପୋଲିସ ଜାଣିଶୁଣି ଗିରଫ କରୁ ନ ଥିବା ପୀଡିତାଙ୍କ ବାପା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପଞ୍ଚମୁଖୀ ଛକରେ ୩/୪ଟି ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ପୋଲିସ ତାକୁ ଯାଞ୍ଚ କରୁନାହିଁ। ତାଙ୍କ ଝିଅ ମଦନିଶାରେ ଚେତାଶୂନ୍ୟ ହୋଇଯିବାରୁ ତାଙ୍କ ସହ କ'ଣ ଘଟିଲା ସେ ଜାଣି ନ ଥିବା କହିଛନ୍ତି।

# ବାଣ ଭିଡୁଥିବା ବେଳେ ବିସ୍ଫୋରଣ, ୪ ନାବାଳକ ଗୁରୁତର

ଖଲ୍ଲିକୋଟ,୧୯।୧୦
(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମ ସାତବନ୍ଧ ସାହିର ଏକ ଘରେ ଶନିବାର ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ୪ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରସାଦ ଗୌଡ଼, ବାଦଲ ଗୌଡ଼, ବାବୁଲା ଗୌଡ଼ ଓ ସମୀର ଦୁହୁଡି। ସମସ୍ତଙ୍କୁ ଉଦ୍ଧାର ପରେ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବାଦଲଙ୍କ ଗୋଟିଏ ଗୋଡ଼ ଓ ହାତ ନଷ୍ଟ ହୋଇଛି। ଘଟଣାସ୍ଥଳରେ ଫୋରେନସିକ୍ ଟିମ୍, ବମ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୀପାବଳି ପାଇଁ ନାବାଳକମାନେ ବାଣ ତିଆରି କରୁଥିଲେ। କୌଣସି କାରଣବଶତଃ ହଠାତ୍ ବାଣ ବିସ୍ଫୋରଣ ହେବାରୁ ସେମାନେ ଗୁରୁତର ହୋଇ ପଡ଼ିଥିଲେ। ପ୍ରଚଣ୍ଡ ବିସ୍ଫୋରଣରେ ଘରର ଟିଣ ଉଡିଯାଇଥିବା ବେଳେ ବିଭିନ୍ନ ସରଞ୍ଜାମ ଛିନ୍ନଛତ୍ର ହୋଇ ପଡିଥିବା ଦେଖାଯାଇଛି। ନାବାଳକମାନେ ବାଣ ତିଆରି ପାଇଁ ବାରୁଦ ଓ ଅନ୍ୟାନ୍ୟ ସରଞ୍ଜାମ କେଉଁଠୁ ଆଣିଲେ ସେ ନେଇ ପୋଲିସ ଗାଁରେ ଖୋଳତାଡ଼ କରୁଛି।


ବିସ୍ଫୋରଣରେ ଘରେ ଛିନଛତ୍ର ହୋଇପଡିଥିବା ବିଭିନ୍ନ ଜିନିଷ।

# ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଆର୍‌ଆଇ

ଧର୍ମଶାଳା/ଜେନାପୁର,୧୯।୧୦
(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବଳରାମପୁର-୧ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୁଶାନ୍ତ ସ୍ୱାଇଁ ଜମି ମ୍ୟୁଟେଶନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାଜସ୍ୱ ନିରୀକ୍ଷକ ସ୍ୱାଇଁ କବାଟବନ୍ଧ ପଞ୍ଚାୟତ ଦଳଗାଁ ଅଞ୍ଚଳର ଶିକ୍ଷକ ବସନ୍ତ କୁମାର ସ୍ୱାଇଁଙ୍କ ସିକିମ ଜମି ମ୍ୟୁଟେଶନ କରିବାକୁ ୩୩ ହଜାର ଟଙ୍କା ନେଇଥିଲେ। ପରେ ଆଉ ୧୫ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଏନେଇ ଶିକ୍ଷକ ଜଣକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଶନିବାର ଅପରାହ୍ନରେ ଶିକ୍ଷକ ଜଣକ ରାଜସ୍ୱ ନିରୀକ୍ଷକଙ୍କୁ ଚଉଷଠିପଡ଼ାଠାରେ ୧୦ ହଜାର ଟଙ୍କା ଦେଉଥିବାବେଳେ କଟକ ଓ ଯାଜପୁର ଭିଜିଲାନ୍ସ ଟିମ୍ ଧରିଥିଲା।

# ପରିବାର ଲୋକଙ୍କୁ ଅଟକ ରଖି ଲୁଟିନେଲେ ୨୦ଲକ୍ଷର ସୁନାଗହଣା

ବନ୍ଧମୁଣ୍ଡା/ରାଉରକେଲା,୧୯।୧୦
(ସୁବ୍ରତ ଡେ/ସଙ୍ଗୀତା ଜେନା)



ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍ କରୁଛି।

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନିରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ରେଲୱେ କନିଷ୍ଠ ଯନ୍ତ୍ରୀଙ୍କ ପରିବାର ଲୋକଙ୍କୁ ଅଟକ ରଖି ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନାଗହଣା ଏବଂ ନଗଦ ୧୦ ହଜାର ଟଙ୍କା ଲୁଟ୍ ହୋଇଛି। ଶନିବାର ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୨୫/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ, ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନାଧିକାରୀ ଚିତ୍ତରଞ୍ଜନ ନାୟକ ଫୋରେନ୍ସିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ସେହିପରି ଆଖପାଖ ଅଞ୍ଚଳର ସିସିଟିଭିଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। କିଛି ସିସିଟିଭି ନଷ୍ଟ ହୋଇଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ମୁହଁ ସ୍ପଷ୍ଟ ଦେଖାଯାଉଥିବା ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଡିଜେଲ କଲୋନି କ୍ୱାର୍ଟର ନମ୍ବର ଏଲ୍-୨୦୪/୧ରେ ରେଲୱେ ଜେଇ ଦିଲୀପ ପଣ୍ଡା ସପରିବାର ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଝରକା ରେଲିଂ କାଟି ତାଙ୍କ ଘରେ ପ୍ରବେଶ କରିଥିଲେ। ଦିଲୀପ ଏହି ଶବ୍ଦ ଶୁଣିବା ପରେ ଘରେ ୫ ଜଣ ଦୁର୍ବୃତ୍ତଙ୍କୁ ଦେଖି ଭୟଭୀତ ହୋଇପଡିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ୨ ଜଣ ଧାରୁଆ ମାରଣାସ୍ତ୍ରରେ ସମସ୍ତ ପରିବାର ଲୋକଙ୍କୁ ବନ୍ଦୀ କରିଦେଇଥିଲେ। ଅନ୍ୟ ଦୁର୍ବୃତ୍ତମାନେ ଆଲମାରିରେ ଥିବା ପ୍ରାୟ ୩୮ ଭରି ସୁନାଗହଣା ଓ ନଗଦ ୧୦ ହଜାର ଟଙ୍କା ଲୁଟିନେଇଥିଲେ। ଫେରାର ହେବାବେଳେ ଉକ୍ତ ଘଟଣା ସିସିଟିଭିରେ କଏଦ ହୋଇଥିବା ଜାଣିପାରି ଦୁର୍ବୃତ୍ତମାନେ ଏହାକୁ ଭାଙ୍ଗିଦେଇଥିଲେ। ଏ ନେଇ ଶନିବାର ସକାଳେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା।

# ଗେଷ୍ଟ ହାଉସରେ ସାମାଜିକ କର୍ମୀଙ୍କ ଝୁଲନ୍ତା ମୃତଦେହ

ଭୁବନେଶ୍ୱର,୧୯।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗବିହାର ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସରୁ ଜଣେ ସାମାଜିକ କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ରାଜକୁଳକାଟେଣୀ ଗ୍ରାମର ଦେବୀଦତ୍ତ ସତ୍ୟସ୍ୱରୂପ ମହାପାତ୍ର(୩୧)। ପ୍ରାଥମିକ ତଦନ୍ତରୁ ଦେବୀଦତ୍ତ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବାବେଳେ କେଉଁ ପରିସ୍ଥିତିରେ ଦେବୀଦତ୍ତ ଏଭଳି ଚରମ ନିଷ୍ପତ୍ତି ନେଲେ ପୋଲିସ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ସୂଚନାନୁସାରେ ଦେବୀଦତ୍ତ ଗତ ୧୬ ତାରିଖରେ କଳିଙ୍ଗବିହାରସ୍ଥିତ ଏକ ଗେଷ୍ଟ ହାଉସରେ ରହିଥିଲେ। ଶନିବାର ତାଙ୍କର ଚେକ୍ ଆଉଟ ସରିଥିବାବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ରୁମରୁ ବାହାରି ନ ଥିଲେ। ଗେଷ୍ଟ ହାଉସର କର୍ମଚାରୀଙ୍କ ସନ୍ଦେହ ହେବାରୁ ଦେବୀଦତ୍ତଙ୍କୁ ୧୨ଟା ବେଳେ କବାଟ ବାଡ଼େଇ ଡାକିଥିଲେ। କିନ୍ତୁ ଦେବୀଦତ୍ତ କବାଟ ନ ଖୋଲିବାରୁ ଗେଷ୍ଟ ହାଉସର କର୍ମଚାରୀ ତାଙ୍କୁ ଏକ ଦଉଡ଼ିରେ ଝୁଲୁଥିବା ଅବସ୍ଥାରେ ଝରକା ପଟେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେବୀଦତ୍ତଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଗେଷ୍ଟ ହାଉସରେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଦେବୀଦତ୍ତଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା।

# ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି

ଭୁବନେଶ୍ୱର,୧୯।୧୦
(ସୂର୍ଯ୍ୟକାନ୍ତ ବେହେରା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରରେ ରାଷ୍ଟ୍ରପତିଙ୍କ ସମସ୍ତ ଗସ୍ତ କାର୍ଯ୍ୟକ୍ରମ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏସମ୍ପର୍କରେ ଡିସିପି ପିନାକ ମିଶ୍ର ସୂଚନା ଦେବା ସହ ସରକାରୀସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିବା କହିଛନ୍ତି। ବ୍ଲୁ ବୁକ୍ ଗାଇଡ୍‌ଲାଇନ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ପ୍ରୋଟୋକଲ ଅନୁସାରେ ସଭାସ୍ଥଳରେ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ରହିବ ବୋଲି ଡିସିପି ମିଶ୍ର କହିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଶୃଙ୍ଖଳିତ କରିବା ଲାଗି ସମସ୍ତ ଏଜେନ୍ସିଙ୍କ ସହ ଆଲୋଚନା କରାଯାଉଛି। ଅନ୍ୟପଟେ ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ ବୋଲି ସୂଚନା ମିଳିଛି।

# ବ୍ୟାଙ୍କିଙ୍ଗ୍ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା

## ଧାରଣାରେ ବସିଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ପରୀକ୍ଷା ଓ ନିଯୁକ୍ତି ଦୁର୍ନୀତିକୁ ନେଇ ଅଭିଯୋଗ ବଢ଼ି ଚାଲିଛି। କିଛିଦିନ ପୂର୍ବରୁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଅନୁଷ୍ଠିତ ଆର୍‌ଆଇ, ଅମିନ ପରୀକ୍ଷାରେ ଅନିୟମିତତାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଦେଖାଦେଇଥିବାବେଳେ ଶନିବାର ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଗଣେଶ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ହୋଇଥିବା ବ୍ୟାଙ୍କିଙ୍ଗ୍ ପରୀକ୍ଷା କେନ୍ଦ୍ରରେ ଅପ୍ରୀତିକର ପରିସ୍ଥିତି ଉପୁଜିଛି। ପରୀକ୍ଷାର୍ଥୀମାନେ ନାନା ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିବା ସହ ଧାରଣା ଦେଇଥିଲେ। ଫଳରେ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିବାରୁ ପୋଲିସ ମୁତୟନ କରାଯାଇଥିଲା।

ବିଭିନ୍ନ ବ୍ୟାଙ୍କ୍‌ରେ ନିଯୁକ୍ତି ଲାଗି କେନ୍ଦ୍ରୀୟ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍‌ବ୍ୟାଙ୍କିଙ୍ଗ୍ ପର୍ସୋନେଲ ସିଲେକ୍ସନ (ଆଇବିପିଏସ୍) ପକ୍ଷରୁ ପରୀକ୍ଷା କରାଯାଉଛି। ଟିସିଏସ୍ ଏହି ପରୀକ୍ଷା ପରିଚାଳନା କରୁଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ଅନୁସାରେ, ଦ୍ୱିତୀୟ ସିଡ୍ୟୁଲରେ ଥିବା ପରୀକ୍ଷା ଅପରାହ୍ନ ୨ଟା ପୂର୍ବରୁ ସରିବା କଥା। କିଛି ବୈଷୟିକ ସମସ୍ୟା ପାଇଁ ତାହା ୨ଟା ୩୦ରେ ସରିଥିଲା। ତୃତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ପରୀକ୍ଷାର୍ଥୀମାନଙ୍କୁ ଅପରାହ୍ନ ୩ଟା ୩୦ରେ ପରୀକ୍ଷା ଦେବାକୁ ଡକାଗଲା। ସେତେବେଳକୁ ଅଲଗା ପରୀକ୍ଷା କେନ୍ଦ୍ରରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇସାରିଥିଲା ଓ ପ୍ରଶ୍ନପତ୍ରର ଆନାଲିସିସ୍ ମଧ୍ୟ ୟୁଟ୍ୟୁବ୍‌ରେ ଘୁରି ବୁଲୁଥିଲା। ଏହାର ପ୍ରତିବାଦ କରିବାରୁ ପରୀକ୍ଷାର୍ଥୀମାନଙ୍କୁ ଅଲଗା ଏକ କେନ୍ଦ୍ରକୁ ନେଇ ପରୀକ୍ଷା ଦେବାକୁ କୁହାଗଲା। ମାତ୍ର ଏଥିରେ ସେମାନେ ରାଜି ନ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଥିବା ପରୀକ୍ଷା ଦେବାକୁ ପିଲାଙ୍କୁ କୁହାଗଲା। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରୁ କର୍ତ୍ତୃପକ୍ଷ ନାଲିଆଖି ଦେଖାଇ ଯାହାର ଇଚ୍ଛା ପରୀକ୍ଷା ଦିଅନ୍ତୁ ନ ହେଲେ ନାହିଁ ବୋଲି କହିଥିଲେ। ଫଳରେ ଅଳ୍ପ କେତେଜଣ ପିଲା ପରୀକ୍ଷା ଦେବାକୁ ଯାଇଥିବାବେଳେ ସେମାନଙ୍କୁ ମଧ୍ୟ ଯାଞ୍ଚ କରାଯାଇ ନ ଥିଲା। ତାହା ପୁଣି ବିଳମ୍ବରେ ହୋଇଥିଲା। ଏଭଳି ପରିସ୍ଥିତିରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଅସୁବିଧାର ସମ୍ମୁଖୀନ ହୋଇଥିବା ପିଲାମାନେ ପରୀକ୍ଷା କେନ୍ଦ୍ରରେ ଧାରଣାରେ ବସିବା ସହ ପୁନଃ ପରୀକ୍ଷା କରିବାକୁ ଦାବି କରିଥିଲେ। ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପଶନର ଆବାହକ ବିଭୂତି ଭୂଷଣ ମହାପାତ୍ର ସେମାନଙ୍କୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଶେଷରେ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷ ନୋଟିସ ଜରିଆରେ ଅସୁବିଧା ସମ୍ମୁଖୀନ ହୋଇଥିବା ପରୀକ୍ଷାର୍ଥୀଙ୍କୁ ପୁନଃ ପରୀକ୍ଷା ନେଇ ସୂଚନା ଦିଆଯିବ ବୋଲି କହିଛନ୍ତି।


ଗଣେଶ ଇନ୍‌ଷ୍ଟିଚ୍ୟୁଟ୍‌ସ୍ଥିତ ବ୍ୟାଙ୍କିଙ୍ଗ୍ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଧାରଣା ଦେଉଛନ୍ତି।

# ରାଷ୍ଟ୍ରପତିଙ୍କ ପାଖକୁ ଚିଠି ପଠାଇଲେ ପରୀକ୍ଷାର୍ଥୀ


ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ପଠାଇବାକୁ ଆସିଥିବା ପରୀକ୍ଷାର୍ଥୀ।

କଟକ,୧୯।୧୦ (କାର୍ତ୍ତିକ ସାହୁ)

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ ପରୀକ୍ଷାର ଅନିୟମିତତାକୁ ନେଇ ପରୀକ୍ଷାର୍ଥୀମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଚିଠି ଲେଖିଛନ୍ତି। କଟକ ଅରୁଣୋଦୟ ମାର୍କେଟ ଡାକଘରୁ ଶନିବାର ଏହି ଚିଠି ପଠାଯାଇଥିବା ଜଣାପଡ଼ିଛି। ଉପରୋକ୍ତ ପଦଗୁଡ଼ିକ ପୂରଣ ପାଇଁ କମ୍ପ୍ୟୁଟର ଦ୍ୱାରା ହୋଇଥିବା ପରୀକ୍ଷାରେ ବ୍ୟାପକ ତ୍ରୁଟି ଏବଂ ଅନିୟମିତତା ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏହି ପଦଗୁଡ଼ିକ ନିମନ୍ତେ ଆବେଦନକାରୀ ଆଶାୟୀମାନେ କିଛିଦିନ ଧରି ପରୀକ୍ଷାକୁ ବିରୋଧ କରିବା ସହ ବାତିଲ କରିବାକୁ ଦାବି କରିଆସୁଛନ୍ତି।

## ଆର୍‌ଆଇ, ଅମିନ ପରୀକ୍ଷା ଅନିୟମିତତା ଘଟଣା

କିଛିଦିନ ତଳେ ସରିଥିବା ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। କଳା ତାଲିକାଭୁକ୍ତ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ଗୋଟିଏ କେନ୍ଦ୍ରରେ ପରୀକ୍ଷା ଶେଷ ପରେ ସମାନ ପ୍ରଶ୍ନପତ୍ରରେ ଅନ୍ୟ କେନ୍ଦ୍ରରେ ପରୀକ୍ଷା କରାଯିବା, ବୌଦ୍ଧର ଏକ ପରୀକ୍ଷା କେନ୍ଦ୍ରର ନକଲି ମାଲିକ ଗିରଫ ଆଦି ଘଟଣା ଘଟିଥିଲେ ବି ସରକାର ଅଦ୍ୟାବଧି ନୀରବ ରହିଛନ୍ତି। ଏଭଳି ଅନିୟମିତତା ଅଭିଯୋଗ ପରେ ବି ସରକାର ପରୀକ୍ଷା ବାତିଲ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପରୀକ୍ଷା ବାତିଲ କରି ସ୍ୱଚ୍ଛତାର ସହ ପୁନର୍ବାର ପରୀକ୍ଷା କରିବା ଓ ନିଯୁକ୍ତିରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ରାଷ୍ଟ୍ରପତିଙ୍କ ନିକଟରେ ଦାବି କରାଯାଇଛି। ଆସନ୍ତା ୨୩ ତାରିଖରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏହି ପରୀକ୍ଷା ପରିଚାଳନାରେ ହୋଇଥିବା ଦୁର୍ନୀତିର ଦୃଷ୍ଟି ଆକର୍ଷଣ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କର୍‌ପସନ୍ ସଙ୍ଗଠନ ଜରିଆରେ ଆଶାୟୀ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ପ୍ରାୟ ୪୦ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ କେତେକ ପରୀକ୍ଷା କେନ୍ଦ୍ରରେ ଗୁରୁତର ବିଭ୍ରାଟ ସାମ୍ନାକୁ ଆସିଥିଲା। ସେବେଠାରୁ ପରୀକ୍ଷାର୍ଥୀମାନେ ଏହି ପରୀକ୍ଷାକୁ ବାତିଲ କରିବା ସହ ପୁନଃପରୀକ୍ଷା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲକୁ ଶ୍ରେଷ୍ଠ ସ୍କୁଲ ମାନ୍ୟତା

ଭୁବନେଶ୍ୱର,୧୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

## ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ୍

ଏଜୁକେଶନ୍‌ୱାଲର୍ଡ ଇଣ୍ଡିଆ ସ୍କୁଲ୍ ର୍‍ୟାଙ୍କିଙ୍ଗ୍ (ଇଡବ୍ଲ୍ୟୁଆଇଏସ୍‌ଆର୍)୨୦୨୪-୨୫ ପ୍ରକାଶ ପାଇଛି। ଏହି ଜାତୀୟ ସର୍ଭେରେ ଡେ' କମ୍ ବୋର୍ଡିଂ ବର୍ଗରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପ୍ରଥମ ସ୍ଥାନରେ ରହି ଶ୍ରେଷ୍ଠ ମାନ୍ୟତା ହାସଲ କରିଛି। କ୍ରମାଗତ ୫ଥର ପାଇଁ ସାଇ ଇଣ୍ଟରନ୍ୟାଶନାଲ ଏହି ସମ୍ମାନଜନକ ର୍‍ୟାଙ୍କ୍ ବଜାୟ ରଖିଛି। ସେହିଭଳି ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଗୁଣବତ୍ତା ପ୍ରଦର୍ଶନ କରି ରାଜ୍ୟର ନଂ.୧ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଥିବାବେଳେ ଦେଶରେ ଅଷ୍ଟମ ସ୍ଥାନ ହାସଲ କରିଛି।

ଗତ ୧୭ ଓ ୧୮ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ର୍‍ୟାଙ୍କିଙ୍ଗ୍ ଘୋଷଣା କରାଯାଇଥିଲା। ସର୍ଭେରେ ଦେଶର ୪ହଜାରରୁ ଅଧିକ ସ୍କୁଲକୁ ସାମିଲ କରାଯାଇଥିଲା। ଏକାଡେମିକ ପ୍ରତିଷ୍ଠା, ସହପାଠ୍ୟକ୍ରମ ଶିକ୍ଷା, ଅନ୍ତର୍ଜାତୀୟ ଶିକ୍ଷା କାର୍ଯ୍ୟକ୍ରମ, କ୍ରୀଡ଼ା ଶିକ୍ଷା ପାଠ୍ୟକ୍ରମ, ଶିକ୍ଷକ କଲ୍ୟାଣ ଏବଂ ବିକାଶ, ଅଧ୍ୟାପକଙ୍କ ଦକ୍ଷତା, ଛାତ୍ରୀଛାତ୍ରଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଭିତ୍ତିଭୂମି ବ୍ୟବସ୍ଥା, ମାନସିକ ଓ ଭାବପ୍ରବଣ ସୁସ୍ଥତା, ପିତାମାତାଙ୍କ ଯୋଗଦାନ, ନେତୃତ୍ୱ, ସ୍ୱତନ୍ତ୍ରତା ଶିକ୍ଷାର ଆବଶ୍ୟକତା ଆଦି କ୍ଷେତ୍ରରେ ବିସ୍ତୃତ ମୂଲ୍ୟାଙ୍କନ କରାଯାଇଥିଲା। ତେବେ ଏହି ସଫଳତାକୁ ନେଇ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ସମସ୍ତଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ପୁଣିଥରେ ଜାତୀୟ ସ୍ତରରେ ସ୍ୱୀକୃତି ପାଇ ଆମେ ଗୌରବାନ୍ୱିତ। ଏହା ରାଜ୍ୟରେ ଶିକ୍ଷାକୁ ପୁନଃବିକାଶ କରିବ। ପ୍ରତିଷ୍ଠାତା ଚେୟାରମ୍ୟାନ ଡ. ବିଜୟ କୁମାର ସାହୁ ଏହାକୁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ କରିବା ପାଇଁ ଯେଉଁ କଳ୍ପନା କରିଥିଲେ ତାହା ଆଜି ପୂରଣ ହୋଇଛି। ଏହି ସଫଳତା ଆମ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅଭିଭାବକଙ୍କ ନିରନ୍ତର ସମର୍ଥନର ଏକ ପ୍ରମାଣ। ଛାତ୍ରୀଛାତ୍ରଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାମଗ୍ରିକ ଶିକ୍ଷା ଏବଂ ପ୍ରେରଣାଦାୟକ ଉତ୍କର୍ଷ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ।


ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ର୍‍ୟାଙ୍କିଙ୍ଗ୍ ଘୋଷଣା ଅବସରରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

# ବଜ୍ରପାତରେ ଜଣେ ମୃତ

କାକଟପୁର,୧୯।୧୦(ଶୁଭ ଦର୍ଶନ ମିଶ୍ର)

କାକଟପୁର ତହସିଲ ଅଧୀନ କାଦୁଆନୂଆ ଗାଁ ଜଗନ୍ନାଥ ଗ୍ରାମରେ ଶନିବାର ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀଧର ପ୍ରଧାନ(୫୦)। ଲକ୍ଷ୍ମୀଧର ସନ୍ଧ୍ୟା ସମୟରେ ଜହ୍ନିବାଲିଆରୁ ଘରକୁ ଫେରୁଥିଲେ। ତିରୁଣା ଉପୁଳା ମୁଖ୍ୟ ରାସ୍ତାରେ ସେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚାରିଛକ ମେଡିକାଲ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତହସିଲଦାର ଅଙ୍କିତା ଅନିନ୍ଦିତା ଲକ୍ଷ୍ମୀଧରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କହିଛନ୍ତି।

# ଶ୍ୱେତଗଙ୍ଗାରୁ ମୃତଦେହ ଜବତ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ପୁରୀ ଟାଉନ ଥାନା ଅନ୍ତର୍ଗତ ଶ୍ୱେତଗଙ୍ଗା ପୁଷ୍କରିଣୀରୁ ଶନିବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କର ପରିଚୟ ମିଳିନାହିଁ। ଟାଉନ ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ତାହାକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ନାମ ରବିନା ପ୍ରତିହାରୀ ବୋଲି କୁହାଯାଉଛି। ତେବେ ଏନେଇ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ସମ୍ପୃକ୍ତ ବ୍ୟକ୍ତି ସ୍ନାନ କରିବା ସମୟରେ ଗୋଡ଼ ଖସିଯିବା କାରଣରୁ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଲାଇଟ୍ ହାଉସ୍ ପାଲଟିଛି ପର୍ଯ୍ୟଟନ, ସଂସ୍କୃତି ଓ ଶିକ୍ଷଣ କେନ୍ଦ୍ର



ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ସୁରେଶ ଗୋପୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥି।

## ଲାଇଟ୍ ହାଉସ୍ ପର୍ଯ୍ୟଟନ ସମ୍ମିଳନୀ, ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ଆରମ୍ଭ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ପୁରୀରେ ଶନିବାର ଆୟୋଜିତ ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଲାଇଟ୍ ହାଉସ୍ ପର୍ଯ୍ୟଟନ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଉଦ୍‌ଘାଟନୀ ବକ୍ତବ୍ୟ ଦେଇ ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଓ ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଲାଇଟ୍ ହାଉସ୍ ପର୍ଯ୍ୟଟନକୁ ଏକ ମାଧ୍ୟମ ଭାବେ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘଦିନ ଧରି ସାମୁଦ୍ରିକ ଦିଗ ନିର୍ଣ୍ଣୟକାରୀ ସାଜିଥିବା ଏହି ଭବ୍ୟ ଢାଞ୍ଚା ଏବେ ପର୍ଯ୍ୟଟନ, ସଂସ୍କୃତି ଓ ଶିକ୍ଷଣ କେନ୍ଦ୍ରରେ ପରିଣତ ହେଉଛି। ଦେଶରେ ୭୫ଟି ଐତିହାସିକ ଲାଇଟ୍ ହାଉସ୍‌ର ବିକାଶ କେବଳ ଇତିହାସକୁ ସଂରକ୍ଷିତ କରୁନାହିଁ ବରଂ ମନୋରଞ୍ଜନ ଓ ଜନଭାଗିଦାରୀ ପାଇଁ ଜୀବନ୍ତ ସ୍ଥାନ ସୃଷ୍ଟି କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଲୋକ ସଭା ସଦସ୍ୟ ସମ୍ବିତ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଲାଇଟ୍ ହାଉସ୍ ଆଣ୍ଡ ଲାଇଟ୍ ସିପ୍ସ (ଡିଜିଏଲ୍) ପକ୍ଷରୁ ଭାରତରେ ଲାଇଟ୍ ହାଉସ୍ ପର୍ଯ୍ୟଟନର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ସମ୍ଭାବନାକୁ ପ୍ରଦର୍ଶିତ କରାଯାଇଥିଲା। ୬୦ କୋଟି ଟଙ୍କା ବିନିମୟରେ ଉପକୂଳବର୍ତ୍ତୀ ୯ଟି ରାଜ୍ୟ ଓ ୧ଟି କେନ୍ଦ୍ରଶାସିତ ଅଞ୍ଚଳର ୭୫ଟି ଐତିହାସିକ ଲାଇଟ୍ ହାଉସ୍ ବିକଶିତ ହୋଇଛି। ଓଡ଼ିଶାରେ ଲାଇଟହାଉସ୍ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ପାରାଦୀପ ଓ ଫଲ୍ସ ପଏଣ୍ଟ ଲାଇଟ୍ ହାଉସ୍‌କୁ ବିକଶିତ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୧୦ ଲକ୍ଷରୁ ଅଧିକ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଛି। ଏହି ବିକାଶ ଫଳରେ ୧୫୦ ପ୍ରତ୍ୟକ୍ଷ ଓ ୫୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗୌରବ ନାଗରଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଲାଇଟ୍ ହାଉସ୍ ପର୍ଯ୍ୟଟନ ଓ ଐତିହ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମାଣିକ୍ୟ


@ ଶାନ୍ତନୁ


@ ଶୁଭ ସାଇଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉପକୂଳ ରାଜପଥ ପାଇଁ ଅସ୍ତରଙ୍ଗ ଅଞ୍ଚଳରେ ସର୍ଭେ

ଅସ୍ତରଙ୍ଗ,୧୯।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)

## ସ୍ୱତନ୍ତ୍ର ଡିଜି କ୍ୟାମେରା ସହ ନିୟୋଜିତ ଅଛନ୍ତି ୧୨ଜଣିଆ ଏକ୍ସପର୍ଟ ଟିମ୍

ଉପକୂଳ ରାଜପଥ ନିର୍ମାଣ ପାଇଁ ୧୨ଜଣିଆ ସ୍ୱତନ୍ତ୍ର ଏକ୍ସପର୍ଟ ଟିମ୍‌ଙ୍କ ଦ୍ୱାରା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ଡିଜି ଡ୍ରୋନ୍ କ୍ୟାମେରା ସହ ଆନୁଷଙ୍ଗିକ ଯନ୍ତ୍ରରେ ସର୍ଭେ ଆରମ୍ଭ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ଉପକୂଳ ରାଜପଥର ୩ଟି ବିଭାଗ ପାଇଁ ଟେଣ୍ଡର୍ ବାତିଲ୍ କରିବାର ଦିନକ ପରେ ଆଲାଏନ୍‌ମେଣ୍ଟ ସଂଶୋଧନ, ପ୍ରକଳ୍ପର ପ୍ୟାକେଜ ନଂ ୩ ଓ ପରିବେଶ ମଞ୍ଜୁରି ପାଇଛି। ୩୪୬ କି.ମି. ଉପକୂଳ ରାଜପଥ ପ୍ରକଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି। ୧୭୬କି.ମି. ରାମେଶ୍ୱର-ରତନପୁର ଏବଂ ୧୭୦କି.ମି. ରତନପୁରରୁ ଦିଘା ପର୍ଯ୍ୟନ୍ତ ଏହା ଅନେକ ପ୍ୟାକେଜରେ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ବୈଷୟିକ ତ୍ରୁଟି ଓ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଓ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମିଳିତ ଉପକୂଳ କ୍ରିୟାନୁଷ୍ଠାନ କମିଟି ପ୍ରସ୍ତାବିତ ଉପକୂଳ ରାଜପଥ ନକ୍ସାରେ ପରିବର୍ତ୍ତନକୁ ନେଇ ଜୋର୍‌ଦାର ବିରୋଧ କରିଥିଲେ।

ଏଥିସହ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମଣ୍ଡଳୀ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରି ପ୍ରସ୍ତାବିତ ରାଜପଥକୁ ଅସ୍ତରଙ୍ଗ-ବାଲିକୁଦା ଉପକୂଳଠାରୁ ୨୫କି.ମି. ଦୂରରେ ନିର୍ମାଣ ନ କରିବାକୁ ନିବେଦନ କରିଥିଲେ। ଫଳରେ ଟେଣ୍ଡର୍‌ଗୁଡ଼ିକ ବାତିଲ୍ ହୋଇଯାଇଥିଲା। ଏବେ ରାଜପଥ ଆଲାଏନ୍‌ମେଣ୍ଟକୁ ପୁନଃ ସଂଶୋଧିତ କରାଯାଇଛି। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଉଜୁଳେଇରୁ ଜିଉନ୍ତି, ଦେବୀନଦୀ ପାର୍ଶ୍ୱବର୍ତ୍ତୀ ଓସିଆରୁ ପାଟସୁନ୍ଦରପୁର ମଧ୍ୟରେ ୧୨ଜଣିଆ ଏକ୍ସପଟ ଟିମ୍ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ସହ ସ୍ୱତନ୍ତ୍ର ଡିଜି ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପକୂଳ ରାଜପଥ ପାଇଁ ସର୍ଭେ କରିଥିଲେ।

୨୦୧୫ରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଗଡ଼କରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏହି ପ୍ରସ୍ତାବିତ ରାଜପଥ ରାଜ୍ୟର ୭ଟି ଉପକୂଳବର୍ତ୍ତୀ ଜିଲା ଦେଇ ଗତି କରିବ। ଜାତୀୟ ରାଜପଥ ୧୬ରେ ଯାତାୟାତକୁ ସହଜ କରିବା ସହ ପର୍ଯ୍ୟଟନକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ।


ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଉଛି।

# ବାତ୍ୟା ଆଶ୍ରୟସ୍ଥଳୀ ପାଲଟିଛି ଭୂତକୋଠି

ଅସ୍ତରଙ୍ଗ,୧୯।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)



ବାତ୍ୟା ଓ ବନ୍ୟା ସମୟରେ ବାସହୀନ, ତଳିଆ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ସରକାର ପଞ୍ଚାୟତଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବ ଓ ନିମ୍ନମାନର କାମ ଯୋଗୁ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସୁରକ୍ଷା ପାଇଁ ହୋଇଥିବା ଆଶ୍ରୟସ୍ଥଳୀ ଏବେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହି ବିପଦକୁ ଆମନ୍ତ୍ରଣ କରୁଛି। ଏଭଳି ଅନେକ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀ ଦେଖିବାକୁ ମିଳିଛି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ।

୧୯୯୯ ଅକ୍ଟୋବର ୨୯ ମହାପ୍ରଳୟଙ୍କରୀ ମହାବାତ୍ୟା ପରେ ଫାଇଲିନ୍, ହୁଡ୍‌ହୁଡ୍, ଅମ୍ଫାନ, ତିତିଲି, ଫନୀ ଭଳି ବାତ୍ୟା ହୋଇଥିଲା। ହେଲେ ତଥାପି ଚେତିଲେନି ସରକାର। ମହାବାତ୍ୟା ପରେ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ ବହୁକୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ହୋଇ ଭୂତକୋଠିରେ ପରିଣତ ହୋଇଛି। ୧୯୯୯ ମସିହା ପ୍ରଳୟଙ୍କରୀ ମହାବାତ୍ୟାରେ ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ଗାଁ କ୍ଷତିଗ୍ରସ୍ତ ହୋଇଥିଲା। ଲୋକଙ୍କ ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ଏବେ ଭାଙ୍ଗିରୁଜିଗଲାଣି। କୌଣସି ବିପର୍ଯ୍ୟୟ ଆସିଲେ ଗ୍ରାମବାସୀ ନିଜକୁ ସୁରକ୍ଷିତ ରଖିବା ପାଇଁ ଏବେ ଏମାନଙ୍କ ପାଖରେ ଆଉ କୌଣସି ବାଟ ନାହିଁ। ଏହି ଅସୁରକ୍ଷିତ ଜରାଜୀର୍ଣ୍ଣ ଆଶ୍ରୟସ୍ଥଳୀ ହିଁ ଏକମାତ୍ର ଭରସା। ମହାବାତ୍ୟା ପରେ ପୁରୀ ଜିଲା ଉପକୂଳବାସୀଙ୍କ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। ଓସ୍‌ଡମା ଓ ରେଡ୍‌କ୍ରସ୍ ଦ୍ୱାରା ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ସହ ବେସରକାରୀ ଆଶ୍ରୟସ୍ଥଳୀଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ ଭାବେ ଏକପ୍ରକାର ଭୂତକୋଠି ପରିଣତ ହୋଇଛି। ଏହି ବାତ୍ୟା ଆଶ୍ରୟସ୍ଥଳୀର ଏଭଳି ଅବସ୍ଥା ଦେଖି ଗ୍ରାମବାସୀଙ୍କ ଅସନ୍ତୋଷ ମଧ୍ୟ ତେଜିବାରେ ଲାଗିଛି।

ପାଟଳଦା ପଞ୍ଚାୟତରେ ଥିବା ୨ ମହଲା ବିଶିଷ୍ଟ ବାତ୍ୟା ଆଶ୍ରୟସ୍ଥଳୀରୁ

## ପ୍ରଶାସନ ବେଫିକର, ବାତ୍ୟା ଆସିଲେ ତରତର

ସିମେଣ୍ଟ ଖଣ୍ଡ ଖସୁଥିବା ବେଳେ ଝରକା କବାଟ ଭାଙ୍ଗିଯାଇଛି। କୋଠାଟି ପ୍ରତିବର୍ଷ ନିୟମିତ ତଦାରଖ ଓ ପରିଚାଳନା ଅଭାବରୁ ବାତ୍ୟା ଆଶ୍ରୟସ୍ଥଳ ପାଇଁ ଉର୍ଦ୍ଦିଷ୍ଟ ସରଞ୍ଜାମ କେଉଁଠି ଅଚଳ ତ କେଉଁଠାରେ ଖରାପ ହୋଇ କାର୍ଯ୍ୟରେ ଲାଗୁନାହିଁ। ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ବିଭାଗ ଧ୍ୟାନ ଦେଉ ନ ଥିବା ଜଣାପଡ଼ିଛି। କେବଳ ଲୋକଦେଖାଣିଆ ଭାବେ ବିପର୍ଯ୍ୟୟ ମୁକାବିଲା ନାମରେ ବିପନ୍ନଙ୍କୁ ଉଦ୍ଧାର ଓ ଥଇଥାନ ପାଇଁ ମକ୍‌ଡ୍ରିଲ୍ କରାଯାଉଛି। ବହୁ ଆଶ୍ରୟସ୍ଥଳୀ ଅନ୍ୟଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଅସୁରକ୍ଷିତ ହୋଇପଡ଼ିଛି। ବାତ୍ୟା ଓ ବନ୍ୟା ଆସିଲେ ବିଶେଷକରି ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ଏଗୁଡ଼ିକର କେବଳ ବ୍ୟବହାର ପାଇଁ ତତ୍ପରତା ଦେଖାଇଥାନ୍ତି। ଅନ୍ୟ ସମୟରେ ଏହି ଆଶ୍ରୟସ୍ଥଳର ଦୁରବସ୍ଥା ସମ୍ପର୍କରେ ସମୀକ୍ଷା କରିବାକୁ କୌଣସି ବିଭାଗ ପାଖରେ ସମୟ ନ ଥାଏ। ଏହି ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଏତେ ଖରାପ ହୋଇଛି ଯେ, ତାକୁ ଭାଙ୍ଗି ସମ୍ପୂର୍ଣ୍ଣ ନୂଆ ଭାବେ ନିର୍ମାଣ କରାଯିବା ଆବଶ୍ୟକ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।

# ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ କାକଟପୁରର ହରପ୍ରିୟା



ଅସ୍ତରଙ୍ଗ,୧୯।୧୦(ମମତା ଜେନା)

ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍) ପରୀକ୍ଷାରେ କାକଟପୁରର ହରପ୍ରିୟା ମଲ୍ଲିକ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରୀକ୍ଷାରେ ୬୮୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ହରପ୍ରିୟା ୪୯୩ ର୍‍ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି। ହରପ୍ରିୟା ଦିନରାତି କଠିନ ପରିଶ୍ରମକରି ଆଜି କୃତକାର୍ଯ୍ୟ ହୋଇଥିବା ତାଙ୍କର ପିତା ବିଜୟ କୁମାର ମଲ୍ଲିକ ଓ ମାତା ମେନକା ମଲ୍ଲିକ ପ୍ରକାଶ କରିଛନ୍ତି। ବାପା ଏକ ବେସରକାରୀ ଶିକ୍ଷାନୁଷ୍ଠାନ ପରିଚାଳନା କରୁଥିବା ବେଳେ ମାତା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି। ଏହି କୃତକାର୍ଯ୍ୟ ପାଇଁ ସାଙ୍ଗସାଥୀ, ବନ୍ଧୁବର୍ଗ ଓ କାକଟପୁର ଅଞ୍ଚଳବାସୀ ହରପ୍ରିୟାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜାଲ ପକାଇ କୁମ୍ଭୀର ଧରିଲେ ମତ୍ସ୍ୟଜୀବୀ

କଣାସ/ତ୍ରିଶୂଳିଆ,୧୯।୧୦(ବିଭୂତି ଭୂଷଣ ତ୍ରିପାଠୀ/ତୁଷାରକାନ୍ତ ବେହେରା)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା ନଦୀରୁ ଏକ କୁମ୍ଭୀରକୁ ଶନିବାର ମତ୍ସ୍ୟଜୀବୀମାନେ ଜାଲ ପକାଇ ଧରିଛନ୍ତି। ପରେ ମତ୍ସ୍ୟଜୀବୀମାନେ କଣାସ ଥାନା ଆଇଆଇସି, ତହସିଲଦାର, ଖୋର୍ଦ୍ଧା ବନ ବିଭାଗ ଓ ନନ୍ଦନକାନନକୁ ଖବର ଦେଇଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଖୋର୍ଦ୍ଧା ବନ ବିଭାଗ ସହାୟତାରେ ତାକୁ ନନ୍ଦନକାନନକୁ ନେଇଯାଇଛନ୍ତି। ଉଦ୍ଧାର କୁମ୍ଭୀରକୁ ନନ୍ଦନକାନନର କୁମ୍ଭୀର ଖୁଆଡ଼ରେ ଛଡ଼ାଯାଇଥିବା ଜଣାପଡ଼ିଛି। ଏହି କୁମ୍ଭୀରଟି ନଦୀରେ ଘୂରି ବୁଲୁଥିବାବେଳେ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଏନେଇ ବାରମ୍ବାର ଖୋର୍ଦ୍ଧା ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶନିବାର ଗଡ଼ବଳଭଦ୍ରପୁର ବେହେରା ସାହିର ମତ୍ସ୍ୟଜୀବୀ ଡଙ୍ଗା ମାଧ୍ୟମରେ କୁମ୍ଭୀରକୁ ଧରିବାକୁ ବୋତଳମା ନିକଟ ଦୟାନଦୀରେ ଜାଲ ଘେରାଇଥିଲେ। ପ୍ରଥମେ କୁମ୍ଭୀରଟି ଜାଲରୁ ଚିରି ଖସି ଯାଇଥିବାବେଳେ ପରେ ତାକୁ ସୁରକ୍ଷିତ ଭାବେ ମତ୍ସ୍ୟଜୀବୀ ଧରିଥିଲେ। ଆଇଆଇସି ରାକେଶ କୁମାର ତ୍ରିପାଠୀ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଖୋର୍ଦ୍ଧା ବନ ବିଭାଗ ଅଧିକାରୀ ଓ ନନ୍ଦନକାନନ

## ନନ୍ଦନକାନନ ଗଲା



କର୍ମକର୍ତ୍ତାଙ୍କୁ ଖବର ଦିଆଯାଇଥିଲା। ସେଠାରେ କର୍ମଚାରୀମାନେ ପହଞ୍ଚିବା ପରେ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହୋଇଥିବା ଜାଲର କ୍ଷତିପୂରଣ ଦାବି କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୁମ୍ଭୀରକୁ ଅଧିକାରୀମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନକୁ ନେଇଥିଲେ। ଘଟଣାସ୍ଥଳରେ ଥାନା ଆଇଆଇସି ତ୍ରିପାଠୀ, ତହସିଲଦାର ପାଣିଗ୍ରାହୀ, ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା, ଏଏସ୍‌ଆଇ ରବି ସାମନ୍ତରାୟ, କର୍ମଚାରୀ ସରୋଜ ଆଚାର୍ଯ୍ୟ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରଖିବା ସହ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଆଇଆଇସି ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ପଞ୍ଚସଖା ପୀଠ, ଶ୍ରୀମନ୍ଦିର ପରିଦର୍ଶନ କରିବେ ରାଷ୍ଟ୍ରପତି
### ୨୪ରେ ପୁରୀ ଗସ୍ତ

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ଆସନ୍ତା ୨୪ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଆସିବେ। ସେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତିଶା ନିଯୋଗର ସ୍ୱତନ୍ତ୍ର ବୈଠକ କରାଯାଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିପରି ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ଗସ୍ତକୁ ନେଇ ବ୍ୟବସ୍ଥା କରାଯାଉଛି। ଶନିବାର ରାଷ୍ଟ୍ରପତି ଭବନ ପକ୍ଷରୁ ଗସ୍ତ ସୂଚୀ ମିଳିଛି। ଏହି ସୂଚୀ ଅନୁଯାୟୀ, ୨୪ ତାରିଖ ସକାଳ ୮ଟା ୫୫ରେ ରାଷ୍ଟ୍ରପତି ରାଜଭବନରୁ ବାହାରି ସଡ଼କ ପଥରେ ପୁରୀ ଅଭିମୁଖେ ଯାତ୍ରା କରିବେ। ୯ଟା ୫୦ରେ ସତ୍ୟବାଦୀସ୍ଥିତ ପଞ୍ଚସଖା ପୀଠରେ ପହଞ୍ଚି ୧୦ଟା ପର୍ଯ୍ୟନ୍ତ ରହିବେ। ପୂର୍ବାହ୍ନ ୧୦ଟାରେ ବାହାରି ସଡ଼କ ପଥରେ ଯାଇ ୧୦ଟା ୨୦ରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବେ। ୧୦ଟା ୨୦ରୁ ୧୦ଟା ୩୦ ମିନିଟ୍ ମଧ୍ୟରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯିବ। ରାଷ୍ଟ୍ରପତି ୧୦ଟା ୩୦ରୁ ୧୧ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ୧୧ଟାରେ ଶ୍ରୀମନ୍ଦିରରେ ଦର୍ଶନ ସାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଭିମୁଖେ ଯିବେ। କାର୍ଯ୍ୟକ୍ରମରେ ଯୋଗଦାନ କରି ମଧ୍ୟାହ୍ନ ୧୨ଟା ୨୦ରେ ଆୟୁର୍ବେଦ ମହାବିଦ୍ୟାଳୟରୁ ପ୍ରସ୍ଥାନ କରିବେ।

### ୪୪ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୩ ଗିରଫ

ପୁରୀ, ୧୯।୧୦(ଅଜିତ କୁମାର ମହାନ୍ତି)

ବ୍ରାଉନ ସୁଗାର କାରବାର ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ଗୋଖାସାହି ଅଞ୍ଚଳର ରାଜେଶ ପଣ୍ଡା, ଝରଣା ପଣ୍ଡା ଓ ଦୁର୍ଗା ପଣ୍ଡା। ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ସଦର ଡିଏସ୍‌ପି ରବିନାରାୟଣ ଭଞ୍ଜ, ବାସେଳି ସାହି ଥାନା ଅଧିକାରୀ ମାନସ କୁମାର ଚକ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ପୋଲିସ ଶ୍ରୀସେତୁ ନିକଟରୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୪୦୪ ଗ୍ରାମ୍ ବ୍ରାଉନ ସୁଗାର, ନଗଦ ୮୯୦ ଟଙ୍କା, ୫ଟି ମୋବାଇଲ ଫୋନ, ଗୋଟିଏ ବାଇକ, ଗୋଟିଏ ଲାପଟପ୍ ଏବଂ ଗୋଟିଏ ଟାବଲେଟ୍ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୪୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୧୬/୨୪) ରୁଜୁ କରିଛି।

# ଉପଜିଲାପାଳଙ୍କୁ ଦାବିପତ୍ର ଦେଲେ ୧୦ ୱାର୍ଡ ସଭ୍ୟାସଭ୍ୟ

## ଘନିପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

ଡେଲାଙ୍ଗ,୧୯।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ୍ ଘନିପୁର ସରପଞ୍ଚ ପ୍ରତିମା ପାତ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଉପଜିଲାପାଳଙ୍କୁ ୧୦ଜଣ ୱାର୍ଡ ସଭ୍ୟାସଭ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୩ଟି ୱାର୍ଡକୁ ନେଇ ଘନିପୁର ପଞ୍ଚାୟତ ଗଠିତ। ଏହି ପଞ୍ଚାୟତରେ ଗୋଟିଏ ୱାର୍ଡରେ ଅଦ୍ୟାବଧି ୱାର୍ଡ ସଭ୍ୟ ପଦବୀ ନିମନ୍ତେ ନିର୍ବାଚନ ହୋଇନାହିଁ। ତେବେ ବଳକା ୧୨ଟି ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୦ଜଣ ଏହି ଅନାସ୍ଥା ପ୍ରସ୍ତାବରେ ହସ୍ତାକ୍ଷର କରିଥିବା ଜଣାପଡ଼ିଛି। ସରପଞ୍ଚ ପ୍ରତିମା ପାତ୍ର ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା, ପଲ୍ଲିସଭା ଓ ଗ୍ରାମ ସଭା ସମ୍ପର୍କରେ ଅନ୍ୟ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅବଗତ ନ କରାଇବା, କାହାକୁ ନ ପଚାରି ମନ ମୁତାବକ କାର୍ଯ୍ୟ କରିବା ଭଳି ସଙ୍ଗିନ ଅଭିଯୋଗ କରାଯାଇଛି। ତୁରନ୍ତ ଦିନ ଓ ତାରିଖ ଧାର୍ଯ୍ୟ କରି ଅନାସ୍ଥା ପ୍ରସ୍ତାବକୁ ଗୃହୀତ କରିବାକୁ ଉପଜିଲାପାଳ ଗୋପୀନାଥ କୁଅଁରଙ୍କୁ ୱାର୍ଡ ସଭ୍ୟାସଭ୍ୟମାନେ ନିବେଦନ କରିଛନ୍ତି।

# ବନ୍ଧୁକ ଚାଳନାର ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତକଲେ ପିପିଲି ଥାନାଧିକାରୀ



ପିପିଲି,୧୯।୧୦(ଦୁର୍ଗା ମାଧବ ମିଶ୍ର)

ତାଳଚେର ରାଇଫଲ୍ କ୍ଲବ୍ ଆନୁକୂଲ୍ୟରେ ଚଳିତମାସ ୧୩ରୁ ୨ଦିନିଆ ରାଜ୍ୟସ୍ତରୀୟ ବାର୍ଷିକ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପିପିଲିର ଦୁଇଭାଇ ଅଜିତ୍ ଶଙ୍କର ସାହୁ ଓ ଆଦ୍ୟା ଶଙ୍କର ସାହୁ ସଫଳତା ଆଣିବା ସହିତ ଦୁଇଟି ସ୍ୱର୍ଣ୍ଣ ପଦକ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲକରି ଚାନ୍ଦୁଆନଗରୀ ପିପିଲି ପାଇଁ ଗୌରବ ଆଣିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଶଂସାର ସୁଅ ଛୁଟି ଥିବାବେଳେ ଶନିବାର ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ଥାନା ପରିସରରେ ୨ ଭାଇଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ୨ ଭାଇ ପ୍ରତିଯୋଗିତାରେ ୫୦ ମିଟର ରାଇଫଲ୍ ଚାଳନା, ୨୫ ମିଟର ରିଭଲଭର ଚାଳନାକରି ସଫଳତା ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
No.B-474
Mail i.d : seccbbsr@gmail.com
E-procurement Tender Call Notice No.08 of 2024-25
No. 4031 (Estg.) Bhubaneswar the 17th October - 2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for eight number road works to be received in online bidding, double cover system for construction works as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 22.10.2024 to 5.00 P.M. of 05.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 06.11.2024** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0006/2425



OFFICE OF THE CDM & PHO, KORAPUT
DISTRICT PROGRAMME MANAGEMENT UNIT, NHM
Advt. No. 2310/DPMU/NHM/2024 Date: 18.10.2024
SHORT TENDER CALL NOTICE

No. E-421: Sealed tenders are invited from registered suppliers/ agencies for Procurement of Reagent for CBC (3 Part) & Semi-Auto Analyser under NHM, Koraput for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: **https://koraput.odisha.gov.in**. The tenders should reach the office of the undersigned by 04.11.2024 till 5.00 P.M. The tender will be opened at 11.00 A.M. on 05.11.2024. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-
District Mission Director, Koraput
OIPR-10077/11/0007/2425



GOVERNMENT OF ODISHA No.B-406:
OFFICE OF THE SUPERINTENDING ENGINEER
BARGARH (R&B) DIVISION, BARGARH
E-mail- eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.10 of 2024-25
No.4777, Dated 01.10.2024

No.1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the Civil works (Civil+EI+PH) (Composite work) as detailed in the **Detailed Tender Call Notice (D.T.C.N.)** from the eligible class of contractors.
2.No. of Building Work:- 03 Nos.
3.Cost of Tender Paper:- Rs.10,000/- & Rs.6,000/-
4.Class of Contractor:- "B", "D", "C" Class Contractor
5.Date & Time of available in website & receipt of Bids:- 11.00 Hrs. of 22.10.2024 to 17.00 Hrs. of 31.10.2024.
6. Date of Opening of Technical Bid:- 01.11.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any Corrigendum/Addendum will be displayed in the website https://tendersodisha.gov.in only.

Sd./- Executive Engineer
Bargarh (R&B) Division
OIPR-34039/11/0009/2425



GOVERNMENT OF ODISHA No. A-452
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR
Phone No.: (0663) 2412791, E-mail: eemisbp@yahoo.co.in
e-PROCUREMENT NOTICE
Bid Reference No. SE MID SBP 03/2024-25
eemisbp@yahoo.co.in
No.3136//MID Date: 18.10.2024

1. Name of the Works : Civil Construction Works
2. No. of Works : 2 (Two) Nos.
3. Estimated Cost : Varies approximately from Rs.54.85 lakhs to Rs.79.30 lakh
4. Tender Paper Cost : Referred to DTCN
5. Period of Completion : Referred to DTCN
6. Date and time of availability of bid documents in the portal : From Dt.25.10.2024 at 11.00 A.M. to Dt.07.11.2024 upto 05.30 P.M.
7. Last date/time of receipt of bids in the portal : Dt.07.11.2024 upto 5.30 P.M.
8. Date of opening of Technical Bid (Cover-I) : Dt.08.11.2024 at 11.00 A.M. onwards
9. Name and address of the OIT : Superintending Engineer, Minor Irrigation Division, Sambalpur
10.**Further details can be seen from the e-Procurement market place **http://tendersodisha.gov.in**.

Sd./- Superintending Engineer
M.I. Division, Sambalpur
OIPR-32036/11/0004/2425



GOVERNMENT OF ODISHA No.B-475
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
Bid Identification No: BGR R&B/13/2024-25
No. 4070 Dtd.09.10.24

1. The **Superintending Engineer, Bolangir (R&B) Division, Bolangir** on behalf of the Governor of Odisha invites percentage rate bid in Single Cover System in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 23 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "B" Class, "C" Class (Registered with CDMS)
6. Date & time of sale & receipt of Bids : From Dt.23.10.24, 11.00 A.M. to Dt.01.11.24 upto 05.00 P.M.
7. Date of Opening Bid : Dt.02.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in**.

Sd./- Superintending Engineer
Bolangir (R&B) Division
OIPR-34028/11/0013/2425



Office of the Superintending Engineer
U.K.Head Works Division, Kolabnagar (K), Pin-764011
e-mail : seukhwdivision@gmail.com
QUOTATION CALL NOTICE NO. 06/2024-25 DATED - 15.10.2024

**No.A-449**: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers / Authorized dealers / Regd. Govt. Order Suppliers / Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of Items | Unit | Quantity |
|---|---|---|---|---|
| Purchase of New Desktop computer set (All in One Model) for U.K. Head Works Division, Kolabnagar during 2024-25 | 1 | Supplying of 21.5" screen Desktop Computer set (All in One Model) 12th Generation Intel core i-5 with minimum specification of 8GB DDR4, 512 GB SSD win 11, Graphics, FDR in built web camera etc. with all accessories as per standard specification & as per direction of Engineer-in-Charge | Set | 03 |
| | 2 | Supplying of UPS for computer set with minimum voltage input of 140 volt, output voltage-230 volt, power back up of minimum 1 hour etc. as per standard specification & as per direction of Engineer-in-Charge | Set | 03 |
| | 3 | Supply of electrical extension boards having 6 plug points switches for installation of desktop computer sets. | Set | 03 |
| | | (Three items) Only | | |

The quotation will be received in the office of the Superintending Engineer, U.K.Head Works Division, Kolabnagar, Dist.-Koraput - 764011 (O) from **10.30 hours of 21.10.2024 to 17.00 hours of 04.11.2024** and will be opened by the undersigned at 11.00 hours of 05.11.2024 in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and **EMD & ISD @2%** of the quoted price in shape of TDR/STDR duly pledged in favour of the Superintending Engineer, Upper Kolap Head Works Division, At/PO : Kolabnagar, Dist : Koraput (O) should accompany the quotation failing which the quotation will not be accepted.

The qutoted rates must be valid for a period of **90 (ninety) days** from the date of receipt of quotations unless extened by mutual agreement. Supply must be completed within **15 (Fifteen) days** from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist : Koraput, Odisha-764011, inclusive of cost, transportation, GSTIN, labour cess & all other taxes etc. applicable as per the Govt. rules. The materials should be according to I.S.I. specification.

Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours.

The authority reserves the right to accept / reject any or all the quotations without assigning any reasons thereof.

Sd./-
Superintending Engineer
U.K. Head Works Division
OIPR-32015/11/0013/2425



GOVERNMENT OF ODISHA No.A-447
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC-02/2024-25

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding From | to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-01/ 2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 06 (Six Calendar Month) |
| | PRD-02/ 2024-25 | Protection to Scoured Bank of Kathajodi Sirua Devi Right Embankment from RD. 8.940 Km to 9.500 Km and construction of 2 Nos. spur at RD. 8.200 Km and 8.350 Km | 676.95 | 676100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-03/ 2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-04/ 2024-25 | Construction of spur and Drainange Channel of Parimala sluice on KSDR embankment at RD.60.20 Km | 474.37 | 474400/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 08 (Eight Calendar Month) |

e-mail ID:- secic_dowr@yahoo.com;
Further details conditions can be seen from Govt. website www.tendersorissa.gov.in
OIPR-32160/11/0002/2425
Sd./- Additional Chief Engineer, Central Irrigation Circle



GOVERNMENT OF ODISHA No. b-07
OFFICE OF THE CHIEF CONSTRUCTION ENGINEER
SOUTHERN N.H. CIRCLE, BERHAMPUR
email: senhsouthbam@gmail.com
INVITATION FOR BIDS
BID IDENTIFICATION No. 09/CCE NH, South of 2024-25
[e-Procurement]
Bid Identification No. 09/CCE NH, South of 2024-25
No. 3428 Date: 18.10.2024

1. The **Chief Construction Engineer, Southern N.H. Circle, Berhampur** on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 28.10.2024 11.00 A.M. to 11.11.2024 5.30 P.M.
7. Date of Opening of Bid : Dt.12.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur
OIPR-34148/11/0003/2425


See Career Appointment on every Wednesday & Saturday

## କଳାହାଣ୍ଡିରୁ ପଦଯାତ୍ରାରେ ଆସି ରାଜ୍ୟପାଳଙ୍କୁ ଦାବି ଜଣାଇଲେ

ଭୁବନେଶ୍ୱର, ୧୯।୧୦ (ବନ୍ଦନା ସେଠୀ)

କଳାହାଣ୍ଡି ଜିଲାର ୨୫ଜଣ ଅଧିବାସୀ ବିଭିନ୍ନ ଦାବି ନେଇ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଗୋଲାମୁଣ୍ଡାଠାରୁ ଭୁବନେଶ୍ୱରକୁ ପଦଯାତ୍ରାରେ ଆସି ରାଜ୍ୟପାଳ ରଘୁବର ଦାସଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। କଳାହାଣ୍ଡିର ଜନ ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ସାମିଲ ହୋଇଥିବା ଅଧିବାସୀଙ୍କ ସହ ରାଜ୍ୟପାଳ ବିଶଦ ଆଲୋଚନା କରିଥିଲେ। ଅଧିବାସୀମାନେ ପ୍ରାୟ ୬୦୦ କି.ମି.ରୁ ଅଧିକ ଦୂର ପଦଯାତ୍ରା କରି ଆସିଥିବା ଜାଣି ଏହାକୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ସେମାନେ ରାଜ୍ୟପାଳଙ୍କୁ ୨୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କଣ୍ଟାବାଞ୍ଜି, ରାଜ ଖରିଆର, ଗୋଲାମୁଣ୍ଡା, ଜୁନାଗଡ଼, ନବରଙ୍ଗପୁର, ଜୟପୁର, ନୂତନ ରେଳ ଲାଇନ୍ ସଂଯୋଗୀକରଣ କରିବା, ଧର୍ମଗଡ଼ ଉପଖଣ୍ଡକୁ ଜିଲାର ମାନ୍ୟତା ଦେବା, ଗୋଲାମୁଣ୍ଡାଠାରେ ଅତିଶୀଘ୍ର ଜେଏମ୍ଏଫ୍‌ସି କୋର୍ଟ ଖୋଲିବା, ଗୋଲାମୁଣ୍ଡା ସିଏଚ୍‌ସି ଡାକ୍ତରଖାନାକୁ ୨୦ସିଟ୍‌ବିଶିଷ୍ଟ ଡାକ୍ତରଖାନା କରିଆବଶ୍ୟକ ପଦବୀ ପୂରଣ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଅଧିବାସୀଙ୍କ ଦାବି ଶୁଣିବା ପରେ ଏହାର ସମାଧାନ ତଥା ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ସହିତ ଆଲୋଚନା କରିବାକୁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ପରେ ସମିତି ସଭାପତି ସାଉଳ ମଙ୍ଗରାଜ ରାଜ୍ୟପାଳଙ୍କ ଅନୁରୋଧକ୍ରମେ ପଦଯାତ୍ରାକୁ ବନ୍ଦ ଘୋଷଣା କରିଥିଲେ।

# 'ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷିକୁ ଗୁରୁତ୍ୱ ଦିଆଯାଉ'



ମହାଶକ୍ତି ଫାଉଣ୍ଡେସନର ୨୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୯।୧୦ (ବନ୍ଦନା ସେଠୀ)

ଜଳବାୟୁ ପରିବର୍ତ୍ତନ ଦ୍ୱାରା ଚାଷୀ ଓ ଗ୍ରାମାଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ଅନିୟମିତ ବର୍ଷା ଓ ପାଣିପାଗରେ ନିରନ୍ତର ପରିବର୍ତ୍ତନ କୃଷି ଏବଂ ଅଣକୃଷି ଦ୍ରବ୍ୟଗୁଡ଼ିକର ଉତ୍ପାଦନଠାରୁ ବଜାର ବ୍ୟବସ୍ଥାର ସମସ୍ତ ଦିଗକୁ ପ୍ରଭାବିତ କରୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି ଉତ୍ପାଦନ ହ୍ରାସ ପାଉଛି। ତେଣୁ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନେ ବହୁ ପରିମାଣରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରିବା ଦ୍ୱାରା ଚାଷର ଖର୍ଚ୍ଚ ବଢ଼ିବା ସହ ଲାଭ କମ୍ ହେଉଛି। ତେଣୁ ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷି ବ୍ୟବସ୍ଥା ସହିତ ଗ୍ରାମାଞ୍ଚଳରେ ଉତ୍ପାଦିତ ହେଉଥିବା କୃଷି ଓ ଅଣକୃଷି ଉତ୍ପାଦଗୁଡ଼ିକର ନିରନ୍ତର ବଜାର ବ୍ୟବସ୍ଥା ହୋଇପାରିଲେ କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ। ଶନିବାର ସ୍ଥାନୀୟ ଏକ ହୋଟେଲରେ ମହାଶକ୍ତି ଫାଉଣ୍ଡେସନର ୨୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବକ୍ତାମାନେ ଏହି ଆହ୍ୱାନ ଦେଇଛନ୍ତି। ଅନୁଷ୍ଠାନର ସଭାପତି ଡ. ଦେବାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ନାବାର୍ଡ ସାଧାରଣ ପ୍ରବନ୍ଧକ ଏସ.କେ. ତାଲୁକଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓୟୁଏଟି ଡିନ୍ ପ୍ରଫେସର ଏଚ୍.କେ. ପାତ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଏସ୍ଆର୍ ପ୍ରବନ୍ଧକ ଚନ୍ଦନ କୁମାର ନାୟକ, 'ସମ୍ବଳ'ର ସହପ୍ରତିଷ୍ଠାତା ପ୍ରଜ୍ଞାନୀ ସାବରମତୀ ପ୍ରମୁଖ ଯୋଗଦେଇ ଜଳବାୟୁ ସହନଶୀଳ କୃଷି ଅଭ୍ୟାସ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଲାଗି ବିଭିନ୍ନ ବୈଜ୍ଞାନିକ ଓ ପାରମ୍ପରିକ ଜ୍ଞାନକୌଶଳ, ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେହିପରି ସ୍ଥାୟୀ ବଜାର ବ୍ୟବସ୍ଥା ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗକୁ ସୁଦୃଢ଼ କରିବା ଲାଗି ଓରମାସ୍ ଡେପୁଟି ସିଇଓ ରାଜଶ୍ରୀ ଗୋପାଳ ଦାଶ, ପିଡ଼ିଏଫ୍‌ଡିଏଲର ସିଏସ୍ଆର୍ ମୁଖ୍ୟ ପ୍ରଦୀପ କୁମାର ଘୋଷାଲ, ଏଲ୍‌ଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେଶନର ଆସୋସିଏଟ୍ ଡାଇରେକ୍ଟର ସିଏସ୍ଆର୍ ଜିତେନ୍ଦ୍ର ଘଙ୍ଗାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ରାଜ୍ୟର ୧୫ଟି ଜିଲାରୁ ୨୦୦ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ୩ଟି ପୁସ୍ତକ ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନ ଉପସଭାନେତ୍ରୀ ଇତିଶ୍ରୀ କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୨୦୦ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)



ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା ୨୦୨୨ ଶନିବାର ପ୍ରକାଶ ପାଇଛି। ଏଥିରେ ବାଜିରାଓ ଆଇଏଏସ୍ ଏକାଡେମୀର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଏମାନେ ପ୍ରଥମ, ପଞ୍ଚମ, ନବମ, ଦଶମ, ଏକାଦଶ, ଚତୁର୍ଦ୍ଦଶ, ପଞ୍ଚଦଶ ଓ ଅନ୍ୟାନ୍ୟ ର୍‍ୟାଙ୍କରେ ରହିଛନ୍ତି। ଏହି ସଫଳତା ଏକାଡେମୀର ପ୍ରବୀଣ ଫାକଲ୍ଟିଙ୍କ ଉତ୍ସର୍ଗୀକୃତ ତଥା ଠିକ୍ ମାର୍ଗଦର୍ଶନ ଏବଂ ସ୍ୱତନ୍ତ୍ର ଷ୍ଟଡି ମ୍ୟାଟେରିଆଲ୍ ସହ ଉଚ୍ଚ ମାନର ଶିକ୍ଷାଦାନର ପ୍ରତିଫଳନକୁ ଦର୍ଶାଉଛି ବୋଲି ଏକାଡେମୀର ନିର୍ଦ୍ଦେଶକ ଦିଲୀପ କୁମାର ଆନନ୍ଦ ପ୍ରକାଶ କରିଛନ୍ତି। ଆଶାୟୀ ପ୍ରାର୍ଥୀମାନଙ୍କୁ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ନିମନ୍ତେ ପ୍ରସ୍ତୁତ କରିବା ତଥା ଏଥିପାଇଁ ସେମାନଙ୍କୁ ଉପଯୁକ୍ତ ଉପକରଣ ତଥା ମଞ୍ଚ ଯୋଗାଇଦେବା ନିମନ୍ତେ ବାଜିରାଓ ଆଇଏଏସ୍ ଏକାଡେମୀ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଛାତ୍ରୀଛାତ୍ରଙ୍କ ଏହି ସଫଳତା ଏକାଡେମୀ ପାଇଁ ମାଇଲଖୁଣ୍ଟ ବୋଲି ସେ କହିଛନ୍ତି।

## ଶ୍ରୀଜୟଦେବ କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଅନ୍ତା,୧୯।୧୦ (ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜର ଇତିହାସ ବିଭାଗର ମୁଖ୍ୟ ତଥା ଅଧକ୍ଷ ଡ. ସନ୍ତୋଷ କୁମାର ସେଠୀ ନିକଟରେ ଅବସର ନେବେ। ଏଥିପାଇଁ ଉକ୍ତ ବିଭାଗର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଶନିବାର କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡ. ସେଠୀ ଜଣେ ଛାତ୍ରବତ୍ସଳ, କର୍ମତତ୍ପର, ବହୁମୁଖୀ ପ୍ରତିଭାସମ୍ପନ୍ନ ଇତିହାସ ଗବେଷକ, ଐତିହାସିକ ଓ ବଳିଷ୍ଠ ବ୍ୟକ୍ତିର ଅଧିକାରୀ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପିକାଙ୍କ ପକ୍ଷରୁ ଅଧକ୍ଷ ଡ. ସେଠୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପିକା ପ୍ରାଚୀ ପୁର୍ଣ୍ଣପ୍ରଭା ସାହୁ ଓ ଅଲିଭା ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମତ୍ସ୍ୟ, ପ୍ରାଣୀପାଳନ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୯।୧୦ (ବନ୍ଦନା ସେଠୀ)

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା କ୍ଷେତ୍ରରେ ପ୍ରଶିକ୍ଷଣ, ଭିତ୍ତିଭୂମି ବିକାଶ ଓ ସଚେତନତା ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି। ମତ୍ସ୍ୟ ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ଶନିବାର ଅନୁଷ୍ଠିତ ପୃଥକ୍ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ବାୟୋ ଫ୍ଲକ୍, କେଜ୍ କଲଚର୍, ମଧୁର ଜଳ ମାଛଚାଷ, ଖାରି ଜଳ ଓ ଲୁଣି ଜଳ ମାଛଚାଷ ବିଷୟରେ ଆଲୋଚନା କରିଥିଲେ। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କୁ ଉଚିତ ସମୟରେ ସହାୟତା ପ୍ରଦାନ ସହ ସେମାନଙ୍କ ଉନ୍ନତି ଏବଂ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟଗୁଡ଼ିକ ଉପରେ ଅବଗତ ହୋଇଥିଲେ। ମତ୍ସ୍ୟ କ୍ଷେତ୍ର ସହ ଜଡ଼ିତ ରାଜ୍ୟର ସମସ୍ତ ହିତାଧିକାରୀଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ସୂଚନା ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ବୈଠକରେ ବିଭିନ୍ନ ସୂଚନା ଦେଇଥିଲେ। ଅନୁରୂପ ଭାବେ ମନ୍ତ୍ରୀ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ନେଇ ସମୀକ୍ଷା କରିଥିଲେ। ପ୍ରାଣୀ ପ୍ରଜନନ, ଟୀକାକରଣ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ, ପ୍ରାଣୀଚିକିତ୍ସାସେବାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ ସହିତ ପ୍ରାଣୀକଲ୍ୟାଣ ପାଇଁ ଆନିମଲ୍ ହେଲ୍ପ ଲାଇନର ନିରନ୍ତର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ। ପ୍ରାଣୀପାଳନ ସମ୍ବନ୍ଧୀୟ ଯୋଜନାଗୁଡ଼ିକର ସଫଳ ରୂପାୟନପୂର୍ବକ ଗ୍ରାମାଞ୍ଚଳ ଲୋକଙ୍କ ଜୀବିକାର୍ଜନ ଓ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍‌ଙ୍କ ସମେତ ଉଭୟ ନିର୍ଦ୍ଦେଶାଳୟର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସରକାରୀ ଯୋଜନାର ସମୀକ୍ଷା କରୁଛନ୍ତି।

## 'ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଶିକ୍ଷାଦାନ କରୁଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ନିମନ୍ତେ 'ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୧ଟି ସରକାରୀ ଓ ୨ଟି ଘରୋଇ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ ଏବଂ ୨ଟି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ୧୦୩ ଜଣ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଡିନ୍ ପ୍ରଫେସର ଡା. ସବିତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ, ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ. ରୋଜାରମଣୀ, ଉପନିୟନ୍ତ୍ରକ ଡା. ପ୍ରଦୀପ ନାୟକ, କଲେଜ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଂଯୋଜକ ପ୍ରଫେସର ଅମରେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# ଆଜିଠୁ ୭ଦିନିଆ ସିଙ୍ଗାପୁର, ଅଷ୍ଟ୍ରେଲିଆ ଗସ୍ତରେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

## ଶିକ୍ଷା କ୍ଷେତ୍ରରେ ସମ୍ପର୍କ ଦୃଢ଼ ହେବ

ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ପ୍ରତିନିଧି ମଣ୍ଡଳୀ ସହ ରବିବାରଠାରୁ ୭ ଦିନିଆ ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଗସ୍ତ କରିବେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଶିକ୍ଷା କ୍ଷେତ୍ରରେ ଉଭୟ ଦେଶର ସହଯୋଗ, ଭାଗିଦାରୀ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ସିଙ୍ଗାପୁରର ଗସ୍ତ ସମୟରେ ସେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ, ଉପପ୍ରଧାନମନ୍ତ୍ରୀ ଗାନ କିମ୍ ୟୋଙ୍ଗ, ଶିକ୍ଷାମନ୍ତ୍ରୀ ଚାନ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ଦୃଷ୍ଟିରେ ରଖି ସିଲାବସ୍ ଏକତ୍ରିତ ସମ୍ପର୍କରେ ଆଲୋଚନା କରିବା ପାଇଁ ସେ ଏକ ସ୍ଥାନୀୟ ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିବେ। ସେହିଭଳି ଅଷ୍ଟ୍ରେଲିଆ ଗସ୍ତ ସମୟରେ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବା ସହ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବେ। ଜଣାଶୁଣା ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରୀ ଟୁ ଡିଭାଇସ' ପରିଦର୍ଶନ କରିବେ। ସେହିପରି ଭିକ୍ଟୋରିଆର ପ୍ରଧାନମନ୍ତ୍ରୀ ଜାକିଣ୍ଟା ଆଲାନଙ୍କୁ ଭେଟିବେ। ମୋନାଶ ବିଶ୍ୱବିଦ୍ୟାଳୟର ଇନୋଭେଶନ ଲ୍ୟାବ ଏବଂ ସେଣ୍ଟର ଫର୍ ନାନୋ-ଫେବ୍ରିକେଶନ ପରିଦର୍ଶନ କରିବେ। ଅଷ୍ଟ୍ରେଲିଆର ସବୁଠାରୁ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟଗୁଡ଼ିକର 'ଗ୍ରୁପ୍ ଅଫ ୮' ଦ୍ୱାରା ଆୟୋଜିତ ଭାରତୀୟ ଗବେଷକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ଲୋଡ଼ିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ୟୁଟିଏସ୍ ମୁର୍ ପାର୍କ ସ୍ପୋର୍ଟସ ଆଣ୍ଡ୍ ଏକ୍ସରସାଇଜ୍ ପ୍ରିସିନିକ୍ଟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
No.B-474
Mail i.d : seccbbsr@gmail.com
E-procurement Tender Call Notice No.08 of 2024-25
No. 4031 (Estg.) Bhubaneswar the 17th October - 2024
The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for eight number road works to be received in online bidding, double cover system for construction works as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 22.10.2024 to 5.00 P.M. of 05.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 06.11.2024** in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.
Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0006/2425

OFFICE OF THE CDM & PHO, KORAPUT
DISTRICT PROGRAMME MANAGEMENT UNIT, NHM
Advt. No. 2310/DPMU/NHM/2024 Date: 18.10.2024
SHORT TENDER CALL NOTICE
No. E-421: Sealed tenders are invited from registered suppliers/agencies for Procurement of Reagent for CBC (3 Part) & Semi-Auto Analyser under NHM, Koraput for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: **https://koraput.odisha.gov.in**. The tenders should reach the office of the undersigned by 04.11.2024 till 5.00 P.M. The tender will be opened at 11.00 A.M. on 05.11.2024. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO-cum-District Mission Director, Koraput
OIPR-10077/11/0007/2425

GOVERNMENT OF ODISHA No.B-406:
OFFICE OF THE SUPERINTENDING ENGINEER
BARGARH (R&B) DIVISION, BARGARH
E-mail- eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.10 of 2024-25
No.4777, Dated 01.10.2024
No.1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the Civil works (Civil+EI+PH) (Composite work) as detailed in the **Detailed Tender Call Notice (D.T.C.N.)** from the eligible class of contractors.
2.No. of Building Work:- 03 Nos.
3.Cost of Tender Paper:- Rs.10,000/- & Rs.6,000/-
4.Class of Contractor:- "B", "D", "C" Class Contractor
5.Date & Time of available in website & receipt of Bids:- 11.00 Hrs. of 22.10.2024 to 17.00 Hrs. of 31.10.2024.
6. Date of Opening of Technical Bid:- 01.11.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any Corrigendum/Addendum will be displayed in the website https://tendersodisha.gov.in only.
Sd./- Executive Engineer
Bargarh (R&B) Division
OIPR-34039/11/0009/2425

GOVERNMENT OF ODISHA No. A-452
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR
Phone No.: (0663) 2412791, E-mail: eemisbp@yahoo.co.in
e-PROCUREMENT NOTICE
Bid Reference No. SE MID SBP 03/2024-25
eemisbp@yahoo.co.in
No.3136//MID Date: 18.10.2024
1. Name of the Works : Civil Construction Works
2. No. of Works : 2 (Two) Nos.
3. Estimated Cost : Varies approximately from Rs.54.85 lakhs to Rs.79.30 lakh
4. Tender Paper Cost : Referred to DTCN
5. Period of Completion : Referred to DTCN
6. Date and time of availability of bid documents in the portal : From Dt.25.10.2024 at 11.00 A.M. to Dt.07.11.2024 upto 05.30 P.M.
7. Last date/time of receipt of bids in the portal : Dt.07.11.2024 upto 5.30 P.M.
8. Date of opening of Technical Bid (Cover-I) : Dt.08.11.2024 at 11.00 A.M. onwards
9. Name and address of the OIT : Superintending Engineer, Minor Irrigation Division, Sambalpur
10.**Further details can be seen from the e-Procurement market place **http://tendersodisha.gov.in**.
Sd./- Superintending Engineer
M.I. Division, Sambalpur
OIPR-32036/11/0004/2425

GOVERNMENT OF ODISHA No.B-475
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
Bid Identification No: BGR R&B/13/2024-25
No. 4070 Dtd.09.10.24
1. The **Superintending Engineer, Bolangir (R&B) Division, Bolangir** on behalf of the Governor of Odisha invites percentage rate bid in Single Cover System in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 23 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "B" Class, "C" Class (Registered with CDMS)
6. Date & time of sale & receipt of Bids : From Dt.23.10.24, 11.00 A.M. to Dt.01.11.24 upto 05.00 P.M.
7. Date of Opening Bid : Dt.02.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in**.
Sd./- Superintending Engineer
Bolangir (R&B) Division
OIPR-34028/11/0013/2425

Office of the Superintending Engineer
U.K.Head Works Division, Kolabnagar (K), Pin-764011
e-mail : seukhwdivision@gmail.com
QUOTATION CALL NOTICE NO. 06/2024-25 DATED - 15.10.2024
**No.A-449**: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers / Authorized dealers / Regd. Govt. Order Suppliers / Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of Items | Unit | Quantity |
|---|---|---|---|---|
| Purchase of New Desktop computer set (All in One Model) for U.K. Head Works Division, Kolabnagar during 2024-25 | 1 | Supplying of 21.5" screen Desktop Computer set (All in One Model) 12th Generation Intel core i-5 with minimum specification of 8GB DDR4, 512 GB SSD win 11, Graphics, FDR in built web camera etc. with all accessories as per standard specification & as per direction of Engineer-in-Charge | Set | 03 |
| | 2 | Supplying of UPS for computer set with minimum voltage input of 140 volt, output voltage-230 volt, power back up of minimum 1 hour etc. as per standard specification & as per direction of Engineer-in-Charge | Set | 03 |
| | 3 | Supply of electrical extension boards having 6 plug points switches for installation of desktop computer sets. | Set | 03 |
| | | (Three items) Only | | |

The quotation will be received in the office of the Superintending Engineer, U.K.Head Works Division, Kolabnagar, Dist.-Koraput - 764011 (O) from **10.30 hours of 21.10.2024 to 17.00 hours of 04.11.2024** and will be opened by the undersigned at 11.00 hours of 05.11.2024 in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and **EMD & ISD @2%** of the quoted price in shape of TDR/STDR duly pledged in favour of the Superintending Engineer, Upper Kolap Head Works Division, At/PO : Kolabnagar, Dist : Koraput (O) should accompany the quotation failing which the quotation will not be accepted.
The qutoted rates must be valid for a period of **90 (ninety) days** from the date of receipt of quotations unless extened by mutual agreement. Supply must be completed within **15 (Fifteen) days** from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist : Koraput, Odisha-764011, inclusive of cost, transportation, GSTIN, labour cess & all other taxes etc. applicable as per the Govt. rules. The materials should be according to I.S.I. specification.
Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours.
The authority reserves the right to accept / reject any or all the quotations without assigning any reasons thereof.
Sd./-
Superintending Engineer
U.K. Head Works Division
OIPR-32015/11/0013/2425

GOVERNMENT OF ODISHA No.A-447
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC-02/2024-25

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding From | to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-01/ 2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 06 (Six Calendar Month) |
| | PRD-02/ 2024-25 | Protection to Scoured Bank of Kathajodi Sirua Devi Right Embankment from RD. 8.940 Km to 9.500 Km and construction of 2 Nos. spur at RD. 8.200 Km and 8.350 Km | 676.95 | 676100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-03/ 2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-04/ 2024-25 | Construction of spur and Drainange Channel of Parimala sluice on KSDR embankment at RD.60.20 Km | 474.37 | 474400/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 08 (Eight Calendar Month) |

e-mail ID:- secic_dowr@yahoo.com;
Further details conditions can be seen from Govt. website www.tendersorissa.gov.in
OIPR-32160/11/0002/2425
Sd./- Additional Chief Engineer, Central Irrigation Circle

GOVERNMENT OF ODISHA No. b-07
OFFICE OF THE CHIEF CONSTRUCTION ENGINEER
SOUTHERN N.H. CIRCLE, BERHAMPUR
email: senhsouthbam@gmail.com
INVITATION FOR BIDS
BID IDENTIFICATION No. 09/CCE NH, South of 2024-25
[e-Procurement]
Bid Identification No. 09/CCE NH, South of 2024-25
No. 3428 Date: 18.10.2024
1. The **Chief Construction Engineer, Southern N.H. Circle, Berhampur** on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 28.10.2024 11.00 A.M. to 11.11.2024 5.30 P.M.
7. Date of Opening of Bid : Dt.12.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.
Sd./- Chief Construction Engineer
Southern NH Circle, Berhampur
OIPR-34148/11/0003/2425

See Career Appointment on every Wednesday & Saturday

## ସଂକ୍ଷେପରେ

## ଜାଲ ପକାଇ କୁମ୍ଭୀର ଧରିଲେ ମତ୍ସ୍ୟଜୀବୀ

କଣାସ,୧୯।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା ନଦୀରୁ ଏକ କୁମ୍ଭୀରକୁ ଶନିବାର ମତ୍ସ୍ୟଜୀବୀମାନେ ଜାଲ ପକାଇ ଧରିଛନ୍ତି। ପରେ ମତ୍ସ୍ୟଜୀବୀମାନେ କଣାସ ଥାନା ଆଇଆଇସି, ତହସିଲଦାର, ଖୋର୍ଦ୍ଧା ବନ ବିଭାଗ ଓ ନନ୍ଦନକାନନକୁ ଖବର ଦେଇଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ଖୋର୍ଦ୍ଧା ବନ ବିଭାଗ ସହାୟତାରେ ତାକୁ ନନ୍ଦନକାନନକୁ ନେଇଯାଇଛନ୍ତି। ଉଦ୍ଧାର କୁମ୍ଭୀରକୁ ନନ୍ଦନକାନନର କୁମ୍ଭୀର ଖୁଆଡ଼ରେ ଛଡ଼ାଯାଇଥିବା ଜଣାପଡ଼ିଛି। ଏହି କୁମ୍ଭୀରଟି ନଦୀରେ ଘୁରି ବୁଲୁଥିବାବେଳେ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଏନେଇ ବାରମ୍ବାର ଖୋର୍ଦ୍ଧା ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶନିବାର ଗଡ଼ବଳଭଦ୍ରପୁର ବେହେରା ସାହିର ମତ୍ସ୍ୟଜୀବୀ ତଙ୍ଗା ମାଧ୍ୟମରେ କୁମ୍ଭୀରକୁ ଧରିବାକୁ ବୋତଲମା ନିକଟ ଦୟାନଦୀରେ ଜାଲ ଘେରାଇଥିଲେ। ପ୍ରଥମେ କୁମ୍ଭୀରଟି ଜାଲରୁ ଚିରି ଖସି ଯାଇଥିବାବେଳେ ପରେ ତାକୁ ସୁରକ୍ଷିତ ଭାବେ ମତ୍ସ୍ୟଜୀବୀ ଧରିଥିଲେ। ଆଇଆଇସି ରାକେଶ ତ୍ରିପାଠୀ, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଖୋର୍ଦ୍ଧା ବନ ବିଭାଗ ଅଧିକାରୀ ଓ ନନ୍ଦନକାନନ କର୍ମକର୍ତ୍ତାଙ୍କୁ ଖବର ଦିଆଯାଇଥିଲା। ସେଠାରେ କର୍ମଚାରୀମାନେ ପହଞ୍ଚିବା ପରେ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହୋଇଥିବା ଜାଲର କ୍ଷତିପୂରଣ ଦାବି କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୁମ୍ଭୀରକୁ ଅଧିକାରୀମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନକୁ ନେଇଥିଲେ। ଘଟଣାସ୍ଥଳରେ ଥାନା ଆଇଆଇସି ତ୍ରିପାଠୀ, ତହସିଲଦାର ପାଣିଗ୍ରାହୀ, ଏସ୍ଆଇ ଦେବୀ ପ୍ରସାଦ ଲେଙ୍କା, ଏଏସ୍ଆଇ ରବି ସାମନ୍ତରାୟ, କର୍ମଚାରୀ ସରୋଜ ଆଚାର୍ଯ୍ୟ ଓ ପୋଲିସ କର୍ମଚାରୀ ପହଞ୍ଚି ଶାନ୍ତିଶୃଙ୍ଖଳା ରଖିବା ସହ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ପୁରୁଣାଭୁବନେଶ୍ୱର,୧୯।୧୦(ସୁବାସ ପ୍ରଧାନ)

ଶନିବାର ଏକାମ୍ର ନିର୍ବାଚନମଣ୍ଡଳୀର ଜଗନ୍ନାଥନଗର ରୋଡ୍ ନମ୍ବର ୮ ଏବଂ କୋରଡ଼କଣ୍ଟା ମଧ୍ୟରେ ଗଙ୍ଗୁଆ ନାଳରେ ସେତୁ ନିର୍ମାଣ ପାଇଁ ୩ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଶନିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ।

## ଯୁବ ସଙ୍ଗଠକଙ୍କ ବିୟୋଗରେ ଶୋକ

କଳାପଥର,୧୯।୧୦(ଗଙ୍ଗାଧର ସାହୁ)

ବାଙ୍କୀ ତଥା କଟକ ଅଞ୍ଚଳର ଯୁବ ସଙ୍ଗଠକ ଦିଲୀପ କୁମାର ମିଶ୍ର (୬୪)ଙ୍କ କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି। ୧୯୬୦ ମସିହାରେ ବାଙ୍କୀ ଚର୍ଚ୍ଚିକା ସାହିରେ ଜନ୍ମିତ ମିଶ୍ର ଦୀର୍ଘ ବର୍ଷ ଧରି କଟକର ଏକ ଘରୋଇ ପରିବହନ କମ୍ପାନୀରେ କାର୍ଯ୍ୟ କରିଥିଲେ। ବିଶେଷତଃ ବାଙ୍କୀ ଅଞ୍ଚଳର ବହୁ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ସରକାରୀ ବେସରକାରୀ ଚାକିରିରେ କର୍ମନିଯୁକ୍ତି ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବାଙ୍କୀ ଅଞ୍ଚଳରେ କୌଣସି ବ୍ୟକ୍ତିର ଦେହ ଖରାପ ସମ୍ପର୍କରେ ଜାଣିଲେ କଟକରେ କିପରି ସହଜରେ ଉନ୍ନତ ଚିକିତ୍ସାସେବା ମିଳିପାରିବ ସେନେଇ ବିଭିନ୍ନ ପରାମର୍ଶ ଦେଉଥିଲେ। ଗ୍ରାମର କେତେଜଣ ଯୁବକଙ୍କ ସହ ମିଶି ଭାଗବତ ପାଠ କରିବା ସହ ଐଶ୍ୱାନେଶ୍ୱର ମନ୍ଦିରର ବିଭିନ୍ନ କାର୍ଯ୍ୟରେ ପ୍ରମୁଖ ଭୂମିକା ସମ୍ପାଦନା କରି ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କ ପରଲୋକରେ ଚର୍ଚ୍ଚିକା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମିଶ୍ରଙ୍କ ବିୟୋଗରେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ,ବାପୁଜୀ ସେବା ସଂଘର ସମସ୍ତ କର୍ମକର୍ତ୍ତା, ବାଙ୍କୀ ତଥା କଟକର ବହୁ ବୁଦ୍ଧିଜୀବି ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ମା' ଚର୍ଚ୍ଚିକା ଓ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।

# ଭେଷଜ ବିଜ୍ଞାନ ଅଧ୍ୟାପକଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

## 'ଶିକ୍ଷାର୍ଥୀ କେନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା


ରାଜ୍ୟସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ପୁରୀ,୧୯।୧୦(ଅଜିତ କୁମାର ମହାନ୍ତି)

ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଶିକ୍ଷାଦାନ କରୁଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ନିମନ୍ତେ 'ଶିକ୍ଷାର୍ଥୀ କେନ୍ଦ୍ରିକ ଶିକ୍ଷା ପ୍ରଣାଳୀର ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୧ଟି ସରକାରୀ ଓ ୭ଟି ଘରୋଇ ଅଣ୍ଡରଗ୍ରାଜୁଏଟ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ ଏବଂ ୨ଟି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ଇନଷ୍ଟିଚ୍ୟୁଟରୁ ୧୦୩ ଜଣ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡା. ରୋଜା ରମଣୀ, ଉପନିୟନ୍ତ୍ରକ ଡା. ପ୍ରଦୀପ କୁମାର ନାୟକ, କଲେଜ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଂଯୋଜକ ପ୍ରଫେସର ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସାହୁ କହିଥିଲେ ଯେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ରାଜ୍ୟରେ ଭେଷଜ ବିଜ୍ଞାନ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ପୂର୍ବରୁ କେବଳ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଦିଗରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଥିଲା। ଏବେ ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀ କେନ୍ଦ୍ରିକ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଅଧ୍ୟାପକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଆଧାରରେ ପ୍ରଥମ କରି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏଭଳି କର୍ମଶାଳାର ଆୟୋଜନ କରିପାରିଥିବାରୁ ଅଧ୍ୟକ୍ଷା ଏବଂ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର କର୍ମକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଆଗାମୀ ଦିନରେ ରାଜ୍ୟର ସମସ୍ତ ମେଡିକାଲ୍ କଲେଜରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ସେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଡିନ୍ ପ୍ରଫେସର ମହାପାତ୍ର ଏବଂ ଅଧୀକ୍ଷକ ପ୍ରଫେସର ମିଶ୍ର କୁଳପତି ଓ ଅନ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସହଯୋଗ ତଥା ମାର୍ଗଦର୍ଶନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କର୍ମଶାଳାରେ ବିଶିଷ୍ଟ ଭେଷଜ ବିଜ୍ଞାନ ପ୍ରଶିକ୍ଷକ ପ୍ରଫେସର ଡା. ସବିତା ମହାପାତ୍ର, କୌଶିକ ମିଶ୍ର, ଶ୍ରୀକାନ୍ତ ପଣ୍ଡା, ଅମରେନ୍ଦ୍ର ନାୟକ, ବିମୋଚ ପ୍ରଜ୍ଞା ପତି, ଅନିଲ କୁମାର ସାହୁ, ସଙ୍ଗୀତା ଦାସ, ସନ୍ତୋଷ କୁମାର ସ୍ୱାଇଁ, ରାଜଲକ୍ଷ୍ମୀ ଉପାଧ୍ୟାୟ, ସୌମ୍ୟା ନନ୍ଦ, ବିପ୍ସା ସିଂ ଓ ଦେବଜ୍ୟୋତି ମହାପାତ୍ର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ସ୍ୱାଇଁ, ଆଦିତ୍ୟ ନାରାୟଣ ସାହୁ, ଚିତ୍ରଲେଖା ପାତ୍ର, ପର୍ଶୁରାମ ନାୟକ, ବିମଳ ସାହୁଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଇଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୧୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଗଜଲକ୍ଷ୍ମୀ ପୂଜା ଅବସରରେ ନିରାକାରପୁର ଲକ୍ଷ୍ମୀ ବଜାରଠାରେ ଶ୍ରୀସାଇ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କେଶବ ଚନ୍ଦ୍ର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶୀ ନୃତ୍ୟଗୁରୁ ତଥା ତ୍ରିଧାରା ଭୁବନେଶ୍ୱରର ନିର୍ଦ୍ଦେଶକ ଗୁରୁ ଡ.ଗଜେନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ସଙ୍ଗୀତଜ୍ଞ ଗୁରୁ ପ୍ରଭାକର ଶ୍ରୀଚନ୍ଦନ, ସାରସତ୍ୱ ସାଧକ ଗୁରୁ ବିଶ୍ୱନାଥ ରଥ, ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସାଇ ଡ୍ୟାନ୍ସ ଏକାଡେମୀର ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକଙ୍କୁ ଖବରଦାତାଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ସ୍ୱେଚ୍ଛାସେବୀ, ସମାଜସେବୀ, କୃଷକ, ସଫଳ ବ୍ୟବସାୟୀ, ସାହିତ୍ୟକ, ନୃତ୍ୟ ଶିଳ୍ପୀ, କଳାକାର ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକାନ , ବୃକ୍ଷ ଚାରା ଓ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଆବାହକ ସୁବାସ ଚନ୍ଦ୍ର ଦାଶ, ସଂଯୋଜକ ଶଙ୍କର୍ଷଣ ପ୍ରଧାନ, କିଶୋର କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମ୍ବର୍ଦ୍ଧିତ



ଖୋର୍ଦ୍ଧା,୧୯।୧୦(ପ୍ରଭାତ ପାଣିଗ୍ରାହୀ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜୟନ୍ତୀ ଅବସରରେ ଖୋର୍ଦ୍ଧା ସ୍ଥିତ ଇଗଲ କ୍ଲବ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ପରିଷଦ ୬ନଂ. ୱାର୍ଡ ବାସିନ୍ଦା ଜ୍ୟୋର୍ତିମୟୀ ସାହୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓୟୁଡବ୍ଲ୍ୟୁଜେ ଜିଲା ସଭାପତି ପ୍ରକାଶ ହାତୀ, ଜାଗୃତି ସାମାଜିକ ସଙ୍ଗଠନ ସଭାପତି ପ୍ରଭାତ ପାଣିଗ୍ରାହୀ, ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ତଥା ଶିବିରର ସଂଯୋଜକ ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭକାନ୍ତ ମହାପାତ୍ର, ପବିତ୍ର ପାଇକରାୟ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ମହିଳାମାନେ ସ୍ୱେଚ୍ଛାକୃତଭାବେ ରକ୍ତଦାନ ଲାଗି ଆଗେଇ ଆସିଲେ ରକ୍ତ ଅଭାବ ଦୂର ହେବା ସହ ଏକ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

# ବୟାନ ରେକର୍ଡକରି ପୋଲିସ ନୀରବ

**ବାପାଙ୍କୁ ସାନପୁଅ ନଜରବନ୍ଦୀ ରଖିବା ମାମଲା**

- ପୁଣି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବଡ଼ପୁଅ
- ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସହଯୋଗ ଲୋଡ଼ିଲେ

ଖୋର୍ଦ୍ଧା,୧୯।୧୦(ପ୍ରଭାତପାଣିଗ୍ରାହୀ):ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ବାସଭବନରେ ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱର ରାଉତରାୟଙ୍କୁ ତାଙ୍କ ସାନପୁଅ ନଜରବନ୍ଦୀ ରଖିଥିବା ମାମଲା ଜଟିଳ ହେବାରେ ଲାଗିଛି। ଖୋର୍ଦ୍ଧା ଟାଉନ ପୋଲିସ ଏବଂ ଭରତପୁର ପୋଲିସ ପୃଥକଭାବେ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଥିଲେ ମଧ୍ୟ ସେଠାରୁ ତାଙ୍କୁ ଉଦ୍ଧାର ପାଇଁ ପୋଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ଖୋର୍ଦ୍ଧା କୋଣାର୍କ ନଗରରେ ରହୁଥିବା ବଡ଼ପୁଅ ଅବସରପ୍ରାପ୍ତ କର୍ନେଲ ଅରୁଣ ରାଉତରାୟ ପୁଣି ଅଭିଯୋଗ ଆଣିଛନ୍ତି। ଏନେଇ ଅରୁଣ ଶନିବାର ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହିତ ସେ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସହଯୋଗ ଲୋଡ଼ିଛନ୍ତି।

ଅଭିଯୋଗ ମୁତାବକ, ଭୁବନେଶ୍ୱରଙ୍କୁ ତାଙ୍କ ସାନପୁଅ ଘରେ ନଜରବନ୍ଦୀ କରି ରଖିଛନ୍ତି। ସେଠାରେ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଛି। ଭୁବନେଶ୍ୱରଙ୍କୁ ସେଠାରୁ ଉଦ୍ଧାର ପାଇଁ ବଡ଼ପୁଅ ଅରୁଣ ଗତ ଅଗଷ୍ଟ ୩୧ରେ ଖୋର୍ଦ୍ଧା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାନଭାଇ କୌଣସି କାମ କରୁ ନ ଥିବା ବେଳେ ବାପାଙ୍କୁ ଧମକାଇ ସମସ୍ତ ପୈତୃକ ସମ୍ପତି ନିଜ ନାମରେ ଲେଖାଇ ନେଇଛନ୍ତି। ଏପରିକି ବାପାଙ୍କୁ ଦେଖା କରିବାକୁ ଦେଉ ନ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତେବେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅରୁଣ ଭରତପୁର ଥାନାରେ ଅକ୍ଟୋବର ୧୦ ଏବଂ ୧୮ ତାରିଖରେ ପୁଣି ଖୋର୍ଦ୍ଧା ଟାଉନ ଥାନାରେ ସମାନ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ପି ସାଗରିକା ନାଥଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଥିଲା। ବୟାନ ରେକର୍ଡକୁ ୨୪ଘଣ୍ଟା ବିତିଥିଲେ ମଧ୍ୟ ସେଠାରୁ ଭୁବନେଶ୍ୱରଙ୍କୁ ଉଦ୍ଧାର ପାଇଁ ପୋଲିସ କୌଣସି ପଦକ୍ଷେପ ନେଇନାହିଁ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ବୋଲି ଅରୁଣ ଗଣମାଧ୍ୟମରେ କହିଛନ୍ତି। ୩ ଥର ଅଭିଯୋଗ ସତ୍ତ୍ୱେ ପୋଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସମ୍ପର୍କରେ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ଅନ୍ୟପଟେ କଳିଙ୍ଗ ନଗରରେ ରହୁଥିବା ଅରୁଣଙ୍କ ସାନଭାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
No.B-474
Mail i.d : seccbbsr@gmail.com
E-procurement Tender Call Notice No.08 of 2024-25
No. 4031 (Estg.) Bhubaneswar the 17th October - 2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for eight number road works to be received in online bidding, double cover system for construction works as detailed in : https://tendersodisha.gov.in. The details of bid documents will be available in the above website from 5.00 P.M. of 22.10.2024 to 5.00 P.M. of 05.11.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 06.11.2024 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0006/2425

OFFICE OF THE CDM & PHO, KORAPUT
DISTRICT PROGRAMME MANAGEMENT UNIT, NHM
Advt. No. 2310/DPMU/NHM/2024 Date: 18.10.2024
SHORT TENDER CALL NOTICE

No. E-421: Sealed tenders are invited from registered suppliers/agencies for Procurement of Reagent for CBC (3 Part) & Semi-Auto Analyser under NHM, Koraput for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tender should reach the office of the undersigned by 04.11.2024 till 5.00 P.M. The tender will be opened at 11.00 A.M. on 05.11.2024. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-
OIPR-10077/11/0007/2425 District Mission Director, Koraput

GOVERNMENT OF ODISHA No.B-406:
OFFICE OF THE SUPERINTENDING ENGINEER
BARGARH (R&B) DIVISION, BARGARH
E-mail- eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.10 of 2024-25
No.4777, Dated 01.10.2024

No.1) The Executive Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil works (Civil+EI+PH) (Composite work) as detailed in the Detailed Tender Call Notice (D.T.C.N.) from the eligible class of contractors.
2.No. of Building Work:- 03 Nos.
3.Cost of Tender Paper:- Rs.10,000/- & Rs.6,000/-
4.Class of Contractor:- "B", "D", "C" Class Contractor
5.Date & Time of available in website & receipt of Bids:- 11.00 Hrs. of 22.10.2024 to 17.00 Hrs. of 31.10.2024.
6. Date of Opening of Technical Bid:- 01.11.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any Corrigendum/Addendum will be displayed in the website https://tendersodisha.gov.in only.

Sd./- Executive Engineer
OIPR-34039/11/0009/2425 Bargarh (R&B) Division

GOVERNMENT OF ODISHA No. A-452
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR
Phone No.: (0663) 2412791, E-mail: eemisbp@yahoo.co.in
e-PROCUREMENT NOTICE
Bid Reference No. SE MID SBP 03/2024-25
eemisbp@yahoo.co.in
No.3136//MID Date: 18.10.2024

1. Name of the Works : Civil Construction Works
2. No. of Works : 2 (Two) Nos.
3. Estimated Cost : Varies approximately from Rs.54.85 lakhs to Rs.79.30 lakh
4. Tender Paper Cost : Referred to DTCN
5. Period of Completion : Referred to DTCN
6. Date and time of availability of bid documents in the portal : From Dt.25.10.2024 at 11.00 A.M. to Dt.07.11.2024 upto 05.30 P.M.
7. Last date/time of receipt of bids in the portal : Dt.07.11.2024 upto 5.30 P.M.
8. Date of opening of Technical Bid (Cover-I) : Dt.08.11.2024 at 11.00 A.M. onwards
9. Name and address of the OIT : Superintending Engineer, Minor Irrigation Division, Sambalpur
10.**Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer
OIPR-32036/11/0004/2425 M.I. Division, Sambalpur

GOVERNMENT OF ODISHA No.B-475
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
Bid Identification No: BGR R&B/13/2024-25
No. 4070 Dtd.09.10.24

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single Cover System in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 23 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "B" Class, "C" Class (Registered with CDMS)
6. Date & time of sale & receipt of Bids : From Dt.23.10.24, 11.00 A.M. to Dt.01.11.24 upto 05.00 P.M.
7. Date of Opening Bid : Dt.02.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Sd./- Superintending Engineer
OIPR-34028/11/0013/2425 Bolangir (R&B) Division

Office of the Superintending Engineer
U.K.Head Works Division, Kolabnagar (K), Pin-764011
e-mail : seukhwdivision@gmail.com
QUOTATION CALL NOTICE NO. 06/2024-25 DATED - 15.10.2024

No.A-449: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers / Authorized dealers / Regd. Govt. Order Suppliers / Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of Items | Unit | Quantity |
|---|---|---|---|---|
| Purchase of New Desktop computer set (All in One Model) for U.K. Head Works Division, Kolabnagar during 2024-25 | 1 | Supplying of 21.5" screen Desktop Computer set (All in One Model) 12th Generation Intel core i-5 with minimum specification of 8GB DDR4, 512 GB SSD win 11, Graphics, FDR in built web camera etc. with all accessories as per standard specification & as per direction of Engineer-in-Charge | Set | 03 |
| | 2 | Supplying of UPS for computer set with minimum voltage input of 140 volt, output voltage-230 volt, power back up of minimum 1 hour etc. as per standard specification & as per direction of Engineer-in-Charge | Set | 03 |
| | 3 | Supply of electrical extension boards having 6 plug points switches for installation of desktop computer sets. | Set | 03 |
| | | (Three items) Only | | |

The quotation will be received in the office of the Superintending Engineer, U.K.Head Works Division, Kolabnagar, Dist.-Koraput - 764011 (O) from 10.30 hours of 21.10.2024 to 17.00 hours of 04.11.2024 and will be opened by the undersigned at 11.00 hours of 05.11.2024 in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD & ISD @2% of the quoted price in shape of TDR/STDR duly pledged in favour of the Superintending Engineer, Upper Kolap Head Works Division, At/PO : Kolabnagar, Dist : Koraput (O) should accompany the quotation failing which the quotation will not be accepted.

The qutoted rates must be valid for a period of 90 (ninety) days from the date of receipt of quotations unless extened by mutual agreement. Supply must be completed within 15 (Fifteen) days from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist : Koraput, Odisha-764011, inclusive of cost, transportation, GSTIN, labour cess & all other taxes etc. applicable as per the Govt. rules. The materials should be according to I.S.I. specification.

Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours.

The authority reserves the right to accept / reject any or all the quotations without assigning any reasons thereof.

Sd./-
Superintending Engineer
OIPR-32015/11/0013/2425 U.K. Head Works Division

GOVERNMENT OF ODISHA No.A-447
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC-02/2024-25

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding: From | Bid documents available online for bidding: to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-01/2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 06 (Six Calendar Month) |
| | PRD-02/2024-25 | Protection to Scoured Bank of Kathajodi Sirua Devi Right Embankment from RD. 8.940 Km to 9.500 Km and construction of 2 Nos. spur at RD. 8.200 Km and 8.350 Km | 676.95 | 676100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-03/2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-04/2024-25 | Construction of spur and Drainange Channel of Parimala sluice on KSDR embankment at RD.60.20 Km | 474.37 | 474400/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 08 (Eight Calendar Month) |

e-mail ID:- secic_dowr@yahoo.com;
Further details conditions can be seen from Govt. website www.tendersorissa.gov.in
OIPR-32160/11/0002/2425 Sd./- Additional Chief Engineer, Central Irrigation Circle

GOVERNMENT OF ODISHA No. b-07
OFFICE OF THE CHIEF CONSTRUCTION ENGINEER
SOUTHERN N.H. CIRCLE, BERHAMPUR
email: senhsouthbam@gmail.com
INVITATION FOR BIDS
BID IDENTIFICATION No. 09/CCE NH, South of 2024-25
[e-Procurement]
Bid Identification No. 09/CCE NH, South of 2024-25
No. 3428 Date: 18.10.2024

1. The Chief Construction Engineer, Southern N.H. Circle, Berhampur on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 28.10.2024 11.00 A.M. to 11.11.2024 5.30 P.M.
7. Date of Opening of Bid : Dt.12.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
OIPR-34148/11/0003/2425 Southern NH Circle, Berhampur

See Career Appointment on every Wednesday & Saturday

## ସଂକ୍ଷେପରେ

### ସିଭିଲ ସର୍ଭିସ ପରୀକ୍ଷାରେ ପ୍ରତ୍ୟୁଷଙ୍କ ସଫଳତା



**ମାହାଙ୍ଗା, ୧୯।୧୦(ଯଯାତି ସିଂହ):** ମାହାଙ୍ଗା ବ୍ଲକ ସମସରପୁର ପଞ୍ଚାୟତ ଅନ୍ତର୍ଗତ ଯଶରାଜପୁର ଗ୍ରାମର ପ୍ରତ୍ୟୁଷ କାନୁନ୍‌ଗୋ ଓଡିଶା ପ୍ରଶାସନିକ ସେବା (ସିଭିଲ ସର୍ଭିସ)ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ହେଲେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରମୋଦ କୁମାର କାନୁନ୍‌ଗୋ ଓ ମଞ୍ଜୁଳା କାନୁନ୍‌ଗୋଙ୍କ ସାନ ପୁତ୍ର । ସେ ଏହି ସଫଳତା ଦ୍ୱିତୀୟ ପ୍ରଚେଷ୍ଟାରେ ପାଇଛନ୍ତି। ୧୬୯ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେ ଦିନକୁ ୧୦ରୁ୧୫ ଘଣ୍ଟା ପରିଶ୍ରମ କରି ସଫଳତା ହାସଲ କରିଥିବା କହିଛନ୍ତି । ଏହି ସଫଳତା ପାଇଁ ସେ ପରିବାର ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଦେଇ ସେଥିରେ କୃତକାର୍ଯ୍ୟ ହେବା ପାଇଁ ଉଦ୍ୟମ ଜାରିରଖିବେ ବୋଲି ସେ ସୂଚନା ଦେଇଛନ୍ତି।

### ପୂର୍ବତନ ଲୋକସମ୍ପର୍କ ଅଧିକାରୀଙ୍କ ପରଲୋକ

**ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ପୂର୍ବତନ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ୬୭ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ବିହାର ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ୧୯୫୭ ମସିହାରେ କଟକ ଜିଲାର ସୁନ୍ଦରଗାଁରେ ଜନ୍ମଗ୍ରହଣ କରିଥିବା ଦିଲୀପ ପ୍ରଥମେ ବୌଦ୍ଧ ଜିଲାର ଉପସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଆଠଗଡ଼, ନୟାଗଡ଼ ଜିଲାରେ କାର୍ଯ୍ୟ କରିବା ସହିତ ଖୋର୍ଦ୍ଧା ଜିଲାର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

### ଯୁବ ସଙ୍ଗଠକଙ୍କ ବିୟୋଗରେ ଶୋକ

**ବାଙ୍କୀ,୧୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ତଥା କଟକ ଅଞ୍ଚଳର ଯୁବ ସଙ୍ଗଠକ ଦିଲୀପ କୁମାର ମିଶ୍ର (୬୪)ଙ୍କ



କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି । ୧୯୬୦ ମସିହାରେ ବାଙ୍କୀ ଚର୍ଚ୍ଚିକା ସାହିରେ ଜନ୍ମିତ ମିଶ୍ର ଦୀର୍ଘ ବର୍ଷ ଧରି କଟକର ଏକ ଘରୋଇ ପରିବହନ କମ୍ପାନୀରେ କାର୍ଯ୍ୟ କରିଥିଲେ। ବିଶେଷତଃ ବାଙ୍କୀ ଅଞ୍ଚଳର ବହୁ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ସରକାରୀ ବେସରକାରୀ ଚାକିରିରେ କର୍ମନିଯୁକ୍ତି ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବାଙ୍କୀ ଅଞ୍ଚଳରେ କୌଣସି ବ୍ୟକ୍ତିର ଦେହ ଖରାପ ସମ୍ପର୍କରେ ଜାଣିଲେ କଟକରେ କିପରି ସହଜରେ ଉନ୍ନତ ଚିକିତ୍ସାସେବା ମିଳିପାରିବ ସେନେଇ ବିଭିନ୍ନ ପରାମର୍ଶ ଦେଉଥିଲେ। ଗ୍ରାମର କେତେଜଣ ଯୁବକଙ୍କ ସହ ମିଶି ଭାଗବତ ପାଠ କରିବା ସହ ଐଶ୍ୱାନେଶ୍ୱର ମନ୍ଦିରର ବିଭିନ୍ନ କାର୍ଯ୍ୟରେ ପ୍ରମୁଖ ଭୂମିକା ସମ୍ପାଦନା କରି ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କ ପରଲୋକରେ ଚର୍ଚ୍ଚିକା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମିଶ୍ରଙ୍କ ବିୟୋଗରେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ,ବାପୁଜୀ ସେବା ସଂଘର ସମସ୍ତ କର୍ମକର୍ତ୍ତା, ବାଙ୍କୀ ତଥା କଟକର ବହୁ ବୁଦ୍ଧିଜୀବି ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ମା' ଚର୍ଚ୍ଚିକା ଓ ଜଗନ୍ନାଥଙ୍କ ପାଖରେ ପ୍ରାଥନା କରିଛନ୍ତି।

# ଜବରଦଖଲମୁକ୍ତ ହେଲା ରାଜୀବ ଗାନ୍ଧୀ ସେବା କେନ୍ଦ୍ର

**ନିଶ୍ଚିନ୍ତକୋଇଲି,୧୯।୧୦ (ଅଶୋକ କୁମାର ମହାପାତ୍ର)**



**ପ୍ରଶାସନ ଜବରଦଖଲ ହଟାଇ ସରପଞ୍ଚଙ୍କୁ ଦାୟିତ୍ୱ ଦେଲା**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ୍ ନତକାଇ ପଞ୍ଚାୟତରେ ରାଜୀବ ଗାନ୍ଧୀସେବା କେନ୍ଦ୍ର ଦୀର୍ଘଦିନ ହେବ ବ୍ୟକ୍ତିଗତ ଜବରଦଖଲରେ ରହି ଆସୁଥିଲା। ଦୀର୍ଘଦିନ ଲଢ଼େଇ ପରେ ଶନିବାର ନିଶ୍ଚିନ୍ତକୋଇଲି ତହସିଲଦାର ଓ ଥାନାଧିକାରୀଙ୍କ ସହାୟତାରେ ଜବରଦଖଲ ହଟାଇ ସେବାକେନ୍ଦ୍ରକୁ ସରପଞ୍ଚଙ୍କୁ ହସ୍ତାନ୍ତର କରିଛନ୍ତି। ୧୨ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଭାରତ ନିର୍ମାଣ ସେବା କେନ୍ଦ୍ରକୁ ପ୍ରାକ୍ତନ ସମିତି ସଭ୍ୟ ରମା ବେହେରା ଓ ତାଙ୍କ ସ୍ୱାମୀ ବଟକୃଷ୍ଣ ବେହେରାଙ୍କ ସମେତ ପରିବାର ଲୋକ ଜବରଦଖଲ କରିଆସୁଥିଲେ। ଜବରଦଖଲ ଉଚ୍ଛେଦ ପାଇଁ ପଞ୍ଚାୟତ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ତାଙ୍କ ପରିବାର ଏହାକୁ ଖାତିର କରୁ ନ ଥିଲେ। ଏପରିକି ରମା ବେହେରା ସାଲେପୁର ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ନିଶ୍ଚିନ୍ତକୋଇଲି ବିଡିଓ ଓ ନତକାଇ ସରପଞ୍ଚଙ୍କୁ ପକ୍ଷଭୁକ୍ତ କରି ମାମଲା ଦାଏର କରିଥିଲେ। ଏହି ମାମଲାକୁ କୋର୍ଟ ଖାରଜ କରି ଦେଇଥିଲେ।

ସୂଚନାଥାଉକି ରମା ବେହେରା ନିଜ ନାମରେ ଥିବା ଜମିକୁ ରାଜୀବ ସେବା କେନ୍ଦ୍ର ନାମରେ ଦଲିଲ କରାଇ ସରକାରୀ ଅର୍ଥକୁ ବିନିଯୋଗ କରିଥିଲେ। ପର ମୁହୂର୍ତ୍ତରେ ସରକାରୀ ଅନୁଦାନରେ ନିର୍ମାଣ ହୋଇଥିବା ସେବା କେନ୍ଦ୍ରକୁ ନିଜ ଦଖଲକୁ ନେଇ ଯାଇଥିଲେ। ପଞ୍ଚାୟତ ଏହି ସେବା କେନ୍ଦ୍ରକୁ ସରକାରୀ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଚାହୁଁଥିଲେ ହେଁ ସେ ଆଇନର ବିଭିନ୍ନ ଗଳାବାଟ ଦେଇ ପଞ୍ଚାୟତ ପ୍ରତିନିଧିଙ୍କୁ ଦଖଲ ଦେଉ ନ ଥିଲେ। କୋର୍ଟରେ ମାମଲା ଖାରଜ କରିବା ପରେ ନତକାଇ ସରପଞ୍ଚ ଜୟଦେବ ରାଉତ ଦସ୍ତପତ୍ର ଦଲିଲ ଅନୁଯାୟୀ ନିଶ୍ଚିନ୍ତକୋଇଲି ତହସିଲରେ ରେକର୍ଡ ସଂଶୋଧନ କରି ପଟ୍ଟା ହାସଲ କରିଥିଲେ ଓ ସେବା କେନ୍ଦ୍ରକୁ ତୁରନ୍ତ ଜବରଦଖଲ ହଟାଇବା ପାଇଁ ବିଡିଓଙ୍କୁ ପତ୍ର ଲେଖିଥିଲେ। ବିଡିଓ ବରିଷ୍ଠ ନରାୟଣ ବେହେରା ବ୍ୟକ୍ତିଗତ ଜବରଦଖଲ ହଟାଇବା ପାଇଁ ଆଦେଶ ନଂ ୩୬୦୪(୨)/୧୪-୧୦-୨୦୨୪ରେ ନିଶ୍ଚିନ୍ତକୋଇଲି ତହସିଲଦାର ଓ ନିଶ୍ଚିନ୍ତକୋଇଲି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ପତ୍ର ନଂ. ୩୬୦୫/୧୫-୧୦-୨୦୨୪ରେ ଜିଲାପାଳ କଟକ, ପତ୍ର ନଂ. ୩୬୦୬ରେ ସରପଞ୍ଚ ନତକାଇଙ୍କୁ ଅବଗତ କରାଇଥିଲେ। ତହସିଲଦାର ଅନିତା ନାୟକ ଓ ଥାନାଧିକାରୀ ଯୁଗଳ ପ୍ରସାଦ ଦାସ ଶନିବାର ପୋଲିସ ଫୋର୍ସ ସହ ଉକ୍ତ ସେବା କେନ୍ଦ୍ରକୁ ବ୍ୟକ୍ତିଗତ ଜବରଦଖଲମୁକ୍ତ କରିଛନ୍ତି। ଜବରଦଖଲ ହଟାଇବା ସମୟରେ ପ୍ରାକ୍ତନ ସମିତି ସଭ୍ୟ ବାରଣ କରିଥିଲେ। ତେବେ ପୋଲିସ ପ୍ରଶାସନ ସହାୟତାରେ ଏହି ଜବରଦଖଲ ଉଚ୍ଛେଦ କରାଯାଇ ସ୍ଥାନୀୟ ସରପଞ୍ଚ ରାଉତଙ୍କୁ ଘର ହସ୍ତାନ୍ତର କରାଯାଇଛି।

# ମାଣ୍ଡିଆ ସଚେତନତା ରଥ ଶୁଭାରମ୍ଭ

**ତିଗିରିଆ, ୧୯।୧୦(ଜାଫର ଖାଁ)**

ଶ୍ରୀଅନ୍ନ ଅଭିଯାନରେ ଚଳିତ ବର୍ଷ ରବି ଋତୁରେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ସଚେତନ କରାଇବାକୁ ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟରେ ଶନିବାର ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅର୍ଡର ନାମକ ଏନ୍‌ଜିଓ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା ପତାକା ଦେଖାଇ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅର୍ଡରର ସଂଯୋଜକ ବିଶ୍ୱଜିତ ରାଉତ, ପ୍ରକାଶ ରାଉତ, ସମ୍ମାନିତ ଅତିଥିଭାବେ ଓ ତିଗିରିଆ କୃଷି କାର୍ଯ୍ୟାଳୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ରଥ ବ୍ଲକର ୧୪ଟି ପଞ୍ଚାୟତ ବୁଲି ରବି ଋତୁରେ ମାଣ୍ଡିଆ ଚାଷ ପାଇଁ ସଚେତନ କରାଇବ। କାର୍ଯ୍ୟକ୍ରମରେ ଉତ୍ତର ମହାନଦୀ ଫାର୍ମର ଉତ୍ପାଦକ ସଂସ୍ଥାର ଆଲୋକ ବେହେରା, ଗୋଷ୍ଠୀ ସହାୟକ ଅନ୍ତର୍ଯାମୀ ସାହୁ, ଅମ୍ବୁଜ ସ୍ୱାଇଁ, ପୀତବାସ ବେହେରା, ଟିଙ୍କୁ ଗୋଛି, ରମାକାନ୍ତବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ଖଣି ଖାଦାନ, କେନାଲ ଯୋଗୁ ଖରିଫ ଫସଲ ପ୍ରଭାବିତ

**ତିଗିରିଆ,୧୯।୧୦(ଜାଫର ଖାଁ)**

ଜଙ୍ଗଲ ଓ ସବୁଜିମା ଭରା ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତର ଭେଜିଆ ଅଞ୍ଚଳରେ କଳାମୁଗୁନି ପଥର ଖଣି ଖାଦାନ ଓ ନିର୍ମାଣାଧୀନ ରେଙ୍ଗାଲି କେନାଲ ଯୋଗୁ ଚଳିତ ବର୍ଷ ଖରିଫ ଧାନ ଓ ଫସଲ ପ୍ରଭାବିତ ହୋଇଛି। ଏଥିସହିତ ୬୦ ହେକ୍ଟର ଜମି ପଡ଼ିଆ ପଡ଼ିବା ସହ ପାଣି ନ ଥିବାରୁ ଶତାଧିକ ହେକ୍ଟର ଧାନ ଜମି ପ୍ରଭାବିତ ହେଉଥିବା ତିଗିରିଆ ବ୍ଲକ କୃଷି ଅଧିକାରୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ତରଫରୁ ଭେଜିଆ ଅଞ୍ଚଳରେ ୫ ବର୍ଷୀୟା ଅବଧିରେ ୩ଟି କଳାମୁଗୁନି ପଥର ଖଣି ଲିଜ୍‌ରେ ଦିଆଯାଇଛି। ଭେଜିଆ ଅଞ୍ଚଳରେ ଥିବା ଲିଜ୍ ଖଣିରୁ ବାହାରୁଥିବା ମାଟିକୁ ଖଣି ନେଇଥିବା ମାଲିକମାନେ ଏଣେତେଣେ ପକାଇବାରୁ ପଡ଼ିଆ ପଡ଼ିଥିବା ଜମିକୁ ଛାଡ଼ି ଧାନ ହୋଇଥିବା ଜମିରେ ଝରଣା ପାଣି କିମ୍ବା ନିକଟସ୍ଥ କୁକୁଡ଼ାଖାଇ କ୍ଷୁଦ୍ର ଜଳସେଚନ ଯୋଜନା ପ୍ରକଳ୍ପରୁ ଧାନ ଫସଲକୁ ପାଣି ଯାଇପାରୁନାହିଁ। ଏହାଦ୍ୱାରା ବର୍ତ୍ତମାନ ଧାନ ବାହାରିବା ସମୟରେ ଜମି ଶୁଖି ଫାଟିଗଲାଣି।

ସେହିପରି ଚଳିତ ବର୍ଷ ଖରିଫ ଋତୁରେ ଭେଜିଆ ରାଜସ୍ୱ ଗ୍ରାମ ଅଧୀନରେ ଖଣି ଖାଦାନ ଓ ନିର୍ମାଣାଧୀନ କେନାଲ ଯୋଗୁ ୫୭. ୦୨୦୬ ହେକ୍ଟର ଓ ଭେଜିଆ ସଂଲଗ୍ନ ଗୋକର୍ଣ୍ଣଖାଲ ରାଜସ୍ୱ ଗ୍ରାମର ୨. ୪୯୧୭ ହେକ୍ଟର ଜମିରେ ଖଣି ଖାଦାନ ଯୋଗୁ ଧାନ, ପନିପରିବା ହୋଇପାରି ନ ଥିବା ତିଗିରିଆ ବ୍ଲକ୍ କୃଷି ଅଧିକାରୀ ସନାତନ ବେହେରା ପ୍ରକାଶ କରିଛନ୍ତି। ଏହି ତଥ୍ୟ ରାଜ୍ୟ କୃଷି ବିଭାଗ ତରଫରୁ ନିର୍ଦ୍ଦେଶ ପରେ ଡିଜିଟାଲ ଫସଲ ସର୍ଭେ କରି ତିଗିରିଆ କୃଷି ବିଭାଗ ପ୍ରଦାନ କରିଛି। ଚଳିତ ବର୍ଷ ଧାନ ଅମଳ କମିବାର ସମ୍ଭାବନା ଦେଖାଦେଇଛି।

# ପୋଖରୀରେ ବୁଡ଼ି ଜଣେ ମୃତ

**ନିଶ୍ଚିନ୍ତକୋଇଲି,୧୯।୧୦(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ବାହାବଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସେକ୍ ଅରଫାନ(୫୫) । ଅରଫାନ୍ ଶନିବାର ତାଙ୍କ ଘର ନିକଟରେ ଥିବା ଏକ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଶୌଚ ହେବା ବେଳେ ତାଙ୍କର ଗୋଡ଼ ଖସି ଯାଇଥିଲା। ଫଳରେ ସେଠାରେ ସେ ପାଣିରେ ବୁଡ଼ି ଯାଇଥିଲେ। ବହୁ ସମୟ ପରେ ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

# ଗଣପର୍ବରେ ପରିଣତ ହୋଇଛି ବାଙ୍କୀ ମହୋତ୍ସବ




ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୧୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ମହୋତ୍ସବ ତୃତୀୟ ସନ୍ଧ୍ୟା ଉତ୍ସବ ଶନିବାର କଚେରି ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିର ପୂର୍ବତନ କୁଳପତି ତଥା କିସ୍‌ର ମୁଖ୍ୟ କୁଳପତି ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ବାଙ୍କୀ ଅଞ୍ଚଳ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାବେଳେ ଏହି ମହୋତ୍ସବ ଏବେ ଗଣପର୍ବରେ ପରିଣତ ହୋଇଛି। ଓଡିଶାର ମାତୃ ଜାତିର ସମ୍ମାନର ପ୍ରତୀକ ହେଉଛି ବାଙ୍କୀ। ୮ ଦେବୀ ଶକ୍ତି ମଧ୍ୟରୁ ମା'ଚର୍ଚ୍ଚିକା ଅନ୍ୟତମ ଶକ୍ତି ପୀଠ। ଏହି ସଂସ୍କୃତି ମାଟି ଓ ଶକ୍ତିପୀଠକୁ ଶତ ପ୍ରଣାମ କରୁଛି ବୋଲି ଶତପଥୀ କହିଥିଲେ।

ମୁଖ୍ୟବକ୍ତା ଭାବେ ମହର୍ଷି କଲେଜର ଅଧ୍ୟାପକ ଶଶାଙ୍କ ଶେଖର ଚୂଡାମଣି ଯୋଗଦେଇ ଶକ୍ତିପୀଠମାନଙ୍କ ମଧ୍ୟରେ ବାଙ୍କୀର ମା'ଚର୍ଚ୍ଚିକାଙ୍କ ପୀଠସ୍ଥଳୀ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନକରେ। ଏହି ମାଟି ବହୁ ଯୋଗଜନ୍ମାଙ୍କୁ ଜନ୍ମ ଦେଇଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କଳାକାର ହରିଅର୍ଜୁନ ପ୍ରଧାନ, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଯୁବ ସଂଗଠକ ଆଶିଷ କୁମାର ସାହୁ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, ବାଙ୍କୀ ଅସ୍ମିତାର ଋଦ୍ଧିମନ୍ତ ପ୍ରତୀକ ହେଉଛି ବାଙ୍କୀ ମହୋତ୍ସବ। ଏହି ମହୋତ୍ସବ ଜରିଆର ୨୫ବର୍ଷ ହେବ ବାଙ୍କୀ ଅସ୍ମିତାକୁ ଜୀବନ୍ତ ରଖାଯାଇଛି। ବହୁ ବିଶିଷ୍ଟ ଲେଖକ, ସାହିତ୍ୟିକ, କଳାକାର, ରାଜ୍ୟପାଳ, ନେତା ଓ ମନ୍ତ୍ରୀ ଏଥିରେ ଅତିଥିଭାବେ ଯୋଗଦେଇ ଏଡି ମାଟିର ଟେକକୁ ଋଦ୍ଧିମନ୍ତ କରିଛନ୍ତି। ମହୋତ୍ସବର ଏହି ୨୫ ବର୍ଷ ମଧ୍ୟରେ ୮ଜଣ ଜିଲାପାଳ, ୧୧ଜଣ ଉପଜିଲାପାଳ ଯୋଗ ଦେଇଥବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଲେଖକ ସାମିଲ ହୋଇଛନ୍ତି ବୋଲି ଆଶିଷ କହିଥିଲେ। ଶିକ୍ଷାବିତ୍ ବିଦ୍ୟାନନ୍ଦ ଚୌଧୁରୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇ ଥିଲେ। ମହୋତ୍ସବ କାର୍ଯ୍ୟକାରୀ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବାଙ୍କୀ ମହୋତ୍ସବ ଦୀର୍ଘ ୨୫ବର୍ଷରେ ପଦାର୍ପଣ କରି ଏକ ମହାଦ୍ରୁମରେ ପରିଣତ କରିଛି ବୋଲି ସେମାନେ ପ୍ରକାଶ କରିଥିଲେ। ମହୋତ୍ସବ ଉପସଭାପତି କାଉନ୍‌ସିଲର ସନାତନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ଉପସଭାପତି ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**

No.B-474

Mail i.d : seccbbsr@gmail.com
E-procurement Tender Call Notice No.08 of 2024-25
No. 4031 (Estg.) Bhubaneswar the 17th October - 2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for eight number road works to be received in online bidding, double cover system for construction works as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 22.10.2024 to 5.00 P.M. of 05.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 06.11.2024** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar

OIPR-34156/11/0006/2425

**OFFICE OF THE CDM & PHO, KORAPUT**
**DISTRICT PROGRAMME MANAGEMENT UNIT, NHM**
**Advt. No. 2310/DPMU/NHM/2024** **Date: 18.10.2024**

**SHORT TENDER CALL NOTICE**

No. E-421: Sealed tenders are invited from registered suppliers/agencies for Procurement of Reagent for CBC (3 Part) & Semi-Auto Analyser under NHM, Koraput for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: **https://koraput.odisha.gov.in**. The tenders should reach the office of the undersigned by 04.11.2024 till 5.00 P.M. The tender will be opened at 11.00 A.M. on 05.11.2024. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-
District Mission Director, Koraput

OIPR-10077/11/0007/2425

**GOVERNMENT OF ODISHA** No.B-406:
**OFFICE OF THE SUPERINTENDING ENGINEER**
**BARGARH (R&B) DIVISION, BARGARH**
E-mail- eepwdbgh@gmail.com, Phone/Fax:06646-234819
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-SE PWD BGH No.10 of 2024-25**
**No.4777, Dated 01.10.2024**

No.1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the Civil works (Civil+EI+PH) (Composite work) as detailed in the **Detailed Tender Call Notice (D.T.C.N.)** from the eligible class of contractors.
2.No. of Building Work:- 03 Nos.
3.Cost of Tender Paper:- Rs.10,000/- & Rs.6,000/-
4.Class of Contractor:- "B", "D", "C" Class Contractor
5.Date & Time of available in website & receipt of Bids:- 11.00 Hrs. of 22.10.2024 to 17.00 Hrs. of 31.10.2024.
6. Date of Opening of Technical Bid:- 01.11.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any Corrigendum/Addendum will be displayed in the website https://tendersodisha.gov.in only.

Sd./- Executive Engineer
Bargarh (R&B) Division

OIPR-34039/11/0009/2425

**GOVERNMENT OF ODISHA** No. A-452
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.: (0663) 2412791, E-mail: eemisbp@yahoo.co.in
**e-PROCUREMENT NOTICE**
**Bid Reference No. SE MID SBP 03/2024-25**
**eemisbp@yahoo.co.in**
**No.3136//MID** **Date: 18.10.2024**

1. Name of the Works : Civil Construction Works
2. No. of Works : 2 (Two) Nos.
3. Estimated Cost : Varies approximately from Rs.54.85 lakhs to Rs.79.30 lakh
4. Tender Paper Cost : Referred to DTCN
5. Period of Completion : Referred to DTCN
6. Date and time of availability of bid documents in the portal : From Dt.25.10.2024 at 11.00 A.M. to Dt.07.11.2024 upto 05.30 P.M.
7. Last date/time of receipt of bids in the portal : Dt.07.11.2024 upto 5.30 P.M.
8. Date of opening of Technical Bid (Cover-I) : Dt.08.11.2024 at 11.00 A.M. onwards
9. Name and address of the OIT : Superintending Engineer, Minor Irrigation Division, Sambalpur
10.**Further details can be seen from the e-Procurement market place **http://tendersodisha.gov.in**.

Sd./- Superintending Engineer
M.I. Division, Sambalpur

OIPR-32036/11/0004/2425

**GOVERNMENT OF ODISHA** No.B-475
**OFFICE OF THE SUPERINTENDING ENGINEER**
**BOLANGIR (R&B) DIVISION, BOLANGIR**
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
**Bid Identification No: BGR R&B/13/2024-25**
**No. 4070** **Dtd.09.10.24**

1. The **Superintending Engineer, Bolangir (R&B) Division, Bolangir** on behalf of the Governor of Odisha invites percentage rate bid in Single Cover System in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 23 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "B" Class, "C" Class (Registered with CDMS)
6. Date & time of sale & receipt of Bids : From Dt.23.10.24, 11.00 A.M. to Dt.01.11.24 upto 05.00 P.M.
7. Date of Opening Bid : Dt.02.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in**.

Sd./- Superintending Engineer
Bolangir (R&B) Division

OIPR-34028/11/0013/2425

**Office of the Superintending Engineer**
**U.K.Head Works Division, Kolabnagar (K), Pin-764011**
e-mail : seukhwdivision@gmail.com
**QUOTATION CALL NOTICE NO. 06/2024-25 DATED - 15.10.2024**

**No.A-449**: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers / Authorized dealers / Regd. Govt. Order Suppliers / Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of Items | Unit | Quantity |
|---|---|---|---|---|
| Purchase of New Desktop computer set (All in One Model) for U.K. Head Works Division, Kolabnagar during 2024-25 | 1 | Supplying of 21.5" screen Desktop Computer set (All in One Model) 12th Generation Intel core i-5 with minimum specification of 8GB DDR4, 512 GB SSD win 11, Graphics, FDR in built web camera etc. with all accessories as per standard specification & as per direction of Engineer-in-Charge | Set | 03 |
| | 2 | Supplying of UPS for computer set with minimum voltage input of 140 volt, output voltage-230 volt, power back up of minimum 1 hour etc. as per standard specification & as per direction of Engineer-in-Charge | Set | 03 |
| | 3 | Supply of electrical extension boards having 6 plug points switches for installation of desktop computer sets. | Set | 03 |
| | | (Three items) Only | | |

The quotation will be received in the office of the Superintending Engineer, U.K.Head Works Division, Kolabnagar, Dist.-Koraput - 764011 (O) from **10.30 hours of 21.10.2024 to 17.00 hours of 04.11.2024** and will be opened by the undersigned at 11.00 hours of 05.11.2024 in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and **EMD & ISD @2%** of the quoted price in shape of TDR/STDR duly pledged in favour of the Superintending Engineer, Upper Kolap Head Works Division, At/PO : Kolabnagar, Dist : Koraput (O) should accompany the quotation failing which the quotation will not be accepted.

The qutoted rates must be valid for a period of **90 (ninety) days** from the date of receipt of quotations unless extened by mutual agreement. Supply must be completed within **15 (Fifteen) days** from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist : Koraput, Odisha-764011, inclusive of cost, transportation, GSTIN, labour cess & all other taxes etc. applicable as per the Govt. rules. The materials should be according to I.S.I. specification.

Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours.

The authority reserves the right to accept / reject any or all the quotations without assigning any reasons thereof.

Sd./-
Superintending Engineer
U.K. Head Works Division

OIPR-32015/11/0013/2425

**GOVERNMENT OF ODISHA** No.A-447
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC-02/2024-25**

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding From | to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-01/ 2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 06 (Six Calendar Month) |
| | PRD-02/ 2024-25 | Protection to Scoured Bank of Kathajodi Sirua Devi Right Embankment from RD. 8.940 Km to 9.500 Km and construction of 2 Nos. spur at RD. 8.200 Km and 8.350 Km | 676.95 | 676100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-03/ 2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-04/ 2024-25 | Construction of spur and Drainange Channel of Parimala sluice on KSDR embankment at RD.60.20 Km | 474.37 | 474400/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 08 (Eight Calendar Month) |

e-mail ID:- secic_dowr@yahoo.com;
Further details conditions can be seen from Govt. website www.tendersorissa.gov.in

OIPR-32160/11/0002/2425 Sd./- Additional Chief Engineer, Central Irrigation Circle

**GOVERNMENT OF ODISHA** No. b-07
**OFFICE OF THE CHIEF CONSTRUCTION ENGINEER**
**SOUTHERN N.H. CIRCLE, BERHAMPUR**
email: senhsouthbam@gmail.com
**INVITATION FOR BIDS**
**BID IDENTIFICATION No. 09/CCE NH, South of 2024-25**
**[e-Procurement]**
**Bid Identification No. 09/CCE NH, South of 2024-25**
**No. 3428** **Date: 18.10.2024**

1. The **Chief Construction Engineer, Southern N.H. Circle, Berhampur** on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 28.10.2024 11.00 A.M. to 11.11.2024 5.30 P.M.
7. Date of Opening of Bid : Dt.12.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur

OIPR-34148/11/0003/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମାଜିକ, ଅର୍ଥନୈତିକ ବିକାଶକୁ ଗୁରୁତ୍ୱ

## ବିଶ୍ୱ ପରିସଂଖ୍ୟାନ ଦିବସ

୨୦ ଅକ୍ଟୋବରରେ ସାରା ବିଶ୍ୱରେ ପରିସଂଖ୍ୟାନ ଦିବସ ପାଳନ କରାଯାଏ। ମାତ୍ର ଭାରତରେ ଜାତୀୟ ପରିସଂଖ୍ୟାନ ଦିବସ ୨୯ ଜୁନ୍‌ରେ ପାଳନ କରାଯାଏ। ମିଳିତ ଜାତିସଂଘର ପରିସଂଖ୍ୟାନ ଆୟୋଗଙ୍କ ମାର୍ଗଦର୍ଶନରେ ବିଶ୍ୱ ପରିସଂଖ୍ୟାନ ଦିବସ ବିଶ୍ୱର ସାମାଜିକ ତଥା ଅର୍ଥନୈତିକ ବିକାଶ ପାଇଁ ପାଳନ କରାଯାଏ। ଏହା ପ୍ରତିପାଞ୍ଚ ବର୍ଷରେ ପାଳନ କରାଯାଏ। ପ୍ରଥମେ ୨୦ ଅକ୍ଟୋବର ୨୦୧୦ରେ ଏହା ପାଳନ କରାଯାଇଥିଲା।

ମିଳିତ ଜାତିସଂଘ ଆୟୋଗ ୨୦୧୦ ଅକ୍ଟୋବର ୨୦କୁ ବିଶ୍ୱ ପରିସଂଖ୍ୟାନ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲା। ସାଧାରଣ ସଭା ୩ ଜୁନ୍ ୨୦୧୦ର ୬୪/୨୬୭ ସଂକଳ୍ପ ଗ୍ରହଣ କଲା। ଯେଉଁଥିରେ ୨୦ ଅକ୍ଟୋବର ୨୦୧୦ରେ ସରକାରୀ ପରିସଂଖ୍ୟାନର ସଫଳତାକୁ ପାଳନ କରିବା ପାଇଁ ପ୍ରଥମ ଥର ପାଇଁ ବିଶ୍ୱ ପରିସଂଖ୍ୟାନ ଦିବସ ପାଳନ କରାଯାଇଥିଲା। ୨୦୧୫ରେ ରିଜୋଲ୍ୟୁଶନ ୬୯/୨୮୨ରେ ସାଧାରଣ ସଭା ୨୦ ଅକ୍ଟୋବର ୨୦୧୫କୁ ସାଧାରଣ ଥିମ୍ ବେଟର୍ ଡାଟା ବେଟର ଲାଇଭ୍ ଅଧୀନରେ ଦ୍ୱିତୀୟ ବିଶ୍ୱ ପରିସଂଖ୍ୟାନ ଦିବସ ଭାବରେ ସ୍ଥିର କରିବାକୁ ନିଷ୍ପତ୍ତି ନେଲା ଏବଂ ୨୦ ଅକ୍ଟୋବରରେ ପ୍ରତି ୫ ବର୍ଷରେ ବିଶ୍ୱ ପରିସଂଖ୍ୟାନ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା।



# ୭୬ ମିଟର ଲମ୍ବର ଜିନ୍ସ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ

ବେଜିଂ

ଚାଇନାର ୟୁଲିନ୍ ସହରସ୍ଥିତ ୟିଙ୍କ୍ସିଂ ଟେକ୍ସଟାଇଲ୍ କୋପ୍‌ରେଶନ୍ ଲିମିଟେଡ୍ ନାମକ ଏକ ପୋଷାକ ଉତ୍ପାଦନକାରୀ କମ୍ପାନୀ ବିଶ୍ୱର ସବୁଠାରୁ ଲମ୍ବା ଜିନ୍ସ ତିଆରି କରି ନିଜର ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିବାରେ ସଫଳ ହୋଇଛି। ଏହି ଅସାଧାରଣ ଜିନ୍ସର ଓଜନ ପ୍ରାୟ ୩୬୦୦ କେ.ଜି. ରହିଛି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୫ ହଜାର ମିଟରର ଡେନିମ୍ କପଡା ବ୍ୟବହୃତ ହୋଇଛି। ସେହିପରି ଏହି ଜିନ୍ସରେ ୯ ମିଟର ଲମ୍ବର ଜିପର ରହିଛି। ଏହାକୁ ତିଆରି କରିବା ପାଇଁ ୩୦ ଜଣ କାରିଗର ୧୮ ଦିନ ଧରି କଠିନ ପରିଶ୍ରମ କରିଛନ୍ତି। ଶୁକ୍ରବାର ଚାଇନାର ଗୁଆଙ୍ଗକ୍ସିସ୍ଥିତ ଏକ କାର୍ଯ୍ୟକ୍ରମରେ ଏହି ବିଶାଳକାୟ ଜିନ୍ସକୁ ପ୍ରଦର୍ଶିତ କରାଯାଇଛି।

ଏହି ଜିନ୍ସର ଲମ୍ବ ୭୬.୩୪ ମିଟର ରହିଥିବା ବେଳେ ଏହାର ଅଣ୍ଟାର ପରିଧି ୫୭.୧୬୪ ମିଟର ରହିଛି। ଏହାର ଆକାର ଇଟାଲୀର ପ୍ରସିଦ୍ଧ ପିସା ଟାୱାରଠାରୁ ମଧ୍ୟ ବଡ଼ ବୋଲି ଟେକ୍ସଟାଇଲ୍ କୋପରେଶନ୍ ଲିମିଟେଡ କମ୍ପାନୀର ଚେୟାରମ୍ୟାନ ସୂଚନା ଦେଇଛନ୍ତି। ତେବେ ୨୦୧୯ ଫେବୃଆରୀ ୧୯ରୁ ସବୁଠାରୁ ଲମ୍ବା ଜିନ୍ସର ରେକର୍ଡ ପେରୁର ରାଜଧାନୀ ଲିମାର ଏକ ପୋଷାକ ଉତ୍ପାଦନକାରୀ କମ୍ପାନୀ ନାମରେ ରହିଥିଲା। ଉକ୍ତ ଜିନ୍ସର ଉଚ୍ଚତା ୬୫.୫୦ ମିଟର ଓ ପ୍ରସ୍ଥ ୪୨.୭୦ ମିଟର ରହିଥିଲା।


ଶ୍ରଦ୍ଧା କପୁର

# ‘ସ୍ତ୍ରୀ ୨’: ଟିମ୍ ୱାର୍କକୁ ସଫଳତା

**ମୁମ୍ବାଇ:** ଗତ କିଛିଦିନ ଧରି ସୋସିଆଲ ମିଡିଆରେ ‘ସ୍ତ୍ରୀ ୨’ ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ସକ୍ସେସ୍ କ୍ରେଡିଟ୍ ୱାର୍ ଚାଲିଥିଲା। ଶନିବାର ଶ୍ରଦ୍ଧା ଏହି ବିତର୍କ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ କହିଛନ୍ତି, ସକ୍ସେସ କ୍ରେଡିଟ୍ ୱାର୍ ଭଳି କୌଣସି ଜିନିଷ ନ ଥାଏ। ପୂରା ଟିମ୍‌ର କଠିନ ପରିଶ୍ରମ ଯୋଗୁ ‘ସ୍ତ୍ରୀ ୨’କୁ ସଫଳତା ମିଳିଛି। ‘ସ୍ତ୍ରୀ’ ଫ୍ରାଞ୍ଚାଇଜିର ପ୍ରଥମ ଭାଗ ଅପେକ୍ଷା ଏହାର ଦ୍ୱିତୀୟ ଭାଗକୁ ଦର୍ଶକଙ୍କଠାରୁ ବେଶି ଭଲ ପାଇବା ଓ ପ୍ରଶଂସା ମିଳିଛି, ଯାହା ଆଶାଠାରୁ ଅଧିକ ଥିଲା। ଶ୍ରଦ୍ଧା ଆହୁରି କହିଛନ୍ତି, ପ୍ରଥମତଃ ଫିଲ୍ମର ସିକ୍ୱେଲ ପାଇଁ ରାଜି ହୋଇଥିବାରୁ ‘ସ୍ତ୍ରୀ ୨’ ନିର୍ଦ୍ଦେଶକ, ଲେଖକ ଏବଂ ନିର୍ମାତାଙ୍କୁ ଧନ୍ୟବାଦ। ତେବେ କେବଳ ସିକ୍ୱେଲ ତିଆରି କଲେ ହେବ ନାହିଁ, ଭଲ କାହାଣୀ, ସଂଳାପ, ମନୋରଞ୍ଜନ, ଗୀତ ଆଦି ଦ୍ୱାରା ଦର୍ଶକଙ୍କୁ ପ୍ରେକ୍ଷାଳୟ ଆଣି ପାରିବା ଫିଲ୍ମ ନିର୍ମାତାଙ୍କ ପାଇଁ ଚ୍ୟାଲେଞ୍ଜର ବିଷୟ ହୋଇଥାଏ। ‘ସ୍ତ୍ରୀ ୨’ ନିର୍ମାତା ଉକ୍ତ ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରିଛନ୍ତି। ଉକ୍ତ ସାକ୍ଷାତ୍‌କାରରେ ଶ୍ରଦ୍ଧାଙ୍କୁ ‘ସ୍ତ୍ରୀ ୩’ ବିଷୟରେ ପଚରାଯିବାରୁ ସେ କହିଛନ୍ତି, ନିର୍ଦ୍ଦେଶକ ଅମର କୌଶିକ ‘ସ୍ତ୍ରୀ ୩’ ପାଇଁ କାହାଣୀ ପ୍ରସ୍ତୁତ କରି ସାରିଛନ୍ତି। ଅମର ଖୋଦ ଏନେଇ ତାଙ୍କୁ ଜଣାଇଛନ୍ତି। ‘ସ୍ତ୍ରୀ ୩’ରେ ମଧ୍ୟ ଅଭିନେତା ରାଜକୁମାର ରାଓ ନଜରକୁ ଆସିବେ ସେ ନିଜେ ‘ସ୍ତ୍ରୀ ୩’ ପାଇଁ ଖୁବ୍ ଉତ୍ସାହିତ ଥିବା ଶ୍ରଦ୍ଧା କହିଛନ୍ତି।

# ଯବାନଙ୍କ ବଳିଦାନ ସ୍ମୃତିରେ ଜାତୀୟ ସଂହତି ଦିବସ



ପ୍ରତିବର୍ଷ ଅକ୍ଟୋବର ୨୦ରେ ଭାରତରେ ଜାତୀୟ ସଂହତି ଦିବସ ପାଳନ କରାଯାଏ।ଏହି ଦିନ ଦେଶର ସୁରକ୍ଷା ପାଇଁ ଯୁଦ୍ଧ ସମୟରେ ଆମ ଲୋକଙ୍କ ଏକତା ଏବଂ ଅଖଣ୍ଡତାର ପ୍ରତୀକ ଅଟେ। ମତଭେଦ ସତ୍ତ୍ୱେ ପ୍ରତ୍ୟେକ ନାଗରିକଙ୍କୁ ଏକାଠି ଠିଆ ହେବାକୁ ଏହା ସ୍ମରଣ କରାଇଥାଏ। ଏହି ଦିବସ କେବଳ ଜାତୀୟ ଏକତାର ଭାବନାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଦେଶର ସୀମାକୁ ନିରବଚ୍ଛିନ୍ନ ଭାବରେ ରକ୍ଷା କରିବା ଏବଂ ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖୁଥିବା ଆମ ସଶସ୍ତ୍ର ବାହିନୀର ଯବାନମାନଙ୍କ ବଳିଦାନକୁ ମଧ୍ୟ ସମ୍ମାନ ଦେଇଥାଏ। ଏହି ଦିନ ସଶସ୍ତ୍ର ବାହିନୀର ସାହସ, ସମର୍ପଣ ଏବଂ ବଳିଦାନକୁ ସ୍ମରଣ କରେ। ୧୯୬୨ର ଭାରତ-ଚାଇନା ଯୁଦ୍ଧ ସମୟରେ ଆମ ସୈନିକମାନଙ୍କ ଭାବନାକୁ ମନେ ପକାଇଥାଏ, ଯେଉଁମାନେ ସାହସିକତାର ସହ ଆମ ସୀମାକୁ ରକ୍ଷା କରିଥିଲେ। ଏହା ଆମର ସଶସ୍ତ୍ର ସେବା ପ୍ରତି କୃତଜ୍ଞତା ଜ୍ଞାପନ କରିବା ଏବଂ ଆମ ଦେଶର ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇବାର ଦିନ।


# Classified Everyday
0674-2580101, 2549949


MATRIMONIAL

BRIDE WANTED

Carpenter Boy 30 B.Tech, PSU Engineer, required qualified girl. 9040877205. D-1603

GROOM WANTED

Beautiful Gopal girl 1993, 5'3", B.Tech Serving Tata Steel Jamshedpur. SUNASANSAR-9937512659. D-76000


REAL ESTATE
SALE

5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668. D-75999

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1694

Puri Seabeach location a Hotel for sale contact me. 8018702198. D-1695

3 BHK Garden-Facing flat in Vipul Garden, near Sum hospital in Kalinga Nagar, Bhubaneswar with study and servant room, 4 balconies, furnished with wardrobes and a modular kitchen is available for sale @ Rs.1.55 cr., Please contact: 8104625041. D-1697

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1692

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286. D-75998

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

(Sale/ Sharing), ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ ହାଇସ୍କୁଲ ନଡ଼ିଆପୋଖରୀ ଚଣ୍ଡୀମନ୍ଦିର ରାସ୍ତାରେ ଗାଡଓ୍ୱାଲ, ବାଉଣ୍ଡରି, ରାସ୍ତା, ବିଦ୍ୟୁତ୍ ସଂଯୋଗ ଥାଇ ଶାନ୍ତି ଓ ସୁସ୍ଥ ପରିବେଶରେ ୨ଏକର ଘରବାରି ଜାଗା ଓ ପ୍ଲଟ୍ ବିକ୍ରି କରାଯିବ। ଇଚ୍ଛୁକ ବ୍ୟକ୍ତି ସଙ୍ଗେସଙ୍ଗେ ରେଜିଷ୍ଟ୍ରେଶନ ସହ ଘର କରି ରହିପାରିବେ। ଯୋଗାଯୋଗ ନଂ.- 8917664737, 9937281897. D-1656

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1693


CONSTRUCTION

Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856. D-1449

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special offer @ 799 Bapujinagar. 8018429809. D-76164

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

AFFIDAVIT

Affidavit before Executive Magistrate, Khallikote, I, K. Chimnaya Patra (59), S/o- K. Dandasi Patra (As per Aadhaar Card), At- Kharinipada, P.O.- Bania, P.S./Tahasil- Khallikote State that my name wrongly recorded Voter Identity Card vide No.- DXH0997858 as K. Lachhiga Patra, S/o- K. Dandasi Patra and my Bank account recorded as Locheya Patra, S/o- K. Dandasi Patra. Both K. Lachhiga Patra, Locheya Patra and K. Chimnaya Patra, S/o- K. Dandasi Patra one and same person. D-1700

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Jaipur City, Rajasthan dated 23.08.2024 I, Lipsa Mohanty, W/o Jyotiranjan Nayak, Address- Plot No.- 1098, Satyabhama Building, Nayapalli, Bhubaneswar- 751012, declare that I have changed my daughter's name from Kavya Krishnatmika Nayak to KRISHNAATMIKA NAYAK. Henceforth, she shall be known as KRISHNAATMIKA NAYAK for all purposes. D-1699

By virtue of an affidavit No.-69AA 532448 sworn before the Executive Magistrate, Kalahandi, dated 18.10.2024 I, Abilash Ganesh Kanna, resident of 23 ¼ Ottar Street, Old Ayakudi, Ayakudi Dindigul, Tamilnadu-624613, At/pr- Residence of Superintendent of Police, Kalahandi, Bhawnipatna declare that, I have changed my name from Abilash G to Abilash Ganesh Kanna. Henceforth, I shall be known as Abilash Ganesh Kanna for all purposes. (Abilash Ganesh Kanna) D-1703

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

୪୦ ଦିନର ଶୋକ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସଲୋମନ ଲିମା
ଆବିର୍ଭାବ: ୧୭।୦୩।୧୯୪୧
ତିରୋଧାନ: ୧୧।୦୯।୨୦୨୪

ହଁ ବାପା ତୁମେ ପରମେଶ୍ୱରଙ୍କ ସହ ଅବସ୍ଥାନ କରିବାକୁ ଗଲ। ତୁମ ବିହୁନେ ଆମେ ଏହି ନଶ୍ୱର ସଂସାରରେ ଆଧାତ୍ମିକତାରେ ଅନାଥ ହେଲୁ। ତୁମେ ଦେଇଯାଇଥିବା ସଂସ୍କାର, ନୈତିକ ଶିକ୍ଷା ସଂକ୍ଷେପ, ଧ୍ୟାନ ମାର୍ଗରେ ଅଗ୍ରସର ହେବାକୁ ଚେଷ୍ଟିତ। ଆତ୍ମମାନଙ୍କ ଆଧାତ୍ମିକ ଉନ୍ନତି ନିମିତ୍ତ ପରମେଶ୍ୱରଙ୍କୁ ଗୁହାରୀ କର। ପ୍ରଭୁଙ୍କ ଚିରଶାନ୍ତି ପାଅ ବୋଲି ଆମ ପରିବାର ପ୍ରାର୍ଥନାରେ ସ୍ମରଣ କରୁଛୁ।

ସୌଜନ୍ୟ: ଅନୁଗ୍ରହ ପରିବାର ପ୍ରାର୍ଥନା ଦଳସଭ୍ୟ ସଭ୍ୟା, ବନ୍ଧୁ ସମ୍ପର୍କୀୟ ଲିମା ପରିବାରବର୍ଗ।
ଧ-୧୬୮୫

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱ କୃତ୍ତିବାସ ମହାପାତ୍ର
(ଅବସରପ୍ରାପ୍ତ ବାଣିଜ୍ୟ କର ଅଧିକାରୀ)
ନୂଆପଡା, ନୂଆବଜାର, କଟକ
ଆବିର୍ଭାବ: ୨୫.୧୦.୧୯୫୧
ତିରୋଧାନ: ୧୦.୧୦.୨୦୨୪

ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ ସଭିଙ୍କୁ ବ୍ୟଥାତୁର କରୁଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମ କାରୁଣିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଅଛୁ।

- ଶୋକ ସନ୍ତପ୍ତ -
ସହଧର୍ମିଣୀ-ମୀନା, ସାନ ଭାଇ- ବୋହୂ: ସୁନି-ଜ୍ୟୋତ୍ସ୍ନା, ଭଉଣୀ-ଭିଣୋଇ: ଜିନା-ବିଜୟ ଓ ଟିଙ୍କି-କ୍ଷେତ୍ର ମୋହନ, ପିଲାମାନେ: ଆଲୁ-ଲୁସି, ଲୁଲୁ-ଅନୁ, ବେବୀ-ମୁନା, ଚୁଲୁ-ଲିଜା, ପିଲୁ-କନ୍ଧେଇ, ଲିଲୁ-ଅନ୍ନପୂର୍ଣ୍ଣା, ନାତି ନାତୁଣୀ: ଟିଙ୍କି, ଗୁଡୁ, ବୁନୁମୁନି, ସୁଡୁ, ଖୁସି, ତ୍ରିସା, ଇଶାନ୍, ଇରାନ୍
ଧ-୧୬୯୮


# ମହିଳାଙ୍କ ପେଟରୁ ୧୨ ବର୍ଷ ପରେ ବାହାରିଲା କଇଁଚି



ଗ୍ୟାଙ୍ଗଟକ୍

ସିକ୍କିମର ରାଜଧାନୀ ଗ୍ୟାଙ୍ଗଟକରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୧୨ ବର୍ଷ ତଳେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ଡାକ୍ତରମାନେ ଅବହେଳା ବଶତଃ ତାଙ୍କ ପେଟରେ କଇଁଚି ଛାଡ଼ି ଦେଇଥିଲେ। ମହିଳା ଜଣଙ୍କ ବର୍ଷ ବର୍ଷ ଧରି ଏହି ଯନ୍ତ୍ରଣାକୁ ସହ୍ୟ କରି ରହିଥିଲେ। ଶନିବାର ଉକ୍ତ ମହିଳାଙ୍କ ପୁନଃ ଅସ୍ତ୍ରୋପଚାର କରାଯାଇ ତାଙ୍କ ପେଟରୁ କଇଁଚିକୁ ବାହାର କରି ଦିଆଯାଇଛି।

ସିକ୍କିମର ସାର୍ ଥୁଟୋବ ନାମଗ୍ୟାଲ ମେମୋରିଆଲ (ଏସ୍‌ଟିଏନ୍‌ଏମ୍) ହସ୍ପିଟାଲରୁ ଏହି ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ମହିଳାଙ୍କ ସ୍ୱାମୀ କହିଛନ୍ତି, ୨୦୧୨ରେ ପୁରୁଣା ଏସ୍‌ଟିଏନ୍‌ଏମ୍ ହସ୍ପିଟାଲରେ ତାଙ୍କ ସ୍ତ୍ରୀଙ୍କର ଆପେଣ୍ଡିକ୍ସ(ପରିଶିଷ୍ଟ) ଅସ୍ତ୍ରୋପଚାର କରାଯାଇଥିଲା। ଏହି ଅପରେଶନ ପରେ ତାଙ୍କ ସ୍ତ୍ରୀ ଲଗାତର ଭାବେ ଯନ୍ତ୍ରଣା ଅନୁଭବ କରୁଥିଲେ। ପରେ ପରେ ଏହି ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେବେ ସ୍ତ୍ରୀଙ୍କର ଏହି ପେଟ ଯନ୍ତ୍ରଣା ନେଇ ସେ ଅନେକ ଡାକ୍ତରଙ୍କର ପରାମର୍ଶ ନେଇଥିଲେ ମଧ୍ୟ କେହି ଏହାର ପ୍ରକୃତ କାରଣ କହିପାରି ନ ଥିଲେ। ତେବେ ଚଳିତ ମାସ ପ୍ରଥମ ସପ୍ତାହରେ ସେ ପୁଣି ଥରେ ଏସ୍‌ଟିଏନ୍‌ଏମ୍ ହସ୍ପିଟାଲ ଯାଇ ସ୍ତ୍ରୀଙ୍କ ପେଟ ଯନ୍ତ୍ରଣା ବିଷୟରେ ଜଣାଇଥିଲେ। ଡାକ୍ତର ମହିଳାଙ୍କ ପେଟର ଏକ୍ସ-ରେ କରିଥିଲେ। ଏକ୍ସ-ରେରୁ ମହିଳାଙ୍କ ପେଟରେ ଏକ ସର୍ଜିକାଲ କଇଁଚି ଥିବା ଜଣା ପଡ଼ିଥିଲା। ତେଣୁ ଅପରେଶନ ମାଧ୍ୟମରେ ଉକ୍ତ କଇଁଚି କାଢ଼ିବାକୁ ଡାକ୍ତର ନିଷ୍ପତ୍ତି ନେଇଥିଲେ। ଶନିବାର ମହିଳାଙ୍କର ଅପରେଶନ କରାଯାଇ ସଫଳତାର ସହ ସର୍ଜିକାଲ କଇଁଚିକୁ ପେଟରୁ କଢ଼ାଯାଇଛି। ଅପରେଶନ ପରେ ମହିଳାଙ୍କ ଅବସ୍ଥା ସ୍ଥିର ରହିଛି ଓ ସେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଏସ୍‌ଟିଏନ୍‌ଏମ୍ ହସ୍ପିଟାଲ ବିରୋଧରେ ସ୍ଥାନୀୟ ଲୋକଙ୍କର ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି।

# ଏମ୍‌ଭିଏ ମେଣ୍ଟର ଛିଣ୍ଡୁନି ଅଙ୍କ

## ଶରଦ ପାୱାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

## ଏନ୍‌ଡିଏ: ୪୮ ଆସନରେ କେଁ

ମୁମ୍ବାଇ,୧୯।୧୦

ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନରେ ନଭେମ୍ବର ୧୩ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ଶାସକ ମହାଯୁତି ମେଣ୍ଟ ପକ୍ଷରୁ ଆସନ ବୁଝାମଣା ଏକପ୍ରକାର ଚୂଡ଼ାନ୍ତ ହୋଇଥିବାବେଳେ ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯାଇପାରେ। ଅନ୍ୟପକ୍ଷେ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ)ର ମାରାଥନ ବୈଠକରେ ଆସନ ଭାଗବଣ୍ଟାକୁ ନେଇ ଅଙ୍କ ଅଛିଣ୍ଡା ରହିଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଶରଦଚନ୍ଦ୍ର) ମୁଖ୍ୟ ଶରଦ ପାୱାରଙ୍କ ନିଷ୍ପତ୍ତିକୁ ବିରୋଧୀ ମେଣ୍ଟ ଅପେକ୍ଷା କରିଛି।

ଉତ୍ତର ପ୍ରଦେଶ ପରେ ମହାରାଷ୍ଟ୍ର ହେଉଛି ରାଜନୈତିକ ଦୃଷ୍ଟିରୁ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ବିଧାନସଭା ନିର୍ବାଚନ ପାଇଁ ରବିବାର ନାମାଙ୍କନ ପ୍ରକ୍ରିୟା



ଶରଦ ପାୱାର



ଏକନାଥ ଶିନ୍ଦେ

ଆରମ୍ଭ ହେବ। ତେଣୁ ବିଧାନସଭାକୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା, ଅଜିତ୍ ପାୱାରଙ୍କ ଏନ୍‌ସିପି ଏବଂ ଭାଜପା ମେଣ୍ଟ ପୁନଃ ଦଖଲ ପାଇଁ ଅଣ୍ଟା ଭିଡ଼ିଛି। ଏହିକ୍ରମରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନରେ ଏନ୍‌ଡିଏର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରିପୋର୍ଟ ଅନୁସାରେ ୨୪୦ ଆସନ ଉପରେ ୩ ଦଳ ମଧ୍ୟରେ ସହମତି ପ୍ରକାଶ ପାଇଥିବାବେଳେ ଅବଶିଷ୍ଟ ୪୮ ଆସନକୁ ନେଇ ବୁଝାମଣା ହୋଇପାରିନାହିଁ। ଭାଜପା ୧୫୦-୧୬୦, ଶିବସେନା ୭୫-୮୫ ଏବଂ ଏନ୍‌ସିପି ପ୍ରାୟ ୪୮-୫୫ ଆସନରେ ଲଢ଼ିପାରନ୍ତି। ଏନେଇ ରବିବାର ଆନୁଷ୍ଠାନିକ ଘୋଷଣା ହୋଇପାରେ। ଅନ୍ୟପକ୍ଷେ ଏମ୍‌ଭିଏ ମେଣ୍ଟ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣାକୁ ନେଇ ମତଭେଦ ଦୂର ହୋଇପାରିନାହିଁ। ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେ କହିଛନ୍ତି, ୨୬୦ ଆସନ ଉପରେ ସହମତି ପ୍ରକାଶ ପାଇଥିବାବେଳେ ୨୫ରୁ ୩୦ ଆସନକୁ ନେଇ ଅଚଳାବସ୍ଥା ଜାରି ରହିଛି। ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ, ବିନାୟକ ରାଉତ ଓ କଂଗ୍ରେସ ନିର୍ବାଚନ ପ୍ରଭାରୀ ରମେଶ ଚେନ୍ନିଥାଲା ମାତୋଶ୍ରୀରେ ଉଦ୍ଧବ ଠାକ୍‌ରେଙ୍କୁ ଭେଟି ଆସନ ଭାଗବଣ୍ଟା ସମ୍ପର୍କରେ ଆଲୋଚନା କରିଛନ୍ତି। ନାନା ପାଟୋଲେ ମଧ୍ୟ ଏହି ବୈଠକରେ ସାମିଲ ଥିଲେ। ଇତିମଧ୍ୟରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଦାବି କରୁଥିବା ୧୨ ଆସନ ମଧ୍ୟରୁ ୫ଟିରେ ପ୍ରାର୍ଥୀ ଘୋଷଣା କରିଛନ୍ତି। କଂଗ୍ରେସ ଉଦ୍ଦେଶ୍ୟରେ ସଞ୍ଜୟ କହିଛନ୍ତି, ବର୍ତ୍ତମାନର ଜାତୀୟ ରାଜନୀତି ଆଞ୍ଚଳିକ ଦଳଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେମାନେ ଉଚିତ ସୁଯୋଗ ପାଇବେ।

ସେପଟେ ଶରଦ ପାୱାରଙ୍କ ଏନ୍‌ସିପିର ସଂସଦୀୟ ବୋର୍ଡ ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଉପରେ ଆଲୋଚନା ହୋଇଛି। ଏନ୍‌ସିପି-ଏସ୍‌ପିର ରାଜ୍ୟ ସଭାପତି ଜୟନ୍ତ ପାଟିଲ, କାର୍ଯ୍ୟକାରୀ ଅଧ୍ୟକ୍ଷା ସୁପ୍ରିୟା ସୁଲେ ଓ ହର୍ଷବର୍ଦ୍ଧନ ପାଟିଲ ପ୍ରମୁଖ ଏହି ବୈଠକରେ ସାମିଲ ଥିଲେ। ପାୱାରଙ୍କ ନିଷ୍ପତ୍ତିକୁ ସହଯୋଗୀ ଶିବସେନା(ୟୁବିଟି) ଏବଂ କଂଗ୍ରେସ ଅପେକ୍ଷା କରିଥିବା କୁହାଯାଉଛି।

## ସ୍କୁଲ୍‌ରେ ଗୁଳି: ୩ ମୃତ, ୮ ଆହତ

ଲେକ୍ସିଙ୍ଗଟନ୍,୧୯।୧୦

ଆମେରିକାର ସେଣ୍ଟ୍ରାଲ ମିସିସିପିସ୍ଥିତ ଏକ ହାଇସ୍କୁଲରେ ଫୁଟ୍‌ବଲ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଟିମ୍ ସଦସ୍ୟମାନେ ଉତ୍ସବ ମନାଉଥିବାବେଳେ ଗୁଳିକାଣ୍ଡ ଘଟିଛି। ହୋମ୍ସ କାଉଣ୍ଟି କନ୍‌ସୋଲିଡେଟେଡ୍ ସ୍କୁଲ୍‌ର ୨୦୦ରୁ ୩୦୦ ଛାତ୍ରୀଛାତ୍ର ସେଲିବ୍ରେଟ୍ କରୁଥିବାବେଳେ ୨ ଜଣ ବନ୍ଧୁକଧାରୀ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୧୯ ହୋଇଥିବାବେଳେ ଅନ୍ୟ ଜଣେ ୨୫ ବର୍ଷୀୟ। ଆମେରିକାରେ ବନ୍ଧୁକ ନିୟନ୍ତ୍ରଣ ଆଇନ କୋହଳ ହୋଇଥିବାରୁ ଅନେକ ସମୟରେ ଏଭଳି ଗୁଳିକାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି।

## ଅନଶନ ବନ୍ଦ କରିବାକୁ ଆନ୍ଦୋଳନରତ ଡାକ୍ତରଙ୍କୁ ମମତାଙ୍କ ନିବେଦନ

କୋଲକାତା, ୧୯।୧୦

ଆର.ଜି. କର୍ ମେଡିକାଲ କଲେଜରେ ବଳାତ୍କାରର ଶିକାର ହୋଇଥିବା ମୃତ ମହିଳା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ସମେତ ରାଜ୍ୟର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିରେ ବିଭିନ୍ନ ବିକାଶମୂଳକ ପରିବର୍ତ୍ତନ ଆଣିବା ପାଇଁ ଦାବି କରି ହସ୍ପିଟାଲର ଜୁନିୟର ଡାକ୍ତରମାନେ ଗତ ୨ ସପ୍ତାହ ଧରି ଆମରଣ ଅନଶନ ଜାରି ରଖିଛନ୍ତି। ତେବେ ଉକ୍ତ ଆମରଣ ଅନଶନ ବନ୍ଦ କରିବାକୁ ଶନିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆନ୍ଦୋଳନରତ ଡାକ୍ତରଙ୍କୁ ନିବେଦନ କରିଛନ୍ତି। ତେବେ ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟ ସଚିବଙ୍କୁ ହଟାଇବାକୁ ନେଇ ଜୁନିୟର ଡାକ୍ତରଙ୍କର ରହିଥିବା ଦାବିକୁ ମମତା ଅଗ୍ରାହ୍ୟ କରିଛନ୍ତି। ମମତା କହିଛନ୍ତି, ଜୁନିୟର ଡାକ୍ତରମାନଙ୍କର ଅଧିକାଂଶ ଦାବିକୁ ରାଜ୍ୟ ସରକାର ମାନି ସାରିଛନ୍ତି। ତେଣୁ ଅନଶନ ବନ୍ଦ କରି କାର୍ଯ୍ୟରେ ଯୋଗ ଦିଅନ୍ତୁ।

## କୋର୍ଟରେ ନକାରାତ୍ମକ ଭାଷାର ସ୍ଥାନ ନାହିଁ: ସିଜେଆଇ

ପଣଜୀ,୧୯।୧୦



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଦେଶର ଅଦାଲତଗୁଡ଼ିକରେ ନକାରାତ୍ମକ ଭାଷା ବିଶେଷ କରି ମହିଳାଙ୍କ ପ୍ରତି ଆପତ୍ତିଜନକ ଶବ୍ଦର କୌଣସି ସ୍ଥାନ ନାହିଁ। ସମ୍ବେଦନାହୀନ ଶବ୍ଦ ରଢ଼ିବାଦୀ ଚାଲିଚଳନକୁ ପ୍ରଶୟ ଦେଉଥିବାବେଳେ ଏହା ମହିଳା ଓ ବଞ୍ଚିତ ବର୍ଗଙ୍କ ସମ୍ମାନ ହାନି କରୁଛି ବୋଲି ଶନିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ପଣଜୀ ନିକଟରେ ନର୍ଥ ଗୋଆ ଡିଷ୍ଟ୍ରିକ୍ଟ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟନ ଅବସରରେ ସମ୍ବୋଧିତ କରି ସିଜେଆଇ କହିଛନ୍ତି, ବିଚାର ବିଭାଗରେ କାର୍ଯ୍ୟରତ ମହିଳା ଅଧିକାରୀମାନଙ୍କ ପ୍ରତି ପ୍ରଶାସନିକ କର୍ମଚାରୀ ଅଶାଳୀନ ଭାଷା ବ୍ୟବହାର କରିବା ଅନୁଚିତ। ନ୍ୟାୟ ଉପଲବ୍ଧତା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକକୁ ହଟାଇବା ପାଇଁ ଆମେ ସମସ୍ତେ ତତ୍ପରତାର ସହ କାର୍ଯ୍ୟ କରିବା ଉଚିତ। କୋର୍ଟରୁମ୍‌ରେ କାର୍ଯ୍ୟ କରିବା ସମୟରେ ଆମେ ବ୍ୟବହାର କରୁଥିବା ଭାଷା ପ୍ରତି ସଚେତନ ହୋଇ ମହିଳାମାନଙ୍କ ପ୍ରତି ସମ୍ମାନପୂର୍ଣ୍ଣ ଆଚରଣ କରିବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି।

## ଅଧିକ ସନ୍ତାନ ଜନ୍ମ ପାଇଁ ଚନ୍ଦ୍ରବାବୁଙ୍କ ପରାମର୍ଶ

ବିଜୟୱାଡ଼ା,୧୯।୧୦

ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ମହିଳାମାନେ ଅଧିକ ସନ୍ତାନ ଜନ୍ମ କରିବାକୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଶନିବାର ପରାମର୍ଶ ଦେଇଛନ୍ତି। ଏହିସବୁ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ସମାଧାନ ପାଇଁ ତାଙ୍କ ସରକାର ଜନସଂଖ୍ୟା ପରିଚାଳନା ନୀତି କାର୍ଯ୍ୟକାରୀ କରିବାକୁ ଯୋଜନା କରିଛନ୍ତି। ଅଧିକ ପିଲା ଜନ୍ମ ନିମନ୍ତେ ପରିବାରଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ନୂଆ ଆଇନ ଆଣିବାକୁ ବିଚାର କରାଯାଉଛି। ପ୍ରସ୍ତାବିତ ନୂଆ ଆଇନ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ଲୋକଙ୍କୁ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦିଆଯିବ। ଏଭଳି ଆଇନ ପୂର୍ବରୁ ଆନ୍ଧ୍ରପ୍ରଦେଶରେ କାର୍ଯ୍ୟକାରୀ ହେଉଥିଲା। ପରେ ଏହାକୁ ପତ୍ୟାହାର କରି ନିଆଯାଇଥିଲା। ଏବେ ପୁନର୍ବାର ଉକ୍ତ ଆଇନ ଆଣିବାକୁ ଯୋଜନା ହେଉଛି। ଅଧିକ ସନ୍ତାନ ଥିବା ପରିବାରକୁ ସରକାର ଅଧିକ ସୁବିଧା ଦେଇପାରନ୍ତି ବୋଲି ଚନ୍ଦ୍ରବାବୁ କହିଛନ୍ତି।

## ଜୀବନ ବୀମା ପ୍ରିମିୟମ୍ ଜିଏସ୍‌ଟି ମୁକ୍ତ ହୋଇପାରେ

ନୂଆଦିଲ୍ଲୀ,୧୯।୧୦

ଜୀବନ ବୀମା ଏବଂ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟବୀମା ପ୍ରିମିୟମକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିସରରୁ ବାଦ୍ ଦିଆଯାଇପାରେ ବୋଲି ଶନିବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଶନିବାର ମନ୍ତ୍ରୀଗୋଷ୍ଠୀ ବୈଠକରେ ଏନେଇ ସୁପାରିସ କରାଯାଇଥିବାବେଳେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଜିଏସ୍‌ଟି କାଉନ୍‌ସିଲ ନେବ।

## ୧୭ ପିଏଫ୍‌ଆଇ ସଦସ୍ୟଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଏନ୍‌ଆଇଏର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

୨୦୨୨ରେ ଆର୍‌ଏସ୍‌ଏସ୍ ନେତା ଶ୍ରୀନିବାସନ୍‌ଙ୍କୁ ହତ୍ୟା ମାମଲାରେ ଜେଲରେ ଥିବା ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୧୭ ଜଣ ସଦସ୍ୟଙ୍କୁ କେରଳ ହାଇକୋର୍ଟ ଜାମିନ ମଞ୍ଜୁର କରିଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତଦନ୍ତକାରୀ ସଂସ୍ଥା ୧୭ଟି ଅଲଗା ଅପିଲ୍ କରିଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। କେରଳ ହାଇକୋର୍ଟ ଜୁନ୍ ୨୫ରେ ୧୭ ପିଏଫ୍‌ଆଇ ସଦସ୍ୟଙ୍କୁ ଜାମିନ ମଞ୍ଜୁର କରିଥିବାବେଳେ ଅନ୍ୟ ୯ ଜଣଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ସର୍ବୋଚ୍ଚ ଅଦାଲତ ଏନ୍‌ଆଇଏର ସ୍ୱତନ୍ତ୍ର ଲିଭ୍ ପିଟିଶନଗୁଡ଼ିକୁ ଏକତ୍ର ଶୁଣାଣି ପାଇଁ ଗ୍ରହଣ କରିବାକୁ ଭଟ୍ଟି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ ଜର୍ଜ ମସିଙ୍କ ଖଣ୍ଡପୀଠଙ୍କୁ ନିବେଦନ କରିଛନ୍ତି।

## ଓମାର ସରକାରଙ୍କ ସଂକଳ୍ପନାମାକୁ ମଞ୍ଜୁରୀ ଦେଲେ ଉପରାଜ୍ୟପାଳ

ଶ୍ରୀନଗର,୧୯।୧୦

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଥିବା ନୂତନ କ୍ୟାବିନେଟ ବୈଠକରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଦାବି ନେଇ ଏକ ସଂକଳ୍ପନାମା ଗୃହୀତ ହୋଇଥିଲା। ଶନିବାର ଉପ ରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁ-କଶ୍ମୀର ସରକାରଙ୍କ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଓମାର ଖୁବ୍‌ଶୀଘ୍ର ନୂଆଦିଲ୍ଲୀ ଗସ୍ତ କରିବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବେ ବୋଲି ଜାତୀୟ ଗଣମାଧ୍ୟମର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

### ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା

ସେପଟେ ନବ ନିର୍ବାଚିତ ଜମ୍ମୁ-କଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ନଭେମ୍ବର ୪ରୁ ଆରମ୍ଭ ହେବ। ଏହାପୂର୍ବରୁ ଶନିବାର ଉପ ରାଜ୍ୟପାଳ ମନୋଜ ସିହ୍ନା ନ୍ୟାଶ୍‌ନାଲ କନ୍‌ଫରେନ୍ସ(ଏନ୍‌ସି) ବିଧାୟକ ମୁବାରକ ଗୁଲ୍‌ଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତ କରିଛନ୍ତି। ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ସେ ଜମ୍ମୁ-କଶ୍ମୀର ବିଧାନସଭାକୁ ପରିଚାଳନା କରିବେ। ପ୍ରକାଶ ଯେ, ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ସହ ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା ବଦଳ ମଠ ପାଇଁ,
ଦଳ ବଦଳ ଭୋଟ ପାଇଁ।**

ପାରିବାରିକ ବା ସାମାଜିକ ଜୀବନଯାତ୍ରାରେ ଅସଫଳ ହେଲେ ଲୋକେ ଚିତାଚୈତନ୍ୟ କାଟି ମଠମନ୍ଦିରରେ ବାବାଜୀ ହୋଇ ରହିବାକୁ ପସନ୍ଦ କରିଥାନ୍ତି। ଏହିପରି ମଠ ସହ ଜଡ଼ିତ ଥିବା ବ୍ୟକ୍ତି ନିଜ ସୁବିଧା ଦେଖି ମଠ ଚୟନ କରୁଥିବାବେଳେ ଯେଉଁଠାରେ ରହିବା ଖାଇବାରେ ଅଧିକ ସୁବିଧା ସୁଯୋଗ ରହିଥାଏ ସେମାନେ ସେଭଳି ମଠକୁ ଅଗ୍ରାଧିକାର ଦେଇଥାନ୍ତି। ସେଥିପାଇଁ ସେମାନଙ୍କୁ ଚିତା ବଦଳାଇବାକୁ ପଡିଥାଏ। ସେହିପରି ନିର୍ବାଚନରେ ପ୍ରାର୍ଥୀ ଅଧିକ ଭୋଟରେ ବିଜୟୀ ହେବା ଆଶାରେ ଦଳବଦଳ କରିବାକୁ ପଛେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର,
ଚିରି ଭିତର ଦେଖ କି ନାରଖାର।**

ବାହ୍ୟ ଆଡ଼ମ୍ବରରେ ଶରୀର ଯେତେ ସୁନ୍ଦର ଦିଶେ ତା'ଭିତରେ ଯେ କେତେ ବ୍ୟାଧି, ଛନ୍ଦକପଟ, ମନ୍ଦ ଭାବନା ପରିପୂର୍ଣ୍ଣ ରହିଛି ତାହା ମଣିଷ ନିଜ ମୂଢ଼ତାରୁ ଜାଣି ପାରି ନ ଥାଏ। ଆକୃତି ଦେଖି ପ୍ରକୃତି ବିଷୟରେ ଠିକ୍ ଅନ୍ଦାଜ ଲଗାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସଚେତନତାର ଆବଶ୍ୟକତା ରହିଛି

### ଆଜି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓ ଅର୍ଥ ହାଡ଼ ବା ଅସ୍ଥି। ପୋରୋସିସ୍ ଅର୍ଥ ଛିଦ୍ରଯୁକ୍ତ। ତେଣୁ ଯେଉଁ ରୋଗରେ ହାଡ଼ ଶୁଖିଲା ପିତାତରଡି ପରି ଛିଦ୍ରାଳ ଦେଖାଯାଏ ସେହି ରୋଗକୁ 'ଅଷ୍ଟିଓପୋରୋସିସ୍' ବୋଲି କହିଥାଆନ୍ତି। ଏ ବିଷୟରେ ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ୨୦ ତାରିଖକୁ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ସେ ନୋ ଟୁ ଫ୍ରାଗିଲ ବୋନ୍'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଅଷ୍ଟିଓପୋରୋସିସ୍ ରୋଗରେ କଙ୍କାଳର ହାଡ଼ଗୁଡ଼ିକରେ କ୍ୟାଲସିୟମ କମିଯିବାରୁ ହାଡ଼ ତାହାର ଶକ୍ତି ହରାଇ ବସେ। ଏଥିଯୋଗୁ ସାମାନ୍ୟ ଆଘାତରେ ଏପରିକି ବିନା ଆଘାତରେ ହାଡ଼ ଭାଙ୍ଗି ଯାଇଥାଏ। ବିଶେଷଭାବରେ ବୟସ ବଢ଼ିଲେ ପ୍ରାୟ ସବୁ ବ୍ୟକ୍ତି ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହୋଇ ପଡ଼ନ୍ତି। କେବଳ ସେତିକି ନୁହେଁ, ଉକ୍ତ ରୋଗର ବଂଶଗତ ପ୍ରଭାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କଠାରେ ଏହା ଅଳ୍ପ ବୟସରେ ବାହାରି ପଡ଼ିଥାଏ। ହାଡ଼ଗୁଡ଼ିକର ଘନତ୍ୱ ଓ ଶକ୍ତି ୩୫ ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ି ବଢ଼ି ଚାଲେ। ଏହାପରେ ପ୍ରାକୃତିକ



ପ୍ରକ୍ରିୟାରେ ବର୍ଷକୁ ଏକ ଶତାଂଶ ହାରରେ ହ୍ରାସ ପାଏ। ଅଷ୍ଟିଓପୋରୋସିସ୍ ଏକ ନୀରବ ବ୍ୟାଧି। ତେଣୁ କଙ୍କାଳରୁ ଅସ୍ଥି କ୍ଷୟ ରହିଥିବା ସତ୍ତ୍ୱେ ତାହା ଜାଣିବା ମୁସ୍କିଲ। ଅଷ୍ଟିଓପୋରୋସିସ୍‌ରେ ଅଣ୍ଟା ବ୍ୟଥା ଏକ ଅତି ସ୍ୱାଭାବିକ ଲକ୍ଷଣ ଏବଂ ମେରୁ ହାଡ଼ର କ୍ଷୟ ଯୋଗୁ ଏହା ଉପୁଜିଥାଏ। କେତେକ କ୍ଷେତ୍ରରେ ସାଧାରଣ ଏକ୍ସ-ରେ ପରୀକ୍ଷାରୁ ଅଷ୍ଟିଓପୋରୋସିସ୍ ହୋଇଥିବା ଜଣାପଡି ନ ପାରେ। ତେବେ ସିଟି ସ୍କାନ୍, ଏମଆରଆଇ ସ୍କାନ ଏବଂ ବୋନ୍ ମିନେରାଲ ଡେନସିଟୋମେଟ୍ରୀ ବା ବିଏମସି ପରୀକ୍ଷାରେ ଏହି ରୋଗକୁ ନିର୍ଣ୍ଣୟ କରାଯାଇଥାଏ। ଚିକିତ୍ସା କରି ଅଷ୍ଟିଓପୋରୋସିସ୍‌କୁ ଆରୋଗ୍ୟ କରାଯାଇପାରେନି। ମାତ୍ର ଚିକିତ୍ସା କରି ହାଡକୁ ଅପେକ୍ଷାକୃତ ଶକ୍ତ ଓ ସୁରକ୍ଷିତ ରଖିବା ସମ୍ଭବ। ରୋଗୀମାନଙ୍କୁ କ୍ୟାଲସିୟମ ଏବଂ ଭିଟାମିନ୍ ଡି-୩ଥିବା ଔଷଧ ଦେଇ ଚିକିତ୍ସା କରାଯାଇଥାଏ। ସ୍ଥଳବିଶେଷରେ କ୍ୟାଲସିଟୋନିନ୍ ଇଞ୍ଜେକଶନ ଏବଂ ହରମୋନ୍ ଦେବାକୁ ପଡିଥାଏ।

ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଯଥେଷ୍ଟ ପରିମାଣର କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଇବା ଦରକାର। କ୍ଷୀର, ଦହି, ଛେନା, ସବୁପ୍ରକାର ଶାଗ, ମାଣ୍ଡିଆ,ଡାଲି, ସୋୟାବିନ୍, ମାଛ, ଚିଙ୍ଗୁଡି ଶୁଖୁଆ ଓ କଙ୍କଡା ଆଦିରେ ଅଧିକ ପରିମାଣରେ କ୍ୟାଲସିୟମ ଭରି ରହିଛି। ହାଡ଼କୁ ଦୃଢ଼ ରଖିବା ପାଇଁ ଚାଲିବା, ଦୌଡ଼ିବା, ଜଗିଙ୍ଗ କରିବା, ଶିଡ଼ି ଚଢ଼ିବା, ସନ୍ତରଣ କରିବା, ବ୍ୟାୟାମ କରିବା ଆଦିକୁ ଆପଣାନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜର ଓଜନ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ବୟସ୍କ ବ୍ୟକ୍ତିମାନେ ଓଜନିଆ ଜିନିଷ ତଳୁ ଉଠାଇବା ବେଳେ ସତର୍କ ରହିବା ନିହାତି ଆବଶ୍ୟକ।''

## ମାଳତୀରୁ ଚେମ୍ଫିଡ଼ି ଜଙ୍ଗଲକୁ ଚାଲିଗଲା ମହାବଳ

ବେଲଗୁଣ୍ଠା,୧୯।୧୦( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଗାଙ୍ଗପୁର ବାନାଞ୍ଚଳର ମାଳତୀ ପାହାଡ଼ ଅଞ୍ଚଳରେ ୬ ଦିନ ଧରି ବୁଲି ସ୍ୱତନ୍ତ୍ର ସ୍କ୍ୱାଡ ଓ ବନ କର୍ମଚାରୀଙ୍କ ନିଦ ହଜାଇ ଦେଇଥିବା ମହାରାଷ୍ଟ୍ର ମହାବଳ ବାଘ ଶନିବାର ମାଳତୀ ଅଞ୍ଚଳରୁ ଚେମ୍ଫିଡି ଜଙ୍ଗଲକୁ ଚାଲିଯାଇଛି। ବନବିଭାଗ ଏଯାବତ୍ ବାଘକୁ ଧରିବାକୁ ରାତିଦିନ ଏକ କରିଦେଇଥିଲେ ମଧ୍ୟ ବାଘ ଧରିବାରେ ସଫଳ ହୋଇନାହାନ୍ତି। ଶୁକ୍ରବାର ମଧ୍ୟରାତ୍ରରେ ମହାବଳଟି ବୋରିସାଗର ନିକଟ ଡ଼ଙ୍ଗାପଥର ଥଳି ନିକଟରେ ପୂର୍ବରୁ ବନବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ଼ ଦ୍ୱାରା ବାନ୍ଧା ଯାଇଥିବା ମଇଁଷିଛୁଆ ନିକଟକୁ ଆସି ମଇଁଷି ଛୁଆର ବେକ ଧରି ନେଇଯିବାକୁ ଚେଷ୍ଟା କରିଥିଲା। ମାତ୍ର ବନ୍ଧା ହୋଇଥିବାରୁ ମଇଁଷିକୁ ନେଇପାରି ନ ଥିଲା। ଏହି ସମୟରେ ପ୍ରାୟ ୫୦/୬୦ ମିଟର ଦୂରରେ ଯନ୍ତା ଭିତରେ ଛକି ରହିଥିବା ସ୍କ୍ୱାଡ୍ ବାହାରକୁ ବାହାରିବାକୁ ଉଦ୍ୟମ କରୁଥିବା ବେଳେ ମହାବଳ ଏହା ଜାଣିପାରି ମଇଁଷିକୁ ଛାଡି ଜଙ୍ଗଲ ଭିତରକୁ



ଚାଲି ଯାଇଥିଲା। ସେତେବେଳକୁ ମଇଁଷିର ମୃତ୍ୟୁ ହୋଇସାରିଥିଲା। ମହାବଳ ଶନିବାର ମାଳତୀ ଜଙ୍ଗଲ ଛାଡି ଧରାକୋଟ ବ୍ଲକର ଝାଡବନ୍ଧ ଓ ଡି. ସିଙ୍ଗିପୁର ମଝିରେ ଥିବା ଚେମ୍ଫିଡ଼ି ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି। ତେବେ ରବିବାର ସକାଳେ ଝାଡବନ୍ଧ ପଞ୍ଚାୟତ ଦିଜି ଗ୍ରାମ ନିକଟରେ ମହାବଳର ପାଦ ଚିହ୍ନ ଠାବ ହୋଇଥିବା ଜଣାପଡିଛି। ଏନେଇ ଝାଡବନ୍ଧ ଅଞ୍ଚଳର ବାଣୁଆ ରାମ କାନ୍ଧ କହନ୍ତି, ମହାବଳକୁ ଗୋଟିଏ ଦିନ ପୁରା ଫ୍ରି ଛାଡିବା ଦରକାର। ଏହା ହେଲେ ସେ ସେହିଅଞ୍ଚଳ ନିରାପଦ ଭାବି ଦ୍ୱିତୀୟ ଦିନ ପୁଣି ଆସି ସ୍କ୍ୱାଡ୍‌ଙ୍କ ଯନ୍ତାରେ ପଡିଯାଇପାରେ। ମହାବଳକୁ ସବୁଦିନେ ଜଗିବା ଦ୍ୱାରା ସେ ମଣିଷ ବାସ୍ନାକୁ ଠଉରାଇ କିଛି ବିପଦ ଥିବା ଅନୁମାନ କରି ପୁଣି ସେହି ପୁରୁଣା ଜାଗାକୁ ନ ଆସିପାରେ। ସେହିପରି ବୋରି ଜଙ୍ଗଲ ଓ ମାଳତୀ ପାହାଡ଼ ମଝିରେ ଥିବା ବୋଡା ସାପନାଗିଡି ଓ ସମ୍ବରକଟା ଘାଇକୁ ବନ୍ୟଜନ୍ତୁମାନେ ପାଣି ପିଇବାକୁ ଆସନ୍ତି। ଏ ଦୁଇ ଜାଗାରେ ମହାବଳକୁ ଧରିବା ସହଜ ହୋଇପାରିବ ବୋଲି ବାଣୁଆ ରାମ କହିଛନ୍ତି। ଅନ୍ୟପକ୍ଷରେ ବନ ବିଭାଗର କର୍ମଚାରୀ ୩ ଭାଗରେ ବିଭକ୍ତ ହୋଇ ମାଳତୀ ସମେତ ଏହାର ଆଖପାଖ ଜଙ୍ଗଲ ଉପରେ ନଜର ରଖିଛନ୍ତି। ସ୍ଥାନୀୟ ଲୋକଙ୍କୁ ଗୃହପାଳିତ ପ୍ରାଣୀଙ୍କୁ ଜଙ୍ଗଲକୁ ନ ଛାଡିବା ପାଇଁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳରୁ ଆସିଥିବା ସ୍ୱତନ୍ତ୍ର ବାଘ ଧରାଳି ସ୍କ୍ୱାଡଙ୍କ ସହ ଗାଙ୍ଗପୁର, ଭଞ୍ଜନଗର ଏବଂ ମୁଜାଗଡ଼ ବନାଞ୍ଚଳର ଅଧିକାରୀ ଓ କର୍ମଚାରୀ ବାଘକୁ ଧରିବା ପାଇଁ ନିୟୋଜିତ ହୋଇଛନ୍ତି।

**ରାଜ୍ୟ ଖବର**

## ଓଭରହେଡ୍ ପାଣି ଟାଙ୍କିରୁ ଖସି ଯୁବକ ମୃତ

ନୀଳଗିରି, ୧୯।୧୦ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ବଡ଼କାଳିଆପଦା ଗ୍ରାମର ଅକ୍ଷୟ ମହାନ୍ତି (୩୦) ଶନିବାର ଓଭରହେଡ ପାଣି ଟାଙ୍କିରୁ ଖସି ପ୍ରାଣ ହରାଇଛନ୍ତି। ମଧ୍ୟାହ୍ନରେ ଅକ୍ଷୟ ଗ୍ରାମରେ ଥିବା ଓଭରହେଡ ଟାଙ୍କିକୁ ଲାଗିଥିବା ସିଡି ମାଧ୍ୟମରେ ଚଢିଥିଲେ। ୫ବର୍ଷ ତଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମିତ ଉକ୍ତ ସିଡ଼ିରେ କୌଣସି ସୁରକ୍ଷା ରେଲିଂ ନ ଥିବାରୁ ଭାରସାମ୍ୟ ହରାଇ ଅକ୍ଷୟ ୬୦ଫୁଟ୍ ତଳେ ମାଟିରେ ପଡ଼ିବାରୁ ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ପରିବାର ଲୋକେ ଗ୍ରାମବାସୀ ମିଶି ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୨/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ପନ୍ତିବଡୁ ସେବକ ନିଲମ୍ବିତ, ଶ୍ରୀମନ୍ଦିର ମନା

ପୁରୀ,୧୯।୧୦
(ଅଜିତ କୁମାର ମହାନ୍ତି)

### ସେବାୟତଙ୍କୁ ଆକ୍ରମଣ ଘଟଣା

ଶ୍ରୀମନ୍ଦିରର ବରିଷ୍ଠ ସୁପରଭାଇଜର ତଥା ସେବାୟତ ବଙ୍କି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଆକ୍ରମଣ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣେ ପନ୍ତିବଡୁ ସେବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପୃକ୍ତ ପନ୍ତିବଡୁ ସେବକ ଚନ୍ଦନ ସାମନ୍ତରାଙ୍କୁ ମହାପ୍ରଭୁଙ୍କ ସେବା ପୂଜାରୁ ନିଲମ୍ବନ କରାଯିବା ସହ ତାଙ୍କର ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ସେହିପରି ଉକ୍ତ ଘଟଣା ସମ୍ପର୍କରେ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟରେ ପ୍ରତିହାରୀଙ୍କୁ ଆକ୍ରମଣ କରାଯାଇଥିଲା। ପରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ଘଟଣାରେ ଜଣେ ପନ୍ତିବଡୁ ସେବକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ନିଲମ୍ବିତ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ର ୨୧- ଖ (କ) ଧାରା ଅନୁସାରେ ଏହି ନିଲମ୍ବନ ଆଦେଶ ଜାରି ହୋଇଛି। ଏଥିସହ ସାମନ୍ତରାଙ୍କ ଶ୍ରୀମନ୍ଦିର ପରିସର ଓ ଶ୍ରୀମନ୍ଦିର ରୋଷଘରେ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ପରବର୍ତ୍ତୀ ସମୟରେ ଯାହାର ବି ସମ୍ପୃକ୍ତି ଆସିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାଢ଼ୀ କହିଛନ୍ତି। ସେହିପରି ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର କହିଛନ୍ତି, ପ୍ରତିହାରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏକ ମାମଲା ଶନିବାର ସିଂହଦ୍ୱାର ଥାନାରେ ରୁଜୁ ହୋଇଛି। ଥାନା ଅଧିକାରୀ ଏନେଇ ପଚରାଉଚରା କରୁଛନ୍ତି। ପ୍ରତିହାରୀଙ୍କ ସହ କେଉଁମାନଙ୍କର ଝଗଡ଼ା ପୂର୍ବରୁ ଥିଲା, ସେ ନେଇ ପଚରାଉଚରା କରାଯାଉଛି। କାହାକୁ ଅଟକ ରଖାଯାଇନାହିଁ। ପୋଲିସ ପକ୍ଷରୁ ଦୁଇ-ତିନୋଟି ଟିମ୍ ଗଠନ ସହ ତଦନ୍ତ କରାଯାଉଛି। ବର୍ତ୍ତମାନ ତଦନ୍ତ ଚାଲିଛି, ତେଣୁ ଘଟଣା ସମ୍ପର୍କରେ କିଛି କହିବା ଠିକ୍ ହେବ ନାହିଁ ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଚନ୍ଦନ ସାମନ୍ତରା ଓ ୟୁଜି ସାମନ୍ତରାଙ୍କୁ ପୋଲିସ ଅଟକ ରଖି ଖୋଳତାଡ଼ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ୭୦ ଆସନରେ ଲଢ଼ିବେ ଜେଏମ୍ଏମ୍-କଂଗ୍ରେସ



ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ଅବସରରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ତାଙ୍କ ସ୍ତ୍ରୀ କଳ୍ପନା ସୋରେନ୍ ।

ରାଞ୍ଚି,୧୯।୧୦

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ମଧ୍ୟରୁ ୭୦ଟିରେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଏବଂ କଂଗ୍ରେସ ଏକାଠି ନିର୍ବାଚନ ଲଢ଼ିବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶନିବାର ଏହି ଘୋଷଣା କରିବା ପରେ ଅବଶିଷ୍ଟ ୧୧ ଆସନ ବଳୁଛି, ଯାହାକୁ ଇଣ୍ଡିଆ ବ୍ଲକ୍ର ଅନ୍ୟ ସହଯୋଗୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ବାମଦଳଗୁଡ଼ିକ ଭାଗକରି ନେବେ। ଆର୍‌ଜେଡି ଏହାକୁ ଜେଏମ୍ଏମ୍-କଂଗ୍ରେସର ଏକତରଫା ନିଷ୍ପତ୍ତି ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରିଛି।

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ପାଇଁ ନଭେମ୍ବର ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ୨୩ରେ ଭୋଟ ଗଣତି ପରେ ଫଳାଫଳ ଆସିବ। ପ୍ରଥମ ପର୍ଯ୍ୟାୟ ଭୋଟ ପାଖେଇ ଆସୁଥିବାବେଳେ ଭାଜପା ବିରୋଧରେ ଶାସକ ମେଣ୍ଟ ଏକାଠି ହୋଇଛି। ଶନିବାର ଜେଏମ୍ଏମ୍ ଏବଂ କଂଗ୍ରେସର ବରିଷ୍ଠ ନେତାଙ୍କ ମଧ୍ୟରେ ରାଞ୍ଚିରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉକ୍ତ ବୈଠକରେ ଆର୍‌ଜେଡି ଏବଂ ବାମପନ୍ଥୀଙ୍କୁ ୧୧ ଆସନ ଛାଡ଼ିଦିଆଯାଇଛି। ଆର୍‌ଜେଡିର ରାଜ୍ୟ ସଭା ସଦସ୍ୟ ମନୋଜ ଝା ଏନେଇ ଗଣମାଧ୍ୟମରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜେଏମ୍ଏମ୍ ଏବଂ କଂଗ୍ରେସ ନେଇଥିବା ଏକତରଫା ନିଷ୍ପତ୍ତିରେ ତାଙ୍କ ଦଳ ସହମତ ନୁହେଁ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ରାଞ୍ଚିରେ ଉପସ୍ଥିତ ଥିବା ସତ୍ତ୍ୱେ ମେଣ୍ଟର ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ ଅବଗତ କରାଯାଇନାହିଁ। ୨୦୧୯ ବିଧାନସଭା ନିର୍ବାଚନ ବେଳେ ୫ ଆସନରେ ଆମ ଦଳର ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥର ଆମକୁ ମାତ୍ର ୫ ସିଟ୍ ମିଳିଛି। ଝାଡ଼ଖଣ୍ଡରେ ଆର୍‌ଜେଡି ୧୨ରୁ ଅଧିକ ଆସନରେ ନିଜ ଦମ୍‌ରେ ଲଢ଼ିବାକୁ ସକ୍ଷମ। ତେଣୁ ଆମେ ସବୁ ବିକଳ୍ପ ଖୋଲା ରଖିଛୁ ବୋଲି ମନୋଜ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଝାଡ଼ଖଣ୍ଡରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିଲା। ତଦନୁସାରେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନ୍ (ଏଜେଏସ୍ୟୁ) ୧୦, ସଂଯୁକ୍ତ ଜନତା ଦଳ (ଜେଡିୟୁ) ୨, ଲୋକ ଜନଶକ୍ତି ପାର୍ଟି (ଚିରାଗ ପାଶ୍ୱାନ ଗୋଷ୍ଠୀ) ୧ ଆସନରେ ଲଢ଼ିବାକୁ ଥିବାବେଳେ ଅବଶିଷ୍ଟ ୬୮ ଆସନରେ ଭାଜପା ପ୍ରାର୍ଥୀ ଦେବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ନିର୍ବାଚନ ସହପ୍ରଭାରୀ ହିମନ୍ତ ବିଶ୍ୱଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ନେତା ରାହୁଲ ଗାନ୍ଧୀଙ୍କୁ ମୁଖ୍ୟମନ୍ତ୍ରୀ ସୋରେନ୍ ଓ ତାଙ୍କ ସ୍ତ୍ରୀ କଳ୍ପନା ଭେଟିଥିଲେ। ସେମାନଙ୍କ ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ହୋଇଥିବା କୁହାଯାଉଛି।

## ଭାଜପା ନିୟନ୍ତ୍ରଣରେ ଇସି, ସମ୍ବିଧାନ ପ୍ରତି ବିପଦ: ରାହୁଲ

ସମ୍ବିଧାନ ଉପରେ ଭାଜପାର ଆକ୍ରମଣ ଜାରି ରହିଛି। ଭାଜପା ନିୟନ୍ତ୍ରଣରେ ନିର୍ବାଚନ କମିଶନ (ଇସି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରହିଥିବା ଦର୍ଶାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ରାଞ୍ଚିରେ ଆୟୋଜିତ 'ସମ୍ବିଧାନ ସମ୍ମାନ ସମ୍ମିଳନୀ'କୁ ସମ୍ବୋଧିତ କରି କହିଛନ୍ତି, ସମ୍ବିଧାନ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଚାରିଆଡ଼ୁ ଆକ୍ରମଣ ବିପଦ ରହିଛି। ଭାରତୀୟ ସମ୍ବିଧାନର ସମ୍ମାନ ରଖିବା ସମୟ ଉପନୀତ।

## ଝାଡ଼ଖଣ୍ଡ ନିର୍ବାଚନ: କିଛି ତଥ୍ୟ

➡ ୨୦୧୯ ନିର୍ବାଚନରେ ଜେଏମ୍ଏମ୍ ୪୩ ଓ କଂଗ୍ରେସ ୩୧ ଆସନରେ ମେଣ୍ଟ କରି ଲଢ଼ିଥିଲେ। କିନ୍ତୁ ଏଥର କଂଗ୍ରେସକୁ ୨୭ରୁ ୨୮ ଆସନ ମିଳିପାରେ। ଜେଏମ୍ଏମ୍ ଏଥର ନିଜ ଆସନ ସଂଖ୍ୟା ବଢ଼ାଇପାରେ ବୋଲି କୁହାଯାଉଛି।

➡ ଗତଥର ଜେଏମ୍ଏମ୍ ୩୦ ଓ କଂଗ୍ରେସ ୧୬ ଆସନ ଦଖଲ କରିଥିବାବେଳେ ଆର୍‌ଜେଡି ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷେ ଭାଜପା ୨୫ ଆସନ ଦଖଲ କରିଥିଲା, ଯାହାକି ୨୦୧୪ ତୁଳନାରେ ୩୭ କମ୍। ଏକୁଟିଆ ଲଢ଼ିଥିବା ଏଜେଏସ୍ୟୁକୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

➡ ଏଥର ସିପିଆଇ-ଏମ୍ଏଲ୍ ଏବଂ ମାର୍କ୍ସିଷ୍ଟ କୋ-ଅର୍ଡିନେଶନ୍ କମିଟି (ଏମ୍‌ସିସି) ମଧ୍ୟ ଜେଏମ୍ଏମ୍-କଂଗ୍ରେସ ମେଣ୍ଟରେ ସାମିଲହେବାକୁ ଚାହୁଁଥିବା ସୂତ୍ରରୁ ଜଣାପଡ଼ିଛି।

➡ ଆର୍‌ଜେଡି ଗତ ନିର୍ବାଚନରେ ୭ ଆସନରେ ଲଢ଼ିଥିବାବେଳେ ଏଥର କମ୍ ସିଟ୍‌ରେ ପ୍ରାର୍ଥୀ ଦେଇପାରେ।

➡ ଝାଡ଼ଖଣ୍ଡ ଇତିହାସରେ କେବେ ୪ଟି ଦଳ ଏକାଠି ହୋଇ ନିର୍ବାଚନ ଲଢ଼ି ନ ଥିଲେ। କିନ୍ତୁ ଏଥର ଭାଜପା, ଏଜେଏସ୍ୟୁ, ଜେଡିୟୁ ଏବଂ ଏଲ୍‌ଜେପି (ଚିରାଗ ପାଶ୍ୱାନ ଗୋଷ୍ଠୀ) ଭାବେ ଲଢୁଥିବାରୁ ସଫଳତା ପାଇଁ ଏନ୍‌ଡିଏ ଆଶାବାଦୀ।

## ଏକତରଫା ନିଷ୍ପତ୍ତିକୁ ନେଇ ଆର୍‌ଜେଡି କ୍ଷୁବ୍ଧ, ସବୁ ବିକଳ୍ପ ଖୋଲା

## ବିବାଦୀୟ ଡିଜିପିଙ୍କୁ ହଟାଇଲେ ଇସି

ଝାଡ଼ଖଣ୍ଡ ବିଧାନସଭା ଭୋଟ ପୂର୍ବରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଗୁପ୍ତାଙ୍କୁ ନିର୍ବାଚନ କମିଶନ (ଇସି) ହଟାଇଦେଇଛନ୍ତି। ପୂର୍ବ ନିର୍ବାଚନଗୁଡ଼ିକରେ ଅନୁରାଗଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଥିବାରୁ ତାଙ୍କୁ ପଦରୁ ହଟାଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଗତ ଜୁଲାଇରେ ତତ୍କାଳୀନ ଡିଜିପି ଅଜୟ କୁମାର ସିଂଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ଅନୁରାଗଙ୍କୁ ନିଯୁକ୍ତି ଦେଇଥିଲେ। ଏହାକୁ ନେଇ ସେତେବେଳେ ବିବାଦ ହୋଇଥିଲା। ଏପରି କି ସୁପ୍ରିମକୋର୍ଟଙ୍କୁ ମଧ୍ୟ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅନୁରାଗ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ଜଣେ ଘନିଷ୍ଠ ସହଯୋଗୀ। ୨୦୧୬ରେ ଝାଡ଼ଖଣ୍ଡ ରାଜ୍ୟ ସଭା ନିର୍ବାଚନ ବେଳେ ସେ ଘୋଡ଼ାବେପାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ୨୦୧୭ରେ ଏନେଇ ମାମଲା ରୁଜୁ ହୋଇଥିଲା। ତେବେ ଗତ ଜାନୁଆରୀରେ ପୋଲିସ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା।

## ରାଜ୍ୟପାଳ ରଘୁବର ଦାସଙ୍କ ବୋହୂଙ୍କୁ ଜାମସେଦପୁର ଇଷ୍ଟ ଆସନରୁ ଟିକେଟ



ପୂର୍ଣ୍ଣିମା ଲଳିତ ଦାସ



ସୀତା ସୋରେନ୍

ଭାଜପା ଝାଡ଼ଖଣ୍ଡ ବିଧାନସଭାର ୬୮ ଆସନରେ ଲଢ଼ିବାକୁ ଥିବାବେଳେ ଶନିବାର ୬୬ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି। ତଦନୁସାରେ ଓଡ଼ିଶା ରାଜ୍ୟପାଳ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଲଳିତ ଦାସଙ୍କୁ ଜାମସେଦପୁର ଇଷ୍ଟ ଆସନରୁ ଟିକେଟ ମିଳିଛି। ଫଳରେ ଛତିଶଗଡ଼ର ଝିଅ ପୂର୍ଣ୍ଣିମାଙ୍କ ପାଇଁ ଝାଡ଼ଖଣ୍ଡରେ ସ୍ଥାନୀୟ ରାଜନୀତି ଲାଗି ନୂଆ ସୁଯୋଗ ସୃଷ୍ଟି ହୋଇଛି। ଦଳ ତାଙ୍କ ଉପରେ ଭରସା କରିଥିବାରୁ ପୂର୍ଣ୍ଣିମା ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସମାବେଶୀ ବିକାଶକୁ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ବାବୁଲାଲ ମାରାଣ୍ଡି ଧନଓ୍ୱାର ଆସନରେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ସରାଇକେଲା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଭାଉଜ ସୀତା ସୋରେନ୍‌ଙ୍କୁ ଦଳ ଜାମତାରା ନିର୍ବାଚନମଣ୍ଡଳୀରୁ ଟିକେଟ ଦେଇଛି। ଗୀତା କୋଡ଼ା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ଭଗତଙ୍କୁ ମଧ୍ୟ ଭାଜପା ସୁଯୋଗ ଦେଇଛି।

### ଭାଜପାର ୬୬ ଜଣିଆ ପ୍ରାର୍ଥୀ ତାଲିକା

# ଭାଜପାରେ ମିଶିଲେ ବରିଷ୍ଠ ବିଜେଡି ନେତା

ଭବାନୀପାଟଣା,୧୯।୧୦
(ଉତ୍ତମ କୁମାର ଦାଶ)



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଶନିବାର ଡ. ଭବାନୀ ଶଙ୍କର ନିଆଲଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି।

କଳାହାଣ୍ଡିର ବରିଷ୍ଠ ବିଜେଡି ନେତା ଡ. ଭବାନୀ ଶଙ୍କର ନିଆଲ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଥିବା ଡ. ନିଆଲ ନିକଟରେ ଦଳରୁ ଇସ୍ତଫା ଦେଇଥିଲେ। ଦଳ ଛାଡିବା ପରେ ସେ ଭାଜପାର ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସହିତ ଯୋଗାଯୋଗରେ ରହିଥିଲେ। ଶେଷରେ ସେ ଭାଜପାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ସଭାପତି ମନମୋହନ ସାମଲ ତାଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଡ. ନିଆଲଙ୍କୁ ଦଳରେ ସାମିଲ କରିବା ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅନୁମୋଦନ କରିଥିଲେ। ତାଙ୍କ ସହ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ଓ ସଂଗଠକ ପ୍ରବୀଣ କୁମାର ସିପକା ମଧ୍ୟ ଯୋଗଦେଇଛନ୍ତି। ତାଙ୍କୁ ମଧ୍ୟ ରାଜ୍ୟ ସଭାପତି ସାମଲ ସ୍ୱାଗତ କରିଥିଲେ। ପ୍ରକାଶ ଯେ, ଡ. ନିଆଲ ଜଣେ ଖ୍ୟାତିସମ୍ପନ୍ନ କବି ଓ ସମାଲୋଚକ ଭାବେ ପରିଚିତ। ତାଙ୍କର ଲେଖା ୨୪ଟି ଭାଷାରେ ଅନୂଦିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଭାଜପାରେ ଯୋଗଦେବା ପରେ ଡ. ନିଆଲ କଳାହାଣ୍ଡି ଓ ନୂଆପଡ଼ା ଜିଲା ତଥା ରାଜ୍ୟର ବିଭିନ୍ନ ବର୍ଗ ସମେତ ଅନୁସୂଚିତ ଜାତିଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# କଂଗ୍ରେସ ନୁହେଁ, ଭାଜପାରେ ମିଶିବ ବିଜେଡି: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)



ରବି ନାଏକ

ନିର୍ବାଚନ ପରାଜୟ ପରଠାରୁ ବିଜେଡି ନେତାମାନେ ପରସ୍ପର ବୟାନବାଜି ବିରୋଧୀ ଦଳକୁ ସୁହାଇଛି। ଭାଜପା ଓ କଂଗ୍ରେସ ନେତାମାନେ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳକୁ ନେଇ ମଧ୍ୟ ଟିପ୍ପଣୀ କରୁଛନ୍ତି। ଏହି କ୍ରମରେ ଭାଜପାର ବରିଷ୍ଠ ନେତା ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ବିଜେଡି ଆଉ ବେଶିଦିନ ତିଷ୍ଠିବ ନାହିଁ। ସେହି ଦଳ ଭାଙ୍ଗିଯିବ। କଂଗ୍ରେସ ନୁହେଁ, ଭାଜପାରେ ବିଜେଡି ମିଶିବ।

ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବିଜେଡି ଆଉ ବେଶି ଦିନ ରହିବ ନାହିଁ। ସେହି ଦଳ ଭାଙ୍ଗିଯିବ। ଅଭିଜ୍ଞ ଅମର ଶତପଥୀଙ୍କ ବୟାନ ଦେଖିଲେ ବିଜେଡିରେ ଆଉ କିଛି ନାହିଁ। ଲୋକ ଅନୁଭବ କରି ଭାଜପାକୁ ସରକାରକୁ ଆଣିଛନ୍ତି। ବିଜେଡି ଯେ ରହିବ ନାହିଁ, ଏହା ସ୍ପଷ୍ଟ ଜଣାପଡ଼ି ଯାଉଛି। ଯିଏ ଆମ ଦଳକୁ ଆସିବେ, ଆମେ ତାଙ୍କୁ ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ସମସ୍ତଙ୍କୁ କ'ଣ ଗ୍ରହଣ କରିବେ ପ୍ରଶ୍ନରେ ରବି ନାଏକ କହିଛନ୍ତି, ଆମେ ରାଷ୍ଟ୍ରବାଦୀ ଲୋକ। ଆମେ ସର୍ବଂସହା ଧରିତ୍ରୀ। ଆମେ ସମସ୍ତଙ୍କୁ ଗ୍ରହଣ କରିପାରୁ। ଭାରତୀୟ ସଂସ୍କୃତି ସମସ୍ତଙ୍କୁ ଗ୍ରହଣ କରିଛି। ଆମେ ମଧ୍ୟ ସେହି ସଂସ୍କୃତିସମ୍ପନ୍ନ ରାଜନୈତିକ ଦଳ। ସେହି ଦୃଷ୍ଟିରୁ ଯିଏ ଆସିବେ ତାଙ୍କୁ ଗ୍ରହଣ କରିବୁ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

## ନବୀନ ବୁଲିଥିଲେ ବିଜେଡି ଜିତିଥାଆନ୍ତା: ନୃସିଂହ ସାହୁ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)



ନୃସିଂହ ସାହୁ

ନିର୍ବାଚନ ବେଳେ ନବୀନ ପଟ୍ଟନାୟକ ଯଦି ସବୁ ଅଞ୍ଚଳ ବୁଲିଥାନ୍ତେ ତେବେ ଭଲ ରେଜଲ୍ଟ ହୋଇଥାନ୍ତା। ବିଜେଡି ପୁଣି ସରକାର ଗଢ଼ି ଥାଆନ୍ତା। ଭି.କେ. ପାଣ୍ଡିଆନ ଆଉ ନବୀନ ପଟ୍ଟନାୟକଙ୍କ ଭିତରେ ବହୁତ ଫରକ ରହିଛି। ନବୀନ ପଟ୍ଟନାୟକ ହାତ ହଲେଇ ଦେଲେ ଭୋଟ। ତେଣୁ ନବୀନ ପଟ୍ଟନାୟକ ନ ବୁଲି ଅନ୍ୟ ଯିଏ ପ୍ରଚାର କଲେ କେମିତି ହେବ ବୋଲି ବିଜେଡିର ବରିଷ୍ଠ ନେତା ନୃସିଂହ ସାହୁ କହିଛନ୍ତି। ଗଣମାଧ୍ୟମକୁ ନୃସିଂହ କହିଛନ୍ତି, ବିଭିନ୍ନ ସ୍ଥାନରେ ଟିକେଟକୁ ନେଇ ଅସନ୍ତୋଷ ଥିଲା। ରାଜ୍ୟସ୍ତରୀୟ ଫ୍ୟାକ୍ଟର ତାହା ନ ହେଲେ ବି କିଛି ସିଟ୍ ଟିକେଟ ଅସନ୍ତୋଷ ପାଇଁ ଆମ ହାତରୁ ଚାଲିଯାଇଛି। ଏଇଭଳି ବିଭିନ୍ନ କାରଣ ପାଇଁ ବିଜେଡି ତା'ର ନିର୍ବାଚନ ପ୍ରଦର୍ଶନ ବହୁତ ଖରାପ କରିଛି। ଆଉ ଲୋକ ପରିବର୍ତ୍ତନ ଚାହୁଁଥିଲେ। ତା'ର ପ୍ରତିଫଳନ ଏହି ନିର୍ବାଚନରେ ଦେଖିବାକୁ ମିଳିଛି ବୋଲି ନୃସିଂହ କହିଛନ୍ତି।

# ତାସ୍ ଘର ଭଳି ବିଜେଡି ଭୁଶୁଡ଼ି ଚାଲିଛି : ମୋକିମ୍

ଜଗତ୍‌ସିଂହପୁର, ୧୯।୧୦
(ପ୍ରମୋଦ କୁମାର ନାୟକ)




ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀରେ ମହମ୍ମଦ ମୋକିମ୍ ଓ ଅନ୍ୟମାନେ।

ବିଜେଡି ୨୪ ବର୍ଷ କାଳ ଶାସନ କଲା। ଶାସନରୁ ଯିବା ୩ ମାସ ହେଇଛି କି ନାହିଁ ବିଜେଡି ତାସ ଘର ଭଳି ଧୀରେ ଧୀରେ ଭୁଶୁଡ଼ି ଚାଲିଛି। ଏଥିରୁ ଅନୁମାନ କରିପାରୁଛେ କଂଗ୍ରେସ ନେତା ଓ କର୍ମୀଙ୍କର କେତେ ଧୈର୍ଯ୍ୟ ଓ ଦମ୍ଭ ଅଛି। କାରଣ ଦୀର୍ଘ ବର୍ଷ କ୍ଷମତାରେ ଥିବା ଦଳ ଦୁର୍ବଳ ହୋଇ ଯାଉଥିବାବେଳେ କଂଗ୍ରେସ ନେତା ଓ କର୍ମୀ ବିନା କ୍ଷମତାରେ ମଧ୍ୟ ଦଳକୁ ଜାବୁଡ଼ି ଧରିଛନ୍ତି। ବଡ କଥା ହେଲା ଆଜି ଲୋକଙ୍କ ମନରେ ଆସିଲାଣି ପୁଣି କଂଗ୍ରେସ ଫେରିବ। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଶନିବାର ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ୍ ଏହା କହିଛନ୍ତି। ସେ ବିଜେଡି ଆଡକୁ ଆଙ୍ଗୁଳି ଉଠାଇ କହିଥିଲେ ଯେଉଁ ଦଳ ଭାଜପା ସହ ମିଶି ୯ ବର୍ଷ ସରକାରରେ ଥିଲା ପରବର୍ତ୍ତୀ ସମୟରେ ସେହି ଦଳ ସହ ଅଘୋଷିତ ମେଣ୍ଟ କରିଥିଲା। ତାହା ପୁଣି ଭୟରେ। ତେବେ ବିଜେଡି ସରକାରରୁ ଯିବା ଖୁବ କମ ଦିନ ହେବ। ଏହା ଭିତରେ ବିଜେଡି ସାଂସଦ ଓ ଅନ୍ୟ ନେତାମାନେ କହିବା ଆରମ୍ଭ କଲେଣି ଯେ, କଂଗ୍ରେସ ସହ ମିଶି ଭାଜପା ସରକାରକୁ ହଟାଇବେ ବୋଲି ମୋକିମ କହିଛନ୍ତି। ଅନ୍ୟପଟେ ଭାଜପାକୁ ମଧ୍ୟ ସେ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏହି ସରକାର ଆକ୍ସିଡେଣ୍ଟିଆଲି ଆସିଛି। ସରକାର କିପରି ଚାଲିବ ସେ ଅଭିଜ୍ଞତା ମଧ୍ୟ ଅନେକଙ୍କର ନାହିଁ। ମୁଖ୍ୟମନ୍ତ୍ରୀ ବାରମ୍ବାର ଦିଲ୍ଲୀ, ମୁମ୍ବାଇ ଯାଉଛନ୍ତି। ବଡ ବଡ ଶିଳ୍ପପତିଙ୍କ ସହ କଥା ହେଉଛନ୍ତି। କିନ୍ତୁ ଓଡ଼ିଶାରେ କେତେ ଶିଳ୍ପ ଅଛି, ସେଗୁଡିକ କିପରି ଚାଲିଛତାହା ମୁଖ୍ୟମନ୍ତ୍ରୀ ବୁଝିଲେଣି କି ବୋଲି ମୋକିମ କହିଛନ୍ତି। ତେବେ କଂଗ୍ରେସ କେବେ ହେଲେ ସାମ୍ପ୍ରଦାୟିକ ଶକ୍ତି ସହ ମିଶିବ ନାହିଁ। ଗାଁଠୁ ସହର ସବୁଠି କଂଗ୍ରେସ ଲୋକ ଅଛନ୍ତି। ସମୟ ଆସିଛି ଲକ୍ଷ୍ମଣ ମଲ୍ଲିକ ଓ ବାସୁଦେବ ମହାପାତ୍ରଙ୍କୁ ମନେ ପକାଇ କଂଗ୍ରେସକୁ ପୁଣି ମଜଭୁତ କରିବାକୁ ଚେଷ୍ଟା କଲେ ଅସମ୍ଭବ ବୋଲି କିଛି ନାହିଁ। ୧୯୮୦ ମସିହା ପରେ କଟକ ସହରରେ କଂଗ୍ରେସ ଆସି ନ ଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକ ୧୫ ବର୍ଷ ମୁଖ୍ୟମନ୍ତ୍ରୀ ଓ ବସନ୍ତ ବିଶ୍ୱାଳଙ୍କ ୫ ବର୍ଷ ଉପମୁଖ୍ୟମନ୍ତ୍ରୀ ସମୟରେ ସେମାନଙ୍କ କଟକରେ ଘର ଥାଇ ମଧ୍ୟ କଂଗ୍ରେସ ଜିତୁ ନ ଥିଲା। ବହୁ ବାଧାବିଘ୍ନ ସତ୍ତ୍ୱେ କଟକରେ ତାଙ୍କ ଉଦ୍ୟମରେ କଂଗ୍ରେସ ଜିତିଥିଲା। ଏବେ ବି ଜିତିଛି ବୋଲି ମୋକିମ୍ କହିଛନ୍ତି।

# ମହଙ୍ଗା ହୋଇପାରେ ହାତଘଣ୍ଟା, ଶସ୍ତା ହେବ ପାଣି

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)




ଜିଏସ୍‌ଟି ଉପରେ ଗଠିତ ଗ୍ରୁପ୍ ଅଫ୍ ମିନିଷ୍ଟ୍ରି(ଜିଓଏମ୍) ଅନେକ ସ୍ଥାନରେ ଟିକସ ହାରରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ମାସରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହି ସବୁ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଆଯାଇପାରେ। ସାଇକେଲରୁ ଟ୍ୟାକ୍ସ ମଧ୍ୟ ହଟାଯାଇପାରେ। ଏହା ବ୍ୟତୀତ ଦାମୀ ଜୋତା ଏବଂ ଘଣ୍ଟା ଉପରେ ଟିକସ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାସହ ସିନ୍ ଟ୍ୟାକ୍ସ ବୃଦ୍ଧି ଉପରେ ମଧ୍ୟ ନିଷ୍ପତ୍ତି ନିଆଯାଇପାରେ। ଏହାର ସାହାଯ୍ୟରେ ସରକାର ୨୨ ହଜାର କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ହାସଲ କରିବେ। ଜିଓଏମ୍ ଅନୁଯାୟୀ, ଅନେକ ସ୍ଥାନରେ ଟିକସ ବୃଦ୍ଧି ଏବଂ ହ୍ରାସ କରିବାକୁ ସୁପାରିସ କରାଯାଇଛି। ଯଦି ସମସ୍ତ ସୁପାରିସ ଗ୍ରହଣ କରାଯାଏ, ତେବେ ୨୫,୦୦୦ରୁ ଅଧିକ ମୂଲ୍ୟ ହାତ ଘଣ୍ଟା ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ହୋଇପାରେ । ଏହା ବ୍ୟତୀତ, ୧୫,୦୦୦ ରୁ ଅଧିକ ମୂଲ୍ୟର ଜୋତା ଉପରେ ଜିଏସ୍‌ଟି ମଧ୍ୟ ୧୮ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ପାଇପାରେ । ଏହି ପ୍ରସ୍ତାବ ଅନୁଯାୟୀ, ୧୦,୦୦୦ ଟଙ୍କାରୁ ଶସ୍ତା ସାଇକେଲ ମଧ୍ୟ ବର୍ତ୍ତମାନ ୧୨ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ ଜିଏସ୍‌ଟି ଅଧୀନରେ ଆସିପାରେ। ୨୦ ଲିଟରରୁ ଅଧିକ ବୋତଲ ପାଣି ମଧ୍ୟ ୧୮ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌ରେ ଯାଇପାରେ। ଅଭ୍ୟାସ ପୁସ୍ତକ ଉପରେ ଜିଏସ୍‌ଟି ମଧ୍ୟ ୧୨ ରୁ ୫ ପ୍ରତିଶତକୁ ହ୍ରାସ କରାଯାଇପାରେ। ସେହିପରି ଜିଓଏମ୍ ସିନ୍ ଟ୍ୟାକ୍ସ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏହିପରି ଉତ୍ପାଦଗୁଡିକ ୧୮ ରୁ ୨୮ ପ୍ରତିଶତ ମଧ୍ୟରେ ନେବାକୁ କୁହାଯାଇଛି । ସିନ୍ ଦ୍ରବ୍ୟରେ ତମାଖୁ ଏବଂ ସିଗାରେଟ ଭଳି ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ସରକାର ବିଳାସପୂର୍ଣ୍ଣ ଜିନିଷ ଉପରେ ଟ୍ୟାକ୍ସ ବୃଦ୍ଧି କରି ଏହାର ରାଜସ୍ୱ ବୃଦ୍ଧି କରିବାକୁ ଚାହୁଁଛନ୍ତି।

# ଏସ୍‌ବିଆଇର ନୂଆ ଶାଖା ଖୋଲିଲା

ବଉଳା,୧୯।୧୦(ଦୁର୍ଗାପ୍ରସାଦ ଆୟଚ)/ଛେନାପଦି(ନିରାକାର ପରିଡ଼ା)



କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଛେନାପଦି ଛକରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଶାଖା କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ଦିନେଶ ପୃଥ୍ୱୀ ଓ ଡିଜିଏମ୍ ଶୈଳେଶ ସିହ୍ନା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଆର୍‌ଏନ୍ କମଳଲୋଚନ ଷଡ଼ଙ୍ଗୀ, ଡିଭିଏସ୍ ଦିବାକର ନନ୍ଦେ, ଓପିଏସ୍ ରାଧାକାନ୍ତ ନାୟକ, ବ୍ରାଞ୍ଚ ମ୍ୟାନେଜର ଭବେଶ୍ ସେଠୀ, ସତ୍ୟନାରାୟଣ ମାଝୀ, ଅନିଲ ନାଇକ, ପ୍ରଶାନ୍ତ ବେହେରା, ମ୍ୟାନେଜର ବିଶ୍ୱରଞ୍ଜନ ପୃଷ୍ଟି, ଏସ୍‌ବିଆଇ ଲାଇଫ୍‌ର ଦେବାଶିଷ ଦାସ, ସଞ୍ଜୟ ଜେନା, ପରିତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏସ୍‌ବିଆଇ ଶାଖା ଖୋଲିବା ପରେ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ଓ ସାଧାରଣ ଲୋକ ଏଥିରେ ସୁବିଧା ପାଇବେ ବୋଲି ଆଶା ରଖିଛନ୍ତି। ଏହି ସମୟରେ କେତେଜଣ ଗ୍ରାହକଙ୍କୁ ୟୁପିଆଇ ବଣ୍ଟନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରତିକାନ୍ତ ରାଉତ, ନିକୁଞ୍ଜ ଓଝା, ବିଦ୍ୟାଧର ବିଶ୍ୱାଳ, ସନାତନ ଓଝା, ସୁରେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

# ଲାଲ୍‌ଚାନ୍ଦ୍‌ର ଧନ୍‌ତେରସ୍ ଅଫର ଆରମ୍ଭ

LALCHND
Trusted Brand Since 1948

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଧନ୍‌ତେରସ୍ ଅଫରର ଶୁଭାରମ୍ଭ କରାଯାଇଛି। ଧନ୍‌ତେରସ୍ ଉପଲକ୍ଷେ ଲାଲ୍‌ଚାନ୍ଦ୍‌ର ସମସ୍ତ ଶୋ’ରୁମ୍‌ରେ ଆଣ୍ଟିକ୍ ଏବଂ ହାଇପଲିସିଡ୍ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣାର କଲେକ୍ସନ ଉପଲବ୍ଧ ରହିଛି। ଏହାର ଗଡ଼ା ମୂଲ୍ୟ ଗ୍ରାମ୍ ପିଛା ଫ୍ଲାଟ୍ ୭୯୯ଟଙ୍କା ରହିଛି। ଏହାସହ ନିର୍ଦ୍ଦିଷ୍ଟ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣାର ଗଡ଼ା ମୂଲ୍ୟ ଗ୍ରାମ ପିଛା ୧୦୦ଟଙ୍କା ରଖାଯାଇଛି । ସେହିପରି ହୀରା ଗହଣାର ଗଡ଼ାମୂଲ୍ୟକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ୫୦ ହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୀରା ଅଳଙ୍କାର କ୍ରୟ ଉପରେ ୧୦୦ ମିଲିଗ୍ରାମ୍ ବିଶିଷ୍ଟ ୨ଟି ସ୍ୱର୍ଣ୍ଣ ମୁଦ୍ରା ଏବଂ ୧ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ହୀରା ଅଳଙ୍କାର କ୍ରୟ ଉପରେ ୧୦୦ ମିଲିଗ୍ରାମ୍ ବିଶିଷ୍ଟ ୫ଟି ସ୍ୱର୍ଣ୍ଣ ମୁଦ୍ରା ମାଗଣା ପ୍ରଦାନ କରାଯାଉଛି । ରୁପା ଅଳଙ୍କାର ଗଡ଼ାମୂଲ୍ୟ ଉପରେ ଫ୍ଲାଟ୍ ୫୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍‌ର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ରୁପା ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କାର୍ଡଧାରୀମାନଙ୍କୁ ଅକ୍ଟୋବର୨୬ରୁ ୩୦ ମଧ୍ୟରେ କ୍ରୟ କଲେ ୪ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ମିଳିବ। ଗ୍ରାହକମାନେ ୧୦% ଅଗ୍ରିମ ପଇଠକରି ସୁନା ମୂଲ୍ୟକୁ ଲକ୍ କରିପାରିବେ। ପରେ ଲକ୍ ରେଟ୍‌ରେ କିମ୍ବା ଯେଉଁଦିନ କିଣିବେ ସେହି ଦିନର ମୂଲ୍ୟ ଯେଉଁଟି କମ୍ ହେବ, ସେହି ମୂଲ୍ୟରେ ଅଳଙ୍କାର କିଣିପାରିବେ। ଏହି ସୁବିଧା ଦୀପାବଳି ପର୍ଯ୍ୟନ୍ତ ଉପଲବ୍ଧ। ସେହିପରି ଶୋ’ରୁମ୍‌ରେ ସମସ୍ତ ଆକାର ଏବଂ ଓଜନ ବିଶିଷ୍ଟ ୯୯୯.୯ ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣ ମୁଦ୍ରା ଏବଂ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ରଖାଯାଇଛି। ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ସୂଚନା ଦିଆଯାଇଛି।

ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ଏପରି ଅଫର ଘୋଷଣା କରି ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଧନ୍‌ତେରସ୍ ସେଲ୍ ଗ୍ରାହକଙ୍କ ସହ ସମ୍ପର୍କ ଯୋଡ଼ିବାରେ ଏକ ମାଧ୍ୟମ ବୋଲି ହଂସ କହିଛନ୍ତି।

# ମାଲାବାରର ‘ଆର୍ଟିଷ୍ଟ୍ରି ଶୋ’ ଉନ୍ମୋଚିତ



ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

**ଅକ୍ଟୋବର ୩୦ ଯାଏ ସ୍ୱତନ୍ତ୍ର ଅଫର**

ଅଗ୍ରଣୀ ଗହଣା ରିଟେଲ ଚେନ୍ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଦୀପାବଳି ଅବସରରେ ‘ଆର୍ଟିଷ୍ଟ୍ରି ଶୋ’ ଶନିବାର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱର ଶହୀଦନଗରସ୍ଥିତ ଶୋ’ରୁମ୍‌ରେ ଏହି ପ୍ରଦର୍ଶନୀ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ ଏହାର ଉନ୍ମୋଚନ କରିଛନ୍ତି। ଭାରତୀୟ ଡିଜାଇନ ଉପରେ ଆଧାରିତ ମାଇନ୍ ଡାଇମଣ୍ଡ, ଏରା ଅନକଟ୍ ଡାଇମଣ୍ଡ, ପର୍ସିଆ ଜେମଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ସହ ଅନ୍ୟାନ୍ୟ ଗହଣାକୁ ଏଥିରେ ସାମିଲ କରାଯାଇଛି। ତେବେ ଏହି ପ୍ରଦର୍ଶନୀ ଅବଧି ମଧ୍ୟରେ କ୍ରୟ ଉପରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯିବ। ପ୍ରତି ୫୦ହଜାର ଟଙ୍କାର ସୁନା କ୍ରୟ ଉପରେ ୨୦୦ ମିଲିଗ୍ରାମ୍ ଗୋଲ୍ଡ କଏନ୍, ଷ୍ଟଡେଡ୍ ଗହଣା ଉପରେ ୩୦୦ ମିଲିଗ୍ରାମ ଗୋଲ୍ଡ କଏନ୍, ଅନକଟ୍ ବା ପୋଲକି ଜୁଏଲେରି ଉପରେ ୪୦୦ ମିଲିଗ୍ରାମର ଗୋଲ୍ଡ କଏନ୍ ପାଇପାରିବେ। ଏହି ଅଫର ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଲାଗୁହେବ। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ୍ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତ୍ୟେକ ଗହଣା ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ବ୍ରାଣ୍ଡ୍ ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍‌କୁ ଗୁରୁତ୍ୱ ଦେଉଥିବା ଅହମ୍ମଦ କହିଛନ୍ତି।

# ଜୟଆଲୁକ୍କାସ୍‌ର ‘ଆନନ୍ଦ ଉଲ୍ଲାସଭରା ଦୀପାବଳି’ ଉତ୍ସବ

ଭୁବନେଶ୍ୱର,୧୯।୧୦ (ଅନୁରାଧା ମହାରଣା)

Joyalukkas
World's favourite jeweller
www.joyalukkas.com

ଅଗ୍ରଣୀ ଗହଣା ବ୍ରାଣ୍ଡ୍ ଜୟଆଲୁକ୍କାସ୍ ପକ୍ଷରୁ ‘ଆନନ୍ଦ ଉଲ୍ଲାସ ଭରା ଦୀପାବଳି’ ଉତ୍ସବ ଆରମ୍ଭ ହୋଇଯାଇଛି। ନଭେମ୍ବର ୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ୩୧ ଲକ୍ଷ ଟଙ୍କା ବା ତତୋଽଧିକ ମୂଲ୍ୟର ହୀରା ଏବଂ ଅନ୍ କଟ୍ ହୀରା ଅଳଙ୍କାର କିଣିବା ଉପରେ ଗୋଟିଏ ଗ୍ରାମ ସୁନାମୁଦ୍ରା ଏବଂ ୫୦ ହଜାର ଟଙ୍କା ବା ତତୋଽଧିକ ମୂଲ୍ୟର ସୁନା ତଥା ମୂଲ୍ୟବାନ୍ ଗହଣା କ୍ରୟ ଉପରେ ୧୦୦୦ ଟଙ୍କା ମୂଲ୍ୟର ଗିଫ୍ଟ ଭାଉଚର ଉପହାର ରହିଛି। ଏହା ସହ ଗ୍ରାହକମାନେ ବର୍ତ୍ତମାନର ସୁନା ଦରର ମାତ୍ର ୧୦% ଅଗ୍ରିମ ଦେୟ ପ୍ରଦାନ କରି ସେହି ଦରକୁ ଲକ୍ କରିପାରିବେ। ଏହି ରୋମାଞ୍ଚକର ଅଫରଗୁଡ଼ିକ ଘୋଷଣାକରି ଜୟଆଲୁକ୍କାସ୍ ଗ୍ରୁପ୍ ଚେୟାରମ୍ୟାନ ତଥା ଏମ୍‌ଡି ଜୟ ଆଲୁକ୍କାସ କହିଛନ୍ତି, ’ଆନନ୍ଦ ଉଲ୍ଲାସ ଭରା ଦୀପାବଳି’ ଅଫର ସହ ଆମେ ଗ୍ରାହକଙ୍କ ଉତ୍ସବରେ ଆହୁରି ଆନନ୍ଦ ଆଣିବାକୁ ଚାହୁଁ । ଦୀପାବଳି ସମୟରେ ଅଳଙ୍କାର ଏକ ଗଭୀର ମହତ୍ତ୍ୱ ରଖେ, ଯାହା ଶୁଭତା ଏବଂ ସମୃଦ୍ଧିକୁ ପ୍ରତିନିଧିତ୍ୱ କରେ । ଆମେ ସମସ୍ତଙ୍କୁ ଆମ ଶୋ’ରୁମ୍ ପରିଦର୍ଶନ କରିବାକୁ, ଆମର ନୂତନ ସଂଗ୍ରହଗୁଡ଼ିକୁ ଅନୁସନ୍ଧାନ କରିବାକୁ ଏବଂ ଏହି ଉତ୍ସବକାଳୀନ ଡିଲ୍‌କୁ ଅଧିକରୁ ଅଧିକ ଉପଯୋଗ କରିବାକୁ ଆମନ୍ତ୍ରଣ କରୁଛୁ ଯାହା ପ୍ରକୃତରେ ସେମାନଙ୍କ ଉତ୍ସବ ପାଳନକୁ ଆଲୋକିତ କରିବ ବୋଲି ସେ କହିଛନ୍ତି।

# ୟୁକୋ ବ୍ୟାଙ୍କର ୬୦୩ କୋଟିର ନେଟ୍ ଲାଭ



ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା, ଦ୍ୱିତୀୟ ତ୍ରୈମାସରେ ୫୦% ଅଭିବୃଦ୍ଧି ହାର ହାସଲ କରି ୬୦୩ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୪୦୨ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରିମରେ ୧୮% ବୃଦ୍ଧିଘଟି ୧,୯୭,୯୨୭ କୋଟିରେ ପହଞ୍ଚିଛି। ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୪,୭୩,୭୦୪ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା୨୦.୦୩% ବୃଦ୍ଧି ପାଇ ୨୩୦୧ କୋଟିରେ ପହଞ୍ଚିଛି। ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩.୧୦% ବୃଦ୍ଧି ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୬.୮୪% ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୯୫.୯୨% ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୪୫.୮୨% ଅଭିବୃଦ୍ଧି ହାରରେ ୧୪୩୨ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୯୬ ବିପିଏସ୍ ହ୍ରାସ ପାଇ ଶତକଡା ୩.୧୮ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୮ ବିପିଏସ୍ ହ୍ରାସ ପାଇ ଶତକଡା ୦.୭୩ ପ୍ରତିଶତରେ ପହଞ୍ଚିଛି। ସୂଚନା ଥାଉକି, ୟୁକୋ ବ୍ୟାଙ୍କର ୩୨୪୭ଟି ଘରୋଇ ଶାଖା ରହିଥିବା ବେଳେ ବିଦେଶରେ ମଧ୍ୟ ୨ଟି ଶାଖା ରହିଛି। ବ୍ୟାଙ୍କର ୨୪୭୨ଟି ଏଟିଏମ୍ ଓ ୧୦୨୦୩ଟି ବିସି ପଏଣ୍ଟ ରହିଛି।

# ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର କ୍ୟାରିୟର ମେଳା ଆୟୋଜିତ



ଭୁବନେଶ୍ୱର,୧୯।୧୦ (ଅନୁରାଧା ମହାରଣା)

ଭାରତ, ଫ୍ରାନ୍ସ, ଆମେରିକା, କାନାଡା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସୁଜରଲାଣ୍ଡର ୬୬ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିଙ୍କୁ ନେଇ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପୂର୍ବ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଆୟୋଜିତ କରିଛି। ଅହମଦାବାଦ ବିଶ୍ୱବିଦ୍ୟାଳୟ, କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟ, ଅଶୋକା ବିଶ୍ୱବିଦ୍ୟାଳୟ, ଏଫ୍‌ଏଲ୍‌ଏମ୍‌ଇ ୟୁନିଭର୍ସିଟି, ଜିଡି ଗୋଏଙ୍କା ବିଶ୍ୱବିଦ୍ୟାଳୟ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଏଥିରେ ଯୋଗଦେବେ। ଏଥିସହ ବୋକ୍କୋନି ୟୁନିଭର୍ସିଟି (ଇଟାଲୀ), କଲରାଡୋ ଷ୍ଟେଟ ୟୁନିଭର୍ସିଟି (ୟୁଏସ୍‌ଏ), ବାଥ୍ ୟୁନିଭର୍ସିଟି (ୟୁକେ), ସିଡ୍‌ନୀ ୟୁନିଭର୍ସିଟି (ଅଷ୍ଟ୍ରେଲିଆ) ଏବଂ କିଙ୍ଗ ୟୁନିଭର୍ସିଟି କଲେଜ (କାନାଡା) ସହିତ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକ ମଧ୍ୟ ପ୍ରତିନିଧିତ୍ୱ କରିବେ।

ଏହି ବର୍ଷ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ଭାରତ କିମ୍ବା ବିଦେଶରେ ଠିକ୍ ବିଶ୍ୱବିଦ୍ୟାଳୟ ବାଛିବାରେ ଛାତ୍ରମାନଙ୍କୁ ସହାୟତା କରିବା ପାଇଁ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଏବଂ କ୍ୟାରିୟର ଗାଇଡ୍ ପ୍ଲାଟ୍‌ଫର୍ମ ବ୍ରିଜ୍‌ୟୁ’କୁ ମିଶ୍ରଣ କରିଛି। ତାଲିମପ୍ରାପ୍ତ ବିଶ୍ୱସ୍ତରୀୟ କ୍ୟାରିୟର ପରାମର୍ଶଦାତା ଭୁବନେଶ୍ୱର, ଦୁର୍ଗାପୁର, ରାଞ୍ଚି, ଅନୁଗୋଳ ଏବଂ ଦିଲ୍ଲୀର ପ୍ରତ୍ୟେକ ଓଡିଏମ୍‌ବିଦ୍ୟାଳୟ କ୍ୟାମ୍ପସରେ ଅବସ୍ଥାପିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ‘ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା’ ଛାତ୍ର ସଫଳତା ଏବଂ ବିଶ୍ୱସ୍ତରୀୟ ଯୋଗଦାନ ପ୍ରତି ଆମର ପ୍ରତିବଦ୍ଧତାର ଉଦାହରଣ ଦେଇଛି। ଏହି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମାରୋହରେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ତଥା ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଗୀଙ୍କୁ ସଚେତନ କରୁଛି ଧୋନୀଙ୍କ ଏଆଇ ଭିଡିଓ

Meril | Treatment Zaroori Hai
Issued in public interest, for you and your loved ones, by Meril.

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ମେଡିକାଲ ଉପକରଣ କମ୍ପାନୀ ମେରିଲ ପକ୍ଷରୁ ‘ଟ୍ରିଟ୍‌ମେଣ୍ଟ ଜରୁରୀ ହେ’ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। କ୍ରିକେଟର ଏମ୍.ଏସ୍. ଧୋନୀଙ୍କ ଏଆଇ-ସଞ୍ଚାଳିତ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାକୁ କେନ୍ଦ୍ରକରି ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିନବ ପ୍ରଣାଳୀ ଠିକ୍ ସମୟରେ ମେଡିକାଲ ଚିକିତ୍ସା କରାଇବା ଏବଂ ବିଭିନ୍ନ ଚିକିତ୍ସା ସମ୍ବନ୍ଧୀୟ ଭୟ ଦୂରକରିବା ଦିଗରେ ରୋଗୀଙ୍କୁ ସଚେତନ କରୁଛି। ଏହି ପ୍ରଚାର ହୃଦ୍‌ରୋଗ, ଗଣ୍ଠି ପ୍ରତିରୋପଣ, ମେଦବହୁଳତା ଅସ୍ତ୍ରୋପଚାର ଏବଂ ଆହୁରି ଅଧିକ ସୁବିଧା ସହିତ ବ୍ୟାପକ ଚିକିତ୍ସା ସମ୍ପର୍କରେ ଅବଗତ କରାଉଛି। ଏଆଇ ଟେକ୍ନୋଲୋଜି ଆଧାରିତ ଏହି ଭିଡିଓ ରୋଗୀ ତଥା ସେମାନଙ୍କ ପରିଜନ ରୋଗକୁ ନ ଡରି ରୋଗର ଠିକ୍ ସମୟରେ ଚିକିତ୍ସା ପାଇଁ ପ୍ରୋତ୍ସାହିତ କରୁଛି। ଏହି ଅଭିଯାନର ଟ୍ୟାଗ୍‌ଲାଇନ ‘ଆପ୍‌କି ତକଲିଫ ସିର୍ଫ ଆପ୍‌କି ନେହି ହୋତି, ଇସିଲିୟେ ଟ୍ରିଟ୍‌ମେଣ୍ଟ ଜରୁରୀ ହେ’ ରହିଛି। ଅର୍ଥାତ୍ ଆପଣଙ୍କ ସମସ୍ୟା କେବଳ ଆପଣଙ୍କର ନୁହେଁ, ସେଥିପାଇଁ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ ବୋଲି ଭିଡିଓରେ ଦର୍ଶାଯାଇଛି। ମେରିଲ ସମୟୋଚିତ ଚିକିତ୍ସା ପାଇଁ ଉତ୍ସାହିତ କରିବାକୁ ଦେଶବ୍ୟାପୀ ଡାକ୍ତର ଏବଂ ହସ୍ପିଟାଲ ସହିତ ସହଭାଗିତା କରିଥିବା ସୂଚନା ରହିଛି। ସ୍ୱାସ୍ଥ୍ୟଯତ୍ନ ବୃତ୍ତିଧାରୀଙ୍କ ସହଯୋଗିତାରେ ମେରିଲ ରୋଗୀଙ୍କ ଆରୋଗ୍ୟ ଓ ଜୀବନର ଗୁଣବତ୍ତାରେ ଉନ୍ନତି ଆଣି ପାରୁଥିବା ଉନ୍ନତ ଚିକିତ୍ସା ବିକଳ୍ପ ଗ୍ରହଣ ବିଷୟରେ ସଚେତନତା ତ୍ୱରାନ୍ୱିତ କରିବା ଲକ୍ଷ୍ୟ ରଖିଛି।

ମେରିଲର ମୁଖ୍ୟ ମାର୍କେଟିଂ ଅଧିକାରୀ ମନୀଷ ଦେଶମୁଖ କହିଛନ୍ତି, ମେରିଲରେ, ଏହି ପ୍ରଚାର ଅଭିଯାନଟି ସର୍ବଦା ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନକରି ଏକ ସୁସ୍ଥ ବିଶ୍ୱ ଗଠନ କରିବା ପାଇଁ ଉଦ୍ଦିଷ୍ଟ । ଏହି ‘ଟ୍ରିଟ୍‌ମେଣ୍ଟ ଜରୁରୀ ହେ’ ପ୍ରଚାର ଦ୍ୱାରା ଆମେ ଦେଶବ୍ୟାପୀ ରୋଗୀଙ୍କୁ ସାହସ ଓ ଆଶାର ବାର୍ତ୍ତା ପ୍ରଦାନ କରିବା ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଧୋନୀଙ୍କ ସମ୍ପୃକ୍ତି ଏହି ପ୍ରଚାରରେ ଏକ ପରିଚିତ ଓ ଆସ୍ଥାଭାଜକ ସ୍ୱର ଯୋଡ଼ିଥିବା ସେ କହିଛନ୍ତି।

# ରାଜମିସ୍ତ୍ରିଙ୍କୁ ପୁରସ୍କୃତକଲା ରାମ୍‌କୋ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ରାମ୍‌କୋ ସିମେଣ୍ଟ କମ୍ପାନୀ ପକ୍ଷରୁ ଗଠିତ ରାମ୍‌କୋ ରାଜମିସ୍ତ୍ରି କ୍ଲବ୍‌ର ପୁରସ୍କାର ପ୍ରଦାନ ଉତ୍ସବ ଭୁବନେଶରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ରାଜମିସ୍ତ୍ରିମାନେ ଏଥିରେ ଯୋଗଦେଇଥିଲେ। କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ବିଭିନ୍ନ ମାନଦଣ୍ଡ ଆଧାରରେ ରାଜମିସ୍ତ୍ରିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ରାମ୍‌କୋର ରାଜ୍ୟ ମୁଖ୍ୟ ପ୍ରତୀକ ରାୟ ଯୋଗଦେଇ ରାଜମିସ୍ତ୍ରିମାନଙ୍କୁ ମାଇକ୍ରୋୱେଭ ଓଭେନ, ୫ଜି ମୋବାଇଲ ଫୋନ, ୱାଶିଂମେଶିନ, ପ୍ରିମିୟମ ସ୍ମାର୍ଟ ଏଲ୍‌ଇଡି ଟିଭି ଏବଂ ଏୟାର କଣ୍ଡିସନର ଭଳି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ସୂଚନା ଥାଉକି, ରାମ୍‌କୋ ରାଜ୍ୟରେ ଏହାର ଗ୍ରାଇଣ୍ଡିଂ ୟୁନିଟ୍ କ୍ଷମତା ଆଉ ୧ ନିୟୁତ ଟନ୍ ବୃଦ୍ଧି କରିଥିବାବେଳେ ଲୋକଙ୍କ ନିକଟରେ କମ୍ପାନୀର ଉତ୍ପାଦ ପହଞ୍ଚାଇବାରେ ରାଜମିସ୍ତ୍ରିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପ୍ରତୀକ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଡିଜିଏମ୍ (ଟେକ୍ନିକାଲ ସର୍ଭିସେସ୍) ଅନ୍ୱେଧେଶ ସିଂହ, ବରିଷ୍ଠ ଡିଜିଏମ(ମାର୍କେଟିଂ) ରଞ୍ଜନ ସାହୁ, ମ୍ୟାନେଜର(ଆକାଉଣ୍ଟସ୍) ସମ୍ବିତ କୁମାର ସ୍ୱାଇଁ, ଡେପୁଟି ମ୍ୟାନେଜର(ବ୍ରାଣ୍ଡ ମ୍ୟାନେଜମେଣ୍ଟ) ସିଦ୍ଧାର୍ଥ ଶଙ୍କର ସାହୁ, ଡେପୁଟି ମ୍ୟାନେଜର (ଟେକ୍ନିକାଲ ସର୍ଭିସେସ୍) ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। କମ୍ପାନୀର ଏପରି ପ୍ରୋତ୍ସାହନ ପାଇଁ ରାଜମିସ୍ତ୍ରିମାନେ କୃତଜ୍ଞତା ଜଣାଇଥିଲେ।




# ଜାୱା ୪୨ ଏଫ୍‌ଜେ, ବିଏସ୍‌ଏ ଗୋଲ୍ଡ ଷ୍ଟାର ଉନ୍ମୋଚିତ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଭାରତର ‘ନିଓ-କ୍ଲାସିକ୍’ ମୋଟରସାଇକେଲ ବର୍ଗର ଅଗ୍ରଣୀ ଜାୱା ୟେଜ୍‌ଦି ମୋଟରସାଇକେଲ ପକ୍ଷରୁ ଶନିବାର ଭୁବନେଶ୍ୱରରେ ୪୨ ଲାଇଫ୍’ ସିରିଜର ନୂତନ ୩୫୦ ଜାୱା ୪୨ ଏଫ୍‌ଜେର ଉନ୍ମୋଚନ କରାଯାଇଛି। ଏହି ଉନ୍ମୋଚନ ବ୍ରାଣ୍ଡ୍ ଆଇକନିକ୍ ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ର ଶୁଭାରମ୍ଭ କରିବା ସହ ଓଡ଼ିଶାର ସର୍ବବୃହତ୍ ଶୋ’ରୁମ୍‌କୁ ଉଦ୍‌ଘାଟନ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ଥିବା ଲକ୍ଷିତା ଅଟୋମୋବାଇଲ୍ସ ନାମକ ଏହି ନୂଆ ଶୋ’ରୁମ୍‌ରେ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ମୋଟରସାଇକେଲର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ହେବ। ଏଥିସହ ଅତ୍ୟାଧୁନିକ ଡିଲରଶିପ୍‌ରେ ଦକ୍ଷ ଟେକ୍ନିସିଆନଙ୍କ ଦ୍ୱାରା ପରିଚାଳିତ ସର୍ଭିସ୍ ସେଣ୍ଟର ରହିଛି। ଜାୱା ୟେଜ୍‌ଦି ମୋଟରସାଇକେଲ୍ସ ଓଡ଼ିଶାରେ ଏହାର ଡିଲରଶିପ୍ ନେଟ୍‌ୱର୍କକୁ ୧୩ରୁ ୨୦ଟି ଆଉଟଲେଟ୍‌କୁ ବୃଦ୍ଧି କରିବ। ଏଥିପାଇଁ ଆଗାମୀ ଦିନରେ ଅତିରିକ୍ତ ୭ଟି ଟଚ୍ ପଏଣ୍ଟ ଖୋଲାଯିବ।

ଏହି ଅବସରରେ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା କହିଛନ୍ତି, ବ୍ରିଟିଶ୍ ଇଞ୍ଜିନିୟରିଂ ଉତ୍କର୍ଷର ପ୍ରତିନିଧିତ୍ୱ କରୁଥିବା ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ ଏବଂ ଆକର୍ଷଣୀୟ ଜାୱା ୩୫୦- ୪୨ ଏଫ୍‌ଜେକୁ ଭୁବନେଶ୍ୱର ଆଣିବା ପାଇଁ ଆମେ ଉତ୍ସାହିତ। ୨୦୨୪ ଜାୱା ୪୨ ଏଫ୍‌ଜେ ଡିଜାଇନ-କେନ୍ଦ୍ରିତ ମୋଟରସାଇକେଲ ଇଞ୍ଜିନିୟରିଂ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ବେଳେ ଏହାର ମୂଲ୍ୟ ଏବଂ ନିର୍ମାଣ ଶୈଳୀର ଆଧୁନିକତାର ସୀମାକୁ ଆଗକୁ ବଢ଼ାଉଛି।



କାର୍ଯ୍ୟକ୍ରମରେ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଓ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରଣଜୀ ଟ୍ରଫି: ଓଡ଼ିଶାର ଦୃଢ଼ ଜବାବ

## ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଅର୍ଦ୍ଧଶତକ

ଭୁବନେଶ୍ୱର,୧୯।୧୦(ସରୋଜ ଜେନା)

କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଓଡ଼ିଶାର ଅଧିନାୟକ ଗୋବିନ୍ଦ ପୋଦ୍ଦାର। ଅବଦୁଲ ସମଦଙ୍କ ଶତକ ବଳରେ ଜମ୍ମୁ କଶ୍ମୀର ୨୭୦ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୯୮ ରନ୍ କରିଛି। ଦଳ ହାତରେ ୫ ଉଇକେଟ ରହିଥିବା ବେଳେ ଏହା ୭୨ ରନ୍ ପଛରେ ରହିଛି। ୬୯.୧ ଓଭରରେ ବର୍ଷା କାରଣରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫/୧ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅନୁରାଗ ଷଡଙ୍ଗୀ(୩୫) ଓ ସନ୍ଦୀପ ପଟ୍ଟନାୟକ (୨୬) ତୃତୀୟ ଉଇକେଟରେ ୫୦ ରନ୍ ଯୋଡିଥିଲେ। ସନ୍ଦୀପଙ୍କୁ ଆଉଟ କରି ସାହିଲ ଲୋତ୍ରା ଏହି ଯୋଡି ଭାଙ୍ଗିଥିଲେ। ପରେ ଅଧିନାୟକ ଗୋବନ୍ଦ ପୋଦ୍ଦାର କ୍ରିଜରେ ଯୋଗ ଦେବା ସହ ଚତୁର୍ଥ ଉଇକେଟରେ ଅନୁରାଗଙ୍କ ସହ ୪୫ ରନ୍ ଯୋଡିଥିଲେ। ଦଳୀୟ ସ୍କୋର



୯୭ ରନ୍‌ରେ ଅନୁରାଗ ଆଉଟ ହୋଇଥିଲେ। ପରେ ଭେଟେରାନ୍ ବିପ୍ଳବ ସାମନ୍ତରାୟ(୧) ଓ ଯୁବ ତାରକା କାର୍ତ୍ତିକ ବିଶ୍ୱାଳ(୪) ସହଜରେ ଆଉଟ ହେବାରୁ ଓଡ଼ିଶା ୧୦୬ ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଉଭୟ ଖେଳାଳିଙ୍କୁ ଆବିଦ୍ ମୁସ୍ତାକ ଆଉଟ କରିଥିଲେ।

ସଙ୍କଟ ମୟ ପରସ୍ଥିତିରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ୧୪୮ ବଲ୍ ଖେଳି ଅପରାଜିତ ୮୭ ରନ୍ କରିଥିବା ବେଳେ ଉଇକେଟ୍ କିପର ଆଶୀର୍ବାଦ ସ୍ୱାଇଁ(୨୫*)ଙ୍କ ସହ ଯୋଡିଛନ୍ତି ଅବିଭାଜିତ ୯୨ ରନ୍। ଗୋବିନ୍ଦଙ୍କ ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଆଶୀର୍ବାଦ ୯୩ ବଲ୍ ଖେଳି ୨ ଚୌକା ସହ ୨୫ ରନରେ ବ୍ୟାଟିଂ କରୁଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ଆବିଦ ମୁସ୍ତାକ ୨, ଆକ୍ୱିବ୍ ଦର, ଉମର ନାଜିର ଓ ସାହିଲ ଲୋତ୍ରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ ୨୭୦/୧୦। ଓଡ଼ିଶା ପ୍ରଥମ ଇନିଂସ ୬୯.୧ ଓଭରରେ ୧୯୮/୫ (ଗୋବିନ୍ଦ ପୋଦ୍ଦାର–୮୭*, ଅନୁରାଗ ଷଡଙ୍ଗୀ–୩୫, ସନ୍ଦୀପ ପଟ୍ଟନାୟକ–୨୬, ଆବିଦ୍ ମୁସ୍ତାକ–୨/୫୨, ସାହିଲ ଲୋତ୍ରା–୧/୨୫, ଉମର ନାଜିର–୧/୨୯, ଆକ୍ୱିବ ଦର–୧/୨୭)।



ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଖୋ ଖୋ ଦଳ।

# ଖେଲୋ ଇଣ୍ଡିଆ ମହିଳା ଖୋ ଖୋରେ ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)

ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଲିଗ୍‌ରେ ଓଡ଼ିଶା ଖୋ ଖୋ ଦଳ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲରେ ଆୟୋଜକ ତାମିଲନାଡୁକୁ ଓଡ଼ିଶା ୧୪–୮ରେ ହରାଇ ଚାମ୍ପିୟନ ହୋଇଛି। ଚଣ୍ଡିଗଡ଼କୁ ତୃତୀୟ ସ୍ଥାନ ମିଳିଛି। ଚାମ୍ପିୟନ ଓଡ଼ିଶାକୁ ପୁରସ୍କାର ଆକାରରେ ଟ୍ରଫି ସହ ୨ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ଖୋ ଖୋ ସଂଘ ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୨୨ରୁ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୧୯।୧୦ (ସରୋଜ ଜେନା)

ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଞ୍ଚେଶ୍ୱରସ୍ଥିତ ପୂର୍ବତଟ ରେଳବାଇ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୨ରୁ ୨୫ତାରିଖ ଯାଏ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ୧୪ଟି ପୂର୍ବାଞ୍ଚଳ ରାଜ୍ୟର ୧୦୦ରୁ ଅଧିକ ଖେଳାଳି ଯୋଗଦେବେ। ମହାଲେଖାକାର ବିଶ୍ୱନାଥ ସିଂହ ଜାଡ଼ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସଞ୍ଜୟ କୁମାର, ସଚିନ କ୍ରିଷ୍ଣା କୌଶିକ, ବାଲକ୍ରୀଷ୍ଣା ନାଲ୍ଲାମୋଥୁ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପୁରୁଷୋତ୍ତମ ବଳ, ସହକାରୀ ଅଡିଟ ଅଫିସର ଚିତ୍ରସେନ ମହାନ୍ତି ଯୋଗଦେଇଥିଲେ ।

## ଏସିସି ଏମର୍ଜିଂ ଟିମ୍ସ ଏସିଆକପ୍

# ପାକିସ୍ତାନ 'ଏ'କୁ ହରାଇଲା ଭାରତ 'ଏ'

**ଅଲ ଆମେରତ, ୧୯।୧୦ (ପି.ଟି.):** ଭାରତ 'ଏ' ସମସ୍ତ ତିନୋଟି ବିଭାଗରେ ଚମତ୍କାର ପ୍ରଦର୍ଶନ ସହ ପାକିସ୍ତାନ 'ଏ'କୁ ୭ ରନରେ ପରାସ୍ତ କରି ଏଠାରେ ଚାଲିଥିବା ଏସିସି ଏମର୍ଜିଂ ଟିମ୍ସ ଏସିଆକପ୍ କ୍ରିକେଟ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛି। ଏହି ରୋମାଞ୍ଚକ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ'ଏ' ୮ ଉଇକେଟରେ ୧୮୩ ରନ ସଂଗ୍ରହ କରିଥିଲା। ଟପ୍ ସ୍କୋରର ତିଳକ ବର୍ମା ୩୫ ବଲ୍‌ରୁ ୪୪ ରନ କରିଥିଲେ। ପରେ ପେସ୍ ବୋଲର ଅଂଶୁଲ କାମ୍ବୋଜ (୩/୩୩) ଓ ରଶିଖ ସଲାମ (୨/୩୦) ଏବଂ ସ୍ପିନର ନିଶାନ୍ତ ସିନ୍ଧୁ (୨/୧୫) ମିଳିତ ଭାବେ ୮ ଉଇକେଟ ଅକ୍ତିଆର କରିନେଇଥିଲେ। ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୭ ଉଇକେଟରେ ୧୭୬ ରନ କରିବାରେ ସମର୍ଥ ହୋଇପାରିଥିଲା। ଭାରତ କେବଳ ବ୍ୟାଟିଂ ଓ ବୋଲିଂରେ ନୁହେଁ ମ୍ୟାଚରେ ପ୍ରଭାବୀ ଫିଲ୍ଡିଂ ମଧ୍ୟ କରିଥିଲା। ରମଣଦୀପ ସିଂ ଏକ ଚିତାକର୍ଷକ କ୍ୟାଚ ନେବା ସହ ଶେଷ ପର୍ଯ୍ୟାୟରେ ବହୁ ମୁଲ୍ୟବାନ ରନ ରୋକି ପାରିଥିଲେ। ଓପନର ଅଭିଷେକ ଶର୍ମା (୨୨ବଲ୍‌ରୁ ୩୫) ଓ ପ୍ରଭଶିମରନ (୧୯ ବଲ୍‌ରୁ ୩୬) ପାକିସ୍ତାନ ପେସ୍ ବୋଲିଂକୁ ବେଖାତିର କରି ଦ୍ରୁତହାରରେ ରନ ସଂଗ୍ରହ କରି ଦଳ ପାଇଁ ଭଲ ଆରମ୍ଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୨୦ ଓଭରରେ ୧୮୩/୮ (ତିଳକ ବର୍ମା–୪୪, ପ୍ରଭଶିମରନ ସିଂ–୩୬; ସୁଫିୟାନ ମୁକିମ୍–୨/୨୮)। ପାକିସ୍ତାନ 'ଏ': ୨୦ ଓଭରରେ ୧୭୬/୭ (ଆରାଫତ ମିନହାସ–୪୧, ୟାସିର ଖାନ୍–୩୩; ଅଂଶୁଲ କାମ୍ବୋଜ–୩/୩୩)।

# ରାଜମାତା ଜିଜାବାଈ ଟ୍ରଫି: ବିଜୟରୁ ଓଡ଼ିଶାର ଅଭିଯାନ

## ପ୍ୟାରୀ, ସୁଭଦ୍ରାଙ୍କ ଡବଲ୍ ଗୋଲ୍

ଭୁବନେଶ୍ୱର,୧୯।୧୦(ସରୋଜ ଜେନା)

ରାଜମାତା ଜିଜାବାଈ ଟ୍ରଫି ସିନିୟା ମହିଳା ଫୁଟବଲ୍ ଟୁର୍ନାମେଣ୍ଟରେ ଲଦାଖକୁ ୭–୦ରେ ହରାଇ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଦଳ ପକ୍ଷରୁ ପ୍ୟାରୀ ଖାଖା(୨୭ ଓ ୩୫) ଓ ସୁଭଦ୍ରା ସାହୁ(୨୨ ଓ ୪୧) ମିନିଟରେ ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଳତୀ ମୁଣ୍ଡା (୭୧ ମିନିଟ), ମନୀଷା ନାୟକ(୬୮ ମିନିଟ) ଓ ଦୀପା ନାୟକ(୮୪ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ପ୍ରଥମରୁ ଓଡ଼ିଶା ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ପ୍ରଥମ ହାଫ୍‌ରେ ହିଁ ପ୍ୟାରୀ ଖାଖା ଓ ସୁଭଦ୍ରା ଦୁଇଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଓଡ଼ିଶା ୪–୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୩ ଗୋଲ ସ୍କୋର କରିଥିଲା।

# ୧୧୮ ଖେଳାଳିଙ୍କ ଅଂଶଗ୍ରହଣ



ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

## ୟୋନେକ୍ସ ସନ୍‌ରାଇଜ ମିନି ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ

ଭୁବନେଶ୍ୱର,୧୯।୧୦(ସରୋଜ ଜେନା)

ଭୁବନେଶ୍ୱରର ପୋଖରୀପୁଟରେ ଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅଲ ଓଡ଼ିଶା ୟୋନେକ୍ସ ସନ୍‌ରାଇଜ ମିନି (୧୧ ବର୍ଷରୁ କମ୍), ସବ୍‌ଜୁନିୟର(୧୩ ବର୍ଷରୁ କମ୍) ବାଳିକା ଓ ବାଳକ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ବର୍ଷିୟାନ ବ୍ୟାଡ୍‌ମିଣ୍ଟନ ଖେଳାଳି କମଲ ଦାସ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୧ ବର୍ଷ ବୟସ ବର୍ଗରେ କଟକର ଅର୍ଣ୍ଣବ ସାହୁ ୨୧–୧୨, ୨୧–୧୪ରେ ଭୁବନେଶ୍ୱରର ଆୟୁଷ ମିଶ୍ରଙ୍କୁ, ୧୧ ବର୍ଷ ବାଳିକା ଡବଲ୍ସରେ ସମ୍ବଲପୁରର ଆରଣି ବେହେରା ଏବଂ ଅଲିନାରାଜ ୨୧–୧୬, ୨୧–୧୧ରେ କଟକ–ଭୁବନେଶ୍ୱର ଯୋଡି ଅମ୍ରିତା ରାଉତ ଓ ସାଇପ୍ରିୟା ସୁବୁଦ୍ଧିକୁ ହରାଇଛନ୍ତି। ୧୩ ବର୍ଷ ବୟସ ବାଳକ ସିଙ୍ଗଲ୍ସରେ ପୀୟୁଷ ରଞ୍ଜନ ବେହେରା, ନମନ ଗୁପ୍ତା, ଖୋର୍ଦ୍ଧାର ପୁନିତ ବେହେରା, ସମ୍ବଲପୁରର ଲିପ୍ସମ ବାର, ଆଦିତ୍ୟ ପଧାନ, ଆଦିତ୍ୟ ସାହୁ, ଅନୁରୂପ ସାହୁ, ଆୟୁଷ ମିଶ୍ର, ଅଦ୍ୱୈତ ଦ୍ୱିବେଦୀ, ଆୟୁଦ୍ଧ ପଟ୍ଟନାୟକ, ଭଦ୍ରକର ସାଇଜ୍ୟୋତି ପରିଡା, ହେମକେଶ ମହାପାତ୍ର, ଋତୁରାଜ ପଟେଲ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୩ ବର୍ଷ ବୟସ ବାଳିକା ସିଙ୍ଗଲ୍ସରେ ଆଦ୍ୟାଶା ସାହୁ, ଶୁଭସ୍ମିତା ଛତ୍ରିଆ, ସରାୟା ପିନିତି, ସମୃଦ୍ଧିରାଜ ବିଶ୍ୱାଳ, ରିଷିକା ଦାଶ, ଆରାଧନା ବେବର୍ତ୍ତା, ତମନ୍ନା ତାରା ସାହୁ ଓ ଦର୍ଶନା ଜଗଦ୍ଦେବ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୟପ୍ରକାଶ ଜେନା, ନିରଞ୍ଜନ ବିଶ୍ୱାଳ, ଅଜିତ ମହାନ୍ତି, ଅବଦୁଲ ହାକିମ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଶ୍ରୀହାନ୍, ସ୍ନେହାଯୁକ୍ତା ଟପ୍‌ସିଡ୍



ପ୍ରଥମ ଦିନରେ ଅନୁଷ୍ଠିତ ପ୍ରଅତିଯୋଗିତା।

ଭୁବନେଶ୍ୱର, ୧୯।୧୦ (ବିଜୟ ରଣା)

ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟ୍ ହଲ୍ ପରିସରରେ ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ୭ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାରୁ ଓପନ ବିଭାଗରେ ୯୭ ଜଣ ଏବଂ ବାଳିକା ବିଭାଗରେ ୫୨ଜଣଙ୍କ ସମେତ ମୋଟ ୧୪୯ ପ୍ରତିଯୋଗୀ ଭାଗ ନେଇଛନ୍ତି। ତନ୍ମଧ୍ୟରେ ୪୮ ଜଣ ଫିଡେ ରେଟେଡ ଖେଳାଳି ରହିଛନ୍ତି। ଓପନ ବର୍ଗରେ ଗଞ୍ଜାମର ଶ୍ରୀହାନ୍ ସାବତ ଟପ୍ ସିଡ୍‌ର ଏବଂ କଟକର ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ଦ୍ୱିତୀୟ ସିଡ୍ ମାନ୍ୟତା ଲାଭ କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ସ୍ନେହାଯୁକ୍ତା ବେହେରା ଟପ୍ ସିଡ୍ ଏବଂ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ଓ ବରିଷ୍ଠ ସଦସ୍ୟ (କଟକ ଜିଲା ଚେସ୍ ସଂଘ) ପ୍ରଦ୍ୟୁମ୍ନ କେଶରୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଚେସ୍ ସଂଘର ମୁଖ୍ୟ ଉପଦେଷ୍ଟା ରଞ୍ଜନ ମହାନ୍ତି, ଫନିନ୍ଦ୍ରନାଥ ମହାନ୍ତି (ଉପଦେଷ୍ଟା), ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, କ୍ରୀଡ଼ା ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବିଶୋଇ, ସମ୍ପାଦକ ଅଜୟ କୁମାର ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ସୁଦ୍ଧା ବାଳିକା ବର୍ଗରେ ସ୍ନେହାଯୁକ୍ତା ବେହେରା, ଜୟଲକ୍ଷ୍ମୀ ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଇଶାନି ଦାସ, ଦୃଷ୍ଟି ପ୍ରଧାନ, ଅଦିତୀ ମହାରଣା, ସୃଷ୍ଟି ଶ୍ରେୟସୀ, ସ୍ୱୟଂଶୀ ସାଇସ୍ନାତା, ସାନ୍‌ଭି ମିଶ୍ର, ସୃଜନୀ ଷଡ଼ଙ୍ଗୀ, ଜ୍ୟୋତିଷ ସାହୁ, ଅନୁଶ୍ରୀ ପାଢ଼ୀ, ନିଭୃତା ପଟ୍ଟନାୟକ ଓ ଜାନ୍‌ଭୀ ମିଶ୍ର ପ୍ରମୁଖ ୨ ପଏଣ୍ଟ ସହ ଅଗ୍ରଣୀ ଲାଭ କରିଛନ୍ତି। ସେହିପରି ଓପନ ବର୍ଗରେ ଶ୍ରୀହାନ ସାବତ, ସ୍ୱସ୍ତିକା ଶୁଭମ ପଟ୍ଟନାୟକ, ପ୍ରତ୍ୟାଶା ଜେନା, ଆର୍ୟନ ବେହେରା, ଆଦିତ୍ୟ ବିକ୍ରମ, ଲଳିତ ରଞ୍ଜନ ସାହୁ, ବିଶ୍ୱଜିତ ରାୟ, ହିମାଂଶୁ ନାୟକ, ଆୟୁଷ ଆର୍ୟନ ମହାପାତ୍ର, ପ୍ରତ୍ୟୁଷ ନାୟକ ଜିତେଶ ସାମଲ, ଦେବର୍ପିତ ମିଶ୍ର, ସନ୍ଦିପା ପ୍ରିୟଦର୍ଶିନୀ ସାହୁ, ରିଦ୍ଧିକ ରାଜ ମିଶ୍ର, କେ. ସାଇକ୍ରିଷ୍ଣା ଦୋରା, ଇଶାନ ପାଣିଗ୍ରାହୀ ପ୍ରମୁଖ ବିଜୟ ଲାଭ କରି ମିଳିତ ଅଗ୍ରଣୀ ଲାଭ କରିଛନ୍ତି।

# ଜାପାନକୁ ହରାଇ ଭାରତର ଅଭିଯାନ

**ଜୋହର, ୧୯।୧୦ (ପି.ଟି.):** ଭାରତ ୪–୨ ଗୋଲ୍‌ରେ ଜାପାନକୁ ହରାଇ ଏଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ଅମିର ଅଲି (୧୨ତମ ମିନିଟ), ଗୁର୍‌ଜୋତ ସିଂ (୩୬ତମ), ଆନନ୍ଦ ସୌରଭ କୁଶାହା (୪୪ତମ) ଓ ଅଙ୍କିତ ପାଲ୍ (୪୭ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଟିସୁବାସା ଟାନାକା (୨୬ତମ) ଓ ରାକୁସି ୟାମାନାକା (୫୭ତମ) ଜାପାନ ପକ୍ଷରୁ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଗୋଲ ସୁଯୋଗ ଲକ୍ଷ୍ୟରେ ରହିଥିଲା। ୧୨ତମ ମିନିଟରେ ଦଳ ଜାପାନ ଡିଫେନ୍ସକୁ ଭେଦ କରିବାରେ ସଫଳ ରହିଥିଲା। ଅମିର ଅଲି ଏକ ଚମତ୍କାର ଗୋଲ୍ ସ୍କୋର କରି ଦଳକୁ ୧–୦ରେ ଅଗ୍ରଣୀ କରାଇଥିଲେ। ତେବେ ଜାପାନ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲା। ୨୬ତମ ମିନିଟରେ ଟିସୁବାସା ଟାନାକାଙ୍କ ଗୋଲ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ଏହା ସତ୍ତ୍ୱେ ଭାରତ ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲା। ମଧ୍ୟାନ୍ତରର ୬ମିନିଟ୍ ପରେ ଗତମାସରେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଗୁର୍‌ଜୋତ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ସ୍କୋର କରି ଦଳକୁ ୨–୧ରେ ଅଗ୍ରଣୀ କରାଇଥିଲେ। ରବିବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବ।

# ସ୍ୱାଗତିକା ବ୍ୟାଟିଂ କୋଚ୍

## ୧୯ ବର୍ଷରୁ କମ୍ ମହିଳା ଟି୨୦

ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)

ଓଡ଼ିଶାର ପୂର୍ବତନ ତାରକା ମହିଳା ଖେଳାଳି ସ୍ୱାଗତିକା ରଥଙ୍କୁ ମିଳିଛି ଗୁରୁଦାୟିତ୍ୱ। ରାୟପୁରରେ ଆଗାମୀ ୨୪ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ୧୯ ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସ୍ୱାଗତିକାଙ୍କୁ ଟିମ୍–ବି'ର ବ୍ୟାଟିଂ କୋଚ୍ ନିଯୁକ୍ତ କରାଯାଇଛି। ଟୁର୍ନାମେଣ୍ଟ ପାଇଁ ଦଳକୁ ପ୍ରସ୍ତୁତ କରିବାକୁ ସ୍ୱାଗତିକା ଆସନ୍ତା ୨୧ ତାରିଖରେ ଦଳସହ ଯୋଗଦେବେ। ପ୍ରକାଶ ଯୋଗ୍ୟ ଯେ, ସ୍ୱାଗତିକା ବିଗତ ୨ ବର୍ଷ ଧରି ୧୯ ବର୍ଷରୁ କମ୍ ଓଡ଼ିଶା ମହିଳା ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ବିସିସିଆଇ ପକ୍ଷରୁ ନୂଆ ଦାୟିତ୍ୱ ମିଳିଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ସ୍ୱାଗତିକା ରଥ

# ଦୃଷ୍ଟିବାଧିତ କ୍ରିକେଟ: କୋରାପୁଟ ଚାମ୍ପିୟନ

ଭୁବନେଶ୍ୱର, ୧୯।୧୦ (ବିଜୟ ରଣା)

ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ୍ କଲେଜର ସହଯୋଗରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି।

ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ କୋରାପୁଟ ଦୃଷ୍ଟିବାଧିତ କ୍ରିକେଟ ଦଳ ଏବଂ ମାରଙ୍ଗବୁରୁ ଦୃଷ୍ଟିବାଧିତ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ କୋରାପୁଟ ଦଳ ୭ ଉଇକେଟରେ ମାରଙ୍ଗବୁରୁ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମାରଙ୍ଗବୁରୁ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୯ ଉଇକେଟ୍ ବିନିମୟରେ ୧୧୯ ରନ କରିଥିଲା। ଦଳ ପକ୍ଷରୁ ଲାଲପ୍ରସାଦ ସରେନ ୫୬ ଓ ରାମଦାସ ମୁର୍ମୁ ୧୬ ରନ୍ କରିଥିଲେ। ଶୁକଦେ ସରେନ ଓ ରାମଚନ୍ଦ୍ର ହାଁସଦା ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କୋରାପୁଟ ଦଳ ୧୨.୨ ଓଭରରେ ୩ ଉଇକେଟ ବିନିମୟରେ ୧୨୦ ରନ୍ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚ୍‌ରେ କୋରାପୁଟ ଦଳର ସୁଖରାମ ମାଝୀ ୩୭ ବଲ୍ ୫୦ ରନ୍ କରିବା ସହ ଗୋଟିଏ ଉଇକେଟ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି–୧ ବର୍ଗରେ ଦେବରାଜ ବେହେରା, ବି–୨ ବର୍ଗରେ ରଘୁରାମ ନାୟକ ଏବଂ ବି–୩ ବର୍ଗରେ ରାମଦାସ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ଏହି ଉପଲେକ୍ଷ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ହାଇଟେକ୍ ଗ୍ରୁପ୍ ର ଚେୟାରମ୍ୟାନ, ତିରୁପତି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ତଥା ସମାଜିକକର୍ମୀ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ସାଧାରଣ ସଂପାଦକ, ସନ୍ୟାସୀ କୁମାର ବେହେରା, ମହିଳା ଓ ଶିଶୁ ବିକାଶ ଅନୁଷ୍ଠାନ ଅଧ୍ୟକ୍ଷା, ମେଜର ଡକ୍ଟର କଳ୍ପନା ଦାସ, ହାଇଟେକ୍ ମେଡିକାଲ କଲେଜ କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି, ସକ୍ଷମ ଫାଉଣ୍ଡେଶନ ଅଧ୍ୟକ୍ଷା ମନସ୍ୱିତା ଜେନା, ଭାରତ ସରକାରଙ୍କ ଖାଉଟି କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦିକା, ଶ୍ରୀମତୀ ନୀଳିମା ପାତ୍ର ଏବଂ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡକ୍ଟର୍ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି, ମହମ୍ମଦ ଜାଫର ଇକବାଲ୍ ପରିଚାଳନା କରିଥିଲେ।





ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ କୋରାପୁଟ ଦଳ।

# ପାଣିପାଗ ପରିବର୍ତ୍ତନ

**କେତେବେଳେ ପ୍ରବଳ ଗରମ, ଗୁଳୁଗୁଳି ତ ଆଉ କେତେବେଳେ ଜୋର୍ ବର୍ଷା। ହଠାତ୍ ଏଭଳି ପାଣିପାଗ ପରିବର୍ତ୍ତନ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ଏମିତିରେ ନିଜକୁ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...**









ସରିଆସିଲାଣି ଅକ୍ଟୋବର। ହେଲେ ଏଯାଏ କମୁନି ଖରାର ପ୍ରକୋପ। ଏମିତିକି ରାତିରେ ବି ଅନୁଭବ ହେଉଛି ଗରମ। ପୁଣି କେବେ ହଠାତ୍ ହେଉଛି ପ୍ରବଳ ବର୍ଷା। ଏଭଳି ପାଣିପାଗ ପରିବର୍ତ୍ତନ ଅନେକଙ୍କ ସ୍ୱାସ୍ଥ୍ୟ ଉପରେ ପକାଉଛି ନକାରାତ୍ମକ ପ୍ରଭାବ। ତେଣୁ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

**ରୁହନ୍ତୁ ସତର୍କ:** ପ୍ରବଳ ଖରା ପୁଣି ହଠାତ୍ ବର୍ଷା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ବର୍ତ୍ତମାନ ଚାଲିଥିବା ଅଦିନିଆ ବର୍ଷା ବାହାରକୁ ବାହାରିବାରେ ଅସୁବିଧା ସୃଷ୍ଟି କରୁଛି ଏବଂ ବର୍ଷାପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଅଧିକାଂଶଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ତେଣୁ ବାହାରକୁ ଯିବା ବେଳେ ହଠାତ୍ ବର୍ଷାରୁ ରକ୍ଷା ପାଇବା ଲାଗି ପାଖରେ ରେନିକୋଟ୍, ଛତା ରଖନ୍ତୁ। ପାଖରେ ହଲେ ଏକ୍ସଟ୍ରା ଡ୍ରେସ୍ ରଖିଲେ ଭଲ। ଯଦି ବର୍ଷାରେ ଭିଜିଯାଆନ୍ତି, ତେବେ ତୁରନ୍ତ ଭଲ ଭାବେ ପୋଛି ହୋଇ ଶୁଖିଲା ପୋଷାକ ପିନ୍ଧନ୍ତୁ, ନଚେତ୍ ଦେହରେ ଅଧିକ ସମୟ ଓଦା ପୋଷାକ ରହିବା ଯୋଗୁ ଥଣ୍ଡା, କାଶ, ଜ୍ୱର ସହ ଚର୍ମରୋଗ ବିଶେଷକରି ଫଙ୍ଗାଲ ଇନ୍‌ଫେକ୍ସନ ହେବାର ଆଶଙ୍କା ବଢ଼ିପାରେ।

**ଶରୀରକୁ ହାଇଡ୍ରେଟ୍ ରଖନ୍ତୁ:** ଗୁଳୁଗୁଳି ଯୋଗୁ ଅଧିକ ଝାଳ ହେଉଥିବାରୁ ଅନେକଙ୍କଠାରେ ଜଳୀୟାଂଶ କମିଯାଇ ଡିହାଇଡ୍ରେଶନ୍ ସହ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ। ହେଲେ ଏଦିନେ ବର୍ଷାରେ ଏହି ସମସ୍ୟା ଅଧିକ ବଢ଼ିଯାଏ। ଏହାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳ ଅଧିକ ଶୁଷ୍କ ଥିବାରୁ ଧୂଳିକଣା ଆକାରରେ ଥିବା କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ, ଯାହାକି ବର୍ଷା ଆକାରରେ ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ୍ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ଏସବୁ ଦୂର କରିବା ଲାଗି ଶରୀରକୁ ହାଇଡ୍ରେଟ୍ ରଖିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଚୁର ପରିମାଣରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

**ଖାଦ୍ୟ ବଢ଼ାଇବ ଇମ୍ୟୁନିଟି ପାୱାର:** ବର୍ତ୍ତମାନ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ଭଳି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଗରମରୁ ଥଣ୍ଡା କିମ୍ବା ଲଘୁଚାପ, ହଠାତ୍ ଝଡ଼ତୋଫାନ ଆଦି ଯୋଗୁ ହେଉଥିବା ପାଣିପାଗ ପରିବର୍ତ୍ତନ। ତେଣୁ ଏଭଳି ସିଜ୍‌ନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡରଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଏହାବ୍ୟତୀତ ଭିଟାମିନ୍ ବି-୬, ଏ, ସି, ଇ ସହିତ ଜିଙ୍କ୍, ପୋଟାସିୟମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ।

**କରନ୍ତୁ ଶାରୀରିକ ବ୍ୟାୟାମ:** କିଛିଦିନ ହେବ ସକାଳୁଆ ଖରାର ପ୍ରକୋପ ଏତେ ଅଧିକ ରହୁଛି ଯେ, ବାହାରକୁ ଯାଇ ଏକ୍ସରସାଇଜ୍, ସାଇକ୍ଲିଂ କରିବା କଷ୍ଟ ହୋଇ ପଡୁଛି। ପୁଣି କେତେବେଳେ ହଠାତ୍ ବର୍ଷା ମଧ୍ୟ ଏଥିପାଇଁ ବାଧକ ସାଜୁଛି। ହେଲେ ଯଦି ବାହାର ଖୋଲା ଜାଗାରେ ଏକ୍ସରସାଇଜ୍ ନ କରୁଛନ୍ତି, ତେବେ ଘର ଭିତରେ ବିଭିନ୍ନ ଯୋଗ, ବ୍ୟାୟାମ କରି ନିଜକୁ ଫିଟ୍ ରଖନ୍ତୁ। କାରଣ ଏଭଳି ପାଣିପାଗ ପରିବର୍ତ୍ତନ ଭିତରେ ନିଜକୁ ଫିଟ୍ ରଖିବାର ସବୁଠୁ ବଡ଼ ବଡ଼ ମନ୍ତ୍ର ହେଉଛି ଯୋଗ ଏବଂ ବ୍ୟାୟାମ।

**ସତର୍କତା ଅବଲମ୍ବନ ଜରୁରୀ:** ପାଣିପାଗ ପରିବର୍ତ୍ତନ, ଲଘୁଚାପ ଏବଂ ଏଥିପାଇଁ ବାତ୍ୟା ହେବାକୁ ନେଇ ବର୍ତ୍ତମାନ ବାରମ୍ବାର ସତର୍କ ସୂଚନା ଦିଆଯାଉଛି। ତେଣୁ ବର୍ତ୍ତମାନର ସମ୍ବେଦନଶୀଳ ସମୟରେ ସର୍ବଦା ବାହାରକୁ ଯିବା ପୂର୍ବରୁ ରେଡିଓ, ଟିଭି, ଇଣ୍ଟରନେଟ୍ ଆଦିରୁ ପାଣିପାଗ ସୂଚନା ଦେଖିବାକୁ ଭୁଲନ୍ତୁ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜୋର୍ ବର୍ଷା ଏବଂ ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବାଠାରୁ ଦୂରେଇ ରୁହନ୍ତୁ। ଏହାର ଡାଟା ଅନ୍ ଥିଲେ ଅଫ୍ କରନ୍ତୁ, ଚାର୍ଜରେ ବସିଥିଲେ ତୁରନ୍ତ କାଢ଼ିଦିଅନ୍ତୁ। ଫୋନ୍ ସୁଇଚ୍‌ଅଫ୍ କରିଦେବା ଭଲ। ନଚେତ୍ ଏହା ବ୍ଲାଷ୍ଟ ହେବା ଯୋଗୁ ଜୀବନ ଯିବାର ବି ଆଶଙ୍କା ରହିଛି।







## ଏ ସପ୍ତାହର ପ୍ରଶ୍ନ

୧- ............ ପକ୍ଷରୁ ଯୁବ ସଂଗମ ପୋର୍ଟାଲ୍ ଆରମ୍ଭ କରାଯାଇଛି ?
୨- ଫୁଟ୍‌ରଟ୍ ରୋଗ ........... ଯୋଗୁ ହୋଇଥାଏ ?
୩- ମାଉଣ୍ଟ ଧଉଳିଗିରି ............ରେ ଅବସ୍ଥିତ ?
୪- ମାଇଣ୍ଡ ଫୁଲ୍‌ନେସ୍ ଇଣ୍ଡିଆ ସମିତି .........ଠାରେ ଆୟୋଜିତ ହୋଇଥିଲା ?
୫- ୨୦୨୪ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ବିଜୟୀ ସାଉଥ୍ କୋରିଆର ବିଶିଷ୍ଟ ଲେଖକ ............. ?

## ଗତ ଥରର ଉତ୍ତର

୧ ପେରୁ
୨ ଆବୁଧାବି
୩ ସ୍ୱାଇରାଲ୍ ଗାଲାକ୍ସି
୪ ସିକନ୍ଦରାବାଦ
୫ ବାଲ୍ ଗଙ୍ଗାଧର ତିଲକ

## ଉତ୍ତରଦାତା


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଭାଗ୍ୟଶ୍ରୀ ହଂସ
କଳାହାଣ୍ଡି


ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦାମୀ ଆକ୍ୱାରିୟମ୍ ମାଛ



୧- ପ୍ଲାଟିନମ୍ ଆରୋୱାନା............................ ୪୦୦.୦୦୦ ଡଲାର
୨- ଫ୍ରେଶ୍ ୱାଟର ପୋଲ୍‌କାଡଟ୍ ଷ୍ଟିଙ୍ଗ୍‌ରେ ............. ୧୦୦, ୦୦୦ ଡଲାର
୩- ପିପରମିଣ୍ଟ ଆଞ୍ଜେଲ୍‌ଫିଶ୍ ......................... ୩୦,୦୦୦ ଡଲାର
୪- ମାକ୍ସଡ୍ ଆଞ୍ଜେଲ୍‌ଫିଶ୍............................ ୨୦,୦୦୦ ଡଲାର
୫- ବ୍ଲେଡ୍‌ଫିନ୍ ବାସ୍‌ଲେଟ୍ ............................ ୧୦,୦୦୦ ଡଲାର
୬- ଗୋଲ୍ଡେନ୍ ବାସ୍‌ଲେଟ୍ .............................. ୮,୦୦୦ ଡଲାର
୭- ନେପ୍‌ଚ୍ୟୁନ୍ ଗ୍ରୁପର୍................................. ୬,୦୦୦ ଡଲାର
୮- ଅଷ୍ଟ୍ରେଲିଆନ୍ ଫ୍ଲାଟ୍‌ହେଡ୍ ପର୍ଚ..................... ୫,୦୦୦ ଡଲାର
୯- ରଟ୍ ଆଇରନ୍ ବଟରଫ୍ଲାଏ ଫିଶ୍ .................... ୨,୭୦୦ ଡଲାର
୧୦- କ୍ଲାରିଅନ୍ ଆଞ୍ଜେଲ୍‌ଫିଶ୍ ......................... ୨,୫୦୦ ଡଲାର

## ଜାଣନ୍ତୁ ଦୁନିଆ

### କାନାଡା

**ଉତ୍ତର ଆମେରିକାର ଏକ ବଡ଼ ଦେଶ ହେଉଛି କାନାଡା। ପ୍ରାକୃତିକ ସୌନ୍ଦର୍ଯ୍ୟ, ସାଂସ୍କୃତିକ ବିବିଧତା, ଶାନ୍ତିପ୍ରିୟ ନୀତି, ଉଚ୍ଚ ଜୀବନଶୈଳୀ ପାଇଁ ଏହି ଦେଶ ବିଶ୍ୱ ଦରବାରରେ ବେଶ୍ ପ୍ରସିଦ୍ଧ। ଏହା ସମ୍ପର୍କରେ କିଛି ତଥ୍ୟ...**

■ କ୍ଷେତ୍ରଫଳ ହିସାବରେ କାନାଡା ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶ।

■ ଏହି ଦେଶରେ ପୃଥିବୀର ପ୍ରାୟ ୨୦ଭାଗ ତାଜା ପାଣି ଗଚ୍ଛିତ ରହିଛି। ଅନ୍ୟ ସବୁ ଦେଶଠାରୁ ଅଧିକ ସଂଖ୍ୟକ ଅର୍ଥାତ୍ ପ୍ରାୟ ୩୧,୭୦୦ରୁ ଉର୍ଦ୍ଧ୍ୱ ହ୍ରଦ ଏଠାରେ ରହିଛି। ୨୦୨,୦୮୦ କିଲୋମିଟର ବିଶିଷ୍ଟ ଦୁନିଆର ସବୁଠାରୁ ବଡ଼ ତଟରେଖା ଏହି ଦେଶରେ ରହିଛି।

■ ଏହି ଦେଶରେ ମୁଖ୍ୟତଃ ଇଂଲିଶ୍ ଏବଂ ଫ୍ରେଞ୍ଚ୍ ଦୁଇଟି ସରକାରୀ ଭାଷା ଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ମାତୃଭାଷା ବ୍ୟବହୃତ ହୋଇଥାଏ।

■ ଏହି ଦେଶରେ ପ୍ରାୟ ୧.୪ରୁ ଉର୍ଦ୍ଧ୍ୱ ଆଦିବାସୀ ବାସ କରନ୍ତି।

■ ଏହି ଦେଶରେ ସାକ୍ଷରତା ହାର ଦୁନିଆରେ ସବୁଠୁ ଅଧିକ, ଅର୍ଥାତ୍ ଏଠାରେ ୯୯% ବାସିନ୍ଦା ଶିକ୍ଷିତ।

■ ୧୯୭୧ ମସିହାରେ କାନାଡା ସରକାରୀ ସ୍ତରରେ ଆପ୍ରବାସନ ନିୟମ (ଓପନ ଇମିଗ୍ରେଶନ୍ ପଲିସି) ଆରମ୍ଭ କରିଥିଲା। ସେବେଠୁ ପୃଥିବୀର ବିଭିନ୍ନ ଦେଶର ଲୋକେ ଏଠାରେ ଘର କରିବା ଆରମ୍ଭ କଲେ।



■ କାନାଡା ଏବଂ ସଂଯୁକ୍ତ ରାଷ୍ଟ୍ର ଆମେରିକା ମଧ୍ୟରେ ଥିବା ସୀମା ପୃଥିବୀର ସର୍ବବୃହତ୍ ସେନାବିହୀନ ସୀମା।

■ ପୃଥିବୀର ସର୍ବବୃହତ୍ ଦ୍ୱୀପ୍ ଗ୍ରୀନ୍‌ଲାଣ୍ଡ କାନାଡାରେ ଅବସ୍ଥିତ।

■ ଏହା ଏକ ଥଣ୍ଡା ଦେଶ। ଏଠାରେ ଥିବା ୟୁକୋନ ନାମକ ସ୍ଥାନରେ ୧୯୪୭ ମସିହା ଫେବୃଆରୀ ୩ ତାରିଖରେ ସବୁଠାରୁ କମ୍-୬୩ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା।

■ ପୃଥିବୀର ସର୍ବବୃହତ୍ ଜାତୀୟ ରାଜପଥ (ନ୍ୟାଶନାଲ୍ ରୋଡ୍) ରହିଛି କାନାଡାରେ, ଯାହାର ନାମ ଟ୍ରାନ୍ସ କାନାଡା ହାଇୱେ। ଏହାର ଲମ୍ବ ୪୮୬୦ ମାଇଲ୍।



## ୟୁଥ୍ ଆଲର୍ଟ

# ଚଷମା ବ୍ୟବହାର କରୁଥିଲେ

**ଚକ୍ଷୁ ସମସ୍ୟା କାରଣରୁ ହେଉ କିମ୍ବା ଧୂଳି, ସୂର୍ଯ୍ୟକିରଣ, କମ୍ପ୍ୟୁଟର ରେଡିଏଶନ୍ ଆଦିରୁ ଚକ୍ଷୁକୁ ସୁରକ୍ଷା ଦେବା ଅବା ଫ୍ୟାଶନ୍ ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀ ଯୁବକ ଚଷମା ବ୍ୟବହାର କରୁଛନ୍ତି। ହେଲେ ଏହାକୁ ବ୍ୟବହାର କରୁଥିଲେ କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ...**



▶▶। ଚଷମା କିଣିବା ପୂର୍ବରୁ ପ୍ରଥମେ ଏହାକୁ ପିନ୍ଧି ଚେକ୍ କରନ୍ତୁ ଏହା ଆଖିକୁ କ୍ଲିଅର୍ ଏବଂ କମ୍ଫର୍ଟେବଲ୍ ଭିଜନ୍ ଦେଉଛି ନା ନାହିଁ। ବିଶେଷକରି ପାୱାର ଚଷମା କିଣୁଥିଲେ ପ୍ରଥମେ ଆଖିର ପାୱାର୍ ଠିକ୍ ଭାବେ ଚେକ୍ କରନ୍ତୁ। ନହେଲେ ଏହାଦ୍ୱାରା ପରବର୍ତ୍ତୀ ସମୟରେ ଆଖି ଉପରେ ପ୍ରେସର ପଡ଼ିବା ସହ ବିଭିନ୍ନ ସମସ୍ୟା ଉପୁଜିପାରେ।

▶▶। ଚଷମାକୁ ସବୁବେଳେ ଦୁଇ ହାତରେ ଧରି ପିନ୍ଧନ୍ତୁ ଏବଂ କାଢନ୍ତୁ। କାରଣ ଗୋଟିଏ ହାତରେ ଧରିଲେ ଫ୍ରେମ୍ ବଙ୍କା ହୋଇଯିବାର ଆଶଙ୍କା ରହିଛି, ଯଦ୍ୱାରା ଆଖିରେ ମଧ୍ୟ ପ୍ରେସର ପଡ଼ିଥାଏ।

▶▶। ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍ ଫ୍ରେମ ଥିବା ଚଷମା ଉପଲବ୍ଧ। ହେଲେ ଷ୍ଟାଇଲିସ୍ ଦେଖାଯିବା ନିଶାରେ ଅଧିକ ଭାରି ଫ୍ରେମ୍ ଥିବା ଚଷମା ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏହା ନାକ ଏବଂ କାନ ଉପରେ ଚାପ ପକାଉଥିବାରୁ ପରବର୍ତ୍ତୀ ସମୟରେ ଯନ୍ତ୍ରଣା ସୃଷ୍ଟି କରିଥାଏ।

▶▶। ଚଷମା ଗ୍ଲାସ୍‌ରେ ବିଭିନ୍ନ ପ୍ରକାରର କୋଟିଂ ଆସୁଛି। ଏହାକୁ ମନଇଚ୍ଛା ନ କିଣି ଡାକ୍ତରଙ୍କ ପରାମର୍ଶକ୍ରମେ କିଣନ୍ତୁ। ଯେପରି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ହେଉଥିଲେ ଏହାର ହାନିକାରକ ଲାଇଟ୍‌ରୁ ସୁରକ୍ଷା ପାଇଁ ଆଣ୍ଟିଗ୍ଲେୟାର୍ କୋଟିଂଯୁକ୍ତ ଲେନ୍ସ, ବାରମ୍ବାର ବାହାରକୁ ଯିବାକୁ ହେଉଥିଲେ ସୂର୍ଯ୍ୟ କିରଣରେ ଆସୁଥିବା ଅଲ୍‌ଟ୍ରାଭାଓଲେଟ୍ ଲାଇଟ୍‌ରୁ ସୁରକ୍ଷା ପାଇଁ ଫୋଟୋକ୍ରୋମିକ୍ ଲେନ୍ସ ବ୍ୟବହାର କରିପାରିବେ।

▶▶। ଗ୍ଲାସ୍ ଲେନ୍ସ ଥିବା ଚଷମାର ଓଜନ ଅଧିକ ହେବା ସହ ସ୍କ୍ରାଚ୍ ହେବା ଓ ପଡ଼ିଗଲେ ଶୀଘ୍ର ଭାଙ୍ଗିଯିବାର ଆଶଙ୍କା ଥାଏ। ସେହିପରି ପ୍ଲାଷ୍ଟିକ୍ ଲେନ୍ସ ହାଲୁକା ହୋଇଥିଲେ ହେଁ ଶୀଘ୍ର ସ୍କ୍ରାଚ୍ ହୋଇଥାଏ। ତେଣୁ ଏହା ବଦଳରେ ରେଜିନ୍ ଲେନ୍ସ କିମ୍ବା ଟ୍ରିପ୍ଲେକ୍ସ ଲେନ୍ସ ବ୍ୟବହାର କରନ୍ତୁ, ଯାହାକି ହାଲୁକା ଲାଗିବା ସହ ପଡ଼ିଗଲେ ସହଜରେ ଭାଙ୍ଗି ନ ଥାଏ।



# ନ୍ୟୁଜିଲାଣ୍ଡକୁ ଆବଶ୍ୟକ ୧୦୭ ରନ୍

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

### ■ ସର୍ଫରାଜଙ୍କ ପ୍ରଥମ ଶତକ




ଶତକ ହାସଲ ପରେ ସର୍ଫରାଜ ଖାଁ। ଶଟ୍ ଖେଳୁଛନ୍ତି ରିଷଭ ପନ୍ତ।

ବେଙ୍ଗାଲୁରୁ,୧୯।୧୦(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସମ୍ମୁଖରେ ମାତ୍ର ୧୦୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଚତୁର୍ଥ ଦିନରେ ସର୍ଫରାଜ ଖାଁ ୧୫୦ ଓ ରିଷଭ ପନ୍ତ ୯୯ ରନ୍ କରିବାରୁ ଭାରତ ୧୦୬ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଅନ୍ତିମ ଦିନରେ ନ୍ୟୁଜିଲାଣ୍ଡକୁ ବିଜୟ ପାଇଁ ୧୦୭ ରନ୍‌ର ଆବଶ୍ୟକତା ଥିବା ବେଳେ ଭାରତକୁ ୧୦ ଉଇକେଟ ଆବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ, ଚତୁର୍ଥ ଇନିଂସରେ ୧୦୭ ରନ୍ ଲକ୍ଷ୍ୟ ଡିଫେଣ୍ଡ କରିବାର ରେକର୍ଡ ମଧ୍ୟ ଭାରତ ନାମରେ ରହିଛି। ଭାରତ ପ୍ରଥମ ଇନିଂସରେ ମାତ୍ର ୪୬ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୦୨ ରନ୍ ସ୍କୋର କରିଥିଲା। ୩୫୬ ରନ୍‌ରେ ପଛୁଆ ଥିବା ଭାରତ ୪୬୨ ରନ୍ କରିବା ସହ ୧୦୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୨୩୧/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବ ଦିନର ଅପରାଜିତ ବ୍ୟାଟର ସର୍ଫରାଜଙ୍କ ସହ କ୍ରିଜ୍‌ରେ ଯୋଗଦେଇଥିଲେ ରିଷଭ ପନ୍ତ। ଉଭୟ ସକାରାତ୍ମକ କ୍ରିକେଟ ଖେଳିବା ସହ ଚତୁର୍ଥ ଉଇକେଟରେ ଯୋଡ଼ିଥିଲେ ୧୭୭ ରନ୍। ସର୍ଫରାଜ ଚମତ୍କାର ବ୍ୟାଟିଂ କରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେ ୧୯୫ ବଲ୍ ଖେଳି ୧୮ ଚୌକା ଓ ୩ ଛକା ସହ ୧୫୦ ରନ୍ କରି ଚତୁର୍ଥ ଖେଳାଳି ଭାବରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ କାଉଣ୍ଟର ଆଟାକ କରି ୯୯ ରନ୍ କରିଥିଲେ। ଦ୍ୱିତୀୟ ଦିନର ଖେଳ ସମୟରେ ଆଣ୍ଠୁରେ ଆଘାତ ଲାଗିଥିଲେ ମଧ୍ୟ ବ୍ୟାଟିଂ କରିବାକୁ ଆସି ନ୍ୟୁଜିଲାଣ୍ଡ ବୋଲରଙ୍କୁ ପଡ଼ିଆର ଚତୁର୍ଦ୍ଦିଗକୁ ମାରିଥିଲେ। ୧୦୫ ବଲ୍ ଖେଳି ୯ ଚୌକା ଓ ୫ ଛକା ସହ ସେ ୯୯ ରନ୍ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ସର୍ଫରାଜ ଓ ପନ୍ତ ଆଉଟ ହେବା ପରେ ଭାରତୀୟ ଇନିଂସ ତାସ ପତା ପରି ଭୁଶୁଡ଼ି ପଡିଥିଲା। ଏକଦା ୪୦୮/୩ ଥିବା ଭାରତୀୟ ଦଳ ଏହାର ଅନ୍ତିମ ୭ ଉଇକେଟ ମାତ୍ର ୫୪ ରନ୍‌ରେ ହରାଇଥିଲା। ପୁରୁଣା ବଲରେ ଭାରତୀୟ ବ୍ୟାଟର ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ନୂଆ ବଲ୍ ନେବା ପରେ ନ୍ୟୁଜିଲାଣ୍ଡ ବୋଲର ଚମତ୍କାର ପ୍ରଦର୍ଶନ କରିଥିଲେ। ଟିମ୍ ସାଉଦି ସର୍ଫରାଜଙ୍କୁ ଆଉଟ କରିବା ପରେ ଜଣକ ପରେ ଜଣେ ଭାରତୀୟ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ। ଲୋକେଶ ରାହୁଲ ୧୨, ରବୀନ୍ଦ୍ର ଜାଡେଜା ୫, ରବିଚନ୍ଦ୍ରନ ଅଶ୍ୱିନ ୧୫, କୁଲଦୀପ ଯାଦବ ୬ ରନ୍ କରିଥିବା ବେଳେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଅନ୍ୟପକ୍ଷରେ ଚତୁର୍ଥ ଦିନରେ ଭାରତୀୟ ଇନିଂସର ପତନ ଘଟିଥିବା ସମସ୍ତ ୭ ଉଇକେଟ ପେସ୍ ବୋଲରଙ୍କ ଖାତାକୁ ଯାଇଥିଲା। ୱିଲିୟମ ଓରୁର୍କେ ଓ ମ୍ୟାଟ୍ ହେନରୀ ୩ଟି ଲେଖାଏ ଏବଂ ଟିମ୍ ସାଉଦି ୧ ଉଇକେଟ ନେଇଥିଲେ। ପୂର୍ବରୁ ତୃତୀୟ ଦିନରେ ଏଜାଜ ପଟେଲ ୨ ଓ ଗ୍ଲେନ୍ ଫିଲିପ୍ସ ୧ ଉଇକେଟ ନେଇଥିଲେ।

ନ୍ୟୁଜିଲାଣ୍ଡ ଏହି ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୪ ବଲ୍‌ର ଖେଳ ସମ୍ଭବ ହୋଇଥିଲା। ୪ ବଲ୍ ପରେ ଖରାପ ଆଲୋକ କାରଣରୁ ମ୍ୟାଚ୍‌କୁ ରୋକା ଯାଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲାଣ୍ଡ କୌଣସି ରନ୍ ସ୍କୋର କରି ନାହିଁ। ଅନ୍ୟପକ୍ଷରେ ଅନ୍ତିମ ଦିନ ବର୍ଷାର ସମ୍ଭାବନା ରହିଥିବା ବେଳେ ମ୍ୟାଚ୍ ବର୍ତ୍ତମାନ ରୋଚକ ସ୍ଥିତିରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ-୪୬/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୪୦୨/୧୦। ଭାରତ ଦ୍ୱିତୀୟ ଇନିଂସ ୯୯.୩ ଓଭରରେ ୪୬୨/୧୦ (ସର୍ଫରାଜ ଖାଁ-୧୫୦, ରିଷଭ ପନ୍ତ-୯୯, ବିରାଟ କୋହଲି-୭୦, ୱିଲିୟମ ଓରୁରକେ-୩/୯୨, ମ୍ୟାଟ ହେନରୀ-୩/୧୦୨, ଏଜାଜ ପଟେଲ-୨/୧୦୦)।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା




ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ୍ ପୂର୍ବରୁ ଟ୍ରଫି ସହ ଉଭୟ ଦଳର ଅଧିନାୟିକା।

## ମହିଳା ଟି୨୦ ବିଶ୍ୱକପ

ଦୁବାଇ,୧୯।୧୦(ପି.ଟି.)

ଆଇସିସି ମହିଳା ଟି୨୦ ବିଶ୍ୱକପ ଫାଇନାଲ ରବିବାର ଖେଳାଯିବ। ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଉଭୟ ଦଳ ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିଛନ୍ତି। ଗତ ସଂସ୍କରଣର ରନରଅପ୍ ରହିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ତୃତୀୟ ଥର ଫାଇନାଲରେ ପ୍ରବେଶ କରିଛି। ୨୦୦୯ ଓ ୨୦୧୦ରେ ରନରଅପ୍ ରହିଥିବା ନ୍ୟୁଜିଲାଣ୍ଡ ୧୦ ମ୍ୟାଚ୍‌ରେ କ୍ରମାଗତ ପରାଜୟ ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ତେବେ ପ୍ରଭାବୀ ପ୍ରଦର୍ଶନ କରିବା ସହ ଏହା ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଦଳ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଛି। ଦଳ ଉଭୟ ବ୍ୟାଟ ଓ ବଲ୍ ଜରିଆରେ ସନ୍ତୁଳିତ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛି। ସେମି ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହ ଦକ୍ଷିଣ ଆଫ୍ରିକାର ମନୋବଳ ବେଶ୍ ଉଚ୍ଚରେ ରହିଛି।






# ଏଚ୍‌ଆଇଏଲ୍ ବିଶ୍ୱର ଶ୍ରେଷ୍ଠ ଲିଗ୍: ଦିଲୀପ




ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା। (ଫଟୋ: ବିକାଶ ନାୟକ)

### ■ ଟିମ୍ ଗୋନାସିକା ଲୋଗୋ ଉନ୍ମୋଚିତ
### ■ ବୈତରଣୀର ଉତ୍ପତ୍ତିସ୍ଥଳକୁ ଗୁରୁତ୍ୱ: ତାରିଣୀ ପ୍ରସାଦ

ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)

ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)। ୨୦୧୭ ପରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ହକିର ଏହି ଚର୍ଚ୍ଚିତ ପ୍ରତିଯୋଗିତା। ଏହା ଡିସେମ୍ବର ୨୮ରେ ଆରମ୍ଭ ହୋଇ ଫେବୃଆରୀ ୧ରେ ଶେଷ ହେବ। ଏଥର ପୁରୁଷ ଲିଗ୍ ସହିତ ପ୍ରଥମଥର ପାଇଁ ମହିଳା ହକି ଲିଗ୍ ଯୋଡ଼ି ହୋଇଛି। ସବୁଠାରୁ ଖୁସିର କଥା ହେଲା ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶାରୁ ଦଳ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଲିଗ୍‌ରେ ୨ଟି ଦଳରେ ଓଡ଼ିଶା ଛାପ ରହିଛି। ବେଦାନ୍ତ ମାଲିକାନାରେ ଓଡ଼ିଶା ଲାନ୍ସର୍ସ ଆଗାମୀ ଲିଗ୍‌ରେ ଖେଳିବାକୁ ଯାଉଥିବାବେଳେ ବିଶାଖାପାଟଣା ଭିତ୍ତିକ ହୋଇଥିଲେ ହେଁ ଓଡ଼ିଶା ମାଲିକଙ୍କ ଅଧୀନରେ ଟିମ୍ ଗୋନାସିକା ଦ୍ୱିତୀୟ ଦଳଭାବେ ଏଥର ଏଚ୍‌ଆଇଏଲ୍‌ରେ ପଦାର୍ପଣ କରିବାକୁ ଯାଉଛି। ଶନିବାର ଦଳର ମାଲିକ ତାରିଣୀ ପ୍ରସାଦ ମହାନ୍ତି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅର୍ଜୁନ ପୁରସ୍କାର ବିଜେତା ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ଜଗବୀର ସିଂ ଓ ହକି କିମ୍ବଦନ୍ତୀ ଏମ୍.ଏମ୍. ସୋମୟାଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚନ ସହ ଦଳ ଘୋଷଣା ହୋଇଛି। ଜଗବୀର ସିଂ କୋଚ୍ ଏବଂ ସୋମୟା ଦଳର ମେଣ୍ଟର ନିଯୁକ୍ତ ହୋଇଛନ୍ତି। ‘‘କେନ୍ଦୁଝରର ଯୋଡ଼ାରେ ଆମ ଘର। ଗୋନାସିକା ଏକ ତୀର୍ଥସ୍ଥାନ ଏବଂ ପର୍ଯ୍ୟଟନସ୍ଥଳୀ। ଏହା ହେଉଛି ପବିତ୍ର ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ। ତେଣୁ ଏହାକୁ ଗୁରୁତ୍ୱ ଦେବାକୁ ଯାଇ ମୁଁ ଦଳର ନାମ ଗୋନାସିକା ରଖିବାକୁ ନିଷ୍ପତ୍ତି ନେଲି’’ ବୋଲି ତାରିଣୀ ପ୍ରସାଦ ପ୍ରକାଶ କରିଛନ୍ତି। ମାଇନିଂ ଲିଡରରୁ ହକି ଲଭର ପାଲଟି ଯାଇଥିବା ତାରିଣୀ ମହାନ୍ତି ଆଗାମୀ ଦିନରେ ହକି ସହିତ ଯୋଡ଼ିହୋଇ ରହିବା ସହ ଏହାର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଲୋଗୋ ଉନ୍ମୋଚନ ଅବସରରେ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏଚ୍‌ଆଇଏଲ୍‌କୁ ବିଶ୍ୱର ଶ୍ରେଷ୍ଠ ଲିଗ୍‌ର ମାନ୍ୟତା ଦେଇଛନ୍ତି। ‘‘ବିଶ୍ୱର ସବୁ ଦଳର ଖେଳାଳି ଏବେ ଏଚ୍‌ଆଇଏଲ୍‌ରେ ଭାଗନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଗାମୀ ସଂସ୍କରଣରେ ଦେଶର ଶ୍ରେଷ୍ଠ ଏବଂ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ସମେତ ବିଶ୍ୱର ଅନେକ ନାମୀ ତାରକା ସାମିଲ ହୋଇଛନ୍ତି। ବିଶେଷ କରି ହକିର ବିକାଶ ପାଇଁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଏବଂ କର୍ପୋରେଟ ସଂସ୍ଥା ଆଗେଇ ଆସିବା ନିଶ୍ଚିତ ଶୁଭ ସଙ୍କେତ। ଏଚ୍‌ଆଇଏଲ୍ ଆୟୋଜନ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ୱିଣ୍ଡୋ ପ୍ରଦାନ କରିଛି। ଏହା ବିଶ୍ୱର ଶ୍ରେଷ୍ଠ ହକି ଲିଗ୍‌ରେ ପରିଣତ ହୋଇଛି’’ ବୋଲି ଦିଲୀପ ପ୍ରକାଶ କରିଛନ୍ତି। କ୍ରେଗ୍ ଫୁଲଟନ କୋଚ୍ ଦାୟିତ୍ୱ ନେବାପରେ ଭାରତୀୟ ପୁରୁଷ ହକି ଦଳ ଠିକ୍ ପଥରେ ଅଗ୍ରସର ହୋଇଛି। ଆମେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବଜାୟ ରଖିଛୁ ଏବଂ ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ସକ୍ଷମ ହୋଇଛୁ ବୋଲି ସେ କହିଛନ୍ତି।

ମ୍ୟାନେଜର ଏବଂ କୋଚ୍ ଜଗବୀର ସିଂ ଗୋନାସିକା ଦଳର ଟିମ୍ କମ୍ବିନେଶନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ନିଲାମ ସମୟରେ ଚାହିଁବା ମୁତାବକ ସବୁ ଖେଳାଳି ମିଳି ନ ଥାନ୍ତି। ମାତ୍ର ମିଳିଥିବା ଖେଳାଳିଙ୍କୁ ନେଇ ମୁଁ ସନ୍ତୁଷ୍ଟ ଏବଂ ଆମେ ଆଗାମୀ ଲିଗ୍‌ରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଆଶା ରଖିଛୁ। ଦଳରେ ତାରକା ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ମନପ୍ରୀତ ସିଂ ଓ ବେଲଜିୟମର ଅଭିଜ୍ଞ ଖେଳାଳି ଟମ୍ ବୁନ୍ ରହିଛନ୍ତି। ତେଣୁ ଆମେ ପରିସ୍ଥିତି ଅନୁସାରେ ବିଭିନ୍ନ ମ୍ୟାଚ ପାଇଁ ଅଧିନାୟକ ବାଛିବୁ ବୋଲି ଜଗବୀର କହିଛନ୍ତି। ଏଥିସହ ଆଗାମୀ ଲିଗ୍‌ରେ ସେ ଗୋନାସିକା ଦଳର ଦୁଇ ଅଧିନାୟକ ସପକ୍ଷରେ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଇଂଲଣ୍ଡର ପଲ୍ ରେଭିଙ୍ଗଟନ ଟିମ୍ ଗୋନାସିକା ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଜଗବୀର ମ୍ୟାନେଜର ଏବଂ ଅନ୍ୟତମ କୋଚ୍ ଦାୟିତ୍ୱ ନିର୍ବାହ କରିବେ।

**ନିଲାମରେ କିଣାଯାଇଥିବା ଖେଳାଳି**

| ଖେଳାଳି | ମୂଲ୍ୟ(ଲକ୍ଷରେ) |
|---|---|
| ମନପ୍ରୀତ ସିଂ | ୪୨.୦୦ |
| ଅରାଇଜିତ ସିଂ ହୁଣ୍ଡାଲ | ୪୨.୦୦ |
| ଅମିର ଅଲୀ | ୩୪.୦୦ |
| ଟମ୍ ବୁନ୍ (ବେଲଜିୟମ) | ୨୬.୦୦ |
| ମନଦୀପ ସିଂ | ୨୫.୦୦ |
| ସୁରଜ କରକେରା | ୨୨.୦୦ |
| ଜେରନ ହର୍ଜବର୍ଜର (ନେଦରଲାଣ୍ଡ୍ସ) | ୨୧.୦୦ |
| ଟିମୋଥି ହୋୱାର୍ଡ (ଅଷ୍ଟ୍ରେଲିଆ) | ୨୦.୦୦ |
| ବିଷ୍ଣୁକାନ୍ତ ସିଂ | ୨୦.୦୦ |
| ନିଲମ ସଞ୍ଜୀପ ଖେସ୍ | ୧୭.୦୦ |
| ଓଲିଭର ପେନି (ଗ୍ରେଟ୍ ବ୍ରିଟେନ) | ୧୫.୦୦ |
| ନିକ୍କିନ ଥିମ୍ମାୟା ଚେଣ୍ଡାଣ୍ଡା | ୧୩.୦୦ |
| ଉଥପ୍ପା କୁଶଲାପ୍ପା ସନ୍ନୁଭଣ୍ଡା | ୧୩.୦୦ |
| ୟୋଗେମ୍ବର ରାୱତ | ୧୧.୦୦ |
| ବୀରେନ୍ଦ୍ର ଲାକ୍ରା | ୧୦.୦୦ |
| ଲୀ ମୋର୍ଟନ (ସ୍କଟଲାଣ୍ଡ) | ୧୦.୦୦ |
| ଜ୍ୟାକ ୱାଲର (ଗ୍ରେଟ ବ୍ରିଟେନ) | ୧୦.୦୦ |
| ସୁନୀଲ ସୋମରପେଟ | ୧୦.୦୦ |
| ଅନମୋଲ ଏକ୍କା | ୯.୨୦ |
| ଯଶଦୀପ ସିୱାଚ | ୯.୦୦ |
| ମୁସ୍ତାଫା କାସିମ (ଦକ୍ଷିଣ ଆଫ୍ରିକା) | ୭.୨୦ |
| ଦୀପସାନ ତିର୍କୀ | ୬.୬୦ |
| ଜ୍ୟାକବ ଡ୍ରାପର (ଗ୍ରେଟ ବ୍ରିଟେନ) | ୫.୦୦ |
| କମଲବୀର ସିଂ | ୨.୦୦ |





Take home your favorite Kia this festive season and experience cutting edge technology fused with inspirational design on wheels. Add to that unmatched privileges and benefits, and you'd find it hard to resist. So, walk into the nearest dealership today.

Exclusive ownership benefits

Exchange & Loyalty Benefits* up to ₹60 000 (On Seltos) | Extended Warranty** up to 5 years (On Seltos and Carens) | Additional Benefits^ up to ₹60 000 (On Seltos, Sonet and Carens)

Hassle-free exchange services: New car with old EMI#-packaged exchange deal on your new car | Car evaluation at your convenience | Best price for your old car | Hassle-free transfer of ownership | Complete assurance of your car going into the right hands

Additional benefits for select corporates (consumer, accessory, extended warranty and maintenance package benefits).
Kia cars are now available through Canteen Stores Department (CSD) & Kendriya Police Kalyan Bhandar (KPKB).

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia | kiacare@kiaindia.net | Look for "Kia India" @

Terms & condition apply. ~Source : 2024 CEI Survey by FADA in Collaboration with Frost & Sullivan. *Exchange and loyalty benefits is a split of ₹40 000 exchange benefit and loyalty benefit up to ₹20 000 for existing Kia customers. **Limited period offer. Applicable on all trims of Seltos and select trims of Carens. 3 years standard warranty and 2 years extended warranty. ^Additional benefit amount is for highest variant and same may vary from model to model. #Depending on the old car age & quality, old car price to be considered as down payment. Balance will be converted into EMI for full tenure, combined with finance & insurance benefits. The product shown is for representation purposes only. Actual features, colors, and specifications may not be part of standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. These are meant to keep you safe on the roads. Visit your nearest Kia dealership for more details. Kia urges you to follow traffic rules.

**Central Kia :** Pahal, Bhubaneswar, Tel: 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Gugnani Kia:** DLF Cyber City, Infocity Road, Patia, Bhubaneswar,Tel: 9777064777, 9124401544 **Central Kia :** Near Srusti Hospital, Ring Road, Mangalabag, Cuttack -753001, Tel: 9237304769 **Trupti Kia:** Keonjhar, Tel: 7064414005



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ